ଚିତ୍ରମାଟି

ଦେବବ୍ରତ ମଦନରାୟ



ବିଦ୍ୟାପୁରୀ

Digitized by PPRACHIN, SOA

ଚିତ୍ରମାଟି

ଦେବବ୍ରତ ମଦନରାୟ

ବିଦ୍ୟାପୁରୀ

Digitized by PPRACHIN, SOA

ISBN 978-81-7411-658-1

CHITRAMATI
A Collection of Short Stories
by Debabrata Madanray
Published by Vidyapuri, Cuttack 753002
© Swapna Ray

ପ୍ରଥମ ପ୍ରକାଶ
ଫେବୃଆରୀ ୨୦୦୮

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପି ସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ଅସୀତ୍ ମୁଖାର୍ଜୀ

ମୁଦ୍ରଣ
ଶ୍ରୀ ସତ୍ୟନାରାୟଣ ପ୍ରେସ୍, କଟକ

ମୂଲ୍ୟ ଟ ୭୦.୦୦

Digitized by PPRACHIN, SOA

ଚିତ୍ରମାଟିର ଚରିତ୍ରମାନଙ୍କୁ...

Digitized by PPRACHIN, SOA

ଦେବବ୍ରତ ମଦନରାୟ

ଆଲୁଅର ଛାଇ (ନବଯୁଗ ଗ୍ରନ୍ଥାଳୟ, ୧୯୮୬), ସୂର୍ଯ୍ୟର ଅନେକ ରଙ୍ଗ (ବିଦ୍ୟାପୁରୀ, ୧୯୯୨), ଦୁଃଖ ଅରଣ୍ୟ (ଓଡ଼ିଶା ବୁକ୍ ଷ୍ଟୋର୍, ୧୯୯୩), କହ୍ନେଇର ବଂଶୀ (ବିଦ୍ୟାପୁରୀ, ୧୯୯୪), ଦୃଶ୍ୟ (ବିଦ୍ୟାପୁରୀ, ୧୯୯୫), ସ୍ୱର୍ଗାରୋହଣ (ନବଲିପି ପ୍ରକାଶଧାରା, ୧୯୯୬) ସପ୍ତଲୋକ (ଲିପି ପ୍ରକାଶନୀ, ୧୯୯୯), ସାରାରାତି ଜହ୍ନରାତି (ଓଡ଼ିଶା ବୁକ୍ ଷ୍ଟୋର, ୨୦୦୦), ଜଳପରୀ (ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୨), ସହଯାତ୍ରୀ (ବିଦ୍ୟାଭାରତୀ, ୨୦୦୪), ଅସୁନ୍ଦରୀ (ଓଡ଼ିଶା ବୁକ୍ ଷ୍ଟୋର୍, ୨୦୦୬), ପ୍ରିୟସଖୀ (ସାହିତ୍ୟ ସଂଗ୍ରହ ପ୍ରକାଶନ, ୨୦୦୬) ପରେ ଚିତ୍ରମାଟି ଦେବବ୍ରତ ମଦନରାୟଙ୍କ ତ୍ରୟୋଦଶ ଗଳ୍ପ ସଙ୍କଳନ । କୁଶବିନ୍ଧ (ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୯) ଓ ନିର୍ବାଣ (ନବଲିପି ପ୍ରକାଶଧାରା, ୧୯୯୮) ଦୁଇଟି ଉପନ୍ୟାସର ସେ ସଫଳ ସ୍ରଷ୍ଟା । ତାଙ୍କ ରଚିତ ଶିଶୁସାହିତ୍ୟ 'କଥା ଚାଙ୍ଗୁଡ଼ି' (ଲିପି ପ୍ରକାଶନୀ, ୧୯୯୭) ବେଶ୍ ଶିକ୍ଷଣୀୟ ଏବଂ ଆଦୃତ । ତାଙ୍କ ଦ୍ୱାରା ଓଡ଼ିଆରେ ଅନୂଦିତ ଜୈନେନ୍ଦ୍ର କୁମାର : ସୁନୀତା (ଏନ୍.ବି.ଟି, ଦିଲ୍ଲୀ, ୨୦୦୬) ଓ ଅନୀତା ଦେଶାଇ : ପର୍ବତ ଉପରର ଅଗ୍ନି (କେନ୍ଦ୍ର ସାହିତ୍ୟ ଅକାଦେମୀ, ଦିଲ୍ଲୀ, ୨୦୦୭) ପ୍ରକାଶିତ । ତାଙ୍କ ସମ୍ପାଦନାରେ ଆମ ସମୟର ସ୍ୱନିର୍ବାଚିତ ଶ୍ରେଷ୍ଠକଥା (ନବଲିପି ପ୍ରକାଶଧାରା, ୨୦୦୧) ଓ ଶେଷକଥା (ଜେନିଥ୍ ପବ୍ଲିକେଶନ୍, ୨୦୦୬) ଓଡ଼ିଆ ଗଳ୍ପ ସାହିତ୍ୟର ପ୍ରତିନିଧିତ୍ୱ କରେ ।

ଗଳ୍ପ ଶୈଳୀର ନବୀନତା, ଜୀବନ ସହିତ ଅନ୍ତରଙ୍ଗ ଆଳାପନା ଓ ମାଟି ମଣିଷର କଥା ପାଇଁ ସେ ବିଶେଷ ଭାବରେ ପରିଚିତ । ସୃଜନଶୀଳତାର ପୃଥକ୍ ପରିଭାଷାର ବାର୍ତ୍ତାବହ 'ନବଲିପି'ର ସମ୍ପାଦନା ପାଇଁ ସେ ପ୍ରଶଂସ୍ୟ । ସମକାଳୀନ ଓଡ଼ିଆ ସାହିତ୍ୟରେ ତାଙ୍କର ଶୈଳୀ ଓ ଭାଷାର ସ୍ୱର ଏକ ପ୍ରେରଣାଦାୟୀ ଉପଲବ୍ଧି ।

ଗଳ୍ପ ସଙ୍କଳନ 'ସ୍ୱର୍ଗାରୋହଣ' ପାଇଁ ୧୯୯୮ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ପ୍ରାପ୍ତ । ୨୦୦୨ ମସିହାରେ ଗଳ୍ପପାଇଁ ଗଙ୍ଗାଧର ରଥ ଫାଉଣ୍ଡେସନ୍ ଦ୍ୱାରା ସମ୍ମାନିତ, ୨୦୦୪ ମସିହା ପ୍ରଜାତନ୍ତ୍ର ବିଷୁବ ସମାରୋହରେ ଝଙ୍କାର ପୁରସ୍କାର ଓ ୨୦୦୭ ମସିହାରେ ଅଖିଳମୋହନ କଥା ସମ୍ମାନ । ଏତଦ୍‌ବ୍ୟତୀତ ପ୍ରଜାତନ୍ତ୍ର ଗଳ୍ପ ପୁରସ୍କାର, ପୁନର୍ନବା ସାହିତ୍ୟ ପୁରସ୍କାର, ପଟ୍ଟାମୁଣ୍ଡାଇ ବିଚାର ମଞ୍ଚ ସମ୍ମାନ, ପ୍ରଫୁଲ୍ଲ ପାଠାଗାର ସମ୍ମାନ, ମୁକ୍ତି ସାରସ୍ୱତ ସମ୍ମାନ ଆଦି ବହୁ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ।

ଚୌଧୁରୀ ତ୍ରିଲୋଚନ ମଦନରାୟ ଓ ସାବିତ୍ରୀ ମଦନରାୟଙ୍କ ପୁଅ ଦେବବ୍ରତ ମଦନରାୟଙ୍କ ଜନ୍ମ ୧୨.୦୬.୧୯୫୭ରେ । ଶିକ୍ଷା : ଉତ୍କଳ ବିଶ୍ୱବିଦ୍ୟାଳୟ, ବୃତ୍ତି : ସାମୟିକ ଅଧ୍ୟାପନା ପରେ ୧୯୮୪ ଠାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଅବସ୍ଥାପିତ ।

Digitized by PPRACHIN, SOA

ସୂଚୀ

	ପୃ
ଚିତ୍ରମାଟି	୧
ରତ୍ନଖଣି	୧୨
ଯଶୋଦା	୨୫
ସାନପୁଅ	୩୫
ସବୁଜ ସ୍ୱପ୍ନ	୪୨
ଝୋଟିଚିତା	୫୧
ପ୍ରିୟଶତ୍ରୁ	୫୮
ପ୍ରେମକଥା	୭୨
ବୁଝାମଣା	୮୩
ପତ୍ନୀ	୯୬
ଶରଦମେଘ	୧୦୫
ଅମୃତବେଳା	୧୧୫
କାଠ କଣ୍ଢେଇ	୧୨୫

Digitized by PPRACHIN, SOA

ଚିତ୍ରମାଟି

ସମ୍ଭାବନାହୀନ ଭୂମି ଦେଖିବାକୁ କିପରି ?

ପାଣି ନ ଥିବ, ଜୀବନ ନ ଥିବ ଆଉ ଚାରିଆଡ଼ ଦିଶୁଥିବ ଧୂସର ଏବଂ ବନ୍ଧ୍ୟା । ମଞ୍ଜିଟିଏ ପଡ଼ିରହିଥିବ, ଅଥଚ ସେଥିରୁ ଅଙ୍କୁରୋଦ୍‌ଗମ ହେଉ ନ ଥିବ । ତା' ଭିତରୁ କୋମଳ ସବୁଜ ପତ୍ରଟି ପଦାକୁ ବାହାରିବାର ପ୍ରତ୍ୟାଶା ରଖି ନ ଥିବ, ବରଂ ଥିବ ଦିଗନ୍ତପ୍ରସାରୀ ସବୁଜିମାଶୂନ୍ୟ ଅସନ୍ତୋଷ ଓ ଅତୃପ୍ତିର ରୁକ୍ଷ ମାଟି ।

ଏ କଥା ସତ, ଏମିତି ସମ୍ଭାବନାହୀନ ଭୂମିକୁ ଆପଣ କେଉଁଠି ଦେଖି ନ ଥିବେ, ଆଉ ମୁଁ ବି ଦେଖି ନ ଥିଲି । ସଞ୍ଜୟ ମହାପାତ୍ର ମୋତେ ଯେଉଁଦିନ ଭୂମିକା ଘିସିଂର ଫଟୋ ସହ ପରିଚିତ କରାଇଦେଇଥିଲେ, ସେଇଦିନ ମୋର ମନେ ହୋଇଥିଲା, ମୋ ସାମନାରେ ସମ୍ଭାବନାହୀନ ଭୂମିଟି ଆଉ ଏକ ରୂପ ନେଇଛି, ଯାହା ଅଦ୍ଭୁତ ଏବଂ ଅବିଶ୍ୱସନୀୟ ।

ସେହି ଦିନର କଥା ଆପଣଙ୍କୁ କହୁଛି, ଶୁଣନ୍ତୁ । ଅନେକ କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ ବୁଡ଼ିଯାଇଥିଲି । ମୋ ଆଗରେ ଇତସ୍ତତଃ ହୋଇ ପଡ଼ିରହିଥିଲା ଫାଇଲପତ୍ର । ମାସର ଶେଷ ତାରିଖ । ପେନ୍‌ସନ୍ ଦେବାର ଦିନ । କାଗଜପତ୍ରରେ ସବୁ ଠିକ୍‌ଠାକ୍ କରିବାପରେ କମ୍ପ୍ୟୁଟରରେ ପେନ୍‌ସନ୍ ଏଣ୍ଟ୍ରି କରିବାକୁ ହେବ । ଏଣ୍ଟ୍ରି ହେଲାପରେ ନିର୍ଦ୍ଦିଷ୍ଟ ଏକାଉଣ୍ଟଗୁଡ଼ିକରେ ସେଇ ମାସର ପେନ୍‌ସନ୍ ଜମା ହୋଇଯିବ । ମୁଣ୍ଡ ଉଠାଇ କାହା ସଙ୍ଗେ ମୁହୂର୍ତ୍ତଟିଏ କଥା ହେବା ବି ସମ୍ଭବ ନୁହେଁ । ସେଇ ସମୟରେ ଜଣେ ଭଦ୍ରବ୍ୟକ୍ତି ଆସି ମୋ ଆଗରେ ଠିଆହେଲେ । ସେ କିଛି କହିବା ପୂର୍ବରୁ ସାମାନ୍ୟ ମୁଣ୍ଡ ଉଠାଇ କହିଦେଇଥିଲି, ''ଆଜି କିଛି କରିପାରିବି ନାହିଁ । ଆପଣ ଆସନ୍ତାକାଲି ଆସନ୍ତୁ । ଯାହା କାମ ଥିବ, କାଲି କରିଦେବି ।''

ସମ୍ଭବତଃ ମୋ ଆଡ଼କୁ ଥରଟିଏ ଚାହିଁଥିଲେ ସେ । ତା'ପରେ ଦୀର୍ଘଶ୍ୱାସଟିଏ ଛାଡ଼ି ଚାଲିଯାଇଥିଲେ । ହଠାତ୍ ଅନୁଭବ କରିଥିଲି, ତାଙ୍କ ଦୀର୍ଘଶ୍ୱାସରେ ଭରିରହିଛି ଅନେକ ଦୁଃଖ, ଅବସାଦ । ମୁଣ୍ଡ ଟେକି ଚାହିଁଲାବେଳକୁ ସେ ଅଦୃଶ୍ୟ ହୋଇଯାଇଥିଲେ କବାଟ ଆରପାଖରେ, ହାଲୁକା ନୀଳ ରଙ୍ଗର ଝାପ୍‌ସା ଛାଇଟିଏ ଆସ୍ତେ, ଭାସିଯାଉଥିଲା ଯେମିତି ।

Digitized by PPRACHIN, SOA

ତାଙ୍କର କ'ଣ ମୋ' ପାଖରେ କାମ ଥିଲା ?

ପ୍ରତ୍ୟେକ ଗ୍ରାହକଙ୍କୁ ବିଶେଷ ଧ୍ୟାନଦେବା ଆମର ନିୟମ । ବ୍ୟାଙ୍କରେ ଏହି ନିୟମଟିକୁ ନିଷ୍ଠାର ସହ ପାଳନ କରାଯାଇଥାଏ । ସେ ଜଣେ ପେନ୍‌ସନର୍ ହୋଇଥିବେ ନିଶ୍ଚେ । କିନ୍ତୁ ଦୁଇହଜାର ପେନ୍‌ସନ୍‌ରଙ୍କ ଭିତରୁ ତାଙ୍କ ନାଆଁ ମୋର ମନେପଡ଼ି ନ ଥିଲା । ତେବେ ଭୁଲ୍ କରିଥିବା ପରି ମୋତେ କେହି ଜଣେ ଚେତେଇଦେଇଥିଲା ନୀରବରେ ।

କାହିଁକି କେଜାଣି ସେଇ ଭଦ୍ରବ୍ୟକ୍ତି ମୋତେ ଲାଗିଥିଲେ ନିରାଶ୍ରୟ ଓ ଅସହାୟ । ଏବଂ ତାଙ୍କ ଦେହ ଢାଙ୍କି ହୋଇଯାଇଛି ଅନ୍ଧକାରରେ ଓ ଲୁହରେ ।

କାମ ସାରି ବ୍ୟାଙ୍କରୁ ଫେରିବା ପରେ ବି ଅନେକ ସମୟ ଯାଏ ମୋତେ ଶୁଭିଯାଉଥିଲା ତାଙ୍କ ଅସହାୟ ଦୀର୍ଘଶ୍ୱାସ, ଶୁଖିଲା ପତ୍ରର ମର୍ମର ଧ୍ୱନି ପରି । କୌଣସିଥିରେ ମନ ଲାଗି ନ ଥିଲା । ନିଦ ବି ଭଲ ହୋଇ ନ ଥିଲା । ମନେହୋଇଥିଲା, ଅନ୍ଧାରରେ ସେଇ ଭଦ୍ରବ୍ୟକ୍ତିଜଣଙ୍କ ନୁହନ୍ତି, ବରଂ ମୁଁ ନିଜେ ଦିଶୁଛି ଶ୍ରୀହୀନ ।

ପରଦିନ ତରତର ହୋଇ ବ୍ୟାଙ୍କ୍‌କୁ ଯାଇଥିଲି । କାର୍ଯ୍ୟବ୍ୟସ୍ତତା ସେମିତି କିଛି ନ ଥିଲା । ଚୁପ୍‌ଚାପ୍ ବସି ଅପେକ୍ଷା କରିରହିଥିଲି ସେଇ ଭଦ୍ରବ୍ୟକ୍ତିଙ୍କୁ ଯେମିତି । ଆସିଥିଲେ ସେ, ଠିକ୍ ଏଗାରଟାରେ । ସମୟ ଏବେବି ମୋର ମନେଅଛି । କାରଣ ପାଞ୍ଚ ମିନିଟ୍ ପୂର୍ବରୁ ସିଦ୍ଧାନ୍ତର ଆକସ୍ମିକ ମୃତ୍ୟୁରେ ବ୍ୟାଙ୍କର ସବୁ କର୍ମଚାରୀ ଠିଆହୋଇ ନୀରବ ପ୍ରାର୍ଥନା କରିଥିଲେ । ସିଦ୍ଧାନ୍ତ ଆମର ସହକର୍ମୀ ଥିଲା । ଭୁବନେଶ୍ୱରରୁ ଆସୁଥିବାବେଳେ ପାହାଳ ପାଖରେ କାର୍ ସହ ତା' ମୋଟରସାଇକେଲ ଧକ୍କା ହୋଇଥିଲା । ତା'ଫଳରେ ରାସ୍ତାରେ ସେ ଖସିପଡ଼ିଥିଲା । ପିଚୁ ରାସ୍ତା । ହେଲମେଟ୍ ପିନ୍ଧି ନ ଥିଲା । ନର୍ସିଂହୋମ୍‌ରେ ଡାକ୍ତର କହିଥିଲେ, ବ୍ରେନ ହାମ୍‌ରେଜ୍ ।

ଅନେକ ଚେଷ୍ଟା ସତ୍ତ୍ୱେ ସେ ବଞ୍ଚି ନ ଥିଲା । କିନ୍ତୁ ପଛରେ ବସିଥିବା ତା' ପତ୍ନୀ ଅଲୌକିକ ଭାବରେ ରକ୍ଷା ପାଇଯାଇଥିଲା । ଅବଶ୍ୟ ମୁହଁ ଓ ହାତରେ କିଛି ଆଞ୍ଚୁଡ଼ା ଦାଗ ଦିଶୁଥିଲା । ଶାଢ଼ି ଛିଣ୍ଡି ଯାଇଥିଲା । ନ ହେଲେ ସେ ଆପାତତଃ ଠିକ୍ ଥିଲା । ସେ ହିଁ ତାକୁ ନର୍ସିଂହୋମ୍ ନେଇଯାଇଥିଲା ।

ଭଦ୍ରବ୍ୟକ୍ତିଜଣଙ୍କ ପହଞ୍ଚିଲାବେଳେ ମୁଁ ସିଦ୍ଧାନ୍ତର ପତ୍ନୀ କଥା ଭାବୁଥିଲି । ସେ ଏବେ କରିବ କ'ଣ ? କାହାକୁ ଭରସା କରିବ ? କିଏ ଅବା ତାକୁ ଭରସା ଦେବ ? ଚବିଶ ପଚିଶ ବର୍ଷ ବୟସ୍କା ସ୍ତ୍ରୀଲୋକର ଅସହାୟତାକୁ ଦେଖି ଅନେକ ଲୋକ ଆଗେଇ ଆସିପାରନ୍ତି ଭରସା ଦେବାପାଇଁ, କିନ୍ତୁ ତା' ପଛରେ ପ୍ରଚ୍ଛନ୍ନ ଉଦ୍ଦେଶ୍ୟଟି କ'ଣ ହୋଇପାରେ, ତାହା ଯେ କେହି ଅଳ୍ପବହୁତ ଜାଣିଥିବେ ।

Digitized by PPRACHIN, SOA

ସିଦ୍ଧାନ୍ତର ପତ୍ନୀ ଆଡ଼କୁ ଅନେକ ହାତ ଲମ୍ବିଆସୁଥିବାର ଦୃଶ୍ୟକୁ ନ ଭେଟିବା ପାଇଁ ମୁଁ ଆଖି ବୁଜି ବସିଥିଲି । ସନ୍ତୁଳିତ ମନୋଭାବ ଭିତରେ ମୁଁ ଆତଙ୍କିତ ଆଉ ଉପାୟହୀନ ହୋଇପଡ଼ିଥିଲି । ସିଦ୍ଧାନ୍ତର ପତ୍ନୀ ପ୍ରତି ମୋର କିଛି କର୍ତ୍ତବ୍ୟବୋଧ ଅଛି କି ନାହିଁ ତାହା ଆଦୌ ଭାବିପାରୁ ନ ଥିଲି ଏବଂ ଇତସ୍ତତଃ ହେଉଥିଲି, ସେଇ ପରିସ୍ଥିତିରେ ମୋର କର୍ତ୍ତବ୍ୟ ନିର୍ଦ୍ଧାରଣ କରିବା ସକାଶେ ।

ଚାରିଆଡ଼ ଜଣାପଡୁଥିଲା ନିର୍ଜନ । ଖାଲି ନିର୍ଜନ ।

ନିଜର ପରିଚୟ ଦେବାକୁ ଯାଇ ସେ କହିଥିଲେ, ''ମୁଁ ସଞ୍ଜୟ ମହାପାତ୍ର, ମିଲିଟାରୀ ପେନ୍‌ସନ୍‌ର...''

ଆଖି ଖୋଲିଥିଲି ନିରୁପାୟ ହୋଇ । ମୁଁ ନିଜେ ଉପାୟହୀନ ହୋଇପଡ଼ିଛି, ତାହା ତାଙ୍କୁ ପ୍ରକାଶ୍ୟରେ ନ ଜଣାଇବା ପାଇଁ କହିଥିଲି, ''ହଁ, ଆପଣଙ୍କୁ ଆଜି ଆସିବା ପାଇଁ କହିଥିଲି । ଆସନ୍ତାକାଲି ଆପଣଙ୍କ ପ୍ରତି ମୁଁ ବିଶେଷ ଧ୍ୟାନ ଦେଇ ପାରି ନ ଥିବାରୁ କ୍ଷମା ମାଗିନେଉଛି ।''

ସମ୍ଭବତଃ ସେ ମୋ ପ୍ରତି କୃତଜ୍ଞ ହୋଇପଡ଼ିଥିଲେ ହଠାତ୍ । ଉଜ୍ଜ୍ୱଳ ଦିଶିଥିଲା ତାଙ୍କ ମୁହଁ । ବ୍ୟାଗ୍ ଭିତରୁ ପେନ୍‌ସନ୍ ବହିଟି ବାହାର କରି ମୋ ଆଡ଼କୁ ବଢ଼ାଇଦେଇ କହିଥିଲେ, ''ମୁଁ ଜାଣେ, ଆପଣ ଗତକାଲି ଖୁବ୍ ବ୍ୟସ୍ତତା ଭିତରେ ଥିଲେ । ତେଣୁ କିଛି ନ କହି ଚାଲିଯାଇଥିଲି । ଅବଶ୍ୟ କାମଟି ଦିନେ ଦି'ଦିନ ଡେରି ହେଲେ ବି ମୋର ଆପତ୍ତି ନାହିଁ ।''

ମୁଁ ତାଙ୍କ ମୁହଁକୁ ଚାହିଁଥିଲି । ଗହୀରିଆ ଆଖି, ଉଚ୍ଚ କପାଳ । ଅଯତ୍ନ ଭାବରେ ଝୁଲିପଡ଼ିଛି କାନ ଉପରେ କେଶ । ବେଶ୍ ବଳିଷ୍ଠ ଶରୀର ।

''କାମଟି କ'ଣ କହନ୍ତୁ ?'' ପଚାରିଥିଲି ମୁଁ ।

ସେ ମୋ ଆଡ଼କୁ ନଇଁ ଆସି କହିଲେ, ''ପେନ୍‌ସନ୍ ବହିରେ ଥିବା ମୋ ସ୍ତ୍ରୀର ନାଆଁକୁ ବଦଳାଇଦେବାକୁ ଚାହୁଁଛି ।''

ଏତିକି କହିସାରିବା ପରେ ମୁହୂର୍ତ୍ତଟିଏ ପାଇଁ ତାଙ୍କ ମୁହଁ ଶୁଖିଯାଇଥିଲା । ସେ ଯେମିତି ପ୍ରସ୍ତୁତ ହୋଇ ନ ଥିଲେ ଏଇ କଥାଟିକୁ ମୋତେ କହିବା ପାଇଁ । ଓଠକୁ ଓଦା କରିଥିଲେ ଜିଭ ବୁଲାଇ । ଏତକ ଯଥେଷ୍ଟ ଥିଲା ସଞ୍ଜୟ ମହାପାତ୍ରଙ୍କୁ ବିବ୍ରତ ଓ ଦ୍ୱିଧାଗ୍ରସ୍ତ ଅବସ୍ଥାରୁ ମୁକ୍ତ କରିବା ପାଇଁ ।

''ପେନ୍‌ସନ୍ ବହିଟି ଦିଅନ୍ତୁ ।''

Digitized by PPRACHIN, SOA

ସେ ମୋ ହାତକୁ ବଢ଼ାଇଦେଇଥିଲେ ପେନ୍‌ସନ୍ ବହିଟିକୁ ଅତି ସତର୍କତାର ସହିତ ।

ପେନ୍‌ସନ୍ ବହିଟିକୁ ତାଙ୍କ ହାତରୁ ନେଲାପରେ ମୋ ମନ ଭିତରେ କୌତୂହଳ ଜାଗ୍ରତ ହୋଇଥିଲା । ମୁଁ ପେନ୍‌ସନ୍ ସିଟ୍‌ରେ କାମ କରୁଥିବାବେଳେ ନାଆଁ ବଦଳାଇବା ସକାଶେ ଅନୁରୋଧ କରିବାରେ ସେ ହିଁ ଥିଲେ ମୋ ପାଇଁ ପ୍ରଥମ ବ୍ୟକ୍ତି । କେହି ଆଗରୁ ଏଇପ୍ରକାର ଅନୁରୋଧ କରି ନ ଥିଲେ । ତଥାପି ପତ୍ନୀ ମରିଗଲେ ଏହା କରିବାକୁ ପଡ଼େ, ତାହାହିଁ ଜାଣିଥିଲି । ପଚାରିଥିଲି, ''ଆପଣ ଡେଥ୍ ସାର୍ଟିଫିକେଟ ଆଣିଛନ୍ତି ?''

ଅତି ଧୀରେ ସେ ମୋ ଆଡ଼କୁ ଗୋଟେ ଦରଖାସ୍ତ ସହ ଡେଥ୍ ସାର୍ଟିଫିକେଟଟି ବଢ଼ାଇଦେଇଥିଲେ । ମୋ ପକ୍ଷରେ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନ ଥିଲା । ମାତ୍ର ଯେତେବେଳେ ଦେଖିଲି, ଡେଥ୍ ସାର୍ଟିଫିକେଟଟି ଶିଲଂରୁ ଅଣାଯାଇଛି, ସେତେବେଳେ ସବୁ କିଛି ମୋତେ ଗୋଳମାଳିଆ ଲାଗିଥିଲା । ସଞ୍ଜୟ ମହାପାତ୍ର ମୋତେ ରହସ୍ୟମୟ ଦିଶିଥିଲେ । ଯାଦୁକର ପରି କିଛି ଭେଳିକି ଦେଖାଇବାର ସମ୍ଭାବନା ତାଙ୍କ ପାଖରେ ଥାଇପାରେ ବୋଲି ମୋର ହୃଦ୍‌ବୋଧ ହୋଇଥିଲା । ଉଠିପଡ଼ି ପାଖ ଆଲମାରିରୁ ତାଙ୍କ ପେନ୍‌ସନ୍ ଫାଇଲ୍ ନେଇଆସିଥିଲି ତରତର ହୋଇ । ମୋ ମନ ଭିତରେ ଫୁଟି ଉଠୁଥାଏ ଅନୁସନ୍ଧିତ୍ସୁ ଭାବ । ଫାଇଲ୍ ଖୋଲିଲା ପରେ ମୋ ସାମନାରେ ଚମକି ଉଠିଥିଲା ଗୋଟେ ତରୁଣୀର ଫଟୋ । କୋମଳ, ଅନ୍ତରଙ୍ଗ ଭାବ ନେଇ, ସଜଫୁଟା ଫୁଲ ପରି ସେ ଯେମିତି ଚାହିଁ ରହିଥାଏ ସେହି ଫଟୋ ଭିତରୁ । ମୁଁ ନିଜେ ତା' ଆଗରେ ଫଟୋଟିଏ ହୋଇଯାଇଥିଲି । ସ୍ଥିର, ଅଚଳ ।

''ମୋ ପତ୍ନୀ ଭୂମିକା ଘିସିଂ । ସେ ଆଉ ନାହିଁ । ଗଲା ବର୍ଷ ନଭେମ୍ବରରେ...''

ଆଉ କିଛି ଆବଶ୍ୟକତା ନ ଥିଲା ତାଙ୍କର କହିବା ପାଇଁ । ଛଳଛଳ ହୋଇଆସିଥିଲା ଆଖି । ଦୁଇ ଗାଲ ଉପରେ ଲୁହ ଝରିଆସିଥିଲା । ସେ ବାସ୍ତବିକ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ । ସେ ପାପୁଲିରେ ଆଖି ଆଉ ଗାଲ ପୋଛୁଥିଲାବେଳେ, ମୋ' ପାଖରେ ପଡ଼ିଥିବା ଚେୟାରରେ ତାଙ୍କୁ ବସିବା ପାଇଁ ଇସାରା କଲି । ସେ କିଛି ନ କହି ବସିଯିବା ପାଇଁ ଉଚିତ ମଣିଥିଲେ ।

ସବୁ ଭାଙ୍ଗି ଯାଉଥିବାର, ଭୁଶୁଡ଼ିପଡୁଥିବାର, ଛିନଛତ୍ର ହୋଇଯାଉଥିବାର ଭୟ । ଏହା ହେଉଛି ସଞ୍ଜୟ ମହାପାତ୍ରଙ୍କ ମନଭିତରର କଥା ନିଶ୍ଚେ । ଧୀରେ ଧୀରେ ସେଇ କଥା, ସେଇ ଅନୁଭବ ଆଉ ସେଇ ଦୁଃଖ ରୂପ ନେଇଯାଇଛି ଲୁହଟୋପାରେ । ଅନମନସ୍କ ହୋଇ ସେ କହିଉଠିଥିଲେ, ''ବହୁତ ଭଲ ପାଉଥିଲି,

Digitized by PPRACHIN, SOA

ଜୀବନଠାରୁ ଅଧିକ । ହେଲେ, ମୋତେ ଅଧାବାଟରେ ଛାଡ଼ି ସେ ଚାଲିଗଲା । ମୁଁ ଏକା ହୋଇଗଲି । ସମ୍ପୂର୍ଣ୍ଣ ଏକା...''

କଥା ଅଧା ରଖି ସେ ଆଖି ନୁଆଁଇଥିଲେ ତଳକୁ । ଚଟାଣକୁ ଛୁଇଁଥିଲେ କୋତା ଅଗରେ । ଚଟାଣର କଠିଣ ସ୍ପର୍ଶ । ଚଟାଣ ତଳେ ମାଟିର କୋମଳ ସ୍ପର୍ଶ । ଭୂମିକା ଘିସିଂ ସେଇ ମାଟିରେ ହିଁ ମିଶିଯାଇଛି ନିଶ୍ଚେ । ସେ ଯେଉଁଠି ମିଶିଥାଉ ପଛେ ସେଇ ମାଟିରେ ହିଁ ଅଛି ତା'ର ସ୍ମୃତି, ଅନୁଭବ । ସେଇ କଥା ମନେପକାଉଥିଲେ ସେ ବୋଧେ ।

''ଆପଣଙ୍କ ନିଜ ଘର ଏଠି, ଅଥଚ ଶିଲଂରେ...''

ସଞ୍ଜୟ ମହାପାତ୍ର ନଜର ବୁଲାଇ ଆଣିଥିଲେ ମୋ ଉପରେ ମୁହୂର୍ତ୍ତକ ପାଇଁ । ତା'ପରେ ଖୁବ୍ ନିମ୍ନସ୍ୱରରେ ସେ କହିଥିଲେ, ''ମିଲିଟାରୀରେ ଥିଲି । ଶିଲଂରେ ପ୍ରଥମ ପୋଷ୍ଟିଂ । ଭାରି ଭଲ ଜାଗା । ଜଙ୍ଗଲପାହାଡ଼ରେ ଭରପୂର ପ୍ରକୃତି । ଚାରିଆଡ଼େ ନିର୍ଜନ ସବୁଜିମା । ମୋ' ବୟସ ସେତେବେଳକୁ କୋଡ଼ିଏ ପାଖାପାଖି ହେବ । ଆମ ବାରାକ୍ ପାଖରେ ଥିଲା ଛୋଟକାଟିଆ ସହରଟେ । ସପ୍ତାହରେ ଥରେ ଆମକୁ ଛୁଟି ମିଳେ । ସେହିଦିନ ଯିଏ ଯୁଆଡ଼େ ବୁଲି ଯାଆନ୍ତି । କେହି କେହି ପାଖରେ ଥିବା ହ୍ରଦକୁ ମାଛ ଧରିବାକୁ ଯିବାପାଇଁ ଆଗ୍ରହ ପ୍ରକାଶ କରନ୍ତି । ଆଉ କେହି ଟ୍ୟୁରିଷ୍ଟ ସ୍ପଟ୍କୁ ଚାଲିଯାଆନ୍ତି । ସେଠି କଫି ପିଇ ସୁନ୍ଦର ମନୋରମ ଦୃଶ୍ୟକୁ ଉପଭୋଗ କରନ୍ତି । କିନ୍ତୁ ମୁଁ ଯାଏ ଗୋଟାଏ ନିର୍ଦ୍ଦିଷ୍ଟ ଦୋକାନକୁ କିଛି ଦରକାରୀ ଜିନିଷପତ୍ର କିଣିବା ସକାଶେ । ଅବଶ୍ୟ ଜିନିଷପତ୍ର କିଣିବା ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା, ବରଂ ଭୂମିକାକୁ ସପ୍ତାହରେ ଥରେ ନ ଭେଟି ରହିପାରୁ ନ ଥିଲି । ସେ ଦେଖିବାକୁ ଭାରି ସୁନ୍ଦରୀ । ସତ କଥା କହୁଚି, ତା' ଆଖି ଦୁଇଟି ମୋତେ ଟାଣିଆଣୁଥିଲା ବାରାକ୍‌ରୁ ଛୁଟିଦିନମାନଙ୍କରେ । ପାହାଡ଼ୀ ଝିଅ ସହଜରେ କାହାକୁ ଭଲପାଆନ୍ତି ନାହିଁ । ଅଥଚ ସେ ମୋତେ ଭଲପାଇବସିଥିଲା । ଆଉ ମୁଁ ବି ତାକୁ...''

ମୁଗ୍ଧ ଆଉ ତୃପ୍ତ ହେବାର ଭାବଟି ଝଲସିଉଠିଥିଲା ତାଙ୍କ ମୁହଁରେ । ପ୍ରେମକଥା କହି ସେ ଆନନ୍ଦିତ ହେଉଥିଲେ ବୋଧେ । ଭଲ ପାଉଥିବା ମଣିଷଟି ଜହ୍ନରାତି ପରି ଝଲସିଉଠେ, ଉଜ୍ଜ୍ୱଳ ଦିଶେ, ତାହା ମୁଁ ଅନୁଭବ କରିଥିଲି ସେଦିନ । ପଚାରିଥିଲି, ''ତା'ପରେ ନିଶ୍ଚୟ ବାହାଘର...''

''ହଁ, ସେଇ ଶିଲଂରେ ହେଲା । ଭୂମିକା ସହ । ଆମ ବାରାକ୍‌ରେ ଭୋଜିଭାତ ହୋଇଥିଲା । ନାଚଗୀତ ଭିତରେ ଭୂମିକାକୁ ପାଇ ମୁଁ ମନେ ମନେ ଆତ୍ମହରା ହୋଇପଡ଼ିଥିଲି । ତା'ର ଗୋଟିଏ ଭାଇ ଆଉ ମା' । ବାପା ନ ଥିଲେ । ଛୋଟକାଟର

Digitized by PPRACHIN, SOA

ଦୋକାନର ଆୟ ଉପରେ ସେମାନେ ନିର୍ଭର କରୁଥିଲେ । ସେଥିପାଇଁ ମୁଁ ମୋ ଦରମାରୁ କିଛି କିଛି ଟଙ୍କା ଦେଇଥିଲି, ଯାହାକୁ ସମ୍ବଳ କରି ବ୍ୟବସାୟକୁ ବଢ଼ାଇପାରିବେ । ତାହାହିଁ ହୋଇଥିଲା । ଜିନିଷପତ୍ର ଦୋକାନରେ ଭରିଯିବାରୁ ଗରାଖ ଆସିଥିଲେ । ଆମ ବାରାକ୍‌ରୁ ମୋ ସାଙ୍ଗସାଥୀମାନେ ସେଠୁ ଜିନିଷ କିଣାକିଣି କରୁଥିଲେ । ଦୋକାନର ଆୟ ବଢ଼ିଯାଇଥିଲା, ଆଉ ସେମାନଙ୍କ ଆର୍ଥିକ ଅବସ୍ଥାର ପରିବର୍ତ୍ତନ ହୋଇଥିଲା । କିନ୍ତୁ ମୁଁ ଆଉ ଓଡ଼ିଶା ଆସିପାରି ନ ଥିଲି । ସେଇଠି କିଛିଦିନ ରହିବା ପରେ, ଅବଶ୍ୟ ମୋର ଅନେକ ଜାଗାକୁ ବଦଳି ହୋଇଥିଲା । କିନ୍ତୁ ମୋ ସହ କେବେ ଭୂମିକାକୁ ନେଇ ନ ଥିଲି । ତା' ମାଆ ଆଉ ଭାଇ ପାଖରେ ରହୁଥିଲା ସେ ଏବଂ ସେମାନଙ୍କୁ ସହଯୋଗ କରୁଥିଲା । ଏମିତି ଭାବରେ ପନ୍ଦର ବର୍ଷ କଟିଯାଇଥିଲା ମିଲିଟାରୀ ଚାକିରିରେ । ସେତିକିବେଳେ ଭୂମିକା ପ୍ରସ୍ତାବ ଦେଇଥିଲା, ଆଉ ଚାକିରି ନ କରି ବ୍ୟବସାୟ କରିବା ସକାଶେ । ରିଟାୟାରମେଣ୍ଟ ନେଇ ସେଇ ଶିଲଂରେ ଅନ୍ୟକିଛି ବ୍ୟବସାୟ କରି ରହିଯିବା ପ୍ରସ୍ତାବଟି ଆଦୌ ମନ୍ଦ ନ ଥିଲା । ମୋତେ ବେଶ୍ ସୁବିଧାଜନକ ମନେହୋଇଥିଲା । ଆଉ ଗୋଟେ କାରଣ ବି ଥିଲା, ମୋର ପିଲାପିଲି ହୋଇ ନ ଥିଲା ସେଯାଏ । ଭୂମିକା ପାଖରେ ରହିଲେ ପିଲାପିଲି ହେବାର ଆଶା କରି ତା' କଥାକୁ ସ୍ୱୀକାର କରିଥିଲି । ଆଉ ମୁଁ ରିଟାୟାରମେଣ୍ଟ ନେଇଯାଇଥିଲି । ଗ୍ରାଚ୍ୟୁୟିଟି, ପ୍ରୋଭିଡେଣ୍ଟଫଣ୍ଡକୁ ମିଶାଇ ଗୁଡ଼ାଏ ଟଙ୍କା ପାଇଥିଲି ସେତେବେଳେ । କ'ଣ କରିବି ଚିନ୍ତା କରୁଥିବାବେଳେ କାଠ ବ୍ୟବସାୟ...''

''କାଠ ବ୍ୟବସାୟ...'' ହଠାତ୍ ମୋ ପାଟିରୁ ବାହାରି ପଡ଼ିଥିଲା । କାଠ ବ୍ୟବସାୟ କଥାଟିକୁ ସହଜରେ ମୁଁ ଗ୍ରହଣ କରିପାରି ନ ଥିଲି ବୋଧେ କିମ୍ବା ମୋର ଧୈର୍ଯ୍ୟଚ୍ୟୁତି ଘଟିଥିଲା ହଠାତ୍ ।

ସେ ମୋ ପାଖକୁ ଆଉ ଟିକେ ଘୁଞ୍ଚିଆସି କହିଥିଲେ, ''ସେଥିରେ ଥିଲା ପ୍ରଚୁର ଲାଭ । ଜଙ୍ଗଲରୁ କାଠ କାଟି ଆଣି ବିକିଦେବା ଅତି ସହଜ ଥିଲା । ଅବଶ୍ୟ ଚୋରା କାଠ ମିଳୁଥିଲା ଅଳ୍ପ ମୂଲ୍ୟରେ । ଦି'ତିନି ବର୍ଷରେ ସେଠି ଜାଗା କିଣିଥିଲି । ତା'ପରେ ସେଇ ଜାଗାରେ ହୋଟେଲ ତୋଳି ସେଠି ଜଣେ ପ୍ରତିଷ୍ଠିତ ବ୍ୟବସାୟୀରୂପେ ପରିଚିତ ହୋଇଥିଲି । ମୋ ସହିତ ସବୁବେଳେ ଥିଲା ଭୂମିକାର ଭାଇ । ସେ ସେଇ ହୋଟେଲ ବାର୍ କଥା ବୁଝୁଥିଲା । ସେଠିକୁ ଭୂମିକା ଯିବା ଆସିବା କରୁଥିଲା । ସେଇ ବାର୍‌କୁ ଅନେକ ପ୍ରତିଷ୍ଠିତ ଲୋକ ବିଳମ୍ବିତ ରାତିରେ ଆସୁଥିଲେ; ସେମାନଙ୍କ ଭିତରେ ଥିଲେ ଓକିଲ, ବଡ଼ ଅଫିସର, କଣ୍ଟ୍ରାକ୍ଟର, ବ୍ୟବସାୟୀ ଆଉ ରାଜନେତା । ସେଇ ବାର୍‌ରେ ଭୂମିକା...''

Digitized by PPRACHIN, SOA

କଥା ଅଧା ରଖି ଶୁଖିଯାଇଥିବା ଲୁହ ଦାଗକୁ ଚଷମା କାଚରୁ ପୋଛିନେବାପାଇଁ ରୁମାଲ୍ କାଢ଼ିଥିଲେ ସଞ୍ଜୟ ମହାପାତ୍ର । ଗୋଟେ ଅବଶ, ଉଦାସ, ଅବସନ୍ନ ଭାବ ଛାଇ ହୋଇଯାଇଥିଲା ଯେମିତି ତାଙ୍କ କଥାରେ । ତଣ୍ଟି ରୁନ୍ଧି ହେବାପରି ଅନୁଭବ । ଛାତି ଭିତରେ କେଉଁଠି ଅଟକି ଯାଇଥିଲା ଆଞ୍ଜୁଳାଏ ପବନ । ସବୁ କିଛି ନୀରବ, ନିଶ୍ଚଳ ।

କ'ଣ ଘଟିଥିଲା ସେଇ ବାର୍‌ରେ ? ରାତି ଅଧରେ ମଦ ନ ଦେବା ପାଇଁ କହିବାରୁ କୌଣସି ଉଚ୍ଛୃଙ୍ଖଳ ଭ୍ରଷ୍ଟ ଯୁବକର ରିଭଲଭର୍ ଗୁଳିରେ ଭୂମିକା ଜୀବନ ହରାଇ ନ ଥିଲା ତ ! ବିସ୍ମୟ ଭାବ ସଞ୍ଚରିଯାଇଥିଲା ମୋ ଭିତରେ, ଧୀରେ ଧୀରେ ।

''ବାର୍‌ରେ କିଛି ଦୁର୍ଘଟଣା ବୋଧେ ଘଟିଥିଲା । ଆଉ ସେଥିରେ...''

ଲକ୍ଷ୍ୟ କରିଥିଲି, ସଞ୍ଜୟ ମହାପାତ୍ରଙ୍କର ସ୍ୱାଭାବିକ ଅବସ୍ଥା ଫେରିଆସିବାକୁ ଅନେକ ସମୟ ଲାଗିଥିଲା । ଚଷମା କାଚରୁ ମୋତେ ଚାହିଁଥିଲେ କରୁଣ ଦୃଷ୍ଟିରେ । ଗୋଟେ ଜୀବନୀ ଶକ୍ତି ସତେଯେମିତି ବନ୍ଦୀ ହୋଇ ରହୁ ରହୁ ନିସ୍ତେଜ ଓ ଅପାରଗ ହୋଇଯାଇଥିଲା ତାଙ୍କ ଭିତରେ ।

''ହଁ, ଦୁର୍ଘଟଣା । ଦୁର୍ଘଟଣା ଛଡ଼ା ତାକୁ ଆଉ କିଛି କହିହେବ ନାହିଁ । ସେଇ ବାର୍‌କୁ ନିୟମିତ ଆସୁଥିବା ଜଣେ ରାଜନେତାଙ୍କୁ ପ୍ରେମ କରିବସିଥିଲା ଭୂମିକା । ବାସ୍, ସେଇଠୁ ଶେଷ ହୋଇଯାଇଥିଲା ଆମ ଦୁହିଁଙ୍କ ସମ୍ପର୍କ । ତୁଟି ଯାଇଥିଲା ସ୍ୱାମୀ-ସ୍ତ୍ରୀର ପବିତ୍ର ବନ୍ଧନ । ଚୂରମାର ହୋଇଯାଇଥିଲା ସବୁ କିଛି । ଘରଦ୍ୱାର ଭାଙ୍ଗିରୁଜି ଯାଇଥିଲା । ଜଣାପଡୁଥିଲା ସବୁ କିଛି ଅଛି, ଅଥଚ ମୋ ପାଇଁ କିଛି ନ ଥିଲା ଆଉ ଭୂମିକା...''

ଖୁବ୍ ଅସ୍ୱାଭାବିକ ମନେ ହୋଇଥିଲା ସଞ୍ଜୟ ମହାପାତ୍ରଙ୍କ କଥା । କେଉଁଠି ବୋମା ଫୁଟିଥିଲା ଯେମିତି ! ମୋ ପାଦ ତଳେ, ବ୍ୟାଙ୍କ୍ ପରିସର ଭିତରେ ନା ଶୂନ୍ୟରେ ? କେଉଁଠି ? ଚହଲି ଉଠିଥିଲି ମୁଁ । ମୋ ଟେବୁଲ ଚେୟାର ଥରିଉଠିଥିଲା । ଝରକାର କାଚ ଝଣଝଣ ହୋଇ ଭାଙ୍ଗିପଡ଼ିବାର ଶବ୍ଦ ବୋଧେ ମୁଁ ଶୁଣିପାରୁଥିଲି । ପବନରେ ଭାସିଆସୁଥିଲା ପୋଡ଼ା ବାରୁଦର ଗନ୍ଧ । ମଝିରେ ମଝିରେ କାହାର ଆର୍ତ୍ତଚିତ୍କାର ସୂଚେଇ ଦେଇଥିଲା ଯେ ବୋମାର ଆଘାତ ନୁହେଁ, ବରଂ ଗୋଟେ ଆତଙ୍କ ହିଁ ମୋ ମନ ଆଉ ଚେତନାକୁ ଛିନ୍ନଛତ୍ର କରିଦେଇଛି ।

ଆକସ୍ମିକ ଭାବେ ସଞ୍ଜୟ ମହାପାତ୍ର ଭୂମିକା ସମ୍ପର୍କରେ ଯାହା କହିଥିଲେ, ମୋ ପକ୍ଷରେ ତାହା ଆଦୌ ଗ୍ରହଣୀୟ ନ ଥିଲା । ତେବେ ଏତେ ବର୍ଷ ଧରି ବୈବାହିକ ସମ୍ପର୍କ ଓ ଭଲପାଇବାର ଆକର୍ଷଣଟି ହଜିଯିବାର ସମ୍ଭାବନା ଥାଏ,

Digitized by PPRACHIN, SOA

ତାହା ମୁଁ ଅନୁମାନ କରି ନ ଥିଲି । ଜୀବନ ସହିତ ଶରୀରର ସମ୍ପର୍କ ଯାହା, ସ୍ୱାମୀ ସହିତ ତା'ଠାରୁ ଅଧିକ ସମ୍ପର୍କ ସ୍ତ୍ରୀର, ତାହା ମୁଁ ବୁଝିଥିଲି । କିନ୍ତୁ ଭୂମିକା କ୍ଷେତ୍ରରେ ତାହା ନ ଥିଲା । ବିବାହର ପନ୍ଦର ସତର ବର୍ଷ ପରେ ବି ନାରୀ ମନ ଭିତରେ ଗୋପନ ଇଚ୍ଛାଟିଏ ଅଙ୍କୁରି ଉଠି ସବୁ ସମ୍ପର୍କକୁ ଛାୟାଚ୍ଛନ୍ନ କରିଦିଏ, ତାହା ବିଶ୍ୱାସ କରିବା ପାଇଁ ମୁଁ ବାଧ ହୋଇଥିଲି ।

ମୋ ମୁହଁକୁ ସେ ଚାହିଁରହିଥିଲେ । ଆଉ ଅଧିକ କିଛି କହିବା ପାଇଁ ସେ କୁଣ୍ଠିତ ବୋଲି ତାଙ୍କ ଚାହାଣିରୁ ସୂଚନା ମିଳୁଥିଲା । କେଉଁ ସ୍ୱାମୀ ତା' ଅପାରଗତାର କଥା ପ୍ରକାଶ କରିବାକୁ ଇଚ୍ଛା କରିବ ? ବୋଧେ ତାହାହିଁ ଘଟିଥିଲା ସଞ୍ଜୟ ମହାପାତ୍ରଙ୍କ କ୍ଷେତ୍ରରେ । ଭୂମିକା ରାଜନେତାଙ୍କୁ ଭଲପାଇବା କଥାଟି ଯଦି ଘଟିଥିବ, ତେବେ ସେ କ'ଣ ଅବା କରିଥିବେ ଲଜ୍ଜା ଓ ଅସହାୟତାରେ ଛଟପଟ ହେଇ, କାନ୍ଦିବା ବ୍ୟତୀତ ? ହୋଇପାରେ, ନିଜେ ସେ ଭୂମିକାକୁ ହତ୍ୟା କରିପାରିଥା'ନ୍ତି କୌଣସି ଚକ୍ରାନ୍ତ କରି, ଆଉ ତାକୁ ସ୍ୱାଭାବିକ ମୃତ୍ୟୁ ଦର୍ଶାଇ ଡେଥ୍ ସାର୍ଟିଫିକେଟ ହାସଲ କରିଥିବାର ଆଶଙ୍କାଟି ମୋତେ ଖୁବ୍ ଚିନ୍ତିତ ଓ ବ୍ୟଥିତ କରିଦେଇଥିଲା !

ଏବଂ ଭୂମିକା ଘିସିଂକୁ ଥରୁଟିଏ ନ ଦେଖିଥିଲେ ବି ସେ ଆସି ମୋ ଆଗରେ ଠିଆହୋଇଯାଇଥିଲା । ଝଲମଲ ବେଶପୋଷାକ ତଳେ ଏକ ପରିପୂର୍ଣ୍ଣ ଗୋରା ଦେହ । କୌଣସି ଚଳଚ୍ଚିତ୍ରରେ ପାହାଡ଼ୀ ଝିଅ ଭୂମିକାରେ ଅଭିନୟ କରୁଥିବା ନାୟିକାଠାରୁ ସେ ଅଧିକ ସୁନ୍ଦରୀ ଦିଶୁଥିଲା ନିଶ୍ଚେ । ବାସ୍ପାଭିଜା, ରଙ୍ଗିନ ସ୍ୱପ୍ନରେ ଢଳଢଳ ତା' ଆଖି ଦୁଇଟି ଅନେକ କଥା କହିବାକୁ ଚାହୁଁଥିଲା ଯେମିତି ! କ'ଣ କହିବ ସେ ? ଥରଥର ହେଉଥିଲା ତା' ଲାଲ ଓଠ । ଅଥଚ ଶବ୍ଦଟିଏ ବାହାରିପାରି ନ ଥିଲା ସେଇ ଓଠରୁ । ଖାଲି ଢଳଢଳ ଆଖି ଦୁଇଟିକୁ ଲଜ୍ଜା ଆଉ ଅଭିମାନରେ ତଳକୁ କରିଦେଇଥିଲା । ଅଜଣା ବଣୁଆ ଫୁଲର ବାସ୍ନା ଏବେ ମୋ ଚାରିପାଖରେ ।

ଏଭଳି ଯେଉଁ ସମ୍ପର୍କ, ଏଭଳି ଯେଉଁ ଜୀବନ, ତାକୁ ନେଇ ମୁଁ କିଛି ଭୂମିକାକୁ ପଚାରିବା ସମ୍ଭବ ହୋଇ ନ ଥିଲା । ଅଥଚ ସଞ୍ଜୟ ମହାପାତ୍ରଙ୍କୁ କହିଥିଲି, ''ଭୂମିକାକୁ ଓଡ଼ିଶା ନେଇ ଆସିଲେ ନାହିଁ କାହିଁକି ? ତାହା ହୋଇଥିଲେ...''

''ତାହାହିଁ ମୁଁ ଚାହିଁଥିଲି । ଓଡ଼ିଶା ଚାଲିଆସିଥିଲେ ଭୂମିକା ଭୁଲିଯାଇଥା'ନ୍ତା ସବୁ କିଛି ବୋଧେ । ସେଥିପାଇଁ ଯୋଜନା ବି କରିଥିଲି । ତା' ଅଜାଣତରେ ତାକୁ ନେଇ ଷ୍ଟେସନକୁ ଆସିବାବେଳେ ସେଇ ରାଜନେତା କେମିତି ଖବର ପାଇଯାଇଥିଲେ । ଆଉ ସେ ଭୂମିକାର ଭାଇ ସହ ଷ୍ଟେସନରେ ହାଜର ହୋଇଥିଲେ ।

Digitized by PPRACHIN, SOA

ଜୋରଜବରଦସ୍ତ ସେ ଭୂମିକାକୁ ମୋ'ଠାରୁ ଛଡ଼ାଇ ନେଇ ନ ଥିଲେ, ବରଂ ସେ ତାଙ୍କ ସହ ନିଜ ଇଚ୍ଛାରେ ଚାଲିଯାଇଥିଲା । ଗଲାବେଳେ ମୋତେ ପଦଟିଏ କଥା ବି କହି ନ ଥିଲା ସେ ।''

ଚକିତ ହୋଇଥିଲି ମୁଁ ହଠାତ୍ । ଆଖି ନୁଆଁଇ ମୋ ସାମନାରୁ ଚାଲିଯାଇଥିଲା ଭୂମିକା ଯେମିତି । ନୀରବ, ନିଶ୍ଚଳ । କ'ଣ କହିଥା'ନ୍ତା ସେ ? ତା' ମନ ଭିତରେ ଏମିତି କିଛି କଥା ରହିଯାଇଥିଲା, ଯାହା ସେ କହିପାରିଲା ନାହିଁ ମୋ ଆଗରେ ! ଯାହା ଚାଲିରେ ପବନ କୃତଜ୍ଞ ହୋଇପଡୁଥିଲା ଯେ ତା' ଭିତରକୁ ମହକ ଚାଲି ଆସୁଛି ବୋଲି, ସେ ଏମିତି ଅକୃତଜ୍ଞ ହୋଇପାରିଲା କିପରି ? ଖାଲି ଦେହକୁ ନେଇ ଜୀବନ ନୁହେଁ, ବରଂ ସମ୍ପର୍କକୁ ନେଇ ହିଁ ଜୀବନ । ନ ହେଲେ ସମ୍ପର୍କ ପଛରେ ମଣିଷଟିଏ ସାରା ଜୀବନ ଧାଉଁଥା'ନ୍ତା କାହିଁକି ? ସିଦ୍ଧାନ୍ତର ପତ୍ନୀ ସେଇ ସମ୍ପର୍କକୁ ନେଇ ସାରା ଜୀବନ ତ ଜୀଇଁ ରହିବ ! ଗୋଟିଏ ସ୍ୱପ୍ନରେ, ଗୋଟିଏ ମହକରେ । ନା, ଏହା ହେବ ନାହିଁ ! ସ୍ୱାମୀର ସ୍ମୃତି ଭୁଲିଯାଇ ଆଉ ଥରେ ଚଳଚଞ୍ଚଳ ହୋଇପଡ଼ିବ ସେ । ବାଉଳା କୋଇଲି ଡାକରେ ବାଟବଣା ହେବ । ପାଦରେ ଅଳତା ନାଇବ । ଓଠରେ ଦେବ ଲିପ୍‌ଷ୍ଟିକ୍‌ର ଗାଢ଼ ରଙ୍ଗ । ଆଖିରେ ଟାଣିବ ସରୁ କଜ୍ଜଳ ଧାର । ଖାଲି ଶୁଭ୍ର କପାଳଟି ପୁଣି ଥରେ ଅପେକ୍ଷା କରି ରହିଥିବ ସିନ୍ଦୂର ଟୋପାର ଆଶାରେ । ବିଧବା ଶରୀରଟି ଭିତରେ ଥିବା ମନଟି ଧୀରେ ଧୀରେ ପାଲଟିଯିବ ସଧବାର ଆଶା ପ୍ରତ୍ୟାଶାର ମଧୁର ରାଗିଣୀ ।

କେତେ ସହଜରେ ମଳିନ ପଡ଼ିଯିବ ସବୁକିଛି !

ସଚେତନ ହୋଇପଡୁଥିଲି ମୁଁ । ନିଜ ମୁହଁ, ବେକ ଉପରେ ହାତ ବୁଲାଇ ଆଣି ସଞ୍ଜୟ ମହାପାତ୍ରଙ୍କର ସ୍ୱଚ୍ଛନ୍ଦ ପ୍ରତିକ୍ରିୟା ଜାଣିବାପାଇଁ ନିରୀକ୍ଷଣ କରୁଥିଲି ।

ସେ ପୁଣି କହିବାକୁ ଆରମ୍ଭ କରିଥିଲେ, ''ସେଇଠି ସରିଗଲା ସବୁ କିଛି । ଭୂମିକା ମୋ ପାଇଁ ମରିଗଲା । ତେଣୁ ସେଠି ଆଉ ରହିବା ଜୀବନ ପ୍ରତି ନିଶ୍ଚିତ ଭାବେ ବିପଦ ତାହା ଅନୁଭବ କରିଥିଲି । ହୋଟେଲ ଭୂମିକା ନାଆଁରେ ଥିଲା । ତାକୁ ବିକିବା ମୋ ପକ୍ଷରେ ଆଉ ସମ୍ଭବ ହେଲା ନାହିଁ । ଅନ୍ୟାନ୍ୟ ସବୁ ଜିନିଷ ବିକିଦେଲି । ବ୍ୟାଙ୍କରୁ ପଇସାପତ୍ର ଉଠାଇଆଣି ଚାଲିଆସିଲି ଓଡ଼ିଶା । ଆଉ ମଧ ଏଠିକି ମୋ ପେନ୍‌ସନ୍ କାଗଜପତ୍ର ଟ୍ରାନ୍‌ସଫର କରିଆଣିଲି । ଆସିଲାବେଳେ ଡେଥ୍ ସାର୍ଟିଫିକେଟ ଯୋଗାଡ଼ କଲି, ଭୂମିକା ମରିଯାଇଛି ବୋଲି । ମୋ ଜୀବନରୁ ଯିଏ ଚାଲିଗଲା, ସିଏ କାଗଜପତ୍ରରେ ଜୀଇଁ ରହି ଆଉ ଲାଭ କ'ଣ ?

Digitized by PPRACHIN, SOA

ଅତି ସ୍ପଷ୍ଟ ଆଉ ଦୃଢ଼ ସ୍ୱରରେ ଏଇ ଶେଷପଦକ କହିଥିଲେ ସଞ୍ଜୟ ମହାପାତ୍ର । ମନ ଭିତରେ ନ ଥିଲା କୌଣସି ଶୋଚନା, ଗ୍ଲାନି । ଏହା ପରେ ଆଉ କିଛି କହିବା ତାଙ୍କ ପକ୍ଷରେ ସମ୍ଭବ ହେବ ନାହିଁ, ତାହା ବୁଝିପାରିଥିଲେ ସେ ବୋଧେ । ଆଉ ଏତେ ସମୟ ଧରି ଦୁଃଖ ଓ କୁହୁଡ଼ି ଭିତରେ ମୁଁ ବାଟବଣା ହୋଇଯାଇଛି ବୋଲି ସେ ଅନୁଭବ କରିଥିଲେ ନିଶ୍ଚେ ।

ସେହି ପରିବେଶ ଭିତରେ ଚୁପ୍‌ଚାପ କିଛି ସମୟ ବସିରହିବା ପରେ, ସେ କହିଥିଲେ, ''ମୁଁ ଆସୁଛି ତା'ହେଲେ । ଆପଣ ଏଇ କାମଟିକୁ ଦୟାକରି କରିଦେବେ ।''

''ଟିକେ ଡେରି ହୋଇପାରେ । ପେନ୍‌ସନ୍ କାଗଜପତ୍ର ସବୁ ଦେଖିବାକୁ ହେବ । ତା'ପରେ ଯାହା କିଛି କରିବି । ଆପଣ ପାଞ୍ଚସାତ ଦିନ ପରେ ଆସି ବୁଝିଯିବେ ।''

କଥାଟିକୁ ଏମିତି ସାରିଦେଇଥିଲି ମୁଁ ।

''ହଁ ହଁ, ମୁଁ ଆସି ବୁଝିଯିବି ।''

ଚାଲିଯାଇଥିଲେ ସେ, ଭାରାକ୍ରାନ୍ତ ମନ ନେଇ ବୋଧେ । କାରଣ ସେ ଯିବାବେଳେ ଆଗକୁ ସାମାନ୍ୟ ଝୁଙ୍କିବା ପରି ମନେହେଉଥିଲେ । ହାତ ଦୁଇଟି ପଛରେ ଛନ୍ଦିହୋଇ ରହିଥିଲା । ଚଷମା ନାକ ଅଗକୁ ଖସିଆସିଥିଲା ଟିକିଏ ।

ସେ ଯିବାପରେ ଅନାହୂତ ଭାବେ ମୋର ଜଣେ ସହକର୍ମୀ ମୋ ପାଖକୁ ଆସି ବସିଥିଲେ ଖାଲି ଥିବା ଚେୟାରରେ । କୌଣସି ଉପକ୍ରମଣିକା ନ କରି ହଠାତ୍ ସେ ଅତି ସତର୍କତାର ସହ କହିଥିଲେ, ''ଜାଣିଛ, ସିଦ୍ଧାନ୍ତ ଅନେକ ଦିନ ଧରି ମାନସିକ ଅଶାନ୍ତି ଭୋଗୁଥିଲା ! ଖାସ୍ ତା' ସ୍ତ୍ରୀ ପାଇଁ । ମୋତେ ଥରେଅଧେ ଏ ବିଷୟରେ ସେ କହିଥିଲା । ସ୍ତ୍ରୀଟା ଆଦୌ ଭଲ ନୁହେଁ । ତା' ଘର ପାଖ ମେସ୍‌ରେ ରହୁଥିବା ଗୋଟେ ଇଞ୍ଜିନିୟରିଂ ପଢୁଥିବା ପିଲାକୁ ସେ ଭଲପାଉଥିଲା । ଅଧିକାଂଶ ଦିନ ସେଥିପାଇଁ ତା' ଘରେ ଝଗଡ଼ା ଲାଗିରହୁଥିଲା । ମୁଁ ବି ତାକୁ ଅନେକ ଥର ବୁଝାଇଥିଲି । କହିଥିଲି, ଘରସଂସାର ପୁରୁଣା ହେଲେ ସବୁକିଛି ଠିକ୍ ହୋଇଯିବ । ତୁ ଧୈର୍ଯ୍ୟ ଧରି ରହ । ତା' ସହିତ ସବୁବେଳେ ରହିବାକୁ ଚେଷ୍ଟା କର । ତାକୁ ବୁଝିବାକୁ ଆଗ୍ରହ ଦେଖା । ଧୀରେ ଧୀରେ ସବୁ ବଳଦିଯିବ । ସ୍ୱାମୀ-ସ୍ତ୍ରୀ ସମ୍ପର୍କଟି ଯେତେ ପୁରୁଣା ହେବ, ସେତେ ପବିତ୍ର ହୋଇଉଠିବ । ତା'ପରେ ପରସ୍ପରକୁ ଲୋଡ଼ିବେ । ସେ ମୋ କଥା କ'ଣ ବୁଝିଲା କେଜାଣି, କିଛି ଦିନ ଧରି ଚୁପ୍‌ଚାପ୍ ରହୁଥିଲା । କାହାରି ସାଙ୍ଗରେ ପଦେ କଥା ବି ହେଉ ନ ଥିଲା । କଟକରେ ରହିବ ବୋଲି ଆଜି କୁଆଡ଼େ ଭଡ଼ାଘର ଦେଖିବାକୁ ଆସୁଥିଲା । ମୁଁ ଭାବୁଛି, ସିଦ୍ଧାନ୍ତ ନିଶ୍ଚୟ ଆତ୍ମହତ୍ୟା କରିଛି । ଏକଥା...''

Digitized by PPRACHIN, SOA

ଜଣେ ଗ୍ରାହକ ମୋ ପାଖକୁ ଆସିବାରୁ ସେ ଉଠି ଚାଲିଯାଇଥିଲେ, କଥା ଅଧା ରଖି । ଅଳ୍ପ ଅଳ୍ପ ଅନ୍ଧାର ଭିତରେ ବାଟ ଅଣ୍ଡାଳିଲା ପରି ମୁଁ ଏପଟ ସେପଟ ହୋଇଥିଲି । ଅତ୍ୟଧିକ ଭାବପ୍ରବଣତା, ଅନାବଶ୍ୟକ ଚିନ୍ତା ଆଉ ଅହେତୁକ ଦୁଃଖ ଭିତରୁ ନିଜକୁ ବାହାର କରିଆଣିବା ପାଇଁ ଏଣେତେଣେ ଚାହିଁଥିଲି । ହଠାତ୍ ମୋ ନଜର ପଡ଼ିଥିଲା କାନ୍ଥ କୋଣର ଫଟା ପକ୍କା ଚଟାଣ ଭିତରୁ ଉଙ୍କିମାରୁଥିବା ସବୁଜ ପତ୍ର ଦୁଇଟି ଉପରେ । ଖେଳି ଯାଇଥିଲା ଏକ ମୁଗ୍ଧ ଶିହରଣ । ସତରେ, ଅଦ୍ଭୁତ ଏଇ ମାଟି, ଅଦ୍ଭୁତ !

ସେହି ଦିନ ପରେ ସଞ୍ଜୟ ମହାପାତ୍ର ଆଉ ଆସି ନାହାନ୍ତି ।

ଭାବିଥିଲି, ଏଭଳି ଯେଉଁ ସମ୍ପର୍କ, ଏଭଳି ଯେଉଁ ଜୀବନ, ତାକୁ ନେଇ କିଛି ଲେଖିବା ମୋ ପକ୍ଷରେ ସମ୍ଭବ ନୁହେଁ । ମାତ୍ର ଆଜି ଅନିଚ୍ଛାସତ୍ତ୍ୱେ ସଞ୍ଜୟ ମହାପାତ୍ରଙ୍କ ପେନ୍‌ସନ୍ କାଗଜପତ୍ରରେ ତାଙ୍କ ପତ୍ନୀର ନାଆଁ ବଦଳାଇ ଦେଇଥିବାରୁ ଆପଣଙ୍କୁ ଏକଥା କହିବା ପାଇଁ ଉଚିତ ମଣିଲି । କାରଣ ସଞ୍ଜୟ ମହାପାତ୍ରଙ୍କୁ ଆପଣ କେଉଁଠି ଭେଟିଲେ ତାଙ୍କ ପତ୍ନୀଙ୍କର ନାଆଁ ବଦଳିଯାଇଥିବା କଥାଟି ତାଙ୍କୁ ଜଣାଇଦେବେ । ତାହା ଶୁଣି ସେ ଅତ୍ୟନ୍ତ ଖୁସି ହେବେ । ଅବଶ୍ୟ ମୁଁ ବ୍ୟାଙ୍କ ତରଫରୁ ଚିଠିଟିଏ ତାଙ୍କ ପାଖକୁ ପଠାଇବି, ଭୂମିକା ଘିସିଂ ଦେଇଥିବା ଦୁଃଖ, ଦୁଃସ୍ୱପ୍ନରୁ ମୁକୁଳିଆସିବା ପାଇଁ ।

Digitized by PPRACHIN, SOA

ରତ୍ନଖଣି

ପାହାଡ଼ ଆରପଟରୁ ସୂର୍ଯ୍ୟ ଉଇଁ ଆସିଲେ ଉଜ୍ଜ୍ୱଳି ଉଠେ ଚଉଦିଗ । ଦଳ ଦଳ ହୋଇ ଚଢ଼େଇ ଉଡ଼ିବୁଲନ୍ତି ଫର୍ଚ୍ଚା ଆକାଶରେ । ସେମାନଙ୍କ କଳକଳ ରାବରେ ଏକ ସୁମଧୁର ସ୍ୱର ପ୍ରତିଫଳିତ ହୋଇଉଠେ, ଓଁକାର ଧ୍ୱନିପରି । ସବୁଜିମାଭରା ପାହାଡ଼ ଉପରେ ମେଘପରି ବର୍ଷିଯାଏ ସୁନେଲି ରଙ୍ଗର ଆଭା । ଧୀରେ ଧୀରେ ପାହାଡ଼ର ମଥାନରୁ ତାଳପତ୍ର, ଗଣ୍ଡି ଓ ଚେର ଦେଇ ସୁନେଲି ରଙ୍ଗର ଆଭା ବହିଆସି ଛୁଇଁଯାଏ ନଈଧାର । ସବୁବେଳେ ଛଳଛଳ । ତେଣୁ ସୁନେଲି ରଙ୍ଗର ଆଭାରେ ଝଲସିଯିବାକୁ ମୁହୂର୍ତ୍ତଟେ ଡେରି ହୁଏନା । ସମ୍ଭବତଃ ତା'ରି ମାୟାରେ ହଜିଯାଏ, ସାରା ଗାଁ – ଦେଖେ, ଅସରନ୍ତି ସ୍ୱପ୍ନ । ଅସରନ୍ତି ସ୍ୱପ୍ନ ହିଁ ଆକର୍ଷିତ କରେ ଗାଁ ଲୋକଙ୍କୁ । ସମସ୍ତେ ଧାଇଁଆସନ୍ତି କୋଡ଼ି କୋଦାଳ ଓ ଚାଲୁଣୀ ଧରି । ନିର୍ଭର ପ୍ରତିଶ୍ରୁତି ସହିତ । ହୋଇପାରେ, ସେହି ପ୍ରତିଶ୍ରୁତିଟି ଅସରନ୍ତି ସ୍ୱପ୍ନକୁ ମୁଠାଇ ଧରିବାର ଗୋଟେ ସ୍ୱଚ୍ଛ ବିଶ୍ୱାସ । ମାତ୍ର ସେହି ସ୍ୱଚ୍ଛ ବିଶ୍ୱାସକୁ ନେଇ ଜୀଇଁ ଥା'ନ୍ତି ପ୍ରତ୍ୟେକ ଗାଁ ଲୋକ ।

ଏହିପରି ଚିତ୍ରଟିଏ ଆଙ୍କିଥିଲା ସଞ୍ଜୟର ମନଭିତରେ ସୁନୀତା ଠିକ୍ ଚାରିବର୍ଷ ତଳେ । କୌଣସି ଏକ ଅପରାହ୍ଣର କ୍ଳାନ୍ତ ବେଳାରେ । କଲେଜ କ୍ୟାମ୍ପସ୍‌ରେ ସେ ଦୁହେଁ ବୁଲୁଥିଲାବେଳେ । ନାଲିଗୋଡ଼ିମିଶା ମାଟି ଉପରେ ଶାଳଗଛରୁ ଝଡ଼ିପଡୁଥିବା ଶୁଖିଲା ପତ୍ରଗୁଡ଼ିକ ସେତେବେଳେ ଦେଖାଯାଉଥିଲେ ସ୍ୱର୍ଣ୍ଣାଭ ।

ଦୀର୍ଘ ଚାରିବର୍ଷପରେ ସେହି କଥାଟିକୁ ମନେପକାଇଲା ସଞ୍ଜୟ । ଅବଶ୍ୟ ଏହା ଭିତରେ ବଦଳିଯାଇଛି ସମୟ, ସ୍ଥାନ । ସେ କଲେଜ ଛାଡ଼ି ଗୋଟେ ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରୁଛି । ଚାକିରିଟି ମନ୍ଦ ନୁହେଁ, ବରଂ ଆଗକୁ ପାହୁଣ୍ଡ ପକାଇବା ପାଇଁ ସେଥିରେ ଅଛି ସମ୍ଭାବନା । ମାର୍କେଟିଙ୍ଗ ମ୍ୟାନେଜ୍‌ର ଭାବେ ସେ ନିଜର ପରିଚୟକୁ ବି ସ୍ୱୀକାର କରିନେଇଛି । ରତ୍ନପଥର ବ୍ୟବସାୟ କରୁଥିବା କମ୍ପାନୀଟି, ତା'ର ଶୀର୍ଷକୁ ଉଠିବାର ଏକ ମାଧ୍ୟମ ବୋଲି ସେ ନିଜ ଭିତରେ ବିଶ୍ୱାସ ଭରିଛି ।

ହୋଇପାରେ ଏହା ଏକ ସଂଯୋଗମାତ୍ର । ନ ହେଲେ ସୁନୀତା କଥା ତା'ର ଆଦୌ ମନେପଡ଼ି ନ ଥାନ୍ତା । ଯେମିତି ସେ ଭୁଲିଯାଇଛି ଗାଁ କଥା, କଅଁଳ ଧାନଗଛର

Digitized by PPRACHIN, SOA

ନହକାପତ୍ର କଥା, ହଳଦୀପତ୍ରର ବାସ୍ନା କଥା, ସାଧବବୋହୂ କଥା, ଠିକ୍ ସେମିତି ଭୁଲିଯାଇଥିଲା ତା'ର କଥା ।

ସୁନୀତା ଯେ ଅପରୂପା ସୁନ୍ଦରୀ, ସେକଥା ବି ତା'ର ମନେ ନାହିଁ, ବରଂ ମନେଅଛି, ମହାନଦୀ କୂଳର କୌଣସି ଏକ ଗାଁରେ ସୁନୀତାର ଘର, ଯେଉଁଠି ରତ୍ନପଥର ମିଳେ । ସେହି ଗାଁର ଲୋକମାନେ ସବୁକିଛି ଭୁଲିଯାଇ ଓହ୍ଲାଇଯାଆନ୍ତି ନଈକୂଳକୁ, ସୂର୍ଯ୍ୟ ଉଇଁବାମାତ୍ରେ । ସତେଯେମିତି ସେଠି ରହିଚି ବିସ୍ମୟଭରା ରତ୍ନଭଣ୍ଡାର - ଅସରନ୍ତି ସ୍ୱପ୍ନକୁ ସ୍ୱୀକାର କରିବା ପାଇଁ ତାହା ଯଥେଷ୍ଟ । ସେଥିପାଇଁ ସେମାନେ ଭୁଲିଯାଆନ୍ତି ଭୋକ, ଶୋକ । ଖୋଳନ୍ତି ମାଟି, ବାଲି । ତା' ଭିତରୁ ସତକୁସତ ବାହାରେ ରତ୍ନପଥର । ସମସ୍ତଙ୍କ ମୁହଁରେ ଉଜ୍ଜ୍ୱଳିଉଠେ ଗୋଟେ ସନ୍ତୁଷ୍ଟ ଖୁସି ଖୁସି ଭାବ । ଲକ୍ଷପତି ହେବାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ମହନୀୟ ହୋଇଉଠେ ସେତିକିବେଳେ ।

ମ୍ୟାପ୍‌ରେ ନାଲିଦାଗଟିଏ ଦେଲାବେଳେ ସେମିତି ଉଜ୍ଜ୍ୱଳ ଦିଶିଲା ସଞ୍ଜୟର ମୁହଁ । ସେହି ଉଜ୍ଜ୍ୱଳ ଭାବଟି ସୁନୀତାକୁ ଭେଟିବାପାଇଁ ନୁହେଁ, ବରଂ ରତ୍ନପଥରର କମ୍ପାନୀ ତାକୁ ସେହି ଗାଁକୁ ପଠାଉଥିବାର ଖବର ଶୁଣି । କାରଣ ସେ ଜାଣିଚି, ସେଠୁ ଫେରିଆସିଲେ ତା'ର ପ୍ରମୋଶନ୍ ହେବା ନିଶ୍ଚିତ । ପ୍ରମୋଶନ୍ ହେଲେ ଦରମା ଅଧିକ ମିଳିବ । ସେକଥା କହିବା ନିଷ୍ପ୍ରୟୋଜନ । କିନ୍ତୁ ଏକଥା ସତ, ତା'ର ପ୍ରଚୁର ଟଙ୍କା ଦରକାର । ସେହି ଟଙ୍କାରେ ସେ ଯେକୌଣସି ସହରରେ ତୋଳାଇ ପାରିବ କୋଠା । ରହିବ ସେଠି, ଆଉ ଗାଁକୁ ଫେରିବ ନାହିଁ । କିଏ ରହେ ଗାଁରେ ? କ'ଣ ଅଛି ଗାଁରେ ? ବର୍ଷା ହେଲେ ବିଲ, ଗୋହୀରିରେ ଯିବାକୁ ପଡ଼େ, କାଦୁଅ ପଚପଚ ପାଦଚଲା ରାସ୍ତାରେ । ଭଲ ରାସ୍ତା ନାହିଁ, ବିଜୁଳି ନାହିଁ । ସମୁଦ୍ରକୂଳିଆ ଗୋଟେ ଗାଁରେ ତା'ଘର । ସବୁବେଳେ ବାତ୍ୟା, ନ ହେଲେ ଲୁଣି ମାଡ଼ିଯିବାର ଡର । ବର୍ଷା ହେଲେ ଚାଳରୁ ନିଗିଡ଼ିପଡୁଥିବା ଖଇରିଆ ରଙ୍ଗର ପାଣିଧାରାକୁ ଦେଖିଲେ ତା' ଭିତରେ ସଞ୍ଚରିଯାଏ ଭୟ । ମନେହୁଏ, ତାହା ବର୍ଷାପାଣିର ଧାର ନୁହେଁ, ବରଂ ସେଇ ଘରଟିର ଲୁହଧାର -ଘରଟି ଯେମିତି କାନ୍ଦୁଚି ଅହରହ ।

କାନ୍ଦ କାନ୍ଦ ଘରେ କିଏ ରହିପାରେ !

ଧାନକିଆରି ହିଡ଼ରେ ଚାଲି ଚାଲି ସହରକୁ ଆସିଲାପରେ ସଞ୍ଜୟ ଭୁଲିଯାଇଥିଲା ଘର କଥା, ଗାଁ କଥା । କିନ୍ତୁ ଘରୁ ଆସୁଥିଲା ଚାଉଳ, ଟଙ୍କା । ତା'ସାଙ୍ଗକୁ ରଜରେ ପୋଡ଼ପିଠା, ପ୍ରଥମାଷ୍ଟମୀରେ ଏଣ୍ଡୁରି ଓ ମାର୍ଗଶିର ମାସରେ ମଣ୍ଡାପିଠା -

Digitized by PPRACHIN, SOA

ସ୍ନେହଶ୍ରଦ୍ଧାର ଛୋଟ ପ୍ରତିଶ୍ରୁତି ନେଇ । ସେହି ପ୍ରତିଶ୍ରୁତିଟି ଯେତେ ସ୍ପଷ୍ଟ ଓ ଅନାବିଳ ହୋଇଥିଲେ ବି ତାକୁ ଧରିରଖିପାରି ନ ଥିଲା ସେ, ନିଜ ହୃଦୟରେ । ଖସିପଡ଼ିଥିଲା ମଉଳା ଫୁଲପରି । ସେ କେଉଁ ଛଳରେ, କେଉଁ ବାଗରେ ତାକୁ ଭୁଲିଯାଇଥିଲା, ତା'ର ରହସ୍ୟ ସେ ହିଁ କେବଳ ଜାଣିଥିଲା ।

ସେହି ବାଗରେ ବି ସଞ୍ଜୟ ଭୁଲିଯାଇଥିଲା ସୁନୀତାର ପ୍ରେମ ଓ ସମର୍ପଣ କଥା । ସମୁଦ୍ରକୂଳିଆ ଗାଁରେ ଯାହାର ଘର, ସେ ସବୁକିଛି ଭୁଲିଯାଇପାରିବ - ଏଇ କଥା କହି ସେ ନିଜକୁ ବୁଝାଇନେଇଥିଲା ।

ଅବଶ୍ୟ କଲେଜ ଛାଡ଼ିଲା ପରେ ମଝିରେ ମଝିରେ ସଞ୍ଜୟ ପାଖକୁ ଚିଠି ଦେଉଥିଲା ସୁନୀତା । ଗାଁ ଠିକଣାରେ । ସେଠୁ ଚିଠିଟି ତା' ପାଖକୁ ରିଡାଇରେକ୍ଟ ହୋଇ ଆସେ । ସୁନୀତା ନିଜ ଚିଠିରେ ତାକୁ ଆମନ୍ତ୍ରଣ କରେ ତା' ଗାଁକୁ । ମହାନଦୀ କୂଳରେ ତା' ଗାଁ, ଯେଉଁଠି ରତ୍ନପଥର ମିଳେ । ଦି'ଦିନ ତଳେ ସୁନୀତା ପାଖରୁ ଚିଠିଟିଏ ସେ ପାଇଚି । ସେଥିରେ ସେହି ପୂର୍ବ ଅନୁରୋଧକୁ ଦୋହରାଇଛି ସେ । ଘରର ଫୋନ୍ ନମ୍ବର ବି ଦେଇଛି ।

ଅପେକ୍ଷା କରିବାପାଇଁ ଆଉ ସମୟ ନାହିଁ । ଆଟାଚି ଭିତରେ କେତୋଟି ଆବଶ୍ୟକ ଜିନିଷପତ୍ର, ଗୋଟେ ଟର୍ଚ୍ଚ, ମ୍ୟାପ୍, ସୁନୀତାର ଠିକଣା ଓ ଫୋନ୍ ନମ୍ବର । ସହକର୍ମୀମାନଙ୍କ ସହ ହାତ ମିଳାଇ ସାରିଲା ପରେ ପାଞ୍ଚମହଲା ଅଫିସ୍ ଭିତରୁ ବାହାରିଆସିଲା ସଞ୍ଜୟ ।

କୋଳାହଳ, ଲୋକସମାଗମ ଓ ବ୍ୟସ୍ତତା । ତା' ଭିତରେ ସଞ୍ଜୟକୁ ଶୁଣାଯାଉଥାଏ ଗୋଟେ ଶବ୍ଦ । ଟିକ୍ ଟିକ୍ । ଘଣ୍ଟାର ନା ହୃଦୟର ? ଆରମ୍ଭ ହୋଇଯାଇଛି ତା' ଯାତ୍ରା । ସେ ଜାଣିଛି, ଯାତ୍ରା ଶେଷରେ ତାକୁ ଅପେକ୍ଷା କରିରହିଛି ପ୍ରାଚୁର୍ଯ୍ୟ ଓ ସୁଖ । ସେ ତେଣୁ ବ୍ୟସ୍ତ ଜଣାପଡୁଥାଏ । ଏବଂ ତା' କପାଳର ଟୋପା ଟୋପା ଝାଳ ସୂଚେଇଦେଉଥାଏ, ସେ ତ୍ରସ୍ତ ଓ ବିଚଳିତ । ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ତା' ପାଇଁ ଜରୁରୀ । ଅବଶ୍ୟ କମ୍ପାନୀ ତରଫରୁ ତାକୁ ଗୋଟେ ଗାଡ଼ି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା । ସେ କିନ୍ତୁ ଗ୍ରହଣ କରି ନ ଥିଲା ଏ ପ୍ରସ୍ତାବକୁ । ଗାଁ ଦାଣ୍ଡରେ ଗାଡ଼ିଟି ଦେଖି ଲୋକମାନେ ଭାବିବେ, କୋଉ ପୁଲିସ୍ ଅଫିସର୍ କି ଜୟପୁରର କୋଉ ମାରୱାଡ଼ୀ ଆସି ପହଞ୍ଚିଯାଇଛି -ସେମାନେ ଭୟରେ ରତ୍ନପଥରର କଥା କିଛି କହିବେ ନାହିଁ, ବେଶି ଟଙ୍କା ପାଇବା ଲୋଭରେ ରତ୍ନପଥରର ସନ୍ଧାନ ଦେବେ ନାହିଁ । ତାହା କମ୍ପାନୀ ପାଇଁ କ୍ଷତିର କାରଣ ହୋଇପାରେ । ତା'ର ଏଇ କଥାଟି ବେଶ୍ ଯୁକ୍ତିଯୁକ୍ତ ମନେହୋଇଥିଲା ।

Digitized by PPRACHIN, SOA

ଆଉ ଗୋଟିଏ କଥା ତ ଭଲଭାବରେ ଜଣାପଡ଼ିଯାଇଥିଲା ଯେ ସଞ୍ଜୟ ଭିତରୁ ହଜିଯାଇଚି ଉଦାର ଓ ସମ୍ବେଦନଶୀଳ ଉଚ୍ଛ୍ୱାସ ଏବଂ ତା' ଭିତରେ ଅବକ୍ଷୟର ଅନ୍ତଃସଲିଳ ସ୍ରୋତ ଏମିତି ବୋହିଚାଲିଚି ଯେ ତାକୁ କେହି ଅଟକାଇବା ଆଉ ସମ୍ଭବ ନୁହେଁ ।

ଏ ଅବକ୍ଷୟର ସ୍ରୋତଟି ସଞ୍ଜୟକୁ ଯେତେ ଜୋର୍‌ରେ ଭସାଇ ନେଇଗଲେ ବି ସେ ଥାଏ ସ୍ଥିର, ଅବିଚଳିତ । କାରଣ ଯାତ୍ରାଶେଷରେ ଥିବା ପ୍ରାଚୁର୍ଯ୍ୟର ସୁଅକୁ ସତେଯେମିତି ସେ ଦେଖିପାରୁଥାଏ ମନ ଭିତରେ ।

ବସ୍‌ରେ ଉଠି ଆଟାଚିଟିକୁ ଗୋଡ଼ ପାଖରେ ରଖିଲା ସଞ୍ଜୟ । ଖୋଲା କାଚଝର୍କା ବାଟେ ପଶିଆସୁଥାଏ ଅଳ୍ପ ଅଳ୍ପ ପବନ । ସେ ମନେପକେଇଲା, ସୁନୀତା ସହ ତା'ର ଶେଷ ଦେଖାହୋଇଥିଲା ଚାରିବର୍ଷତଳେ । ବୋଧେ ବସ୍‌ଷ୍ଟାଣ୍ଡରେ । ସୁନୀତାକୁ ଛାଡ଼ିବାପାଇଁ ଆସିଥିଲା ସେ । ବସ୍‌ରେ ବସିଲାବେଳେ ତା'ଠାରୁ ଠିକଣା ନେଇ ସୁନୀତା କହିଥିଲା, ''ତୁମେ ଆମ ଗାଁକୁ ନିଶ୍ଚେ ଆସିବ, ଥରୁଟିଏ ହେଲେ ବି । ମୋ' ରାଣ ।''

ନିଜ ଇଚ୍ଛା ବିରୋଧରେ ସେ ସୁନୀତାଠୁଁ ତା' ଗାଁର ଠିକଣା ରଖିଥିଲା । କାରଣ ସେ ଜାଣିଥିଲା, କେବେ ବି ସୁନୀତା ସହ ତା'ର ଭେଟ ହେବ ନାହିଁ । ମହାନଦୀ କୂଳରେ ଥିବା କୌଣସି ଗୋଟେ ମଫସଲ ଗାଁକୁ ଯିବାକୁ ପ୍ରୟୋଜନ କ'ଣ ? ସୁନୀତା ବସ୍‌ରେ ଚାଲିଯିବା ପରେ ଠିକଣା ଲେଖାହୋଇଥିବା ଚିରୁଡ଼ାଏ କାଗଜକୁ ଚିରି ଉଡ଼ାଇଦେଇଥିଲା ପବନରେ । ଟୁକୁରା ଟୁକୁରା ହୋଇଥିବା କାଗଜ ବି ଉଡ଼ିଗଲାବେଳେ ସେ ଆଦୌ ବିସ୍ମିତ ହୋଇ ନ ଥିଲା, ବରଂ ଭାବିଥିଲା, କେତୋଟି ଶୁଖିଲାପତ୍ର ପରି ଉଡ଼ିଯାଇଛି ସୁନୀତାର ପ୍ରେମ ବସ୍‌ର ଧୂଆଁରେ ।

ଏଇଭଳି ସୁନୀତାର ଗୁରୁତ୍ୱ ଓ ସମ୍ପର୍କ ହଜିଯାଇଥିଲା ସଞ୍ଜୟର ପୃଥିବୀରୁ । ଅବଶ୍ୟ ସେହି ପୃଥିବୀଟି ମନେହୋଇଥିଲା ମେଘୁଆ ଓ ସଂକୁଚିତ, ଯା'ଫଳରେ ମେଘମୁକ୍ତ ଆକାଶର ରଙ୍ଗ କିପରି ଦିଶେ, ତାହା ଆଦୌ ମନେପକାଇପାରି ନ ଥିଲା ସେ । କାରଣ ତା' ଆଖିଆଗରେ ଚମକୁଥିଲା ରତ୍ନପଥରର ରଙ୍ଗ । ତା' ମନ ଭିତରେ ପ୍ରାଚୁର୍ଯ୍ୟ ଓ ସୁଖ ବସାବାନ୍ଧି ସାରିଥିଲା ।

ହେମାଳ ଲାଗିଲା ପବନ ।

ବାହାରକୁ ଚାହିଁଲା ସଞ୍ଜୟ । ଦିଗନ୍ତବିସ୍ତାରୀ କ୍ଷେତ, ଧ୍ୟାନସ୍ଥ ତାଳଗଛ, ନିଃସଙ୍ଗ ବଗ, ଘଞ୍ଚ ଜଙ୍ଗଲ ଓ ଭସାବାଦଲ ତାକୁ ଛୁଇଁଯିବା ପରି ମନେହେଲା । ଏବଂ କାଠଗୋଛା ଧରି ଅଧାଲୁଚା ଦେହରେ ଝିଅଟିଏ ଚାଲିଯିବାର ଦୃଶ୍ୟ ତା' ମନକୁ ଖାଲି ଚହଲାଇଦେଲା ନାହିଁ; ତା' ଭିତରେ ଭରିଦେଲା ରୋମାଞ୍ଚ । ଶିହରିଉଠିଲା ସେ । କିଛି ସମୟ ପାଇଁ ଦେଖାଗଲା ସ୍ତମ୍ଭୀଭୂତ, ଉପାୟହୀନ ମଣିଷ ଭଳି ।

Digitized by PPRACHIN, SOA

ସେତିକିବେଳେ କୌଣସି ଗୋଟେ ଢାବା ସାମନାରେ ଅଟକିଲା ବସ୍ । ନିତାନ୍ତ ସ୍ୱାଭାବିକ ଓ ଗତାନୁଗତିକ ଭାବେ ଯାତ୍ରୀମାନେ ଓହ୍ଲାଇପଡ଼ିଲେ । କୋଳାହଳ, ଚଳଚଞ୍ଚଳତାରେ ଭରିଗଲା ପରିବେଶ । ସଞ୍ଜୟ ଓହ୍ଲାଇପଡ଼ି କିଛି ସମୟ ଏପଟସେପଟ ହେଲା । ତାକୁ ଆଦୌ ଭୋକ ଲାଗୁ ନ ଥିଲା । ତେଣୁ ଚା' କପେ ପିଇ କ୍ଳାନ୍ତି ମେଣ୍ଟାଇବା ପାଇଁ ସେ ଚାହିଁଲା । ହଠାତ୍ ନଜର ପଡ଼ିଲା, ସାମନାରେ ଥିବା ଟେଲିଫୋନ୍ ବୁଥ୍ ଉପରେ । ସେଠି କେହି ଜଣେ ଅତି ଜୋର୍‌ରେ କଥା ହେଉଚି । ତା' ସ୍ତ୍ରୀ ସହିତ ବୋଧେ । କଥା କହିଲାବେଳେ ସୂଚେଇ ଦେଉଚି ଯେ ଆସନ୍ତାକାଲି ସକାଳ ଆଠଟାରେ ସେ ପହଞ୍ଚିବ ।

ସୁନୀତା ସହ କଥା ହେଲେ କେମିତି ହୁଅନ୍ତା ! ସେ ପହଞ୍ଚୁଚି ବୋଲି ତ ସୁନୀତା ଜାଣିପାରନ୍ତା ଅନ୍ତତଃ ! ଚାରିବର୍ଷ ନୀରବ ରହିଲା ପରେ, କଥା ହେବାକୁ ଖୁବ୍ ଅଡୁଆ ଲାଗୁଥିଲା ତାକୁ । ତଥାପି ସେ ଟେଲିଫୋନ୍ ବୁଥ୍ ପାଖକୁ ଗଲା । ସେତିକିବେଳେ ଫୋନ୍ କରୁଥିବା ଲୋକଟି ରିସିଭର୍‌କୁ ଥୋଇ ପଦାକୁ ବାହାରିଆସିଲା । ତା' ଆଡ଼କୁ ଥରୁଟେ ଚାହିଁଦେଇ ରିସିଭର ଉଠାଇଲା ସଞ୍ଜୟ । ଏବଂ ଅତି ସତର୍କ ଭାବେ ଡାଏଲ୍ କଲା ସୁନୀତାର ଟେଲିଫୋନ୍ ନମ୍ବର ।

ଆରପଟରେ କୋମଳ ଗୁଞ୍ଜନ ।

ଗୋଟେ କମ୍ପନ ସୃଷ୍ଟି ହେଲା ସଞ୍ଜୟ ଭିତରେ ।

ରିସିଭର ଉଠାଇଲା ବୋଧେ ସୁନୀତା ।

ଆସ୍ତେ, ଖୁବ୍ ସନ୍ତର୍ପଣରେ ସଞ୍ଜୟ କହିଲା, ''ସୁନୀତା...''

''ହ୍ୟାଲୋ ସଞ୍ଜୟ ! ତମେ !''

ଏତେଦିନ ଧରି ମନେରଖିଚି ତା'ର କଣ୍ଠସ୍ୱରକୁ ସୁନୀତା ! ବିସ୍ମିତ ହେଲା ସଞ୍ଜୟ ଏବଂ କହିଲା, ''ତମ ଚିଠି ପାଇଚି । ଅଧବାଟରୁ ଫୋନ୍ କରୁଚି । କାଲି ପହଞ୍ଚିବି ତମ ଘରେ ।''

ବାସ୍ ଏତିକି । ଥୋଇଦେଲା ରିସିଭର୍‌କୁ ସଞ୍ଜୟ । ଅନୁଭବ କଲା ସେ, ଆଉ କିଛି କହିବାର ଆବଶ୍ୟକତା ନ ଥିଲା । ବୁଥ୍‌ରେ ବସିଥିବା ପତଳା ନହନହକା ପିଲା ହାତକୁ କିଛି ରେଜା ପଇସା ବଢ଼ାଇଦେଇ ସେ ସେଠୁ ପଳାଇଆସିଲା । ତା'ପରେ ଥରୁଟେ ଚାରିଆଡ଼କୁ ସେ ଚାହିଁଲା । ନା, ତା' ଉପରେ କେହି ନଜର ପକାଇ ନାହାନ୍ତି । ସୁନୀତା ସହ କଥା ହେଲାବେଳେ ସେ ତା'ର ଗାଁ ନାଁ କହି ନାହିଁ ତ ! କାରଣ ସେଠି ରକ୍ତପଥର ମିଳୁଥିବାରୁ ତାହା ଆଉ ଅଖ୍ୟାତ ହୋଇ ରହି ନାହିଁ । ଏବଂ

Digitized by PPRACHIN, SOA

ରତ୍ନପଥରର ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କର ଲୋଲୁପ ଦୃଷ୍ଟି ଏଡ଼ାଇଯିବା ସେତେ ସହଜ ନୁହେଁ ।

ଢାବା ଆଗରେ ଆଉ ଠିଆହେବା ଠିକ୍ ହେବ ନାହିଁ ସଞ୍ଜୟ ପାଇଁ । ସେ ସେଠୁ ଚୁପ୍‌ଚାପ୍ ଖସିଆସି ବସିପଡ଼ିଲା ବସ୍‌ରେ । ସେତେବେଳକୁ ଅର୍ଦ୍ଧାଧିକ ସିଟ୍ ଥିଲା ଫାଙ୍କା । ଅବଶ୍ୟ ଯେଉଁ କେତେଜଣ ସିଟ୍‌ରେ ବସିଥିଲେ, ସେମାନେ ତା' ପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିଲେ । ଏତିକିବେଳେ ଜଣେ ସାଧୁ ଆସି ତା'ପାଖରେ ବସିଲେ । ଉଜ୍ଜ୍ୱଳ ଆଖି, ଚଉଡ଼ା କପାଳ, ସୌମ୍ୟ ଚେହେରା । ମୁହଁସାରା ଦାଢ଼ି । ସେ କେମିତି ରହସ୍ୟମୟ ଜଣାଯାଉଥାନ୍ତି ।

ସଞ୍ଜୟର ସଂଶୟ ତ୍ରସ୍ତ ମନ ଭିତରକୁ ଆଉ ପ୍ରବେଶ କରିପାରିଲା ନାହିଁ ସୁନୀତାର ରୂପ । ମନେହେଲା, ଖୁବ୍ ସନ୍ତର୍ପଣରେ ବନ୍ଦ କବାଟ ଆରପାଖରେ ଠିଆହୋଇଚି ସୁନୀତା, କବାଟ ଏ ପାଖରେ ସଞ୍ଜୟ । କବାଟ ଖୋଲିଗଲେ ସେ ଦେଖିପାରିବ ସୁନୀତାକୁ । ଅପରୂପା ସୁନୀତାକୁ । ପ୍ରେମ ଓ ସମର୍ପଣର ପଦ୍ମଫୁଲଟିକୁ । ସୁନୀତା ଖାଲି କ'ଣ ସୁନ୍ଦରୀ ! ସୌନ୍ଦର୍ଯ୍ୟ ସାଙ୍ଗକୁ ତା' ଦେହରେ ବି ଭରିହୋଇରହିଛି ମହ ମହ ବାସ୍ନା ।

ସଞ୍ଜୟ ଆସିବା କଥା ଶୁଣି ଚଳଚଞ୍ଚଳ ହୋଇଉଠିଲା ସୁନୀତା । ଘର ଭିତରେ ଖୁସିରେ ଘେରାଏ ବୁଲିଗଲା । ମା'କୁ କୁଣ୍ଢାଇ ପକାଇଲା । ଗୋଟେ ବିଭୋରତାରେ ସେ ମିଳେଇଯାଉଥାଏ ଯେମିତି ! ଖୁସିରେ ବିହ୍ୱଳ ହୋଇ କହିପକେଇଲା, ''ମା' ! ସଞ୍ଜୟ ଆସୁଚି, ସଞ୍ଜୟ । କଲେଜରୁ ଛୁଟି ନେଇ ମୁଁ ଘରେ ରହିବି ।''

ବିଛଣା ସଜାଡୁଥାଏ ମା' । ସେ କିଛି ବୁଝିପାରିଲା ନାହିଁ ସୁନୀତାର କଥା - କେବଳ ବିସ୍ମିତ ହୋଇ ଚାହିଁରହିଲା । କାରଣ ଅନେକ ଦିନ ଧରି ଘର ଭିତରଟି ଥିଲା ସ୍ତବ୍ଧ । କୌଣସି ଶବ୍ଦ ଶୁଭୁ ନ ଥିଲା । ଗୋଟେ ଦୁଃଖ ଜାବୁଡ଼ି ଧରିଲା ସବୁ ଜିନିଷକୁ । ତାହା ଥିଲା ସୁନୀତାର ବାପାଙ୍କୁ ହରାଇବାର ଦୁଃଖ । କେତେ ବାରଣ ସେ କରି ଥିଲା ତାଙ୍କୁ ରତ୍ନପଥର ମାୟାରେ ନ ପଡ଼ିବା ପାଇଁ ! ଅଥଚ ସେକଥା ଶୁଣି ନ ଥିଲେ ସେ । ସବୁ ଗାଁ ଲୋକଙ୍କ ପରି ଧାଉଁଥିଲେ କୋଡ଼ିକୋଦାଳ ଓ ଚାଲୁଣୀ ଧରି ନଈଧାରକୁ । ସତେଯେମିତି ନଈଧାରରେ ଥାଏ ପ୍ରାଚୁର୍ଯ୍ୟ ଓ ସୁଖର ଗନ୍ତାଘର । ସମ୍ଭବତଃ ଦିନେ ସେହି ପ୍ରାଚୁର୍ଯ୍ୟର ସନ୍ଧାନ ସେ ପାଇଥିଲେ । ମାତ୍ର ତାକୁ ଭୋଗ କରିବା ତାଙ୍କ ଭାଗ୍ୟରେ ନ ଥିଲା । ସେଇ ନଈଧାରରେ ମିଳିଥିଲା ତାଙ୍କର ଶବ ।

''କିଏ ଆସିବ ? କିଏ.... ?

Digitized by PPRACHIN, SOA

ମା' ପଚାରିଲା କମ୍ପିତ ସ୍ୱରରେ । ବାରମ୍ବାର ପୋଛିଲା ମୁହଁ ।

ସୁନୀତା ତା' ଓଠରେ ଅଙ୍ଗୁଳି ଛୁଇଁ କହିଲା, "ସଞ୍ଜୟ !"

ଏଇ ପଦକରେ, ମା' ବୁଝିପାରିଲା ସୁନୀତାର କଥା । ତା' ଓଠରେ ଦେଖାଦେଲା ହସର ରେଖାଟିଏ ଏବଂ ସେ ପଢ଼ିପାରିଲା, ସୁନୀତାର ମନର ଭାଷା । ମନେହେଲା, ସଞ୍ଜୟ ବିଷୟରେ ବହୁବାର ସେ ସୁନୀତାଠାରୁ ଶୁଣି, ସେଇ ନାଁ ସହ ବେଶ୍ ପରିଚିତ ହୋଇଯାଇଛି । ଏକଥା ସତ, ସଞ୍ଜୟ ପାଖକୁ ସୁନୀତା ଲେଖିଥିବା ଅଧାଲେଖା ଚିଠି ତା' ଆଖିରେ ପଡ଼ିଛି ।

ସୁନୀତାକୁ ଆଉ କିଛି ପଚାରିବା ପାଇଁ ଚାହିଁଲା ନାହିଁ ମା' । ନୀରବରେ ଆର କୋଠରିକୁ ଚାଲିଗଲା ।

ଆଉ ସ୍ତବ୍ଧ ହୋଇ ରହି ନାହିଁ ସୁନୀତା - ଘର ଭିତରର ପରିବେଶ ଏଥର ଗୋଟେ ପରିଚିତ ମଣିଷକୁ ସ୍ୱାଗତ କରିବାପାଇଁ ଚାହିଁରହିଲା ଯେମିତି । ତେଣୁ ଅସଜଡ଼ା ଘରଟି ସଜାଡ଼ିହେବାରେ ଲାଗିଗଲା । ଧୀରେ ଧୀରେ ସବୁ ଦିଶିଲା ପରିଷ୍କାର ପରିଚ୍ଛନ୍ନ । ଖଟ ଉପରେ ବିଛାହେଲା ସଫା ଚାଦର । ଟେବୁଲ୍‌ରେ ରହିଲା ଫୁଲଦାନି । କାନ୍ଥରେ ବଙ୍କା ହୋଇ ଝୁଲୁଥିବା ଫଟୋଗୁଡ଼ିକୁ ସିଧା କରିଦିଆଗଲା । ଦିଶିଲା ନାହିଁ କାନ୍ଥ କଣରେ ବୁଢ଼ିଆଣୀ ଜାଲ । କବାଟ କଡ଼ରେ ପଡ଼ିଥିବା ଅଳିଆକୁ ବାହାରେ ପକାଇ ଦିଆଗଲା । ଝାଡ଼ିଝୁଡ଼ି ସଫା କରିଦିଆଗଲା ସମ୍ପୂର୍ଣ୍ଣରୂପେ ଘରଟିକୁ । ମନେହେଲା, ନୂଆବୋହୂଟିଏ ବସିପଡ଼ିଚି ପରିଷ୍କାର ପରିଚ୍ଛନ୍ନ ହୋଇ ଯେମିତି !

ସୁନୀତାର ମନଭିତରେ ଏତେ ସୁନ୍ଦରପଣ ଥାଏ, ଏକଥା ପ୍ରଥମେ ଆବିଷ୍କାର କଲା ମା' । ସେ ତାକୁ କିଛି ନ କହିଲେ ବି ଜାଣିପାରିଲା, ସଞ୍ଜୟର ଆସିବା ଖବର ଘରଟିକୁ ଖାଲି ଉଜ୍ଜ୍ୱଳ କରିଦେଇ ନାହିଁ, ସୁନୀତାର ମନକୁ ବି ଚହଲାଇ ଦେଇଛି ଖୁସିର ଢେଉରେ ।

ସେହି ଚହଲିଯାଇଥିବା ମନ ଭିତରେ ନାହିଁ ଦୁଃଖ; ଅଛି କେବଳ ସୁଖ, ସଞ୍ଜୟକୁ ନେଇ ହିଁ କେବଳ । ସୁନୀତା ସେହି ସୁଖକୁ ଦେଖୁଛି, ଅନୁଭବ କରୁଛି ବି । ସେହି ସୁଖ ତାକୁ ସ୍ନେହରେ ଛାତିରେ ଜାକିଧରିଲେ, ଚୁମ୍ବନ ଦେଲେ, ସେ ପ୍ରତିରୋଧ କରିବ ନାହିଁ, ବରଂ ତା' ଆଗରେ ଖୋଲିଦେବ ନିଜର ସମଗ୍ର ସତ୍ତା ।

ସାରା ରାତି ଶୋଇପାରିଲା ନାହିଁ ସୁନୀତା । ଗୋଟେ ବିଭୋରତାର ସ୍ୱପ୍ନରେ ଚାହିଁରହିଲା ସେ । ମାଟି ଓ ଆକାଶକୁ ।

ଆସିଲା ସଞ୍ଜୟ ।

Digitized by PPRACHIN, SOA

ଏକ ଚପଳ, ପ୍ରେମାତୁର, ସମ୍ଭାବନାମୟ ମଣିଷ ବଦଳରେ ଦାୟିତ୍ୱପୂର୍ଣ୍ଣ ଗମ୍ଭୀରତା ବିମର୍ଷ ମଣିଷଟିକୁ ଦେଖିଲା ସୁନୀତା । ସେ ପ୍ରଥମଥର ପାଇଁ ଦେଖିଲା ସଞ୍ଜୟକୁ ଏତେ ପାଖରୁ । କେବଳ ସେତିକି ନୁହେଁ, ସେ ବିହ୍ୱଳ ଓ ଆପାତତଃ ମୂର୍ଚ୍ଛିତ ହୋଇଗଲା ସଞ୍ଜୟର ନିଃଶ୍ୱାସ ତା' ଦେହରେ ବାଜିଲାମାତ୍ରେ । ସେ ସଙ୍କୁଚିତ ହୋଇପଡ଼ିଲା । ତା'ର ଭୟ ହେଲା, ସେ ମିଳେଇଯିବ ଭିତରେ ଭିତରେ ।

''ଆସ, ଆସ ସଞ୍ଜୟ ।''

ନିଜ ହାତପାପୁଲି ବୁଲାଇଆଣିଲା ସୁନୀତା, ତା' ମୁହଁ ଓ ବେକ ଉପରେ । ଓଦା ଓଦା ଲାଗିଲା ସବୁକିଛି । ତା' ପଣତକୁ ନିଜର ମୁହଁ ଓ ବେକ ଉପରେ ବୁଲେଇ ଆଣିଲା ବେଳେ ଅଳ୍ପ ଦିଶିଗଲା ତା' ନାଭିଦେଶ । ତାହା ଆଦୌ ସ୍ୱାଭାବିକ ଦୃଶ୍ୟ ନ ଥିଲା, ବରଂ ଯେକୌଣସି ପୁରୁଷର ଦେହ ଭିତରେ ରୋମାଞ୍ଚ ସୃଷ୍ଟି କରିବା ପାଇଁ ତାହା ଥିଲା ଯଥେଷ୍ଟ । ସଞ୍ଜୟ ଭିତରେ ଅପୂର୍ବ ପୁଲକଟିଏ ଖେଳିଯିବା ନିହାତି ସ୍ୱାଭାବିକ । ମାତ୍ର ତାହା ଘଟିଲା ନାହିଁ । ଖଟ ଉପରେ ବସିଲା ସଞ୍ଜୟ ଏବଂ ଦୀର୍ଘଶ୍ୱାସଟିଏ ଛାଡ଼ିଲା । ସେଥିରେ ସୂଚେଇଦେଲା ଯେ ସେ ବହୁତ କ୍ଲାନ୍ତ, ଅବଶ ।

ନମ୍ର, ଶାନ୍ତ ସ୍ୱରରେ ସୁନୀତା କହିଲା, ''ତମେ ବହୁତ କ୍ଲାନ୍ତ ଦିଶୁଚ ସଞ୍ଜୟ ! ଟିକେ ବି ଗମ୍ଭୀର ।''

ଅଳ୍ପ ହସିଲା ସଞ୍ଜୟ - ''କାଲି ରାତିସାରା ଜର୍ଣ୍ଣିଟି ମୋତେ ବେଶ୍ କ୍ଲାନ୍ତ କରିଦେଇଚି । ରାସ୍ତା ବି ଭଲ ନୁହେଁ । ସେ ଯାହାହେଉ, ଏଠିକୁ ବସ୍‌ରେ ଆସିବା ଆରାମଦାୟକ ଆଦୌ ନୁହେଁ ।''

ଠିକ୍ ଭାବରେ ବୁଝିପାରିଲା ନାହିଁ ସଞ୍ଜୟର କଥାକୁ ସୁନୀତା । କାରଣ ରାତିସାରା ଚେଇଁରହି ତା'ର ହୃଦୟ ମାଟିକୁ ଛୁଇଁଛି, ଆକାଶକୁ ଚାହିଁରହିଛି, କଦମ୍ବଗଛଟେ ପରି । ଅଥଚ ତାକୁ କେହି ଛୁଇଁ ନାହିଁ । କେହି ବି ଛୁଇଁ ନାହିଁ । ଟିକିଏ ଛୁଇଁଦିଅନ୍ତା ନାହିଁ ତାକୁ ସଞ୍ଜୟ ! ତା'ଦେହରେ ସଞ୍ଚରି ଯା'ନ୍ତା ଏକ କୋମଳ ଅନୁଭବ । ସେହି ଅନୁଭବର ଅପେକ୍ଷାରେ ଅଛି ସେ ଯେମିତି ! ଦିନେ ଦି'ଦିନ ନୁହେଁ, ଦୀର୍ଘ ଚାରିବର୍ଷଧରି । ଦେହକୁ ପଥର କରି ପଡ଼ିରହିଛି ଅହଲ୍ୟା ପରି ବର୍ଷା, ଶୀତ, ବସନ୍ତ । ଋତୁରେ ନିଆଁ ଲାଗିଯାଉଛି ଯେଉଁଠି, ସେଠି ସେ ରହିପାରିବ କେମିତି ?

ଖଟ ଉପରେ ବସିଛି ସଞ୍ଜୟ ।

ସୁନୀତାର ମା' ଏ ଭିତରେ ଚା' କପ୍‌ଟିଏ ସଞ୍ଜୟ ହାତରେ ଧରାଇଦେଇ ଚାଲିଗଲେଣି । ସୁନୀତା ଏଇ ବାସ୍ନାଭିଜା ମୁହୂର୍ତ୍ତରେ, ବାସ୍ନାଭିଜା ମହକରେ

Digitized by PPRACHIN, SOA

ହଜିଯାଇଛି । ସେ ଅପେକ୍ଷା କରି ରହିଛି, ସଞ୍ଜୟ କେତେବେଳେ କହିଦେବ ପଦଟିଏ ତମ ପ୍ରତୀକ୍ଷାର ମୁହୂର୍ତ୍ତଟି ସରିଗଲା । ମୁଁ ଆସିଯାଇଚି । ତମେ କାଳକାଳକୁ ଅହଲ୍ୟା ହେବାର ଆଶଙ୍କା ଆଉ ନାହିଁ ।

ଏଇ ପଦକରେ ପରିପୂର୍ଣ୍ଣ ହୋଇଯିବ ସୁନୀତା ।

ଅଥଚ ସେମିତି କିଛି ଘଟିଲା ନାହିଁ । ଗମ୍ଭୀର ସ୍ୱରରେ ସଞ୍ଜୟ ପଚାରିଲା, ‘‘ବାଥ୍‌ରୁମ୍ କେଉଁଠି ? ଭାବୁଚି, ଟିକେ ଗାଧୋଇପଡ଼ିଲେ ଫ୍ରେଶ୍ ଲାଗନ୍ତା ।’’

ଅପ୍ରତିଭ ହୋଇପଡ଼ିଲା ସୁନୀତା । ତରତର ହୋଇ ସେ ପଦାକୁ ବାହାରିଆସିଲା । କିଛି ସମୟପରେ ବାହାରକୁ ଆସିଲା ସଞ୍ଜୟ । ସୁନୀତା ଚିହ୍ନାଇଦେଇଥିବା ବାଥ୍‌ରୁମ୍‌ର କବାଟକୁ ଠେଲି ସେ ଭିତରକୁ ପଶିଗଲା ।

ତିନି ଚାରି ମିନିଟ୍ ପରେ ସୁନୀତା ସଚେତନ ହେଲା ଯେ ସଞ୍ଜୟ ପାଇଁ ମା’କୁ ସହଯୋଗ କରିବା ନିହାତି ଦରକାର । କାରଣ ସଞ୍ଜୟର ରୁଚି ସମ୍ପର୍କରେ ସେ ଅଳ୍ପବହୁତ ପରିଚିତ । କ’ଣ ଖାଇବାକୁ ସଞ୍ଜୟ ଭଲପାଏ, ତାହା ଆଖିବୁଜି କହିଦେଇପାରିବ ସେ । ଏହା ଆଦୌ ମାମୁଲି କଥା ନୁହେଁ, ବରଂ ସ୍ୱଚ୍ଛନ୍ଦ ଦାମ୍ପତ୍ୟ ଜୀବନର ଏକ ରହସ୍ୟ । ସେ ଓଠ ଚାପି ହସିଲା । ତା’ ମୁହଁରେ ଦେଖାଦେଲା ଅଳ୍ପ ଅଳ୍ପ ଲାଜ, ପ୍ରତିକ୍ରିୟାହୀନ ବିଶ୍ୱାସ । ମା’କୁ ଅତି ଧୀରେ କହିଲା, ‘‘ସଞ୍ଜୟକୁ କଖାରୁଫୁଲର ଭଜା ଭଲ ଲାଗେ ।’’

ଚଟେଇରେ ସଞ୍ଜୟ ବସିଲାବେଳେ ଦେଖିଲା, ତା’ ମନପସନ୍ଦର ଖାଦ୍ୟ ବଢ଼ାହୋଇଚି ଅତି ଯତ୍ନ ସହକାରେ । ଖାଲି କଖାରୁଫୁଲର ଭଜା ନୁହେଁ, ତା’ ସହ ଅଛି ବଡ଼ିଚୂରା, ଦହି ବାଇଗଣ ଖଟା, ନାଉ ରାଇତା । ସେ ଥରୁଟେ ସୁନୀତା ମୁହଁକୁ ଚାହିଁ ଖାଇବାକୁ ଆରମ୍ଭ କଲା । ତା’ର ମନେପଡ଼ିଲା ନାହିଁ, କେବେ ତା’ ମନପସନ୍ଦର ଖାଦ୍ୟ କଥା ସେ ସୁନୀତାକୁ କହିଛି । ଅଥଚ ସୁନୀତାର ମନେଅଛି । ସବୁ ମନେଅଛି । ସଞ୍ଜୟର ପ୍ରତ୍ୟେକ କଥା, ପ୍ରତିଟି ସ୍ପନ୍ଦନ । ତେଣୁ ସବୁ ସ୍ମୃତିକୁ ଛାତି ଭିତରେ ସେ ଧରିରଖିଛି, ଆଞ୍ଜୁଳାଏ ପବନପରି । ସେଥିପାଇଁ ସେ ବାହା ହୋଇ ନାହିଁ । ତା’ ପାଇଁ ମା’ ଯେତୋଟି ପ୍ରସ୍ତାବ ଆଣିଛି, ସେଗୁଡ଼ିକୁ ସେ ନମ୍ରଭାବରେ ପ୍ରତ୍ୟାଖ୍ୟାନ କରିଦେଇଛି । ଶେଷରେ କହିଛି, ସଞ୍ଜୟ ଛଡ଼ା ସେ ଆଉ କାହାର ପତ୍ନୀ ହୋଇପାରିବ ନାହିଁ ।

ସଞ୍ଜୟ ତା’ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ନୁହେଁ, ବରଂ ଏକ ନୀରବ ନିଃଶ୍ୱାସ । କେହି କ’ଣ ନିଃଶ୍ୱାସ ଉପରୁ ବିଶ୍ୱାସ ଛାଡ଼ିପାରେ ! ସେହି ଟିକକ ବିଶ୍ୱାସରେ ସେ

Digitized by PPRACHIN, SOA

ଛନ୍ଦି ହୋଇଯାଇଛି ଯେମିତି ! ସେଥିପାଇଁ ଘୂରିବୁଲୁଛି ପ୍ରତି ମୁହୂର୍ତ୍ତରେ ସଞ୍ଜୟର ଚାରିପଟରେ । ତା' ଅନୁପସ୍ଥିତିରେ ବି ।

ଖାଇସାରି ଉଠିଆସିଲା ପୂର୍ବ କୋଠରିକୁ ସଞ୍ଜୟ । ତା' ପଛେ ପଛେ ଅନୁସରଣ କଲା ପରି ଆସିଲା ସୁନୀତା । ଠିଆହେଲା କବାଟ ପାଖରେ । ଖଟ ଉପରେ ବସିବାବେଳେ ଥରୁଟେ ସୁନୀତା ଆଡ଼କୁ ଚାହିଁ ମୁହଁ ବୁଲାଇନେଲା ସଞ୍ଜୟ । ଖୋଲା ଝର୍କା । ଝର୍କା ଆରପଟରେ ଠିଆହୋଇଚି ବଉଳଗଛ । ମହକିଲା ଫୁଲରେ ନଇଁଯାଇଚି ଡାଳପତ୍ର । ଝଡ଼ିପଡ଼ିଥିବା ପତ୍ର କେତୋଟି ଉଡ଼ିବୁଲୁଚି ନାଲିମାଟିର ରାସ୍ତାରେ, ଆଶଙ୍କାହୀନ ଭାବେ । ଠିକ୍ ରାସ୍ତା ସେପାଖରେ, ଥାକ ଥାକ ହୋଇ ଥୁଆହେଲାପରି, କେତେଗୁଡ଼ିଏ ଘର । ଘରଗୁଡ଼ିକର ସ୍ଥିତିରୁ ଜାଣିହେଉଚି, ଗାଁଟି ସେତେ ପ୍ରାଚୁର୍ଯ୍ୟପୂର୍ଣ୍ଣ ନୁହେଁ । କିନ୍ତୁ ଗାଁଠାରୁ କିଛି ଦୂରରେ ଅଛି ଛୋଟ ସହର । ସେଠି ଅଛି - ସ୍କୁଲ, କଲେଜ, ଛୋଟ ଡାକ୍ତରଖାନା ।

ମୁହଁ ଫେରାଇଆଣି ହଠାତ୍ ସଞ୍ଜୟ କହିଲା, ''ମୋ କମ୍ପାନୀ ଏଇ ଗାଁକୁ ଯଦି ଆସେ, ତେବେ ଏଇ ଗାଁର ଅବସ୍ଥା ସମ୍ପୂର୍ଣ୍ଣ ବଦଳିଯିବାର ସମ୍ଭାବନା ଅଛି । ପକ୍କା ରାସ୍ତା ହୋଇଯିବ । ଗାଡ଼ି ମଟରର ଭିଡ଼ ଲାଗିଯିବ । ଗାଁ ଲୋକଙ୍କର ଅବସ୍ଥା ଆହୁରି ସ୍ୱଚ୍ଛଳ ହୋଇଯିବ ।''

ସୁନୀତା ଆଦୌ ବୁଝିପାରିଲା ନାହିଁ ସଞ୍ଜୟର କଥା ।

ସୁନୀତାର ଅସହଜ ଭାବକୁ ଦେଖି ସଞ୍ଜୟ ବୁଝାଇବା ଢଙ୍ଗରେ କହିଲା, ''ରତ୍ନପଥରର ବ୍ୟବସାୟ କରୁଥିବା ଗୋଟେ କମ୍ପାନୀରେ ମୁଁ ଏବେ ଚାକିରି କରୁଚି । ବିଭିନ୍ନ ସ୍ଥାନରୁ ରତ୍ନପଥର ସଂଗ୍ରହ କରିସାରିବା ପରେ ସେଗୁଡ଼ିକୁ କଟାଯାଇଥାଏ ମେସିନ୍‌ରେ । ଭିନ୍ନ ଭିନ୍ନ ସେପ୍ ନେଇଥିବା ରତ୍ନପଥରଗୁଡ଼ିକୁ ପଲିସ୍ କରାଯାଏ । ଚକ୍‌ମକ୍ ଦିଶେ ରତ୍ନପଥରଗୁଡ଼ିକ । ତା'ପରେ ସେଗୁଡ଼ିକୁ ଦେଶ ଭିତରେ ଖାଲି ନୁହେଁ, ବିଦେଶକୁ ବି ପଠାଯାଏ । ପ୍ରଚୁର ଟଙ୍କା ଲାଭ ହୁଏ ଏ ବ୍ୟବସାୟରେ । ଏକଥା ସତ, ମୋତେ ବି ଭଲ ଦରମା ମିଳୁଚି । କମ୍ପାନୀର ଗୋଟେ ଉଦ୍ଦେଶ୍ୟ ନେଇ ମୁଁ ଏଠାକୁ ଆସଚି । କିଛିଦିନ ତଳେ ଗୋଟେ ସମ୍ବାଦ ବାହାରିଥିଲା ଖବରକାଗଜରେ । ରତ୍ନପଥର କାରବାର ନେଇ ଚାଞ୍ଚଲ୍ୟକର ହତ୍ୟା । ତେଣୁ ରତ୍ନପଥର ସମ୍ପର୍କରେ ବିଶେଷକରି ଜାଣିବାପାଇଁ ଆମ କମ୍ପାନୀ ଆଗ୍ରହ ପ୍ରକାଶ କରିଛି । ଏଠି କି କି ପ୍ରକାରର ରତ୍ନପଥର ମିଳୁଛି, ସେସବୁର ତଥ୍ୟ ଜାଣିବାପାଇଁ ମୁଁ ଏଠାକୁ ଆସିଛି ।''

Digitized by PPRACHIN, SOA

ଥମ୍ କରି ରହିଗଲା ନିଜ ଭିତରେ ସୁନୀତା । ଦୀର୍ଘ ଚାରିବର୍ଷ ଧରି ପ୍ରତୀକ୍ଷା କରିବାପରେ ଏଠାକୁ ସଞ୍ଜୟ ଆସିଛି, ଅଥଚ ତାକୁ ଭେଟିବା ଉଦ୍ଦେଶ୍ୟରେ ନୁହେଁ, ବରଂ ରତ୍ନପଥର ସନ୍ଧାନ ଉଦ୍ଦେଶ୍ୟରେ । ତା' କମ୍ପାନୀ ସାମନାରେ ଗୋଟେ ତଥ୍ୟପୂର୍ଣ୍ଣ ରିପୋର୍ଟ ଉପସ୍ଥାପିତ କରିବା ଅଭିପ୍ରାୟରେ । ଯେଉଁ ରତ୍ନପଥରର ମୋହରେ ଅନ୍ଧ ହୋଇଯାଇଥିବା ନିଜ ବାପାଙ୍କୁ ସେ ହରାଇବସିଛି ।

ସେହି ରତ୍ନପଥରର ସନ୍ଧାନରେ ଆସିଛି ସଞ୍ଜୟ !

ହେ ଭଗବାନ୍ !

ସେ ଚାହିଁଲା ସଞ୍ଜୟକୁ । ଅବିଶ୍ୱାସ ଓ ବିସ୍ମୟର ସହିତ । ଗୋଟେ ଉତ୍କଣ୍ଠାରେ ସେ ତରଳିଯାଉଥାଏ ଯେମିତି ।

ପାହାଡ଼ ଆରପଟରେ ନଇଁଯାଉଚି ସୂର୍ଯ୍ୟ । ପତଳା ଅନ୍ଧାର ନେସି ହୋଇଯାଉଚି କୁହୁଡ଼ିପରି । ବଉଳଗଛର ଚାରିପଟେ ଘେରିଯାଉଚି ଅନ୍ଧାର । ଖାଲି ଅନ୍ଧାର । ଗୋଟେ ଅଭାବିତ ଦୃଶ୍ୟ ଦିଶିଲା ସଞ୍ଜୟକୁ । କବାଟ ପାଖରେ ଠିଆହୋଇଥିବା ସୁନୀତା ଧୀରେ ଧୀରେ ପାଲଟିଯାଉଚି ସୁବର୍ଣ୍ଣର ଏକ ପ୍ରତିମା । ତା'କପାଳ, ଭ୍ରୂଲତା, ଓଠ, ହାତ ଓ ସାରା ଦେହରେ ଖେଳିଯାଉଚି ଗୋଟେ କମ୍ପନ । ସେ ଥରିଉଠୁଛି । ପରିପୂର୍ଣ୍ଣ ହେବା ଆଶାରେ ବୋଧେ । ଏଇ ତ ନାରୀର ଆଦିରୂପ, ମୋହିନୀ ରୂପ, ଯିଏ ମୁଗ୍ଧ କରେ, ବିମୂଢ଼ କରେ ।

ସୁନୀତାର ଏପରି ନାରୀରୂପ କେବେ ଦେଖି ନ ଥିଲା ସଞ୍ଜୟ । ସ୍ତବ୍ଧଚକିତ, ବିମୂଢ଼ ଓ ନିସ୍ତେଜ କରିଦେଲା ପରି ସେ ରୂପ । ମୁହୂର୍ତ୍ତେ ମାତ୍ର ସେ ଦେଖିଛି । ସେତିକି ବୋଧହୁଏ ଯଥେଷ୍ଟ, ଆଉ ଅଧିକ ଦେଖିଲେ, ହୁଏତ ଜଳିଯିବ ସେ । ଏଥର ଦୃଷ୍ଟି ଫେରାଇନେଲା ସେ ।

ଲାଜ ଲାଜ ହୋଇ ସୁନୀତା କହିଲା, "ସଞ୍ଜୟ ! ତମ ଅପେକ୍ଷାରେ ମୁଁ ଅଛି । ତମେ ମୋତେ ଆଖିପୂରାଇ ଦେଖ । ତମେ ରତ୍ନପଥର ଖୋଜିବାକୁ ଏତେ ବାଟ ଧାଇଁଆସିଲ, ଅଥଚ ତମ ପାଖରେ ରତ୍ନଖଣିଟିଏ ଅଛି, ତାକୁ ତ ଆବିଷ୍କାର କରିପାରିଲ ନାହିଁ । ତମେ ପୁରୁଷଟାଏ ନା ଆଉ କିଛି ? ମୋ'ସ୍ୱପ୍ନ ଓ ବିଶ୍ୱାସକୁ ଧରିରଖିବା ପାଇଁ ତମର କ'ଣ ସାମର୍ଥ୍ୟ ନାହିଁ ?"

ଚମକଟିଏ ଖେଳିଗଲା ସଞ୍ଜୟ ଦେହରେ । ବିଦ୍ୟୁତ୍‌ପରି । ସେ ଠିଆ ହୋଇପଡ଼ିଲା ସଳଖ ହୋଇ । ଭାବିଲା, କିଛି ଘଟିବା ପୂର୍ବରୁ ସେ ନିଜକୁ ପ୍ରସ୍ତୁତ କରିନେବା ଉଚିତ । ଅସ୍ୱାଭାବିକ ଅନୁଭବକୁ ଆଡ଼େଇଦେଇ ଅତି ସ୍ପଷ୍ଟଭାବରେ ସେ କହିଲା,

Digitized by PPRACHIN, SOA

"ତମର ରୂପକୁ, ତମର ପ୍ରେମକୁ, ତମର ସମର୍ପଣ ଭାବକୁ ମୁଁ ବୁଝି ନାହିଁ ବୋଲି ଭାବୁଛ ? ତାହା ସତ ନୁହେଁ । ସବୁକିଛି ବୁଝିଛି, ଅନୁଭବ ବି କରିଛି । କିଛିଟା ଜୀବନ ତମ ସହ ସ୍ୱପ୍ନରେ କଟାଇଛି । ଅଥଚ ମୁଁ ଯେଉଁ ଭୋକ ନେଇ ଏଠାକୁ ଆସିଥିଲି, ତାହା ଏବେ ମୋ' ଭିତରେ ଆଉ ନାହିଁ । ଆଶ୍ଚର୍ଯ୍ୟ ଭାବରେ ତାହା ମୋ' ଭିତରୁ ଉଭେଇଯାଇଛି । ଏ ଚମତ୍କାରିତାର ହେତୁ ହେଉଛନ୍ତି ଜଣେ ସାଧୁ । ତମ ସହ ଫୋନ୍‌ରେ କଥାହୋଇସାରି ବସ୍‌ରେ ବସିବାପରେ, ସେ ବସ୍ ଉପରକୁ ଉଠିଥିଲେ । ମୋ'ପାଖ ସିଟ୍‌ଟିରେ କେହି ବସି ନ ଥିଲେ । ସେ ଆସି ସେଠି ବସିଥିଲେ । ତାଙ୍କ ଆଖିରେ ଥାଏ ଦିବ୍ୟଜ୍ୟୋତି । ମୋ'ଆଡ଼କୁ ଚାହିଁ ସାମାନ୍ୟ ହସିଥିଲେ । ତା'ପରେ ପଚାରିଥିଲେ- ରତ୍ନପଥର ପଛରେ ତମେ ଧାଉଁଚ କାହିଁକି ? କ'ଣ ମିଳିବ ସେଥିରୁ ? ଟିକିଏ ସୁଖ ପାଇଁ ସାରାଜୀବନକୁ ଅସାର କରିଦେବାର ଅର୍ଥ କ'ଣ ? ତମ ଅପେକ୍ଷାରେ ରତ୍ନଖଣିଟିଏ ଅଛି । ତାକୁ ଖୋଜ ।"

କଥା କହୁ କହୁ ଅଟକିଗଲା ସଞ୍ଜୟ । ପୁଣି କହିଲା, "ହଠାତ୍ ସେ ଶୂନ୍ୟରେ ସେ ହାତ ବୁଲାଇ ଆଣିଲେ । ତମକୁ ମିଛ, ମୋତେ ସତ, ତାଙ୍କ ହାତ ଭିତରେ ଚକ୍‌ଚକ୍ କରୁଥାଏ ଖଣ୍ଡେ ହୀରା । ଏଥିରୁ ମିଳେ ସୁଖ, ନୁହେଁ ? ଏତିକି କହି ହୀରାଖଣ୍ଡକୁ ଖୋଲା ଝର୍କାବାଟେ ପଦାକୁ ଫୋପାଡ଼ିଦେଲେ । ଅଲୋଡ଼ା କାଗଜ ପରି । ମୁଁ ସ୍ତମ୍ଭୀଭୂତ ହୋଇଗଲି । ଗୋଟାପଣ ଝାଳରେ ତିନ୍ତିଗଲି । ପାଟିରୁ କଥା ବାହାରିଲା ନାହିଁ । ସେ ମୋର ଥମଥମ ଅବସ୍ଥା ଦେଖି ମୁହଁରେ ଖେଳେଇଲେ ରହସ୍ୟଭରା ହସ । ଏଇ ଟିକିଏ ପୂର୍ବରୁ ତମେ ମୋତେ ଯାହା କହିଲ, ତାହାର ସୂଚନା ସେ ଦେଇଥିଲେ । ଏବେ ବୁଝୁଚି, ଜୀବନର କେଡ଼େ ବଡ଼ ଗହନ କଥା ସେ ମୋତେ କହି ନ ଥିଲେ !"

ପାହାଡ଼ ଆରପଟରେ ସମ୍ପୂର୍ଣ୍ଣରୂପେ ଲୁଚିଗଲା ସୂର୍ଯ୍ୟ ।

କୋଠରି ଭିତରେ ଗାଢ଼ ହେଲା ଅନ୍ଧାର । ସେମିତି ଛିଡ଼ା ହୋଇଥାଏ ସୁନୀତା କବାଟ ପାଖରେ ।

"ଆଉ ରତ୍ନପଥର ସନ୍ଧାନ କରିବାର କୌତୂହଳ ମୋ ଭିତରେ ନାହିଁ । ଆବଶ୍ୟକତା ବି ନାହିଁ । ନଈକୂଳରେ ଯେଉଁଠି ରତ୍ନ ମିଳେ, ତାହା ନ ଦେଖାଇ, ମୋତେ ଦେଖାଇଦିଅ ପାହାଡ଼ର ଶୀର୍ଷ, ଠିକ୍ ଯେଉଁଠୁ ସୂର୍ଯ୍ୟ ଉଇଁଆସେ । କାରଣ ବସ୍‌ରୁ ଓହ୍ଲାଇବାବେଳେ ସେ ମୋତେ କହିଥିଲେ, ସେ ସେଇଠି ରୁହନ୍ତି ।

ବିସ୍ମିତ ହୋଇପଡ଼ିଲା ସୁନୀତା ଏ କଥାଶୁଣି । ତା' ଭିତରେ ଆଉ କମ୍ପନ ନାହିଁ, ନାହିଁ ମଧ୍ୟ ସ୍ପନ୍ଦନ । ସେ ସ୍ଥିର, ଅଚଳ । କ'ଣ ଭାବୁଚି ସେ ? କେମିତି ଦିଶୁଚି ସେ ?

Digitized by PPRACHIN, SOA

ଚଉଠିରାତିରେ ସ୍ୱାମୀର ଅସହାୟତାକୁ ଆବିଷ୍କାର କରିଥିବା ପତ୍ନୀପରି ତା' ମୁହଁ ଦେଖାଯାଉନି ତ ! ତେବେ, କେମିତି ଦେଖାଯାଉଛି ? ନା ଗୌତମଙ୍କ ପତ୍ନୀ ପରି ? ସେ ପୋଛିପକାଇଲା ତା' ହାତପାପୁଲିରେ ନିଜର ମୁହଁ । ଆଉ ସେ କ'ଣ କରିପାରିବ ? ଶେଷଥର ନିଜ ଭିତରେ ଥିବା ରତ୍ନଖଣିକୁ ଆବିଷ୍କାର କରିବା ପାଇଁ ସଞ୍ଜୟକୁ ସୁଯୋଗ ଦେବାକୁ ସେ ଛାତିଉପରୁ ଖସାଇଦେଲା ଲୁଗା ।

ଏମିତି ମୁହୂର୍ତ୍ତକୁ ଭେଟିବାପାଇଁ ଆଦୌ ଅପେକ୍ଷା କଲା ନାହିଁ ସଞ୍ଜୟ । ସେ ହୁଦସ୍ ଉଠି କୋଠରି ବାହାରକୁ ଚାଲିଗଲା । ଘରୁ ବାହାରିଗଲାବେଳେ ସୁନୀତାର ମୁହଁ ଛୁଇଁଲା ତା' କାନ୍ଧ ।

ସଞ୍ଜୟ ଚାଲିଯିବାପରେ, ତରତର ହୋଇ, ତଳେ ଲୋଟିପଡ଼ିଥିବା ଶାଢ଼ିକୁ ଛାତି ଉପରେ ସଜାଡ଼ିନେଲା ସୁନୀତା । ସେତିକିବେଳେ ମା' ପଶିଆସିଲା କୋଠରି ଭିତରକୁ । ତା' ଆଞ୍ଜୁଳିରେ ଥାଏ ବଉଳଫୁଲ । ଧୀରେ କହିଲା, ''ନେ, ବଉଳଫୁଲ ମୁଠାକ । ତୋତେ ବଉଳଫୁଲର ମହକ ଭଲ ଲାଗେ ବୋଲି ଏତକ ଗୋଟେଇ ଆଣିଛି । ଗିନାରେ ରଖିଲେ ଘର ମହକିଉଠିବ ।''

ଆଞ୍ଜୁଳା ଖୋଲିଦେଲା ମା' ।

ସୁନୀତା ନିଜ ଆଞ୍ଜୁଳାରେ ଭରିପାରିଲା ନାହିଁ ସେତକ ଫୁଲ । ଗୋଟି ଗୋଟି ହୋଇ ବିଞ୍ଛିହୋଇଗଲା ତଳେ, ମାଟିରେ । ତା' ପକ୍ଷରେ ଅନ୍ଧାରରେ, ଚଟାଣରୁ ଫୁଲ ଗୋଟେଇବା ଯେତିକି ସହଜ, ଦିନର ଆଲୁଅରେ ରତ୍ନଖଣିର ଗୂଢ଼ ରହସ୍ୟ ଜାଣିବା ସେତିକି ଅସହଜ ।

Digitized by PPRACHIN, SOA

ଯଶୋଦା

ସବୁ କିଛି ଭେଦି ଯାଇଛି । ଚାଳ ଛପର, କାନ୍ଥ, ମାଟି ଚଟାଣ ଓ ଯଶୋଦାର ଦେହ । ଓଦା ଲୁଗାକୁ ବେଢ଼େଇ ହୋଇ ବସିରହିଛି ଯଶୋଦା । ବର୍ଷା ଛାଡୁ ନାହିଁ । ତିନି ଦିନ ଧରି ଲାଗିରହିଛି । ଝୋପଡ଼ି ଆଗରେ ପାଣିର ସୁଅ । ପାଦ ପକାଇବାକୁ ଶୁଖିଲା ଜାଗାଟିଏ କେଉଁଠି ଦିଶୁ ନାହିଁ । ଚାରିଆଡ଼େ ପାଣି । ଖାଲି ପାଣି ।

ଦି'ଦିନ ଧରି ବସିରହିବା ପରେ ନିରାକାର ରିକ୍ସା ଧରି ଛକକୁ ଯାଇଛି । ଯିବାକୁ ସେ ଅମଙ୍ଗ ହେଉଥିଲା । ଏଭଳି ବର୍ଷାରେ ଓଦା-ପଚରା ହେବା କଥାଟି ସାର ହେବ । ଘରୁ କେହି ବାହାରିଲେ ସିନା ରିକ୍ସାରେ କୁଆଡ଼େ ଯିବ । ବସ୍‌ଷ୍ଟାଣ୍ଡ୍ ନ ହେଲେ ରେଲ୍‌ୱେ ଷ୍ଟେସନ୍ । ଯଶୋଦା ଚେତେଇ ଦେଇଥିଲା, ଏ ପାଗରେ କାହା ଦେହ ଖରାପ ହେଲେ, ସେ କ'ଣ ଘରେ ବସିରହିବ ? ନିଶ୍ଚେ ଡାକ୍ତରଖାନା ଯିବ ।

ଏ କଥାକୁ ସହଜରେ ଗ୍ରହଣ କରିନେଲା ନିରାକାର । କିନ୍ତୁ ଯେତେବେଳେ ଜାଣିଲା, ମାଟି ଘୁମରେ ଆଜି ପାଇଁ ଚାଉଳ ଦି'ମୁଠା ନାହିଁ, ସେ ଆଉ ମନା କରି ପାରି ନ ଥିଲା । ଚୁପ୍‌ଚାପ୍ ମୁଣ୍ଡରେ ଜରିଟିଏ ଗୁଡ଼ାଇ ରିକ୍ସା ଧରି ଛକକୁ ବାହାରି ଯାଇଥିଲା ।

ନିରାକାର ଯିବା ପରେ ଯଶୋଦା ଚାହିଁରହିଛି ତା' ବାଟକୁ । ସେ ଫେରିଲେ ଚୁଲିରେ ନିଆଁ ଧରାଇବ । ହାଣ୍ଡି ଥୋଇବ । ପାଣି ଭରି ସେରରେ ଚାଉଳ ପକାଇବ । ଫୁଟୁଥିବା ଭାତର ଗୋଟେ ବାସନା ଥାଏ ବୋଧେ । ମଗୁଶିର ମାସର ଧାନର ବାସନା ପରି । ପେଟ ଭରିହୋଇଯାଏ । ଆପାତତଃ ସେହି ବାସନାଟି ମାଆ ହେବାର ପ୍ରବଳ ଇଚ୍ଛାଟିକୁ ଦେହ ଭିତରେ ସଞ୍ଚରି ଦିଏ । ମାଆ ହେବାକୁ କେଉଁ ନାରୀ ନ ଚାହେଁ ?

ଯଶୋଦା ଓଦା ଲୁଗା ଆଡ଼େଇ ନିଜ ପେଟକୁ ଚାହିଁଲା । ଟିକିଏ ହେଲେ ବି ଭାଙ୍ଗ ପଡ଼ି ନାହିଁ ସେଥିରେ । ନିରାକାର ରାତି ଅଧରେ ସେହି ପେଟରେ ମୁହଁମାଡ଼ି ଶୋଇପଡ଼ିଲେ ତାକୁ ଅସ୍ତବ୍ୟସ୍ତ ଲାଗେ । ଖୁସିରେ ଉଛୁଳି ପଡ଼େ । କହେ, ତା' ଭିତରେ ଆଉ ଜଣେ ଶୋଇଚି । ସେ ଉଠିପଡ଼ିବ ଯେ !

Digitized by PPRACHIN, SOA

ଅଥଚ ବିଭାଘର ଦି'ବର୍ଷ ବିତି ଯାଇଥିଲେ ବି ଯଶୋଦା ଗର୍ଭ ଧରି ନାହିଁ । ଖାଲି ଦେଖୁଚି ସ୍ୱପ୍ନ । ସେହି ସ୍ୱପ୍ନ କହିଦିଏ, କେହି ଜଣେ ଅପେକ୍ଷା କରି ରହିଛି ତା' ପେଟ ଭିତରେ ଚେଇଁଉଠିବା ପାଇଁ । କିନ୍ତୁ ତାହା ହୁଏ ନାହିଁ । ସ୍ୱପ୍ନ କ'ଣ ସତ ହୁଏ ? କେବେ କେବେ ସତ ହୁଏ । କିନ୍ତୁ ତା' ପାଇଁ ସତ ହେଲା ନାହିଁ । ବୋଧେ ତା' ଭାଗ୍ୟରେ ନାହିଁ । କେତେ ଦିଅଁ-ଦେବତାଙ୍କ ପାଖରେ ଗୁହାରି ହୋଇ ନାହିଁ ସେ । ଅଧିଆ ପଡ଼ି ନାହିଁ । ବ୍ରତ, ମାନସିକ କରି ନାହିଁ । କିନ୍ତୁ କେହି ତା' କଥା ଶୁଣିଲେ ନାହିଁ ।

ସେ ଅଣନିଃଶ୍ୱାସୀ ହୋଇପଡ଼ିଲା । ଛାଟିପିଟି ହେଲା । ମାଆ ହେବାର ପ୍ରଚଣ୍ଡ ଆବେଗ ତାକୁ ଯେତେବେଳେ ଅସ୍ତବ୍ୟସ୍ତ କଲା, ଠିକ୍ ସେତିକିବେଳେ ଶାଶୂବୁଢ଼ୀର ଧୈର୍ଯ୍ୟଚ୍ୟୁତି ଘଟିଲା । ଘର ଭିତରେ ଦେଖାଦେଲା କଳି, ଅଶାନ୍ତି । ସବୁ ସମ୍ଭାବନା ଶେଷ ହୋଇଗଲା ଯେମିତି !

ସନ୍ତାନ ଧରି ନ ପାରିବାର କ୍ଷମତାଟି ଯେ ଗୁରୁତ୍ୱହୀନ ନୁହେଁ ତାହା ସେ ବୁଝିପାରିଲା । ଧାନକ୍ଷେତରେ ବୁଲୁଥିବାବେଳେ, ସେ ଆଉଁଶି ପକାଉଥାଏ ଧାନକେଣ୍ଡା । କେଡ଼େ ଆବେଗରେ ତାକୁ ଧରି ନ ଥାଏ ପତଳା ନହନହକା ଗଛଟି ମାତୃତ୍ୱକୁ ସ୍ୱୀକାର କରି ! ପୋତି ହୋଇପଡୁ ପଛେ ଭାରରେ । ସେ ହସୁଥାଏ ସନ୍ତୁଷ୍ଟ ହେବା ଭଙ୍ଗୀରେ ।

କଦଳୀଗଛ ଭଣ୍ଡା ସେହି ପ୍ରକାର ପ୍ରତିକ୍ରିୟା ସୃଷ୍ଟି କରେ ଯଶୋଦା ମନ ଭିତରେ । ଈଷତ୍ ଲାଲ୍ ରଙ୍ଗର ଭଣ୍ଡାଟି ଶାଗୁଆ ପତ୍ର ଭିତରୁ ଭିଡ଼ିମୋଡ଼ି ହୋଇ ପଦାକୁ ବାହାରି ଆସିବାବେଳେ ତାକୁ ଲାଗେ, କଅଁଳା ଶିଶୁଟି ବାହାରି ଆସୁଚି ଧୀରେ ଧୀରେ । କଅଁଳ ସୂର୍ଯ୍ୟାଲୋକରେ ପାଦ ଥାପି ଥାପି ।

ଗୁହାଳ ଭିତରେ ଗାଈ ପ୍ରସବ କଷ୍ଟ ପାଉଥିବାବେଳେ ସେ ଚାହିଁରହିଥାଏ ପଲକ ନ ପକାଇ । ମାଆ ହେବାର ସେଇ ଆନନ୍ଦ ଟିକକ ନିଜ ଭିତରେ ଅନୁଭବ କରିବା ପାଇଁ । ରକ୍ତବୋଳା ବାଛୁରୀକୁ କୋଳେଇ ଧରେ । ଗୋଟେ ଆନନ୍ଦରେ ବିଭୋର ହୋଇପଡ଼େ ।

ଏସବୁ ମାମୁଲି କଥା ନୁହେଁ । ମାଆ ହେବାର ଆନନ୍ଦକୁ ଯେକୌଣସି ନାରୀ ଅପେକ୍ଷା କରିଥାଏ କାଳ କାଳ ଧରି । ସମସ୍ତଙ୍କୁ ପ୍ରତିଶ୍ରୁତି ଦିଏ, ମାଆ ହୋଇପାରିବ ବୋଲି । ଯେଉଁ ଭୂମିଟିଏ ଭଗବାନ୍ ତା' ଭିତରେ ଦେଇଛନ୍ତି, ସେଥିରେ ସେ ଧରି ରଖି ପାରିବ ଗୋଟେ ସମ୍ଭାବନାମୟ ସ୍ପନ୍ଦନକୁ । ଠିକ୍ ସେମିତି ଯଶୋଦା ଚାହିଁ ରହିଥାଏ ଗଭୀର ବିଶ୍ୱାସରେ, ସାରା ପୃଥିବୀ ତା' ଉପରୁ ଭରସା ଫେରାଇନେବା ସତ୍ତ୍ୱେ ।

Digitized by PPRACHIN, SOA

ବିଶ୍ୱାସଟି ତାଳପତ୍ର ମେଲି ଯଶୋଦାକୁ ଜାବୁଡ଼ି ଧରିଲା । ସେ କହିଲା, ନା ଏଠି ଆଉ ନୁହଁ । ଚାଲ ଏଠୁ ପଳାଇବା ସହର । ଯେଉଁଠି ଭଲ ଡାକ୍ତର ଅଛନ୍ତି, ସେଇଠି ଦେଖାଇବା । ମୋ ମନ କହୁଚି, ମୁଁ ମାଆ ହେଇପାରିବି । ଗର୍ଭ ଧରିପାରିବି । କୁଆଁ କୁଆଁ ରାବ ଶୁଣିପାରିବି ।

ଏ କଥାଟି ଅତି ସାଧାରଣ ନ ଥିଲା, ବରଂ ଘୋଷଣାଟିଏ ବୋଲି ସମସ୍ତେ ସ୍ୱୀକାର କରିଥିଲେ । ଗାଁରେ ତଟସ୍ଥ ହୋଇଗଲେ ସମସ୍ତେ । ଶାଶୂବୁଢ଼ୀର ପାଟିରୁ କଥା ପଦେ ବାହାରି ନ ଥିଲା । କେଉଁ ସାହସରେ ବୋହୂ ଏମିତି କଥା କହିପାରେ ! ଏପରି ବି ହୋଇଥିଲା, ସେହି ଗାଁର ଅନଭିଜ୍ଞ ଶୁକୁଣିଟି ଘଡ଼ିଏ ଥକ୍କା ମାରି ବସିପଡ଼ିଥିଲା ।

ନିରାକାର ଚାହିଁଥିଲା ଏଣେତେଣେ । ଏ ସଙ୍କଟର ମୁକାବିଲା ପାଇଁ କୌଣସି ଉପାୟ ନ ଥିଲା ତା' ପାଖରେ । ସେତିକିବେଳେ ତା' ହାତକୁ ଧରିଥିଲା ଯଶୋଦା । ବାଟ କଢ଼େଇଲା ପରି ସେ ତାକୁ ଆଣିଥିଲା ସହର ।

ଗାଁରୁ ସହର ଆସିବା ଯଶୋଦାର ଏ ପ୍ରଥମ ଥର ନୁହେଁ । ସେ ଆଗରୁ ଥରେ ଦି'ଥର ଆସିଛି । ଦଶହରାରେ ବୁଲି ବୁଲି ମେଢ଼ ଦେଖିଛି । ଚିହ୍ନା ପରିଚିତ ହୋଇଛି ସହରର ରାସ୍ତାଘାଟ ସହ ସେ । କଥାଟି ହେଉଛି, ସହରରେ ତା' ଭାଇ ରହେ । ଛୋଟ ମୋଟ ବ୍ୟବସାୟ କରେ ।

ସହରରେ ପହଞ୍ଚିବା ପରେ ନିରାକାରକୁ ଧରି ସେ ଭାଇ ପାଖକୁ ଗଲା । ସେଠି ଚାରି ପାଞ୍ଚ ଦିନ ରହିଲା । ତା'ପରେ ଏଇ ଝୋପଡ଼ିକୁ ପଳାଇ ଆସିଲା । ବନ୍ଧ ତଳେ ଝୋପଡ଼ିଟି ନିରାପଦ ଜଣାପଡୁ ନ ଥିଲେ ବି ସେ ରହିବା ପାଇଁ ସ୍ଥିର କଲା ।

ଛକ ଉପରେ ରିକ୍ସା ମାଲିକ । ସେଠି ନିରାକାରକୁ ନେଇ ତା' ସହ ଚିହ୍ନା ପରିଚୟ କରିଦେଲା ତା' ଭାଇ । ଆଉ କିଛି ଅସୁବିଧା ଜଣାଗଲା ନାହିଁ । ଧୀରେ ଧୀରେ ଗୋଟେ ସମ୍ଭାବନାମୟ ପୃଥିବୀଆଡ଼କୁ ଯଶୋଦା ପାହୁଣ୍ଡ ପକାଉଥିବାର ଜଣାଗଲା ।

ଝୋପଡ଼ିର ଚାଳ ଉପରେ ଡଙ୍କେଇ ଥାଏ କଖାରୁଲଟା ।·ଓଳି ମୂଳେ ଅରାଏ ଜାଗା । ସେଠି ଛନଛନିଆ ଶାଗ । ଲଙ୍କାଗଛ ତିନି ଚାରୋଟି । ଗୋଟେ କଣକୁ କଦଳୀଗଛ ସଳଖିି ଗଲାଣି । ଅମୃତଭଣ୍ଡା ଗଛରେ ଫୁଲ ଧରିଲାଣି । ପାଖ ନଳକୂଅରୁ ପାଣି ଆଣି ତା' ମୂଳରେ ଢାଳେ ଯଶୋଦା । ପ୍ରାୟ ଦେଢ଼ବର୍ଷ ହେଲା ଏଠି ରହିଲାଣି ସେ । ମାଟି ତାକୁ ଯେମିତି ଚିହ୍ନିଗଲାଣି । ପର ଆପଣା ଭେଦଟିକୁ ଭୁଲିଗଲାଣି । ସେଥିପାଇଁ ସବୁ ଦିଶୁଚି ସୁନ୍ଦର, ସମ୍ଭାବନାମୟ ।

Digitized by PPRACHIN, SOA

ଡାକ୍ତରଙ୍କ ପାଖକୁ ସେ ଯାଉଚି । ତାଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଉଚି । ବଡ଼ କଥା ହେଉଛି, ସେ ତା' ବିଶ୍ୱାସକୁ ଧରି ରଖିଚି । ଅପେକ୍ଷା କରି ରହିଚି, ମାଆ ଡାକଟିଏ ଦରୋଟି କଣ୍ଠରୁ ଶୁଣିବା ପାଇଁ । ସେ ନିଶ୍ଚେ ଶୁଣିବ । ସେ ନିଶ୍ଚେ ମାଆ ହେବ ।

ଆଉ ମାଁସେ ଦି'ମାସ ଭିତରେ ସବୁ ଠିକ୍ ହୋଇଯିବ । ସେ କଅଁଳି ଉଠିବ । ତା' ଗର୍ଭ ଭରିଉଠିବ । ଏକଥା ନିରାକାର ତାକୁ ବାରମ୍ବାର କହୁଛି । ସେ କୁଆଡ଼େ ଡାକ୍ତରଙ୍କଠାରୁ ଏ କଥାଟିକୁ ଶୁଣି ଆସିଚି । ତାକୁ ନିରୋଳାରେ ଡାକ୍ତର କହିଥିବା କଥାଟିକୁ ତା' ଆଗରେ ସ୍ୱୀକାର କରିଛି ।

ସେଥିପାଇଁ ସେ ଆଉ କାମ କରିବାକୁ ଯାଉ ନାହିଁ । ବନ୍ଧ ଆରପଟରେ ଓକିଲବାବୁଟିଏ ଅଛନ୍ତି । ସେ ଭାରି ଭଲ ଲୋକ । ତାଙ୍କ ଘରେ କାମ କରୁଥିଲା । ବାସନ ମଜାମଜି । ଘର ପହଁରା । ନାହିଁ କରିଦେଲା ନିରାକାର । ନା, ଆଉ ଯିବା ଦରକାର ନାହିଁ । ଘରେ ରହିବା ଦରକାର । ବିଶ୍ରାମ ନେବା ଉଚିତ ।

ଏ ପରାମର୍ଶ ତାକୁ ଡାକ୍ତରବାବୁ ଦେଇଛନ୍ତି । ତେଣୁ ସେ ଆଉ ଗଲା ନାହିଁ କାମ କରିବା ପାଇଁ । ଅବଶ୍ୟ ଓକିଲବାବୁଙ୍କ ସ୍ତ୍ରୀ ତିନିଚାରି ଥର ତା' ପାଖକୁ ଖବର ପଠାଇଥିଲେ । ସେ କିନ୍ତୁ ଆଉ ମଙ୍ଗି ନ ଥିଲା । କେହି କ'ଣ ପାଖକୁ ଆସୁଥିବା ଆନନ୍ଦଟିକୁ ହାତଛଡ଼ା କରିପାରେ ! ଏ ପୁଣି ଏମିତି ସେମିତି ଆନନ୍ଦ ନୁହେଁ । ମାଆ ହେବାର ଆନନ୍ଦ । କେତେ କାଳ ଧରି ସେ ଅପେକ୍ଷା କରି ନ ରହିଚି ସେ ମାଆ ହେବା ପାଇଁ ? ଖାଲି ମାଆ ହେବ । ନିଜ ଗର୍ଭରୁ ଜନ୍ମଦେବ ଛୁଆଟିକୁ । କେମିତି ଦିଶିବ ସେ ଛୁଆଟି ? ତା' ପରି ନା ନିରାକାର ପରି ! ଝିଅ ହେବ ନା ପୁଅ !

ବିହ୍ୱଳିତା ହୋଇପଡ଼ିଲା ସମ୍ଭବତଃ ଯଶୋଦା । ଓଦା ଲୁଗାକୁ ଭିଡ଼ି ଧରିଲା ଦେହରେ । ଲୁଗା ଭେଦି ଦିଶିଲା ସୃଷ୍ଟିର ବିସ୍ମୟ । ଯେଉଁଥିରେ ଭରି ରହିଛି ଶିଶୁପାଇଁ ଅମୃତ । ସେ ଅମୃତ ଧାର ଧାର ହୋଇ କେବେ ନିଗିଡ଼ି ଆସିବ ? ଆସିବ ତ !

ଯାହା ହେଉ, ଚଞ୍ଚଳ ହେଉ । ସେ ଆଉ ଅପେକ୍ଷା କରିପାରିବ ନାହିଁ । କେତେ ଦିନ ଅବା ସେ ଅପେକ୍ଷା କରିବ, ମାଆ ଡାକ ଶୁଣିବା ପାଇଁ ?

ବର୍ଷାପାଣି ଛିଟାରେ ତା' ଦେହ ଆହୁରି ତିନ୍ତି ଯାଉଥାଏ । ତା'ର ନିଘା ନ ଥାଏ ସେଆଡ଼କୁ । ସେ ଆତୁର ହୋଇ ଚାହିଁ ରହିଥାଏ ଛକ ଆଡ଼କୁ, ନିରାକାର ଆସିବ ବୋଲି । ରାସ୍ତାରେ କେହି ଅଚିହ୍ନା ରିକ୍ସାବାଲାଟିଏ ଗଲେ, ଭାବୁଥାଏ ନିରାକାର ବୋଧେ ଆସିଗଲା । ଅଥଚ ନିରାକାର ଆସୁ ନ ଥାଏ । ରାସ୍ତା ଉପରେ ପାଣିର ସୁଅ । ତୁହାକୁ ତୁହା ବର୍ଷା ସେହି ସୁଅକୁ ଆହୁରି ପ୍ରବଳ କରୁଥାଏ ।

Digitized by PPRACHIN, SOA

ଭାସି ଯାଉଥାଏ ପତ୍ର, ଘାସ, ଛିଣ୍ଡା କାଗଜ ଓ ଗୋଟେ ଭଙ୍ଗା ଖେଳଣା । ସୁଅ ଭିତରେ ଭଙ୍ଗା ଖେଳଣାଟି ବୁଡି ଯାଉଥାଏ । ପୁଣି କିଛି ବାଟ ଯିବାପରେ ତାହା ଦିଶୁଥାଏ ।

ନଜର ପଡ଼ିଲା ଭଙ୍ଗା ଖେଳଣାଟି ଉପରେ ଯଶୋଦାର । ଖୁସିର ଗୋଟେ ଝଲକ । ଓଦା-ପଚରା ହୋଇ ରାସ୍ତା ଉପରକୁ ଦଉଡ଼ିଗଲା ସେ । ପାଣି ସୁଅରେ ବୁଡିଯାଉଥିଲାବେଳେ ସେଇଟାକୁ ଉଠାଇ ଆଣିଲା । ପ୍ଲାଷ୍ଟିକ୍ ଖେଳଣା । ଛୋଟ ପିଲାଟା ମଟରସାଇକେଲ ଉପରେ ବସିଛି । ମଥାରେ ଟୋପି । ଦେହରେ କୋଟ୍, ପ୍ୟାଣ୍ଟ୍ । ପାଦରେ ଜୋତା ।

ହସିଉଠିଲା ଯଶୋଦା ।

ପୁଅଟିଏ ହେଲେ ଏମିତିଆ କୋଟ୍, ପ୍ୟାଣ୍ଟ୍ ନିଶ୍ଚେ ତାକୁ ପିନ୍ଧେଇବ । ମଥାରେ ଟୋପି ନ ଦେଲେ ତାକୁ ଥଣ୍ଡା ଧରିବ । ଆଉ ଦୋକାନରୁ ଜୋତା କିଣି ଆଣିବ । ସବୁ ପିନ୍ଧି ସେ ସ୍କୁଲ୍‌କୁ ଯିବ । ତାକୁ ପାଠ ପଢ଼େଇବା କଥାଟି ସତ । ବାପ ପରି କ'ଣ ସେ ରିକ୍‌ସା ଟାଣିବ ? ନା, ନୁହେଁ । କେବେ ନୁହେଁ । ସେ ବାବୁ ହେବ । ଅଫିସ୍ ଯିବ । ନ ହେଲେ ଓକିଲ ହେବ । ତାକୁ ସେ କେବେହେଲେ ଅପାଠୁଆ କରିବ ନାହିଁ ।

ସ୍ୱପ୍ନ ଦେଖୁଥାଏ ଯଶୋଦା ।

ରିକ୍‌ସା ରଖି ଦଦରା କବାଟକୁ ଠେଲି ଝୋପଡ଼ି ଭିତରକୁ ପିଶିଗଲା ନିରାକାର ।

ଚମକିଉଠିଲା ଯଶୋଦା ।

''କୁଆଡ଼େ ପଶିଯାଉଛୁ ? ଗୋଡ଼ ଧୋଇକରି ଯା' । ଘର ସାରା କାଦୁଅ ହେବ ବୋଲି କ'ଣ ଜାଣିପାରୁନୁ ?''

ଅଧାମେଲା କବାଟ ଫାଙ୍କରେ ନିରାକାର ଆସ୍ତେ କରି କହିଉଠିଲା, ''ଚୁପ୍ ! ଏଠିକି ଆ ।''

ତା' ଡାକ ଏତେ ଆସ୍ତେ ଥିଲା ଯେ ଯଶୋଧା କିଛି ବୁଝିପାରିଲା ନାହିଁ । ପଚାରିଲା, ''କ'ଣ କହୁଛୁ ? ଚାଉଳ ଆଣିଚୁ ନା ନାହିଁ ?''

ଏଥର କିଛି ଉତ୍ତର ଦେଲା ନାହିଁ ନିରାକାର । ଆଖିରେ ଇସାରା କରି ଯଶୋଦାକୁ ଡାକିଲା ଝୋପଡ଼ି ଭିତରକୁ ।

ଥମକି ଗଲା ନିଜ ଭିତରେ ଯଶୋଦା । ପାଦ ଚିପି ଚିପି ଝୋପଡ଼ି ଭିତରକୁ ସେ ଗଲା ।

Digitized by PPRACHIN, SOA

ନିରାକାର ଆସ୍ତେ କରି ବନ୍ଦ କରିଦେଲା କବାଟ । ତା' ପରେ ସାଙ୍ଗରେ ଆଣିଥିବା କନାପୁଡ଼ିଆକୁ ଧୀରେ ଧୀରେ ଖୋଲିଲା । ଆଲୋକିତ ହୋଇଉଠିଲା ସବୁକିଛି । ବିପୁଳ ଐଶ୍ୱର୍ଯ୍ୟ ଅଜାଡ଼ି ହୋଇପଡ଼ିଲା ଯେମିତି ସେହି ଓଦା-ପଚରା ସମ୍ଭାବନାହୀନ ଝୋପଡ଼ି ଭିତରେ ।

ଡରିଗଲା ଯଶୋଦା । ଆଖି ଦି'ଟା ବିସ୍ତାରିତ ହୋଇଉଠିଲା ଅଜଣା ଆତଙ୍କରେ । ପାଟିରୁ କଥା ବାହାରିଲା ନାହିଁ । ଖାଲି ଗଅଁ ଗଅଁ ସ୍ୱରଟି ଶୁଭିଲା ତା' ଭିତରୁ । ସେତିକିବେଳେ ତା' ପାଟିରେ ହାତ ଦେଇଦେଲା ନିରାକାର ।

ଚୁପ୍ ! ପାଟି କଲେ ପାଖ ପଡ଼ୋଶୀ ଶୁଣିବେ । ଥୟ ଧର ।

କାନ୍ଥକୁ ଆଉଜି କିଛି ସମୟ ଠିଆହେଲା ଯଶୋଦା । କ'ଣ ଦେଖୁଚି ସେ ? କଅଁଳା ଛୁଆଟା କନାରେ ଗୁଡ଼ାହୋଇ ରହିଛି । କେତେ ଦିନର ହେଇଥିବ ? ତିନି ଚାରି ଦିନର ବୋଧେ । ମାଆଁ କ୍ଷୀର ଖାଉଥିବ । ଆଖି ଦି'ଟା ବୁଜି ଶୋଇଚି । ଲାଲ ଓଠଟି ଥରୁଚି ଯାହା ।

କିଛି ସମୟ ପରେ ପଚାରିଲା, ''କେଉଁଠୁ ଆଣିଲୁ ? ଏତେ କଅଁଳା ଛୁଆଟିକୁ !''

ନିରାକାର ଯଶୋଦା ହାତକୁ କ୍ଷୀର ପ୍ୟାକେଟ୍ ବଢ଼ାଇଦେଇ କହିଲା, ''ସେକଥା ପରେ କହିବି । ତୁ ଆଗ ଗୋଟେ କାମ କର । ପିଲାଟା ଉଠି ପଡ଼ିବା ପୂର୍ବରୁ ତୁ କ୍ଷୀର ଗରମ କରିଦେ । ଏଇ ନେ କ୍ଷୀର ପକେଟ ।''

ସବୁ ଜଣାପଡୁଥାଏ ଆତଙ୍କିତ ଓ ରହସ୍ୟମୟ ।

ଘୋର ବର୍ଷାରେ ଛୁଆଟିକୁ ନେଇଆସିବା କଥାଟିକୁ ସହଜରେ ଗ୍ରହଣ କରି ପାରୁ ନ ଥାଏ ଯଶୋଦା । ସେ ଚାହିଁଲା ନିରାକାର ଆଡ଼କୁ । ଛୁଆଟିକୁ ଛାତିରେ ଧରି ଠିଆହୋଇଥାଏ ସେ । ଟପ୍ ଟପ୍ ହୋଇ ପାଣି ନିଗିଡ଼ି ପଡୁଥାଏ ତା' ଦେହରୁ । ଅଥଚ ଛୁଆଟି ଦେହରେ ପାଣି ଟୋପାଏ ଲାଗିବାକୁ ଦେଉ ନ ଥାଏ । ମୁଣ୍ଡରେ ଗୁଡ଼ାଇଥିବା ଜରିକୁ ଖୋଲି ଛୁଆର କନା ଚାରିପଟରେ ଧରିଥାଏ ଅତି ସାବଧାନତାର ସହ ।

ଏଭଳି ପରିସ୍ଥିତିରେ ଯଶୋଦା ଆଉ କ'ଣ କରିପାରିବ ? ଚୁପ୍‌ଚାପ୍ ହୋଇ ଚୁଲିରେ ନିଆଁ ଧରାଇଲା । ଡେକ୍‌ଚି ବସାଇଲା । ପ୍ଲାଷ୍ଟିକ୍ ପ୍ୟାକେଟ୍‌କୁ ଚିରି ସେଥିରୁ କ୍ଷୀର ଅଜାଡ଼ିଦେଲା ଡେକ୍‌ଚି ଭିତରେ ।

କ୍ଷୀର ଉଷୁମ କରି ଫେରିବା ପରେ ସବୁଠାରୁ ବେଶି ବିସ୍ମୟକର, ଆକର୍ଷଣୀୟ ଦୃଶ୍ୟଟିକୁ ଦେଖିଲା ଯଶୋଦା । ଓଠ ମେଲା । ଆଖିପତା ଖୋଲି ହାଇ ମାରୁଥାଏ

Digitized by PPRACHIN, SOA

ଛୁଆଟି ଯେମିତି । ଅନେକ ସମୟ ଶୋଇପଡ଼ିଥିଲା ବୋଧେ । କଅଁଳ ହାତଗୋଡ଼ ହଲାଉଥାଏ ।

ଏତିକିବେଳେ ନିରାକାର କହିଉଠିଲା, ''ଦେଖିଲୁ, ଛୁଆଟିକୁ ଭୋକ ଲାଗିଲାଣି କି କ'ଣ ?''

ପ୍ରଥମଥର ପାଇଁ ଛୁଆଟିକୁ ନିରେଖି ଚାହିଁଲା ଯଶୋଦା । ଲାଲ ଟୁକ୍‌ଟୁକ୍ ମୁହଁ । କପାଳରେ କଳାଜାଇଟିଏ । ଆଖି ଦି'ଟା ଟଣା ଟଣା । ସବୁ ଭଲ ଲକ୍ଷଣ ଅଛି । ବଡ଼ ଲୋକ ହେବାର । ଚମକି ପଡ଼ିଲା ସେ । ଏଇ ଟିକକ ଆଗରୁ ସେ ସ୍ୱପ୍ନ ଦେଖୁଥିଲା । ପୁଅକୁ ପାଠ ପଢ଼ାଇବ । ବହୁତ ପାଠ । ପାଠ ପଢ଼ି ପୁଅ ବଡ଼ ମଣିଷ ହେବ । ତା' ପାଇଁ କିଣିଆଣିବ କୋଟ୍, ପ୍ୟାଣ୍ଟ୍ ଆଉ ଜୋତା । ଅଥଚ ନିରାକାର ଏ କ'ଣ କଲା ? ଗୋଟିଏ ଛୁଆକୁ ମୁହୂର୍ତ୍ତକ ମଧ୍ୟରେ ଛୋଟ କରିଦେଲା ! ଗରିବର ଝୋପଡ଼ି ଘରକୁ ନେଇଆସିଲା !! ତା' ମାଆ କ'ଣ କରୁଥିବ ? ମୁଣ୍ଡ କଚାଡ଼ି କାନ୍ଦୁଥିବ ନିଶ୍ଚେ ।

''ମୋ ସାନ କଥା ମାନ । ତୁ ଏ ପିଲାକୁ ଯେଉଁଠୁ ଆଣିଚୁ, ସେଇଠି ଛାଡ଼ିଦେଇ ଆସ । ଏ ପିଲା ବଡ଼ ହେବ । ବଡ଼ ମଣିଷ ହେବ । ଏଇ ଝୋପଡ଼ି ଘର ଭିତରେ ତା' ଭାଗ୍ୟକୁ ପୋଡ଼ି ଦେଏନି ।''

ନିରାକାର ଶୁଖିଲା ଗାମୁଛାରେ ଓଦା ଗୋଡ଼କୁ ପୋଛୁଥାଏ । ଭାବିଲା, ପାଟିକଲେ ସବୁ କିଛି ବିଭ୍ରାଟ ହୋଇଯିବ । ସାଇପଡ଼ିଶା ତା' ଦୁଆର ମୁହଁକୁ ଧାଇଁ ଆସିବେ । ମାଇପିଲୋକର ଅଳ୍ପ ବୁଦ୍ଧି ଥାଏ ବୋଲି ମନକୁ ବୁଝାଇ ନେଇ କହିଲା, ''ଆଲୋ, ଆଉ କ'ଣ ସେଠିକି ଯାଇପାରିବି । ହଇଚଇ ପଡ଼ିଯିବଣି ସେଠି । ତୋ ମନ ବୁଝାଇବା ପାଇଁ ଛୁଆଟିକୁ ନେଇ ଆସିଲି । ଏତେ ଦିନ ଧରି ତୋ କୋଳ ଖାଲି ପଡ଼ିବା ଦେଖି ମୁଁ ଆଉ ସହି ପାରିଲି ନାହିଁ । ଅନ୍ଧ ହୋଇଗଲି । ଡାକ୍ତରଖାନାରେ ଜଣେ ରୋଗୀକୁ ଛାଡ଼ିଲାବେଳେ ଏଇ ଛୁଆଟି ଉପରେ ନଜର ପଡ଼ିଗଲା । ଆଉ ମୁଁ ଚୋରି କରି ନେଇଆସିଲି । ଦେଖ, ଆମେ ଏଇ ଛୁଆକୁ ପାଳିବା । ତା' ଭାଗ୍ୟରେ ଥିଲେ, ସେ ବଡ଼ ମଣିଷ ହୋଇଯିବନି ।''

କଥାଟି ଯୁକ୍ତିଯୁକ୍ତ ମନେହେଲା ନାହିଁ, ବରଂ ଗୋଟେ ପାପକୁ ପ୍ରଶ୍ରୟ ଦେବାଭଳି ଅନୁଭବରେ ଅସ୍ଥିର ହୋଇପଡ଼ିଲା ଯଶୋଦା ।

ଠିକ୍ ଏତିକିବେଳେ ଛୁଆଟି କାନ୍ଦିଉଠିଲା । ସେ କାନ୍ଦ ଅତି ଧୀରେ ଶୁଣାଯାଉଥିଲେ ବି ନିରାକାର ଯଶୋଦା ପାଖକୁ ଧାଇଁ ଆସିଲା । କହିଲା, ''କାନ୍ଦ ବନ୍ଦ କର । ଯେତେ ଶୀଘ୍ର ପାରୁ, ତା' କାନ୍ଦ ବନ୍ଦ କର ।''

Digitized by PPRACHIN, SOA

ଅଜାଣତରେ ଚମକି ପଡ଼ିଲା ଯଶୋଦା । କ'ଣ କରିବ ସେ ? କେମିତି ଛୁଆର କାନ୍ଦ ବନ୍ଦ କରାଯାଇପାରେ ତା'ର ଉପାୟ ତାକୁ ଜଣା ନ ଥିଲା । ତେଣୁ ବ୍ୟସ୍ତ ହୋଇ କହିଲା, ''କ୍ଷୀର ଡେକ୍‌ଚି ମୋ ପାଖକୁ ଆଣ ।''

କ୍ଷୀର ଡେକ୍‌ଚିକୁ ଆଣି ଯଶୋଦା ପାଖରେ ରଖିଲା ନିରାକାର ।

ଯଶୋଦା ବସିପଡ଼ିଲା କାନ୍ଥକୁ ଆଉଜି । କୋଳରେ ଛୁଆଟି । ତା'ପରେ ଅତି ସାବଧାନତାର ସହ ସେ ଛୁଆଟିକୁ ନିଜ ଛାତି ଉପରକୁ ଉଠାଇନେଲା । ଅଙ୍ଗୁଳିରେ ଟୋପାଏ କ୍ଷୀର ଆଣି ତା' ପାଟିରେ ଦେଲା । ଢୋକିଲା ନାହିଁ ସେ । ଜିଭ ଏପଟ ସେପଟ କଲା ଯେମିତି । ମାଆ କ୍ଷୀରର ସ୍ୱାଦ ନ ଥିଲା ସେହି କ୍ଷୀରରେ ନିଶ୍ଚେ । କାନ୍ଦ ଶୁଣାଗଲା ସାମାନ୍ୟ ଜୋର୍‌ରେ ।

ଚମକିଉଠିଲା ନିରାକାର ।

ହାମୁଡ଼ାଇ ବସିପଡ଼ିଲା ଯଶୋଦା ପାଖରେ ସେ । ତା' ଆଖିରେ ଆତଙ୍କର ଚିହ୍ନ ସୁସ୍ପଷ୍ଟ । ଛୁଆଟିର କାନ୍ଦ ବନ୍ଦ ନ ହେଲେ କ'ଣ ହେବ ? ସାଇପଡ଼ିଶା ଜାଣିଯିବେ ସବୁକଥା । ତା'ପରେ ପୁଲିସ୍ । ଜେଲ୍ ହୋଇଯିବ ନିଶ୍ଚେ । ଗୁହାରି କଲାପରି ସେ କହିଲା, ''ଆଲୋ, ତା' କାନ୍ଦ ଟିକେ ବନ୍ଦ କର । ତୁ ମାଇପି ଲୋକଟା ! ଛୁଆଟିର କାନ୍ଦ ବନ୍ଦ ହେବାପାଇଁ କ'ଣ କରାଯାଇପାରେ ତୋତେ କ'ଣ ଜଣା ନାହିଁ ?''

ଆଶ୍ଚର୍ଯ୍ୟ ହୋଇ ନିରାକାର ମୁହଁକୁ ଚାହିଁଲା ଯଶୋଦା ।

ନିରାକାର ପୁଣି କହିଲା, ''ଏମିତି ଚାହିଁ ରହିଲେ କ'ଣ ହେବ ? ତୁ ମାଆ ହୋଇ ଯା' । ସତକୁ ସତ ମାଆ ହୋଇଯା' ।''

ଏ କଥାରେ କି ସମ୍ମୋହନ ଥିଲା କେଜାଣି, ଯଶୋଦା ଦେହରେ ଚମକଟିଏ ସଞ୍ଚରି ଗଲା । ସତକୁ ସତ ମାଆ ପାଲଟିଯିବ ! ଛୁଆଟି ତା'ର ନୁହେଁ, କେମିତି ସେ ମାଆ ହେଇଯିବ ? ଏହା କେବେ କେଉଁଠି ହେଇଛି !

ଛୁଆଟିର କାନ୍ଦରେ ଥରିଉଠିଲା ଝୋପଡ଼ି ଘରଟି । ମନେହେଲା, ଛୁଆଟି କାନ୍ଦୁ ନାହିଁ, ବରଂ ସେହି ଝୋପଡ଼ି ଘରଟି କାନ୍ଦୁଛି । ଆଉ ସମ୍ଭାଳି ପାରିଲା ନାହିଁ ଯଶୋଦା । ଲୁଗା ଆଢ଼େଇ ଛୁଆଟିର ମୁହଁରେ ସ୍ତନ ଭୁଣ୍ଡିକୁ ପୂରାଇଦେଲା । ଚଅଁ ଚଅଁ ଶବ୍ଦ । କଅଁଳ ମାଢ଼ିରେ, ନରମ ସ୍ତନ ଉପରେ ଚାପ ।

ଆଖି ବୁଜିନେଲା ଛୁଆଟି । କାନ୍ଦ ଆଉ ଶୁଣାଗଲା ନାହିଁ ।

ଝୋପଡ଼ି ଭିତରେ ଖେଳିଗଲା ଅତୁଳନୀୟ ପ୍ରଶାନ୍ତି । କାନ୍ଥକୁ ଆଉଜି ହୋଇଗଲା ନିରାକାର । ଛୁଆଟିକୁ ଚାହିଁ ରହିଥାଏ ଯଶୋଦା ।

Digitized by PPRACHIN, SOA

ଚୁପ୍ ରହିବାର ସମସ୍ତ ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରି ଛୁଆଟି ପୁଣି କାନ୍ଦିଉଠିଲା । ବିକଳ ଦିଶିଲା ନିରାକାରର ମୁହଁ । ଆଉ ବୋଧେ କିଛି ଉପାୟ ନାହିଁ ।

ବୁଝିଲା ତା' ମନର ଅବସ୍ଥାକୁ ଯଶୋଦା । ସେ କହିଲା, ''ଦେଖ୍, ତୁ ଏ ଛୁଆଟିକୁ ଛାଡ଼ିଦେଇ ଆ' । ତା' ମା' ଛଡ଼ା ଆଉ କେହି ତା' କାନ୍ଦକୁ ବନ୍ଦ କରିପାରିବେନି । ଯଦି ମୋ କଥା ନ ମାନି ତୁ ଏ ଛୁଆକୁ ରଖିବୁ, ତେବେ ମୁଁ ଏ ଘର ଛାଡ଼ି ଚାଲିଯିବି ।''

ଚିହିଁକି ଉଠିଲା ନିରାକାର ।

''ଚାଲିଯିବୁ । ଯା' ଚାଲିଯା' । ଏଇନେ ଏ ଘରୁ ଚାଲିଯା' । ତୁ ଗଲାପରେ ଏ ଛୁଆକୁ ନେଇ ମୁଁ ଯାହା କରିବି ।''

''କ'ଣ କରିବୁ ? ମାରିଦେବୁ ନୁହେଁ ? ଗୋଟେ ଛୁଆର ବାପା ହେବାର କ୍ଷମତା ନାହିଁ ପୁଣି କହୁଚି ମୁଁ ଯାହା କରିବି ।''

ନିରାକାରର ହାତ ଶକ୍ତ ହୋଇଗଲା । ମାଟି ଚଟାଣରେ ବିଧାଟିଏ ମାରି କହିଲା, ''ତୁ ମା' ହୋଇପାରିବୁନି । ତୋ'ର ସବୁ ଅସୁବିଧା । ଡାକ୍ତରବାବୁ କେବେଠୁଁ ମୋତେ ଏକଥା କହିସାରିଲେଣି । ତୋ' ମନକୁ ବୁଝାଇବା ପାଇଁ ଏଣୁତେଣୁ ନାଲିନେଳି ବଟିକା ଆଣି ମୁଁ ଦେଉଚି, ସେକଥା ତୁ ଜାଣି ନାହୁଁ । ଆଉ ଗୋଟେ କଥା ଶୁଣ, ଛୁଆଟିଏ ପାଇଁ ଗାଁରେ ଥିବା ଦି'ଚାରିଗୁଣ୍ଠ ଜମି ବି ସରିଗଲାଣି ।''

ଥମ୍ କରି ରହିଗଲା ନିଜ ଭିତରେ ଯଶୋଦା । ଏତେ ବଡ଼ କଥାଟିକୁ ନିରାକାର ଲୁଚାଇ ରଖିଥିଲା କେମିତି ! ସେ ମାଆ ହୋଇପାରିବ ନାହିଁ । ନା, ଏକଥା ସତ ନୁହେଁ । କେବେ ବି ସତ ନୁହେଁ । ନିଜ ପାପକୁ ଲୁଚାଇବା ପାଇଁ ନିରାକାର ତାକୁ ମିଛ କହୁଛି । ସେ ମାଆ ହେବ । ନିଶ୍ଚେ ମାଆ ହେବ ।

ଦୋହଲିଗଲା ସାରା ଦେହ । ହଠାତ୍ ଶିରାପ୍ରଶିରା ଭିତରେ ରକ୍ତର ସ୍ରୋତ ପ୍ରବଳ ହେଲା । ସବୁ ଶକ୍ତି ଦୁହିଁ ହୋଇ ଆସିଲା ସ୍ତନ ଭିତରକୁ ଯେମିତି । କ'ଣ ହେଉଚି ଦେହ ଭିତରେ, ତାହା ବୁଝିପାରିଲା ନାହିଁ ଯଶୋଦା । ଭିଡ଼ି ହୋଇଗଲା ପରି ଲାଗିଲା ସ୍ତନଯୁଗଳ ।

ଯଶୋଦା କିଛି ବୁଝିବା ବେଳକୁ ଧାର ଧାର ହୋଇ ନିଗିଡ଼ି ପଡ଼ିଲା କ୍ଷୀର । ଓଦା ହେଲା ଛାତି, ପେଟ । ଆପେ ଆପେ ଛୁଆଟି ମୁହଁ ଲଗାଇଦେଲା ସେହି ଅମୃତ ଭାଣ୍ଡରେ । ଆଉ ଶୁଣାଗଲା ନାହିଁ କାନ୍ଦ । କୁଆଁ କୁଆଁ କାନ୍ଦ ।

ନିରାକାର ହସିଲା ସନ୍ତୁଷ୍ଟ ହୋଇ ।

Digitized by PPRACHIN, SOA

ବିହ୍ୱଳିତ ହୋଇପଡ଼ିଲା ଯଶୋଦା । ମାଆ ହେବାର ଅନୁଭବ କ'ଣ ଏମିତି ? ମନେପଡ଼ିଲା ଗାଁରେ ଥିବାବେଳେ ଗୋଟେ ଦୃଶ୍ୟ ଦେଖିଥିଲା ସେ । ବାଛୁରୀ ଗାଈ ପହ୍ନାରେ ମୁହଁ ଲଗାଇ କ୍ଷୀର ପିଉଥିବାବେଳେ ଟୋପା ଟୋପା କ୍ଷୀର ଝରିପଡୁଥାଏ ମାଟି ଉପରେ । ନଜର ନ ଥାଏ ସେଆଡ଼କୁ ବାଛୁରୀର । ସେ ଆଖି ବୁଜି ପିଉଥାଏ କ୍ଷୀର । ମାଆର କ୍ଷୀର ।

ସେମିତି ଛୁଆଟି ପିଇଯାଉଛି କ୍ଷୀର । ତା' ଓଠ କ୍ଷୀରରେ ଭେଦି ଯାଉଚି । ବେକ ପାଖକୁ ନିଗିଡ଼ି ଯାଉଚି କ୍ଷୀର । ସେ ବି ଆଖି ବୁଜି ଦେଇଚି ।

ଅନୁଭବ କଲା ଅପୂର୍ବ ପୁଲକ । ଅନୁଭବ କଲା ପରିପୂର୍ଣ୍ଣତା । ମାଆ ହେବାର ସାର୍ଥକତା । ଏହି ସାର୍ଥକତାକୁ ଧରି ରଖିପାରେ କେବଳ ଯଶୋଦା । ସତରେ, ତା' ଛଡ଼ା ଏମିତି ମାଆ ହେବାର ଅନୁଭବକୁ ଆଉ କିଏ ସ୍ୱୀକାର କରିପାରେ ?

ସତକୁ ସତ ସେ ମାଆ ହୋଇଗଲା । ମାଆ ।

ପ୍ରାପ୍ତିର ଅନଳରେ ଆତ୍ମହରା ହୋଇ ସେ ଛୁଆଟିକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରିଲା । ଛଳଛଳ ହୋଇଉଠିଲା ମାତୃତ୍ୱ ।

ଏମିତି କ'ଣ ହୋଇପାରେ ! ବିନା ଗର୍ଭରେ କେଉଁ ସ୍ତ୍ରୀଲୋକର ସ୍ତନରୁ ନିଗିଡ଼ି ଆସେ କ୍ଷୀର ! ଏହା ଭାବି ନିରାକାର ଥରୁଟେ ଆଖି ବୁଲାଇ ଆଣିଲା ଯଶୋଦା ଉପରେ । ତା'ପରେ ପଦାକୁ ଆସିଲା । ବର୍ଷା ସେମିତି ଲାଗି ରହିଥାଏ । ଧାର ଧାର ହୋଇ ପାଣି ନିଗିଡ଼ି ପଡୁଥାଏ ସ୍ଥାବର ଜଙ୍ଗମର ତୃଷାର୍ତ୍ତ ପାଟି ଭିତରେ । କେଉଁ ମାଆର ସ୍ତନରୁ କ୍ଷୀର ପରି ନିଗିଡ଼ି ପଡୁଚି ଏଇ ପାଣି ଧାର ! ସେ ଯଶୋଦା ପରି ନୁହେଁ ତ !

Digitized by PPRACHIN, SOA

ସାନପୁଅ

ମେଘାଚ୍ଛନ୍ନ ଆକାଶ ପରି କାନ୍ଦ କାନ୍ଦ ଦିଶୁଥାଏ ସୁଚିତ୍ରାର ମୁହଁ ।

ସବୁଦିନେ ସେ ଏମିତି । ଟିକିଏବି କଷ୍ଟ ସହିପାରେନି । ଭିତରେ କେଉଁଠି ଅସହଜ ଅନୁଭବ କଲେ ତା' ଆଖି ଛଳଛଳ ହୋଇଉଠେ । ଓଠ ଥରଥର ହୁଏ । ସେଇଠୁ ବୁଝାପଡ଼ିଯାଏ ତା' ଭିତରର ଯନ୍ତ୍ରଣା । ଲୁହ ଟୋପାଟିଏ ନ ଖସିପଡ଼ିଲେ ବି ସେ କାନ୍ଦିଉଠେ ।

ବ୍ୟାଙ୍କକୁ ବାହାରିଲାବେଳେ ତା' କାନ୍ଦ କାନ୍ଦ ମୁହଁକୁ ଭରସି ଚାହିଁପାରିଲି ନାହିଁ । ତା' ଓଠକୁ ସାମାନ୍ୟ ଛୁଇଁ ଦେଇ କହିଲି, ''ଦୁଇ ଦିନ ଛୁଟିରେ ରହିଲିଣି । ଆଉ ଛୁଟିରେ ରହିବା ମୋ ପକ୍ଷରେ ସମ୍ଭବ ନୁହେଁ ।''

ଆଖିପତା ନୁଆଁଇ ସେ କହିଲା, ''ଆଜି ହୋଇଯାଇପାରେ । ମୁଁ ଆଉ ଠିଆ ହୋଇପାରୁନି । ତଳପେଟରେ ଅସହ୍ୟ କଷ୍ଟ ହେଉଚି ।''

''ତୁମର ଏଇଟା ଥାର୍ଡ଼ ଡେଲିଭରୀ । ତେଣୁ ଡରିବାରେ କୌଣସି କାରଣ ନାହିଁ । ବ୍ୟାଙ୍କରୁ ତୁମ ପାଖକୁ ମୁଁ ଫୋନ୍ କରିବି । ତୁମେ ବି ମୋତେ ଫୋନ୍ କରି ଜଣେଇଦେଲେ, ମୁଁ ଚାଲି ଆସିବି । ମୋ କଥା ଶୁଣ, ଆଜି ଇନ୍‌ସପେକସନ୍ ଟିମ୍ ଆସି ପହଞ୍ଚିଛନ୍ତି ବୋଲି ବ୍ୟାଙ୍କରୁ ଫୋନ୍ ଆସିଛି । ତେଣୁ ମୋର ଯିବା ନିହାତି ଜରୁରୀ ।''

ମୋ କଥା ଶୁଣି ଆଉ କିଛି କହିଲା ନାହିଁ ସୁଚିତ୍ରା । ବୋଧେ ସେ ମୋର ଦାୟିତ୍ୱ ସମ୍ପର୍କରେ ସଚେତନ ହୋଇଉଠିଲା । କବାଟକୁ ଟିକେ ଆଉଜିପଡ଼ି କହିଲା, ''ହଉ ।''

ବ୍ୟାଙ୍କରେ ପହଞ୍ଚିଲାବେଳକୁ ମୋର ଅବଶ୍ୟ ଡେରି ହୋଇଗଲା । ସେତେବେଳକୁ ଇନ୍‌ସପେକସନ୍ ଟିମ୍ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଥିଲେ । ମୋ ସହ ସେମାନଙ୍କର ପରିଚୟ ହେଲା । ତା'ପରେ ମୋ ସିଟ୍‌କୁ ମୁଁ ଚାଲିଆସିଲି ।

ସେତିକିବେଳେ କେହି ଜଣେ ସହକର୍ମୀ ପଚାରିଦେଲେ, ''କ'ଣ ପୁଅ ନା ଝିଅ ହେଲା ?''

Digitized by PPRACHIN, SOA

ପ୍ରଶ୍ନଟି ଅନ୍ୟମାନଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ମୋ ପାଇଁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ମୋର ଦୁଇଟି ଝିଅ ଅଛନ୍ତି । ଏଇଟି ଥାର୍ଡ଼ ଡେଲିଭରୀ । ସୁଚିତ୍ରା ମନ ଭିତରେ ଯେତିକି କୌତୂହଳ, ସଂଶୟ ନାହିଁ ତା'ଠାରୁ ଅଧିକ ମୋ ମନ ଭିତରେ । ଅବଶ୍ୟ ଏଥିପାଇଁ ସୁଚିତ୍ରା ଦାୟୀ । ଦୁଇଟି ଝିଅ ପରେ ଆଉ ସନ୍ତାନସନ୍ତତି ପାଇଁ ମୋ ଭିତରେ କୌଣସି ଆଗ୍ରହ ନ ଥିଲା । କିନ୍ତୁ ତା' ଭିତରେ ସୁପ୍ତ ଚେତନାଟିଏ ତାକୁ ଅସ୍ତବ୍ୟସ୍ତ କରୁଥିଲା । ପ୍ରତ୍ୟହ ସକାଳୁ ଶିବ ମନ୍ଦିରକୁ ସେ ଯାଉଥିଲା । ଯେତେପ୍ରକାର ଓଷାବ୍ରତ ସେ କରୁଥିଲା । ଏହାର କାରଣ ଖୋଜି ପାଇବା ମୋ ପାଖରେ ଅତି ସହଜ ଥିଲା । ଦିନେ ଅତି ଦୁର୍ବଳ ମୁହୂର୍ତ୍ତରେ ପିଲାଙ୍କ ପରି କାନ୍ଦିଉଠି କହିଥିଲା, ''ମୋର ପୁଅଟେ ଦରକାର । ପୁଅଟେ । ଝିଅ ଦୁଇଟିଙ୍କୁ ବିବାହ କରିଦେଲାପରେ ଆମେ ଏକୁଟିଆ ହୋଇଯିବା । ଆମ କଥା ବୁଝିବା ପାଇଁ କେହି ନ ଥିବେ । ଏଇନେ ସିନା ଆମର ବଳ ଅଛି, ବୟସ ଅଛି, ସବୁକିଛି କରିପାରୁଛେ; କିନ୍ତୁ ଦିନ ଆସିବ ଆମ ଭିତରେ ବଳ ନ ଥିବ କି ବୟସବି ନ ଥିବ । ସେତେବେଳେ ଆମକୁ ଭରସା ଦେବ କିଏ ? ପାଣି ଟୋପାଏ ଦେବ କିଏ ?''

ସୁଚିତ୍ରାର କଥା ବେଶ୍ ଯୁକ୍ତିଯୁକ୍ତ ମନେ ହୋଇଥିଲା ଏବଂ ବାପାଙ୍କ ଶ୍ରାଦ୍ଧରେ ପିଣ୍ଡ ଟେକିଦେଲାବେଳେ ଏଇ କଥାଟି ଆହୁରି ମୋତେ ଅସୁସ୍ଥ କରିଦେଇଥିଲା । ପୁଅ ସିନା ଉତ୍ତରାଧିକାରୀ ହୁଏ । ପୁରୁଷ ପୁରୁଷ ଧରି ବଂଶର ଧାରାକୁ ଆଗେଇ ନିଏ । ଝିଅ କ'ଣ ତାହା କରିପାରିବ ! ନା କେବେ ନୁହେଁ । କେବେ ନୁହେଁ । ଅସୁସ୍ଥ ପୃଥିବୀରେ କେବଳ ଏକମାତ୍ର ମୁଁ ଅସୁସ୍ଥ ଅଛି ବୋଲି ଧରି ନେଇଥିଲି । ସେହିଦିନଠାରୁ ସୁଚିତ୍ରା ସହ ମୁଁ ମନ୍ଦିରକୁ ଯାଇଥିଲି । ଶିବଙ୍କ ବେଲପତ୍ରକୁ ନିର୍ମାଲ୍ୟ ପରି ଗ୍ରହଣ କରିନେଇଥିଲି । ଗୋଟିଏ ସ୍ୱପ୍ନ, ପୁଅ । ଗୋଟିଏ ବିଶ୍ୱାସ, ପୁଅ । ଗୋଟିଏ ଭରସା, ପୁଅ । ଗୋଟିଏ ସତ୍ୟ, ପୁଅ ।

ସତ୍ୟରେ ଆମ୍ବ ଫଳିଥିଲା ।

ସତ୍ୟରେ ସୁଚିତ୍ରା ଗର୍ଭଧାରଣ କରିଥିଲା ।

ଆଶ୍ଚର୍ଯ୍ୟ ହୋଇଥିଲି ମୁଁ । ବଡ଼ଝିଅଟି କଲେଜରେ ପଢୁଛି । ସାନଟି ଦଶମରେ । ମୋତେ ପୂରିସାରିଛି ପଚାଶବର୍ଷ । ସୁଚିତ୍ରା ଗର୍ଭଧାରଣ କରିଛି ।

ଜୀବନଯେ ଏତେ ସୁନ୍ଦର ମହକ ଦେଇପାରେ, ତାହା ସୁଚିତ୍ରାର ଗର୍ଭଧାରଣ ପରେ ଜାଣିପାରିଲି । ସେ ପୂର୍ବଠାରୁ ଅଧିକ ସୁନ୍ଦର ଦିଶିଲା । ତା' ଆଖି ଦୁଇଟି ବେଶ୍ କମନୀୟ ଦେଖାଗଲା । ଓଠ ଦୁଇଟି ବି ଆହୁରି ଲାଲ । ଅଙ୍ଗୁଳିଗୁଡ଼ିକ ନରମ ହୋଇଗଲା । ତା' ସାରା ଦେହ ସୌନ୍ଦର୍ଯ୍ୟରେ ଭରିଉଠିଲା । ମନେହେଲା, ସେ

Digitized by PPRACHIN, SOA

ଫେରିଯାଇଛି ଅନେକ ପଛକୁ, ହୋଇପାରେ କୋଡ଼ିଏ ବର୍ଷ । ଏମିତି କ'ଣ ହୋଇପାରେ ! କିନ୍ତୁ ତାହା ହୋଇଥିଲା । ପ୍ରଥମ ଡେଲିଭରୀ ବେଳେ ସେ ଯେମିତି ଦେଖାଯାଉଥିଲା ଠିକ୍ ସେମିତି ଦେଖାଗଲା । ଲାଲ ସିନ୍ଦୂରର ରକ୍ତିମା ଆଭାରେ ସେ ଚହଟି ଉଠିଲା । ପାଦ ପକାଇଲାବେଳେ ଅତି ସାବଧାନ ହୋଇଗଲା ସେ । ପାହାଚ ଆଦୌ ଚଢ଼ିଲା ନାହିଁ । ପାଣି ଡେକ୍‌ଚି ଉଠାଇବା ଆବଶ୍ୟକ ହେଲେ, ସେ ବଡ଼ଝିଅକୁ କହିଲା । ଖାଇବା ପିଇବାରେ ଧ୍ୟାନ ଦେଲା । ତା' ଚାଲିଚଳଣରୁ ମୋର ମନେହେଲା, ସେ ଅପେକ୍ଷା କରିଚି ପୁଅକୁ ଏବଂ ସେ ଯେଉଁ ଗର୍ଭଧାରଣ କରିଚି, ସେଥିରେ ପୁଅଟିଏ ରହିଚି ବୋଲି ସେ ବିଶ୍ୱାସ କରିନେଇଛି ।

ସେହି ବିଶ୍ୱାସ ମୋ ଭିତରେ ବି ଭରିଉଠିଲା । ଥାର୍ଡ଼ ଡେଲିଭରୀଟି କେମିତି ଭଲରେ ହୋଇଯାଉ ଭାବି ସୁଚିତ୍ରାକୁ ସହଯୋଗ କଲି । ସହରର ସବୁଠୁଁ ଭଲ ଡାକ୍ତରଙ୍କ ପାଖକୁ ତାକୁ ନିୟମିତ ନେଲି । ତାଙ୍କରି ପରାମର୍ଶ ଅନୁଯାୟୀ ତା' ପାଇଁ ଔଷଧ ଆଣିଲି ଏବଂ ଯତ୍ନ ନେଲି । ମୋର ମନେହେଲା, ସୁଚିତ୍ରା ପ୍ରଥମଥର ପାଇଁ ସନ୍ତାନ ଗର୍ଭରେ ଧରି ନାହିଁ, ବରଂ ମୁଁ ବି ପ୍ରଥମଥର ପାଇଁ ବାପା ହେବାକୁ ଯାଉଚି । ଯେଉଁ ସନ୍ତାନଟି ସୁଚିତ୍ରା ଗର୍ଭରେ ଅଛି, ତାହା ହେଉଚି ପୁଅ । ମୋ ପୁଅ । ମୋ ଉତ୍ତରାଧିକାରୀ । ମୋ ଭବିଷ୍ୟତ୍ ଏବଂ ମୋ ବିଶ୍ୱାସ ।

ବିଶ୍ୱାସଟି ବାହାରର ଆଲୋକ ଦେଖିବାପାଇଁ ଯେତେ ବିଳମ୍ବ ହେଉଥାଏ, ସେତେ ଅସ୍ଥିରଭାବ ମୋତେ ବିଳଚିତ କରୁଥାଏ । ସେଥିପାଇଁ ଛୁଟି ନେଇଥିଲି ଦି'ଦିନ । ସୁଚିତ୍ରା ପାଖରେ ରହିଥିଲି ପ୍ରତିଟି ମୁହୂର୍ତ୍ତ । ଅବଶ୍ୟ ଡାକ୍ତରଙ୍କ ପାଖକୁ ଫୋନ୍ କରିଥିଲି । ତାଙ୍କ କଥାନୁଯାୟୀ ଚାରି ପାଞ୍ଚ ଦିନ ଆଗ ପଛ ହେବାର ଯଥେଷ୍ଟ ସମ୍ଭାବନା ଥିବା ଜାଣିପାରିଥିଲି । ଯେତିକି ସମୟ ବଢୁଥାଏ, ସୁଚିତ୍ରା ଦେଖାଯାଉଥାଏ ସେତିକି କରୁଣ, କାନ୍ଦ କାନ୍ଦ ।

ସୁଚିତ୍ରାର କାନ୍ଦ କାନ୍ଦ ମୁହଁ ମୋ ଭିତରେ ଅସ୍ଥିର ଭାବ ଖେଳାଇଦେଲା । ଚେୟାରରେ ବସି ଚାରିଆଡ଼କୁ ଚାହିଁଲି । ପାହାଚ ଡେଇଁ ମୁଖ୍ୟ ଦ୍ୱାର ବାଟେ ଯେକୌଣସି ଗ୍ରାହକ ବ୍ୟାଙ୍କ ଭିତରକୁ ଆସିଲେ ମୋ ନଜର ତାଙ୍କ ଉପରେ ପଡ଼େ । ପେନ୍‌ସନ୍ ତଥା ସରକାରୀ ବିଲ୍ ସମ୍ବନ୍ଧୀୟ ଯେତେକ କାର୍ଯ୍ୟ ମୋ ପାଖରେ ହୁଏ । ବୃଦ୍ଧଲୋକଙ୍କର କ୍ଳାନ୍ତ ନଜରରେ ମୋ ଚାରିପାଖର ପରିବେଶଟି ସବୁବେଳେ ବିଶେ ରୁଗ୍ଣ, ମଳିଣ । ସେମାନଙ୍କୁ ସହସା ବିଦା କରିବାର ମାନସିକ ପ୍ରସ୍ତୁତି ହିଁ ମୋତେ ପରିଚିତ କରାଇଥାଏ ସେମାନଙ୍କ ପାଖରେ ଆତ୍ମୀୟଟିଏ ଭଳି । ତେଣୁ ସେମାନେ ମୋତେ କହନ୍ତି ମନର କଥା, ମନ ଭିତର ଦୁଃଖର କଥା ଓ ଅସାର ସଂସାରର କଥା ।

Digitized by PPRACHIN, SOA

ବୃଦ୍ଧ ଜଣେ ଆସି ଠିଆହେଲେ ମୋ ଆଗରେ । ଥରୁଥାନ୍ତି ସେ । ବାର୍ଦ୍ଧକ୍ୟର ହାତମୁଠା ଭିତରେ ରୁଦ୍ଧଶ୍ୱାସ ହେଉଥାନ୍ତି ଯେମିତି । ପ୍ୟାଣ୍ଟ୍ ଭିଜି ଯାଇଥାଏ ପରିସ୍ରା ଧାରରେ । ମୁହଁ ଦିଶୁଥାଏ ଭୟଭୀତ, କରୁଣ ।

ତାଙ୍କର ଏପରି ଅସହାୟ ଅବସ୍ଥା ଦେଖି ପଚାରିଲି, ‘‘ଆପଣଙ୍କ ସଙ୍ଗରେ କେହି କ’ଣ ଆସି ନାହାନ୍ତି ?’’

ଓଦା ଓଦା ଦିଶିଲା ତାଙ୍କ ମୁହଁ । ପାଣିଚିଆ ହେଲା ଆଖି ଲୁହରେ । କହିଲେ, ‘‘ସ୍ତ୍ରୀ ନାହିଁ । ଚାରି ପାଞ୍ଚ ବର୍ଷ ହେବ ସେ ମୋତେ ଛାଡ଼ି ଚାଲିଗଲାଣି । ପୁଅ ଆସିଚି । ଠିଆହୋଇଚି ବାହାରେ ।’’

ଅସ୍ପଷ୍ଟ ଶୁଭିଲା ଶେଷ ପଦଟି । ପୁଅ ବାହାରେ ଠିଆହେବା କଥାଟିକୁ ବୁଝିପାରିଲି ନାହିଁ ଆଦୌ । ମୋ ପାଖରେ ବସିଥିବା ସହକର୍ମୀଙ୍କୁ ତାଙ୍କ କାମ ଶୀଘ୍ର ସାରିନେବାପାଇଁ ଅନୁରୋଧ କଲି । ସେ ବୃଦ୍ଧଙ୍କଠାରୁ ଟୋକନ୍‌ଟି ଆଣି ବିଲ୍‌ରେ ଦସ୍ତଖତଟିଏ ନେଲେ । ତା’ପରେ ତାଙ୍କୁ ଆଉ ଗୋଟିଏ ଟୋକନ୍ ଦେଲେ । ସେ ଟୋକନ୍‌ଟି ନେଇ କ୍ୟାସ୍ କାଉଣ୍ଟର ପାଖକୁ ଚାଲିଗଲେ, ଘୋଷାରି ହେଲାପରି । ସବୁ ବଳ, ସବୁ ବୟସ ତାଙ୍କର ସରିଯାଇଛି ଯେମିତି ! ଖାଲି ସେ ଜୀଇଁ ରହିଛନ୍ତି, ଝଲକାଏ ପବନକୁ ଅପେକ୍ଷା କରି । ତା’ପରେ ଝଡ଼ିପଡ଼ିବେ ଶୁଖିଲା ପତ୍ର ଭଳି ।

ଏମିତି କ’ଣ ହୋଇପାରେ ? ବିଶ୍ୱାସରେ ଭରିରହିଥିବା ଜୀବନଟି ଏତେ ଅସହାୟ କ’ଣ ହୋଇପାରେ ! ନା କେବେ ନୁହେଁ ।

ସେ ଟଙ୍କା ନେଇସାରି ମୋତେ ଚାହିଁଲେ କିଛି ସମୟ ପାଇଁ ଦୁର୍ବଳ ନଜରରେ । ତା’ପରେ ଥର ଥର ହୋଇ ପାଦ ବଢ଼ାଇ ମୁଖ୍ୟଦ୍ୱାରଆଡ଼କୁ ଚାଲିଗଲେ ନୀରବରେ ।

ଗହଳ ଚହଳ ପରିବେଶ ଭିତରେ ନୀରବତାର ବି ଗୋଟିଏ ଭାଷା ଥାଏ, ସେହି ନୀରବ ଭାଷାକୁ ବୋଧେ ମୁଁ ଶୁଣିପାରିଲି ।

ଉଠିଆସିଲି ତାଙ୍କ ପଛେ ପଛେ ।

ଦ୍ୱାରଦେଶ ଅତିକ୍ରମ କରି ସେ ବାହାରକୁ ଗଲେ । ତାଙ୍କୁ ଅପେକ୍ଷା କରି ଜଣେ ଯୁବକ ଠିଆହୋଇଥିଲା ଯେମିତି । ବେପରୱା ଢଙ୍ଗରେ ତାଙ୍କ ଆଗକୁ ସେ ମାଡ଼ିଆସିଲା । ଡାହାଣହାତ କଚଟିରେ ପିନ୍ଧିଥିବା ଲୁହାକଡ଼ାଟିକୁ ତାଙ୍କ ମୁହଁ ଆଗରେ ହଲାଇଦେଲା । ତା’ର ଶକ୍ତି ତଥା ଭୟ ପ୍ରଦର୍ଶନ କରିବା ପାଇଁ ସେତିକି ଥିଲା ଯଥେଷ୍ଟ । ବୃଦ୍ଧଙ୍କ ମୁହଁ ଶେତା ପଡ଼ିଗଲା ।

Digitized by PPRACHIN, SOA

ଏତେ ଆଲୋକ ଥାଇ ସେ ଅନୁଭବ କଲେ ତାଙ୍କ ଚାରିପଟରେ ଅନ୍ଧାର ଯେମିତି । ଖାଲି ଅନ୍ଧାର । ଆଖି ମିଳିବା ପାଇଁ ଦୁର୍ବଳ ହାତକୁ ଉପରକୁ କଲାବେଳେ ଯୁବକଜଣକ ତାଙ୍କ ହାତମୁଠାରୁ କିଛି ଟଙ୍କା ଛଡ଼ାଇ ନେଲା । ତା'ପରେ ଚିଲା ମାରିଲା ପରି ପାହାଚ ତଳକୁ ଡେଇଁପଡ଼ିଲା ଏବଂ ମଟରସାଇକେଲରେ ବସିଲା, ଉଦ୍ଧତ ଈଗଲ ଭଳି । ତା'ପରେ ଗୋଟେ କିକ୍ । ପ୍ରଚଣ୍ଡ ଶକ୍ତି ତଥା ସାମର୍ଥ୍ୟକୁ ସ୍ୱୀକାର କରି ଗାଡ଼ି ଲୁଚିଗଲା କ୍ଷଣକରେ । ଧୂଳିଧୂଆଁରେ ନିଗିଡ଼ି ପଡ଼ିଲା କେଇ ବୁନ୍ଦା ଲୁହ ବୃଦ୍ଧଙ୍କ ଆଖିରୁ ।

ମଥା ଟେକି ଚାହିଁଲେ ସେ । ହଠାତ୍ ମୋ ଉପରେ ନଜର ପଡ଼ିଯିବାରୁ ସେ କହିଉଠିଲେ, ''ମୋ ପୁଅ । ସାନ ପୁଅ । ବଡ଼ପୁଅ ଦୁଇଜଣ ବାହାରେ । ଜଣେ ଆମେରିକାରେ ତ ଆଉ ଜଣେ ବମ୍ବେରେ । ସେ ଦୁହେଁ ନିଜ ନିଜର ପରିବାର ନେଇ ବ୍ୟସ୍ତ । ଏଇ ସାନପୁଅଟି ମୋ କଥା ଶୁଣେ, ବୁଝେ ବି । କଥାରେ ଅଛି, ବୁଢ଼ା ବୟସରେ ପୁଅ ବାପାକୁ ସାହାରା ଦିଏ । ଏଇ ମୋତେ ସାହାରା ଦେଉଚି । କେମିତି ସାହାରା ଦେଉଚି, ତାହା ଆପଣ ଦେଖିଲେ । ସେ ମୋତେ ସାହାରା ଦେଉନି, ବରଂ ମୋ ପେନ୍‌ସନ୍ ଟଙ୍କାକୁ ଲୁଟି ନେଉଚି । ମୁଁ ତାକୁ ସାହାରା ଦେଉଚି, ଏଇ ବୁଢ଼ା ବୟସରେ । ଏହା ହେଉଚି ମୋ ଭାଗ୍ୟ, ଦୁର୍ଭାଗ୍ୟ ।''

ଏହା କହି ପାହାଚ ତଳକୁ ପାଦ ପକାଇଲେ ସେ । ସଳଖି ପକାଇ ପାରିଲେ ନାହିଁ ପାଦ । ପଡ଼ି ଯାଉ ଯାଉ ଭରା ଦେଇଦେଲେ କାହା କାନ୍ଧ ଉପରେ । ହାତରୁ ଖସିପଡ଼ିଲା କେତୋଟି ନୋଟ୍ ଓ ବଙ୍କୁଲିବାଡ଼ି । ତଳୁ ନୋଟ୍ ତକ ଉଠାଇ ତାଙ୍କ ହାତକୁ ବଢ଼ାଇଦେବାବେଳେ ଦେଖିଲି, ତାଙ୍କୁ ସଳଖି ଧରିଥିବା ଲୋକଟି ବଙ୍କୁଲିବାଡ଼ିଟିକୁ ଉଠାଇଆଣିଚି । ତା' ମଥାରେ ଗୋଟେ ଠେକା ଓ ଦେହରେ ଚିରା ଶାର୍ଟ । ଅସଯତ୍ନ ଦାଢ଼ି, ମୁହଁରେ ଚହଟୁଥାଏ କୋମଳ ହସର ରେଖା । ତା' ବେଶପୋଷାକରୁ ଜାଣିପାରିଲି ସେ ଜଣେ ରିକ୍ସାବାଲା ।

ରିକ୍ସାରେ ବସିଲେ ବୃଦ୍ଧ । ମୋ କାନ୍ଧରେ ହାତ ରଖି ।

କୋଉଠି ନା କୋଉଠି ଟିକିଏ ଭରସା, ବିଶ୍ୱାସ ଅଛି ନିଶ୍ଚେ । ଏହା ଭାବିଲେ ବୋଧେ ବୃଦ୍ଧ । ସେ କହିଲେ, ''ତୁମର ମଙ୍ଗଳ ହେଉ ପୁଅ । ତୁମେ ସୁଖରେ ରୁହ ।''

ସୁଖ କାହା ଭାଗ୍ୟରେ ଥାଏ କେଜାଣି; ସେହି ଟିକିଏ ସୁଖ ଆଶାରେ ମଣିଷ ଅହରହ ଧାଇଁଥାଏ । ମୁଁ ବି ସେମିତି ଧାଉଁଚି ।

''ଯେଉଁଠି କହିବେ ଠିକ୍ ସେଇଠି ଓହ୍ଲାଇଦେବୁ । ଓହ୍ଲାଇବାବେଳେ ତାଙ୍କ ହାତ ଧରି ଅତି ସାବଧାନରେ ଓହ୍ଲାଇଦେବୁ, ପଡ଼ି ନ ଯା'ନ୍ତି ଯେମିତି ।'' ଚେତେଇ ଦେଲି ରିକ୍ସାବାଲାକୁ ।

Digitized by PPRACHIN, SOA

ଥରଥର ହାତରେ ମୋତେ ଆଉଁଶି ପକାଇଲେ ବୃଦ୍ଧ । ପରମୁହୂର୍ତ୍ତରେ ସେ କହିଲେ, ''ଜାଣିଛ ପୁଅ ! ବ୍ୟାଙ୍କକୁ ଆସିଲେ ମୋତେ ମନ୍ଦିରକୁ ଆସିବା ଭଳି ଲାଗେ । ଏଇଠି ମୋତେ ଖାଲି ଭରସା ମିଳେ । ସେଥିରେ ଆଉ ମାସଟିଏ ଜୀଇଁଯାଏ । ମୋତେ ଲାଗେ ମୋ ପେନସନ୍ ଟଙ୍କା ମୁଁ ନେଉ ନାହିଁ, ବରଂ ଏଠୁ ମୁଠାଏ ପ୍ରସାଦ ନେଇଯାଉଚି । ଆର ମାସରେ ଆସିବା ପାଇଁ ସେଇ ହିଁ ମୋତେ ଜୀଆଁଇ ରଖେ । ଦମ୍ଭ ଦିଏ । ଯା' ଫଳରେ ତୁମ ସହ ଦେଖାହେବାର ପ୍ରତିଶ୍ରୁତି ମିଳେ ଏବଂ ଏଇ ପବିତ୍ରମାଟିକୁ ଆଉ ଥରେ ଛୁଇଁବା ପାଇଁ ମୁଁ ମନେ ମନେ ସଂକଳ୍ପ ନିଏ । ତେଣୁ ଯେତେ ଦୁଃଖ ଭୋଗିଲେ ବି ମୁଁ ଜୀଇଁ ଯାଏ । ପୁଣି ମାସଟିଏ ।''

ସ୍ତବ୍ଧ ହୋଇଗଲା ପବନ ଯେମିତି । ମୁହୂର୍ତ୍ତଟି ଏତେ କରୁଣ, କାନ୍ଦ କାନ୍ଦ ହୋଇପାରେ ତାହା ଆଗରୁ କେବେ ଅନୁଭବ କରି ନ ଥିଲି ।

ଛଳ ଛଳ ହେଲା ତାଙ୍କ ଆଖି ଆଉ ଥରେ । ସେ ଚାଲିଗଲେ । ରିକ୍ସାରେ । ବୋଧେ ତାଙ୍କର ଆଉ କିଛି କହିବା ପାଇଁ ବାକି ନ ଥିଲା ମୋତେ ।

ଗହଳି ଭିତରେ ସେ ଅଦୃଶ୍ୟ ହେବାପରେ ବି ସେମିତି ଠିଆ ହୋଇ ରହିଲି ଅନେକ ସମୟ ଯାଏ । କାହିଁକି ଠିଆ ହୋଇରହିଲି ସେ କଥା ମୋତେ ଯଦି କେହି ପଚାରିଥାନ୍ତା, ତେବେ ତାହା କହିବା ମୋ ପକ୍ଷରେ ଆଦୌ ସମ୍ଭବପର ହୋଇ ନ ଥାନ୍ତା ।

କେତେ ସମୟ ଠିଆ ହେଲି କେଜାଣି ?

ଗୁମ୍‌ସୁମ୍ ଦୁଃଖ ଭିତରେ ମୋ ସିଟ୍ ପାଖକୁ ଫେରିଆସିଲାବେଳେ ମୋର ଜଣେ ସହକର୍ମୀ ବ୍ୟସ୍ତ ହୋଇ କହିଉଠିଲେ, ''ଆପଣ କୁଆଡ଼େ ଯାଇଥିଲେ ? ଘରୁ ତିନିଚାରିଥର ଫୋନ୍ ଆସିଥିଲା । ଝିଅ ବୋଧେ କରିଥିଲା । ଆପଣଙ୍କ ମିସେସ୍‌ଙ୍କୁ ନେଇ ସେ ନର୍ସିଂହୋମ୍ ଗଲାଣି । ଆପଣ ସେଠିକୁ ଶୀଘ୍ର ଯାଆନ୍ତୁ ।''

ଝାଳେଇଗଲା ସାରା ଦେହ । ହଠାତ୍ । କାହାକୁ କିଛି ନ କହି ବାହାରକୁ ପଳାଇ ଆସିଲି । ଗାଡ଼ି ଷ୍ଟାର୍ଟ୍ କଲି । ଲୋକଗହଳି, କାର୍, ରିକ୍ସା, ସାଇକେଲ୍, ଭିକାରି ଓ ବୁଲା ବିକାଳିଙ୍କ ସମସ୍ତ ପ୍ରତିରୋଧସତ୍ତ୍ୱେ ପହଞ୍ଚିଲି ନର୍ସିଂହୋମ୍‌ରେ ।

ଆଡ଼େଇଲି ପର୍ଦା । ଭିତରଟା ବେଶ୍ ଅନ୍ଧାର । ତଥାପି ଅଳ୍ପ ଆଲୁଅ ଆସୁଥାଏ ବନ୍ଦ କାଚ ଝରକା ବାଟେ । ଲାଇନ୍ କଟିଯାଇଛି ବୋଧେ । ସେଥିରେ ଅନୁମାନ କରି ହେଉଥାଏ ଭିତରର ଦୃଶ୍ୟ । ବେଡ୍ ଉପରେ ସୁଚିତ୍ରା । ତା' ପାଖରେ ବଡ଼ଝିଅ ଠିଆହୋଇଚି । ଆଉ କେଉଁଠି ପୁଅ ? କେଉଁଠି ?

Digitized by PPRACHIN, SOA

"କାହାକୁ ଖୋଜୁଚ ? କାହାକୁ... ?"

ସୁଚିତ୍ରା ଦିଶିଲା କାନ୍ଦ କାନ୍ଦ । ସେ ଏବେ ଅତୃପ୍ତ, ଅଶାନ୍ତ ।

ମୁଁ ଚାହିଁଲି ତା' ଆଡ଼େ । ସେ ଆସ୍ତେକରି ଛାତି କଡ଼ରୁ ଶାଢ଼ି ଆଡ଼େଇଁ ଦେଇ ଦେଖାଇଦେଲା, ତା' ବିଶ୍ୱାସକୁ ।

ବିଶ୍ୱାସଟି କ'ଣ ଏହିପରି ହୋଇଥାଏ ! ବିସ୍ମିତ ହେଲି ମୁଁ । ବନ୍ଦ ଆଖି । ଓଠ ବୁନ୍ଦାଏ ଅଳତା ପରି । ଅଙ୍ଗୁଳିଗୁଡ଼ିକ ଗୋଲାପ କଢ଼ ପରି । ପାଦ ହଲାଉଚି ନା ସ୍ଥିର ଅଛି । ନିଃଶ୍ୱାସ ଯା' ଆସ କରୁଚି ତ ! କେଉଁଠି ଅଛି ଆଞ୍ଜୁଳାଏ ପବନ ?

ହାତରେ ତାକୁ ଉଠାଇ ଧରିବା ପାଇଁ ଚେଷ୍ଟା କଲି ।

ସେତିକିବେଳେ ସତକୁ ସତ କାନ୍ଦିଉଠିଲା ସୁଚିତ୍ରା । କଇଁକଇଁ ହୋଇ ।

"ଠାକୁର ମୋ କଥା ଶୁଣିଲେ ନାହିଁ । ଏଥରକ ବି ଝିଅ... ।"

ସାମାନ୍ୟ ନଇଁଗଲି ମୁଁ । ଧୀରେ ଧୀରେ ସୁଚିତ୍ରାକୁ କହିଲି, "ବିଶ୍ୱାସରେ ଭରା ତୁମ ହୃଦୟକୁ ଏମିତି ଭାଙ୍ଗିରୁଜି ଦିଅ ନାହିଁ । ଏଥିରେ ତୁମେ କେବଳ କଷ୍ଟ ପାଇବ, ଆଉ କେହି ନୁହେଁ । ତୁମ ଅସହାୟତାରେ ଯିଏ ତୁମକୁ ଏଠିକୁ ଆଣିଚି, ସେ ହେଉଚି ବି ଗୋଟେ ଝିଅ । ତୁମର ବଡ଼ଝିଅ । ମନେରଖ, ବଂଶଧାରାକୁ ଆଗେଇ ନେବାରେ ନୁହେଁ, ବରଂ ଅସହାୟ ଅବସ୍ଥାରେ ଯିଏ ଭରସାର ହାତଟିଏ ବଢ଼ାଇଥାଏ ସିଏ ହେଉଚି ପୁଅ । ଆଜିଠୁଁ ଧରିନିଅ ଏ ତୁମର ଝିଅ ନୁହେଁ, ପୁଅ । ସବା ସାନ ପୁଅ ।"

ଅବାକ୍ ହୋଇ ଚାହିଁଲା ସୁଚିତ୍ରା । କିଛି ନ କହି ଲାଲସୂର୍ଯ୍ୟର ଆଭା ନେଇ ଆସିଥିବା ସନ୍ତାନଟିକୁ ସେ ମୋ ହାତକୁ ବଢ଼ାଇଦେଲା ।

ପରମୁହୂର୍ତ୍ତରେ ସେ ଦେଖାଗଲା ତୃପ୍ତ, ଆନନ୍ଦିତ ।

Digitized by PPRACHIN, SOA

ସବୁଜ ସ୍ୱପ୍ନ

ଘର ଭିତର ସବୁ ଅସଜଡ଼ା ହୋଇଯାଉଥିଲା । କୋଉଠି କ'ଣ ରହୁଥିଲା ତାହା ଜଣାପଡୁ ନ ଥିଲା । ରିସିଭର୍ ଧରି କଲମ ଖୋଜିଲାବେଳେ ଅତି ବ୍ୟସ୍ତ ହୋଇପଡ଼ିଲା ସିଦ୍ଧାର୍ଥ । ଆରପଟରୁ କେତୋଟି ଔଷଧର ନାମ କହୁଥିଲେ ଡାକ୍ତର ମିଶ୍ର । ସେଗୁଡ଼ିକୁ ଟିପିବା ପାଇଁ କଲମ ଖୋଜୁଥିଲା ସେ । କିଛି ସମୟ ପୂର୍ବରୁ ସେ ହିଁ କଲମ ରଖିଥିଲା ଟେବୁଲ ଉପରେ । କୁଆଡ଼େ ଗଲା ? ଚାରିଆଡ଼କୁ ନଜର ବୁଲାଇ ଆଣିବାବେଳକୁ ଦେଖିଲା, କଲମଟି ତଳେ ପଡ଼ିଯାଇଛି । ତରତର ହୋଇ ତକୁ ଉଠାଇଆଣି ସେ ଟିପିଲା କାଗଜରେ ଔଷଧଗୁଡ଼ିକର ନାମ ।

ଏଇ କିଛିଦିନ ହେଲା ସିଦ୍ଧାର୍ଥ ଅନ୍ୟମନସ୍କ ହୋଇପଡୁଛି । ବାପାଙ୍କୁ ନେଇ ବମ୍ବେରୁ ଫେରିଆସିବା ପରେ ସେ ଦିଶୁଚି ଉଦାସ, କ୍ଲାନ୍ତ । କାହିଁକି କେଜାଣି ସେ ଚାହିଁପାରୁ ନାହିଁ ବାପାଙ୍କ ମୁହଁକୁ । ବାପା କିଛି କହୁ ନ ଥିଲେ ବି ସେ ବୁଝି ପାରୁଛି ତାଙ୍କ ମନଗହୀରର କଥା ।

ଟାଟା ମେମୋରିଆଲ୍ ହସ୍‌ପିଟାଲର ଗୋଟେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ ଡାକ୍ତର ମାଲହୋତ୍ରା ଯେତେବେଳେ ସିଦ୍ଧାର୍ଥକୁ କହିଥିଲେ, ଆଉ ମାସେ କି ଦି'ମାସ ବାକି ଅଛି ଜୀବନ ସେତେବେଳେ ସେ ଥମ୍ କରି ରହିଯାଇଥିଲା । ପାଦ ତଳେ ଥିବା ଚଟାଣଟି ତାକୁ ଧରି ରଖିପାରିବ କି ନାହିଁ ତାହା ଚିନ୍ତାର ବିଷୟ ନ ଥିଲା, ବରଂ ବାହାରେ'ଏକୁଟିଆ ବସିରହିଥିବା ବାପାଙ୍କ ପାଇଁ ଆଉ ଏହି ପୃଥିବୀରେ ସ୍ଥାନ ନ ଥିବା କଥାଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଦୃଢ଼ ପ୍ରତିଶ୍ରୁତିରେ ନିଜ ହାତରେ ତିଆରି କରିଥିବା ଘର ସଂସାରକୁ ଗୋଟେ ମଣିଷ କିପରି ଛାଡ଼ି ଚାଲିଯାଇପାରିବ ତାହା ଚିନ୍ତା କରି ସେ କ୍ଷଣଟେ ଆଖି ବୁଜି ଦେବାପାଇଁ ସାହସ କରି ନ ଥିଲା । କୋଠରି ଭିତରୁ ପଦାକୁ ଆସି କହିଥିଲା, ଚାଲ ଯିବା ।'

ବାପା କାନ୍ଧକୁ ଧରି ଉଠିଲାବେଳେ ପଚାରିଥିଲେ, ''କ'ଣ କହିଲେ ଡାକ୍ତର ? ମୁଁ ଭଲ ହୋଇଯିବି ତ !''

Digitized by PPRACHIN, SOA

କି ଉତ୍ତରଦେବ ସେ ବାପାଙ୍କୁ ? କେଉଁ ସ୍ୱପ୍ନରେ ତାଙ୍କୁ ହଜାଇଦେବ ସେ ? ପାଚିଲା ଧାନ କିଆରିର ମୁଗ୍ଧ ପବନରେ ତାଙ୍କୁ ଶୁଣାଇଦେବ ନା ଶ୍ରାବଣର ପ୍ରଥମ ବର୍ଷାରେ ବାଟବଣା କରିଦେବ । କହିବ - ନା, ବ୍ୟସ୍ତ ହେବାର କିଛି ନାହିଁ । ତୁମେ ଭଲ ହୋଇଯିବ ।

ସେ ତାହାହିଁ କହିଥିଲା । ଭରସା ଦେଇଥିଲା । ବାପା ତାକୁ ଚାହିଁଦେଇ ଥର ଥର ହାତରେ ତା' ହାତକୁ ମୁଠାଇ ଧରିଥିଲେ । ତା'ପରେ କେତୋଟି ପାହୁଣ୍ଡ ଏପଟ ସେପଟ ପକାଇ ସହଜ ଭାବରେ ତା' ସହ ଚାଲିଥିଲେ । ସେ ଚାଲୁ ନ ଥିଲେ, ବରଂ ସିଦ୍ଧାର୍ଥ ତାଙ୍କ ହାତ ଧରି ଚଲାଉଥିଲା ସତେଯେମିତି !

ପାହାଚରୁ ଓହ୍ଲାଇଲା ବେଳକୁ ମୁଗ୍ଧ ଦୃଷ୍ଟିରେ ବାପା ଚାହୁଁଥିଲେ ଉଜ୍ଜ୍ୱଳ ଆଲୋକକୁ, ରାସ୍ତାଘାଟକୁ ଓ ଗହଳିଚହଳିପୂର୍ଣ୍ଣ ବନ୍ଧେ ସହରକୁ । ଯୁଆଡ଼େ ଚାହିଁଲେ ତାଙ୍କୁ ଜଣାଯାଉଥିଲା ପରିପୂର୍ଣ୍ଣ ଜୀବନ, ସୁରକ୍ଷିତ ଭବିଷ୍ୟଦ୍ ଯେମିତି ।

ଏହିପରି ଅନୁଭବର ଚିତ୍ରଟିଏ ସିଦ୍ଧାର୍ଥ ଦେଖିଥିଲା ବାପାଙ୍କ ମୁହଁରେ ଅନେକ ଦିନ ତଳେ ।

ଅଷ୍ଟମ ଶ୍ରେଣୀରେ ପଢୁଥିଲା ସିଦ୍ଧାର୍ଥ । ହଷ୍ଟେଲରେ ଥାଏ । ଗଣେଶ ପୂଜା ସରିଲାପରେ ଜଣେ ସାଙ୍ଗ ବାହାରିଲା ଗାଁକୁ । ସହରରୁ ଗାଁ ଆଠ କିଲୋମିଟର ଦୂର । କାଉଁନ୍ଦିଆ ପାଗ । ମେଘ ଛାଇ ହୋଇଥାଏ ଆକାଶରେ । ନରମ ଖରା । ଗାଁକୁ ଆସିବ କି ନାହିଁ ଠିକ୍ କରିପାରି ନ ଥିଲା । ଯେତେବେଳେ ସାଙ୍ଗଟି ଫୁଲପକା କନା ବ୍ୟାଗ୍‌ଟିକୁ ହାତରେ ଧରି ହଷ୍ଟେଲରୁ ବାହାରି ଆସିଥିଲା ସେ ଆଉ ନିଜକୁ ଅଟକାଇପାରି ନ ଥିଲା । ମନେପଡ଼ିଥିଲା ଗାଁ, ବୋଉର କାନ୍ଦ କାନ୍ଦ ମୁହଁ । ସେ ତା' ପଛେ ପଛେ ଆସିଥିଲା । ଅସରାଏ ବର୍ଷା ହୋଇଯାଇଥିଲା ସକାଳଓଳି । ରାସ୍ତାରେ କେଉଁଠି ପାଣି ତ କେଉଁଠି କାଦୁଅ । ଛିଡ଼ିକି ପଡୁଥିଲା କାଦୁଅ । ବିଲ ଗୋହିରି ରାସ୍ତାରେ ଚପଲ ଓହ୍ଲାଇ ହାତରେ ଧରିଥିଲା ସେ । ଅତି ସାବଧାନରେ ଚାଲୁଥିଲେ ବି ସେ ଖସିପଡ଼ିଥିଲା ହିଡ଼ ଉପରୁ । ପାଖରେ ପାଣି ଭିତରେ ଗୋଡ଼ ଲୁଚାଇଥିବା ମାଛରଙ୍କା ଚଢ଼େଇର ଧ୍ୟାନ ତୁଟିଯାଇଥିଲା । ସେ ଉଡ଼ିଯାଇଥିଲା ଡେଣା ଫଡ଼ଫଡ଼ କରି ଆକାଶରେ ଗାର କାଟିଲା ପରି ।

ସେଇଆଡ଼କୁ ଚାହିଁ ନ ଥିଲା ସିଦ୍ଧାର୍ଥ । କାରଣ ତା' ପାଦ ପାଖରେ ସର୍‌ସର୍ ହୋଇ ଗୋଟେ ସାପ ଚାଲିଯାଇଥିଲା । ସେ ଚମକିପଡ଼ି ଡେଇଁପଡ଼ିବାବେଳେ ତା' ସାଙ୍ଗ କହିଥିଲା, ''ଆରେ ସେଇଟା ଧଣ୍ଡ । ତାକୁ କ'ଣ ଏମିତି ଡରୁଛୁ ?''

Digitized by PPRACHIN, SOA

ଥରୁଥିଲା ସିଦ୍ଧାର୍ଥ । ତା' ଦେହରୁ ନିଗିଡ଼ି ପଡୁଥିଲା ଟୋପା ଟୋପା ଝାଳ । ପାଦ ପକାଇବାବେଳେ ସେ ଅତି ସାବଧାନରେ ଚାରିଆଡ଼କୁ ଚାହୁଁଥିଲା । ଆଉ କ'ଣ ବିପଦ ଥାଇପାରେ ବୋଲି । ଏ ସଙ୍କଟର ମୁକାବିଲା ପାଇଁ ସହସା କୌଣସି ଉପାୟ ନ ଥିଲା ତା' ପାଖରେ । ମନେପଡ଼ିଥିଲା ବାପାଙ୍କ କଥା । କାରଣ ଯେତେଥର ଏହି ହିଡ଼ରେ ଚାଲି ଚାଲି ସେ ସହରକୁ ଆସିଛି, ବାପାଙ୍କ ପଛେ ପଛେ ଅନୁସରଣ କରିବାପରି ଆସିଛି । ତାଙ୍କ ପାଦ ଚିହ୍ନ ଉପରେ ପାଦ ପକାଇ ଚାଲିବାକୁ ଚେଷ୍ଟା କରିଛି । ସେତେବେଳେ ତା' ଭିତରେ ଡର ନ ଥାଏ, ବରଂ ଥାଏ ବଡ଼ ହେବାର ଏକ ଉଦ୍ଦାମ ଇଚ୍ଛା ।

ଆଗରେ ଚାଲୁଥିଲେ ବି ସାଙ୍ଗଟି, ସେ଼ ଜାଣିପାରିଥିଲା ନିର୍ଜନ ହୋଇଯାଇଛି ପୃଥିବୀ । ଆଉ ସେଇ ପୃଥିବୀରେ ସେ ଏକା । ସେଠି ସାହସ ଦେଉଥିବା, ତା' ପାଇଁ ଭରସା ରଖିଥିବା ମଣିଷ ଜଣଙ୍କର ଅନୁପସ୍ଥିତି ତାକୁ ଅସହାୟ କରିଦେଇଥିଲା ।

ହିଡ଼ ଯେଉଁଠି ସରିଛି ସେଠି ସରୁ ସାଇକେଲ ରାସ୍ତା । ସେଇ ସାଇକେଲ ରାସ୍ତା ଲମ୍ବିଯାଇଛି ନଈକୂଳକୁ । ନଈ ପାରିହେଲେ ଝଙ୍କାଳିଆ ତେନ୍ତୁଳିଗଛ । ଧାନ କିଆରି । ପୋଖରୀ । ତା'ପରେ ନଡ଼ିଆଗଛ । ନଡ଼ିଆଗଛର ବାହୁଙ୍ଗା ଛୁଇଁଥାଏ ଦି' ମହଲା କୋଠାଘର । ବେଳେବେଳେ ବାହୁଙ୍ଗା ଉପରେ ଡେଇଁ ଡେଇଁ ଗୁଣ୍ଡୁଚିମୂଷା ପଶିଆସେ ଝରକା ବାଟେ କୋଠରି ଭିତରକୁ, ଧୀର ପବନ ପରି । ସେ ଗୁଣ୍ଡୁଚିମୂଷା ସହ ଖେଳିବ ବୋଲି ମନେ ମନେ ଭାବୁଥିଲା ।

''ଆରେ ଯିବା କେମିତି ? ନଡ଼ିଆ ଗଡ଼ ଉପରେ, ନା ପାଣିରେ ପଶି କରି ?''

ସାଙ୍ଗର ଦୋଦୋପାଞ୍ଚ କଥାରେ ସିଦ୍ଧାର୍ଥ ଡରିଯାଇଥିଲା । ସତରେ ସେ କେମିତି ଯିବ ଘରକୁ ? ପାଣିରେ ପହଁରିବା ସେ ଶିଖି ନ ଥିଲା । ନଡ଼ିଆ ଗଡ଼ ଉପରେ ପାଦ ଥୋଇଥିଲା । ଥର ଥର ପାଦରେ ନଡ଼ିଆ ଗଡ଼ ଉପରେ କେମିତି ପାରିହେବ ତାହା ସେ ଜାଣି ନ ଥିଲା । କାରଣ ସବୁଥର ବାପା ତାକୁ ଦୁଇ ହାତରେ କୋଳେଇ ଧରି ପାରି ହେଉଥିଲେ ନଈ । କାଦୁଅ ଆଉ ପାଣିରେ ନଡ଼ିଆ ଗଡ଼ ପିଚ୍ଛିଳ ହୋଇଥିଲା । ହଠାତ୍ ଖସିଯାଇଥିଲା ପାଦ । କିଛି ଚିନ୍ତା କଲାବେଳକୁ ନଈ ଭିତରକୁ ଖସିପଡ଼ିଥିଲା ସିଦ୍ଧାର୍ଥ । ସାଙ୍ଗ ପିଲାଟି ପାଟିରୁ ପଦଟିଏ କଥା ବାହାରି ନ ଥିଲା । କିନ୍ତୁ ସିଦ୍ଧାର୍ଥ ଚିତ୍କାର କରି ଉଠିଥିଲା । ସେ ଚିତ୍କାର ଏତେ କରୁଣ ଆଉ କାନ୍ଦ କାନ୍ଦ ହୋଇଥିଲା ଯେ ପ୍ରତିଧ୍ୱନିତ ହୋଇପଡ଼ିଥିଲା ନଈକୂଳ । କାହିଁକି କେଜାଣି ବାପା ନଈକୂଳକୁ ଆସିଥିଲେ । ସେ କିଛି ଚିନ୍ତା ନ କରି ଜୁଆରିଆ ନଈ ଭିତରକୁ ଡେଇଁ ପଡ଼ିଥିଲେ । ସିଦ୍ଧାର୍ଥ ଦୁଇ ହାତକୁ ଧରି ଟେକି ନେଇଥିଲେ କାନ୍ଧ ଉପରକୁ । କ'ଣ ହେଲା କିଛି ବୁଝି

Digitized by PPRACHIN, SOA

ନ ପାରି ସିଦ୍ଧାର୍ଥ ବାପାଙ୍କ ମୁଣ୍ଡକୁ ଜାବୁଡ଼ି ଧରିଥିଲା । ବାପା ପହଁରୁଥିଲେ, ଢକ ଢକ ପାଣି ପିଉଥିଲେ ଓ ତାକୁ ଶୂନ୍ୟରେ ଉଠାଇ ନେଉଥିଲେ ।

ତଳେ ପାଣି । ଅଥଳତଳ । ଉପରେ ମେଘଭରା ଆକାଶ ।

ବାପାଙ୍କର ହାତ ଏତେ ଶକ୍ତ ଥିଲା, ପାଣି ଆଉ ଆକାଶକୁ ଦି'ଭାଗ କରି ଦେଇଥିଲେ ଯେମିତି । କୂଳରେ ତାକୁ କାନ୍ଧରୁ ଓହ୍ଲାଇଦେଇ ଓଦା ଗାମୁଛାକୁ ଚିପୁଡ଼ି ଦେଇଥିଲେ । ଟୋପା ଟୋପା ପାଣି ନିଗିଡ଼ି ପଡ଼ିବା ଭଳି ସିଦ୍ଧାର୍ଥ ମନରୁ ଡର କୁଆଡ଼େ ଉଭେଇ ଯାଇଥିଲା । ସେ ବାପାଙ୍କୁ ଚାହିଁରହିଥିଲା । ଗାମୁଛାରେ ତା' ଓଦା ମୁହଁକୁ ପୋଛିଦେଇ ବାପା ଯେତେବେଳେ ସ୍ମିତ ହସଟିଏ ହସିଦେଇଥିଲେ, ସେତେବେଳେ ସିଦ୍ଧାର୍ଥର ମନେହୋଇଥିଲା, କୌଣସି ବିପଦଆପଦରେ ବାପା ହିଁ ତାକୁ ସୁରକ୍ଷା ଦେଇପାରିବେ । ରାସ୍ତା ଦେଖାଇ ପାରିବେ ।

ସେଇଦିନଠାରୁ ସମୁଦାୟ ପୃଥିବୀରେ ନିଜକୁ କେବେ ଅସୁରକ୍ଷିତ ଭାବି ନାହିଁ ସିଦ୍ଧାର୍ଥ । ସବୁବେଳେ ବାପାଙ୍କ ଶକ୍ତ ହାତ ପରି ଗୋଟେ ବିଶ୍ୱାସ ତାକୁ ଧରିରଖିଛି । ତାକୁ ବାଟ ଦେଖାଇଛି । ତେଣୁ ଜୀବନର ଦିଗ୍‌ବଳୟ ପର୍ଯ୍ୟନ୍ତ ଚାଲିବା ସକାଶେ ସିଦ୍ଧାର୍ଥ ନିଜ ଭିତରେ ସାହସ ରଖିଛି ।

ପ୍ରାୟ ମାସଟିଏ ତଳେ ବମ୍ବେରୁ ଫେରିଆସିଲା ପରେ ଏହି ବିଶ୍ୱାସଟି ତା' ଭିତରେ ହଜିଯାଇଛି । କଲମକୁ ଖୋଜିବା ପରି ଏଣେତେଣେ ସେଇ ବିଶ୍ୱାସକୁ ସେ ଖୋଜୁଛି । ଆଉ ବାପାଙ୍କ ଅସୁସ୍ଥତା ବଢ଼ିଚାଲିଛି । ସେ ଚାଲବୁଲ କରିପାରୁ ନାହାନ୍ତି । ବସିରହିଛନ୍ତି ଗୋଟେ ଚେୟାରରେ । ଅସହ୍ୟ କଷ୍ଟ ହେଉଛି ଅଣ୍ଟାରେ । ପାଦ ଅଚଳ ହେବାପରି ଲାଗୁଛି । ଦେହ ଝିମ୍ ଝିମ୍ ହେଉଛି । ମଝିରେ ମଝିରେ ପେଟ ଭିତର ଯନ୍ତ୍ରଣା ତାଙ୍କୁ ମୋଡ଼ିମାଡ଼ି ଦେଉଛି । ତାଙ୍କ ଆଖିରୁ ଲୁହ ବାହାରୁ ନାହିଁ ମାତ୍ର ସେ କାନ୍ଦୁଛନ୍ତି ଭିତରେ, ନିଜ ଭିତରେ । ରକ୍ତ ସହ ଲୁହ ଭିଜିଯାଉଛି ଯେମିତି !

ଧୀରେ ଧୀରେ ବାପାଙ୍କ ଚାରିପଟେ ଜମିବାକୁ ଆରମ୍ଭ କଲା ଅନ୍ଧାର ଓ ନିର୍ଜନତା । ମୁହଁ ଶେତା ଦେଖାଗଲା । ଛୋଟ ଛୋଟ ତିନି ଚାରୋଟି ଆବୁ ସେଥିରେ ମୁଣ୍ଡ ଟେକି ଉଠିଲେ । ଏଗୁଡ଼ିକ ଆଗରୁ ଦିଶୁ ନ ଥିଲେ । ଦାଢ଼ି ଖିଅର କଲାବେଳେ ଅତି ସାବଧାନରେ ରେଜର ଚଳାଏ ସିଦ୍ଧାର୍ଥ । ଏହା ଆଦୌ ମାମୁଲି କଥା ନୁହେଁ । କ୍ୟାନସର ରୋଗୀର ଶେଷ ଅବସ୍ଥାରେ ଏହାହିଁ ଘଟେ ।

ସିଦ୍ଧାର୍ଥ ଦାଢ଼ି ଖିଅର କରୁଥିବାବେଳେ ବାପା କହିଲେ, ''ପ୍ରଫୁଲ୍ଲମଉସା କହୁଥିଲେ...''

Digitized by PPRACHIN, SOA

ଅଟକିଗଲେ କଥା ଅଧା ରଖି । ତା'ପରେ କାଶ ଉଠିଲା । ଲହରିଆ କାଶ । ଦାଢ଼ି ଖିଅର କରିବା ସେତିକି ରହିଲା । ଛାତିରେ ହାତ ଘଷିଲା ସିଦ୍ଧାର୍ଥ । ଧୀରେ ଧୀରେ କାଶ କମିଲା । ପାଣି ଅଧଗିଲାସ ପିଇ ବାପା ପୁଣି କହିଲେ, ''ହୋମିଓପାଥି ଔଷଧରେ ଭଲ ହୋଇପାରେ ବୋଲି ପ୍ରଫୁଲ୍ଲମଉସା କହୁଥିଲେ । ସେ ଡାକ୍ତର, ଭୁବନେଶ୍ୱରରେ ରହନ୍ତି । ବଡ଼ ଅଫିସର୍ ଥିଲେ । ରିଟାୟାର୍ ପରେ ହୋମିଓପାଥି ପ୍ରାକ୍ଟିସ୍ କରୁଛନ୍ତି । ଆମେ ଟିକେ ଯାଆନ୍ତେ ତାଙ୍କ ପାଖକୁ । ତୁ ମୋତେ...''

କାମୋଥେରାପୀ ଟ୍ରିଟ୍‌ମେଣ୍ଟ ଚାଲିଥିବାବେଳେ ହୋମିଓପାଥି ଔଷଧ କେତେ ଫଳପ୍ରଦ, ତାହା ବାପା କ'ଣ ବୁଝୁ ନାହାନ୍ତି, ଭାବିଲା ସିଦ୍ଧାର୍ଥ । ଜୀବନକୁ ଅତି ଭଲ ଭାବରେ ବୁଝୁଥିବା ବାପା ଏଇ ରୋଗ ପାଖରେ କାହିଁକି ଏତେ ଅସହାୟ ହୋଇପଡୁଛନ୍ତି ? ଏହାର ଉତ୍ତର ଖୋଜି ପାଇବା ପାଇଁ ସେ ଖାଲି ବାପାଙ୍କ ମୁହଁକୁ ଚାହିଁ ରହିଲା ।

ଏମିତି କିଛି ଘଟିବ ନାହିଁ । ତୁମେ ମୋତେ ଛାଡ଼ି ଯାଇପାରିବ ନାହିଁ । ତୁମେ ଯଦି ଚାଲିଯିବ, ତେବେ ମୋ ହାତ ଧରି ମୋତେ ଚଲାଇବ କିଏ ? ଭାଗ୍ୟ ନା ଭଗବାନ୍ ! ଭଗବାନ୍‌ଙ୍କର ଠିକ୍‌ଠିକଣା କୋଉଠି ଥାଏ ନା, ଅଛି ?

ସିଦ୍ଧାର୍ଥ ହୋମିଓପାଥି ଡାକ୍ତରଙ୍କ ପାଖକୁ ବାପାଙ୍କୁ ନେଇଥିଲା । ଅତି କଷ୍ଟରେ । ପାହାଚରୁ ବାପା ଓହ୍ଲାଇ ପାରି ନ ଥିଲେ । ଚାରିପାଞ୍ଚଜଣ ଲୋକଙ୍କ ସହାୟତାରେ ତାଙ୍କୁ ଟେକିନେଇ ଗାଡ଼ି ଭିତରେ ବସାଇଥିଲା । ତା'ପରେ ଭୁବନେଶ୍ୱର । ବାଟସାରା ବାପା ଚୁପ୍‌ଚାପ୍ ଥିଲେ । ୟୁନିଟ୍ ଛଅରେ ଡାକ୍ତରଙ୍କ ଘର । ନେମ୍‌ପ୍ଲେଟ୍‌ରେ ଲେଖାଥିଲା ରିଟାୟାର୍ ଚିଫ୍ ଇଞ୍ଜିନିୟର । ଘରଟିକୁ ପାଇବାରେ ସିଦ୍ଧାର୍ଥକୁ ଆଦୌ ଅସୁବିଧା ହୋଇ ନ ଥିଲା ।

କିଛି ଆଶା, କିଛି ବିଶ୍ୱାସ । ସେ ଔଷଧ ଦେବାବେଳେ କହିଥିଲେ, ''ମୁଁ ଜାଣେ ଯନ୍ତ୍ରଣା ଉପଶମ ପାଇଁ ହୋମିଓପାଥିରେ ଏହାଠାରୁ ଭଲ ଔଷଧ ନାହିଁ । ଏଥିରେ ତୁମ ବାପାଙ୍କର କଷ୍ଟ ନିଶ୍ଚୟ ଲାଘବ ହେବ । ନିୟମିତ ଔଷଧ ଦେଲେ । ଅନେକ ରୋଗୀକୁ ନିୟମିତ ଔଷଧ ଦିଅନ୍ତି ନାହିଁ । ଦିନେ ଦି'ଦିନ ଔଷଧ ଦେଇ ବନ୍ଦ କରିଦିଅନ୍ତି । ତୁମକୁ ଧୈର୍ଯ୍ୟ ଧରିବାକୁ ହେବ ।''

ଧୈର୍ଯ୍ୟ କଥାଟିକୁ ଶୁଣି ସିଦ୍ଧାର୍ଥ କିଛି କହି ନ ଥିଲା । କିନ୍ତୁ ଫେରିଲାବେଳେ ବାପାଙ୍କ ମୁହଁକୁ ଚାହିଁ ନିଜକୁ ପଚାରିଲା, ମଣିଷଟି କେତେ ଧୈର୍ଯ୍ୟ ଧରିବ ? ଦିନକୁ ଦିନ ମରି ମରି ଯାଉଥିବା ମଣିଷର ମୁହଁକୁ ଦେଖି କେହି କ'ଣ ଧୈର୍ଯ୍ୟ ଧରିପାରେ !

Digitized by PPRACHIN, SOA

ସବୁ ଜଣାପଡୁଥିଲା ଦୁଃଖ ଓ ରହସ୍ୟମୟ ।

ଗାଡ଼ିରୁ ଓହ୍ଲାଇବା ପରେ ବାପା ଆଉ ସଳଖି ହୋଇପାରି ନ ଥିଲେ । ଟେକିଆଣି ତାଙ୍କୁ ଚେୟାରରେ ବସାଇବାବେଳେ ସେ ଗୋଟେ କଡ଼କୁ ଢଳି ପଡ଼ିଥିଲେ, ଗଛ ଉପୁଡ଼ିଲା ପରି । ଗୋଟେ କରୁଣ ଚିତ୍କାର ତାଙ୍କ ଭିତରୁ ବାହାରି ଆସିଲା, ଅସ୍ୱାଭାବିକ ଶବ୍ଦ କରି ।

ସେହି ଦିନଠାରୁ ବାପା ଶୋଇରହିଛନ୍ତି । ଆପଣା ଛାଏଁ ଏପଟ ସେପଟ ହୋଇପାରୁ ନାହାନ୍ତି । ସିଦ୍ଧାର୍ଥ ତାଙ୍କୁ ଗୋଟେ ପଟକୁ ଆଉଜାଇ ନ ଦେଲେ ସେ ଅସହାୟ ହୋଇ ତାକୁ ଚାହିଁରହୁଛନ୍ତି । ସେଙ୍ଗେ ସଙ୍ଗେ ବନ୍ଦ ହୋଇଯିବ ନିଃଶ୍ୱାସପ୍ରଶ୍ୱାସ ଯେମିତି । ଥମ୍ କରି ଅଟକିଯିବ ହୃତ୍‌ପିଣ୍ଡ । କେହି ଜଣେ ଘୋଷଣା କରିଦେବ ନା ବାପା ଆଉ ନାହାନ୍ତି ।

ଏମିତି କ'ଣ ଠକିଦେଇ ବାପା ଚାଲିଯିବେ ? ଏଭଳି ପରିସ୍ଥିତିରେ ତା'ର କ'ଣ କିଛି ଆଉ କରିବାକୁ ନାହିଁ ? ଡାକ୍ତରଙ୍କ ଔଷଧ ବ୍ୟତିରେକେ ଆଉ କ'ଣ କିଛି ଉପାୟ ନାହିଁ, ଯେଉଁ ଉପାୟରେ ବାପାଙ୍କୁ ଭଲ କରିବାର ବାଟ ତାକୁ ମିଳିଯାନ୍ତା । ଝାପ୍‌ସା ଝାପ୍‌ସା ଅନ୍ଧାର ଭିତରେ ତା'ର ଜଣେ ସହକର୍ମୀ ଠିକଣାଟିଏ ଦେଲେ । ଯେଉଁ ଠିକଣା ହିଁ ବତାଇ ଦେବ ସଠିକ୍ ଉପାୟ ।

କାହାକୁ କିଛି ନ ଜଣାଇ ସିଦ୍ଧାର୍ଥ ଭୁବନେଶ୍ୱର ଗଲା । ସେଠୁ ବାଳକାଟି । ବାଳକାଟିରୁ ଝିଇଣ୍ଟି ଶାସନ । ଅଚ୍ୟୁତାନନ୍ଦଙ୍କର ଗାଦି ରୂପେ ପରିଚିତ, ଅନେକ ଦୁଃଖୀଙ୍କର ସାହାଭରସାର ଅଞ୍ଚଳି । ସେଠି ପହଞ୍ଚି ଆପାତତଃ ନିଶ୍ଚିତ ହୋଇଗଲା, ଉପାୟଟିଏ ନିଶ୍ଚୟ ମିଳିବ । ଧାଡ଼ି ଧାଡ଼ି କରୁଣ, କାନ୍ଦ କାନ୍ଦ ମୁହଁ । ଆଶ୍ରାହୀନ ମନ ।

ଖରାରେ ସିଝିଗଲେ ବି ସିଦ୍ଧାର୍ଥ ସେମିତି ଠିଆହେଲା, ତା' ପାଳି ଆସିବାଯାଏ । ତାକୁ ସଂଖ୍ୟାଟିଏ ପଚରାଗଲା ଅଭିଭୂତ ଢଙ୍ଗରେ । ତା'ପରେ ତାମ୍ର ପୋଥି ଖୋଲିଲା । ଅଜାଣତରେ ଲୁହବୁନ୍ଦା ଚକ ଚକ କରିଉଠିଲା ସିଦ୍ଧାର୍ଥର ଆଖି କୋଣରେ । କ'ଣ ଉତ୍ତର ମିଳିବ ?

ଉତ୍ତର ଶୁଣିବା ତା' ପାଇଁ ଏତେ ଦୁଃଖଦାୟକ ବୋଲି ଜାଣି ନ ଥିଲା ସେ ଆଦୌ । ଆଉ ମାସଟିଏ । ହୋଇପାରେ ରାମନବମୀ ପୂର୍ବରୁ କିଛି ଘଟିଯାଇପାରେ । ଏଇ ରିଷ୍ଟ କଟିଗଲେ, ବାପା ବଞ୍ଚିଯିବେ ଆହୁରି କୋଡ଼ିଏ ବର୍ଷ ।

ଗୁଣୁଗୁଣୁ ହେଲା ସେ । କୋଡ଼ିଏ ବର୍ଷ ମୋଟେ ଦରକାର ନାହିଁ, ବର୍ଷେ କି ଦି'ବର୍ଷ ଅତ୍ୟନ୍ତ ବଞ୍ଚିରହନ୍ତୁ ବାପା । ସେ ଟିକେ ଚାଲନ୍ତୁ । ନିଜ ଇଚ୍ଛାରେ ପୃଥିବୀକୁ

Digitized by PPRACHIN, SOA

ଦେଖନ୍ତୁ, ଆଗରୁ ଯେମିତି ଦେଖୁଥିଲେ ତାଙ୍କର ପ୍ରିୟ ପୃଥିବୀକୁ । ଏହି ସମୟ ଭିତରେ ସେ ନିଜକୁ ଗଢ଼ି ନିଅନ୍ତା ଦୃଢ଼ ଭାବରେ । ଯାହା କିଛି ଘଟିଲେ ବି ସେ ତାକୁ ସାଧାରଣ ଘଟଣା ବୋଲି ଧରିନିଅନ୍ତା ।

ଝିଇଣ୍ଟି ଶାସନରୁ ଫେରିଆସିବା ପରେ କାହାକୁ କିଛି କହିଲା ନାହିଁ ସିଦ୍ଧାର୍ଥ । କାରଣ ସେ ସଚେତନ ହୋଇସାରିଥିଲା, ଆଉ ମୁକ୍ତି ନାହିଁ । ଯେତେ ଚେଷ୍ଟା କଲେ ବି ମରଣର ଫାଶରୁ ବାପାଙ୍କୁ ସେ ମୁକ୍ତ କରିପାରିବ ନାହିଁ । ମାତ୍ର ଏହା ତା' ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ । ଗୋଟେ ଶକ୍ତିଶାଳୀ ମଣିଷ ଏମିତି ଅସହାୟ ଅବସ୍ଥାରେ ବିଛଣାରେ ଚଳତ୍‌ଶକ୍ତିହୀନ ହୋଇ ପଡ଼ିରହିବା ତା' ପାଇଁ ଯନ୍ତ୍ରଣାଦାୟକ ଥିଲା । ମନେହେଲା, ବାପା ରୋଗ କଷ୍ଟ ଭୋଗୁ ନାହାନ୍ତି, ବରଂ ସେ ନିଜେ ଭୋଗୁଛି । ତା' ଭିତରେ ଗୋଟେ ଯନ୍ତ୍ରଣା ତାକୁ ଦୁହିଁ ଦେଉଛି । ଶକ୍ତିହୀନ କରିଦେଉଛି । ନିଃଶେଷ ହେଇଯାଉଛି ତା' ଭିତରର ସମସ୍ତ ଶକ୍ତି ।

ହିଡ଼ ଉପରେ ଚାଲିବା ପରି ସମୟ । କେତେବେଳେ ଢଳି ପଡୁଥାନ୍ତି ବାପା ସମୟର ହାତମୁଠା ଭିତରେ । କାଶ, ହିକା, ଯନ୍ତ୍ରଣା । ପୁଣି ସଳଖି ହେଉଥାନ୍ତି ସାଲାଇନ୍ ଆଉ ଜୀବନ ରକ୍ଷାକାରୀ ଔଷଧ ବଳରେ ।

ଆଉ ହେଲା ନାହିଁ । କେହି ଆଉ ସାହାଯ୍ୟ କରିପାରିଲେ ନାହିଁ । ଡାକ୍ତର । ଔଷଧ । ଠାକୁର । ଆଶା ଆଉ ବିଶ୍ୱାସ । ଚେତା ଚାଲିଗଲା । ରାତି ପାହି ନ ଥାଏ । କୁଆ ରାବିବା ପୂର୍ବରୁ ବୋଉର ଚିତ୍କାର ମୋତେ ଛାଇ ନିଦରୁ ଉଠାଇ ଦେଲା । ରାତିସାରା ଅନିଦ୍ରା ରହିଥିବାରୁ ଆଖିପତା ଲାଗିଯାଇଥିଲା ଯାହା । ଉଠିଗଲାବେଳକୁ ବାପା ଆଖିବୁଜି ପଡ଼ିଥିଲେ । ନିଃଶ୍ୱାସପ୍ରଶ୍ୱାସ କ୍ଷୀଣ ହୋଇ ଆସୁଥିଲା । ବୋଉର ଡାକ ଶୁଣିପାରୁ ନ ଥିଲେ । ମନେହେଉଥିଲା, ସେ ଯେମିତି ଜୀବନ ସୁଅରେ ଅନେକ ବେଳୁ ଭାସିଗଲେଣି । ଯେଉଁଠି ଅଛି ବିରାଟ ଗଣ୍ଡ ସେଇଠି ଅତଳତଳ ଜଳରେ ବୁଡିଯାଇଛନ୍ତି । ବାସ୍ତବିକ ସବୁ ହୋଇଯାଇଥିଲା, ସ୍ଥିର ଓ କରୁଣ ।

ଅଥଚ ରାତି ଅଧବେଳକୁ ସେ ମୋ ସହିତ କଥା ହୋଇଥିଲେ । ଖଣ୍ଡି ଖଣ୍ଡି ସ୍ୱରରେ କାନ୍ଦ କାନ୍ଦ ହୋଇ କହିଥିଲେ, ''ଟିକେ ଠାକୁରକୁ ଡାକନ୍ତୁନି ମୋ ପାଇଁ ? ମୁଁ ଆଉ କିଛି ଚାହୁଁ ନାହିଁ । କେବଳ ଏତିକି ଚାହୁଁଚି, ସେ ମୋତେ ଭଲ କରି ଦିଅନ୍ତେ, ଯେମିତି ମୋ ନାତିନାତୁଣୀଙ୍କୁ ରିକ୍ସାରେ ସ୍କୁଲକୁ ନେବା ଆଣିବା କରିପାରନ୍ତି ।''

ମୋଟରସାଇକେଲ୍, ଜିପ୍ ଆଉ କାର୍‌ରେ ସାରା ଓଡ଼ିଶା ଖେଦି ବୁଲୁଥିବା ମଣିଷଟି ରିକ୍ସାରେ ନାତିନାତୁଣୀ ସାଙ୍ଗରେ ଯିବାଆସିବା କରିବା ପାଇଁ କି କରୁଣ ଅଭିବ୍ୟକ୍ତି, ତାହା ସିଦ୍ଧାର୍ଥକୁ ଦୋହଲାଇ ଦେଇଥିଲା । ସେ ବାପାଙ୍କ ହାତକୁ ମୁଠାଇ

Digitized by PPRACHIN, SOA

ଧରିଥିଲା । ତାହା ଏତେ ଶକ୍ତ ଥିଲା ଯେ ସିଦ୍ଧାର୍ଥ କିଛି ନ କହିଲେ ବି ବାପା ବୁଝିପାରୁଥିଲେ ତାଙ୍କ ପାଖେ ପାଖେ ସେ ଅଛି । ତାଙ୍କର କିଛି ଚିନ୍ତା କରିବା ଆବଶ୍ୟକ ନାହିଁ । ବାଟ ଖୋଜିବା ଦରକାର ନାହିଁ । କେବଳ ଟିକିଏ ସାହସ । ବଞ୍ଚି ରହିବା ପାଇଁ ଟିକିଏ ସାହସ ଦରକାର ଯେମିତି ।

ମଳିନ ହସର ରେଖାଟିଏ ଉଙ୍କି ମାରିଥିଲା ବାପାଙ୍କ ଓଠରେ ।

ସେହି ହସର ରେଖାଟି ଏଯାଏ ବି ଓଠରେ ଅଛି । ଅଥଚ ବାପା କିଛି କହୁ ନାହାନ୍ତି । ସେମିତି ଶୋଇରହିଛନ୍ତି । ଗୋଟେ ଶୋକାକୁଳ ପରିବେଶ ଆଚ୍ଛନ୍ନ କରିରଖିଛି ଘର ଭିତରକୁ ।

ଡାକ୍ତର ମିଶ୍ର ଆସିଲେ । ତାଙ୍କରି ପରାମର୍ଶରେ କେତୋଟି ଇଞ୍ଜେକ୍ସନ୍ ଦିଆଗଲା । ବଞ୍ଚାଇ ରଖିବାପାଇଁ ସବୁପ୍ରକାର ଚେଷ୍ଟା କରାଗଲା । ଶେଷରେ ଡାକ୍ତର ମିଶ୍ର ମତ ଦେଲେ ଯେ ବାପାଙ୍କୁ ହସପିଟାଲକୁ ସ୍ଥାନାନ୍ତରିତ କଲେ ଆହୁରି ଭଲ ଚିକିତ୍ସା ହୋଇପାରିବ । ଅକ୍ସିଜେନ୍ ଦରକାର । ନ ହେଲେ ଆଞ୍ଜୁଳାଏ ପବନ ଛାତି ଭିତରେ ଅଟକିଯିବାର ଆଶଙ୍କାକୁ ସ୍ୱୀକାର କରିବାକୁ ହେବ ।

କେଉଁଥିରେ ବାପା ହସ୍‌ପିଟାଲ ଯିବେ ? ଷ୍ଟ୍ରେଚର ନିହାତି ଦରକାର । ଦି' ମହଲା ଉପରୁ ତଳକୁ ଓହ୍ଲାଇ ନେବାପାଇଁ ତିନି ଚାରି ଜଣ ଲୋକଙ୍କର ସହାୟତା ପ୍ରୟୋଜନ । କ'ଣ କରିବ ସିଦ୍ଧାର୍ଥ ? ରାମନବମୀ ଆସିବାକୁ ଆଉ କେତେ ଦିନ ଅଛି ? ଜୀବନ ସରିବାକୁ ଆଉ କେତୋଟି ମୁହୂର୍ତ୍ତ ବାକି ଅଛି ? କାହାକୁ ପଚାରିବ ସେ ?

ଅପରାହ୍ଣରେ ଦିଗ୍‌ବଳୟ କେଉଁ ରଙ୍ଗ ଧାରଣ କରେ ? ଦିନେ ବାପାଙ୍କ ହାତ ଧରି ସ୍କୁଲରୁ ଫେରିବାବେଳେ ସିଦ୍ଧାର୍ଥକୁ ସେହି ରଙ୍ଗର କଥା ବାପା କହୁଥିଲେ - "ଦେଖ, ଆକାଶ ଗେରୁଆ ଦିଶୁଚି । ତା'ପରେ ଲାଲ ଦିଶିବ । ସୂର୍ଯ୍ୟ ଯେତେ ତଳକୁ ଓହ୍ଲାଇ ଯାଉଥିବ ଆକାଶ ସେତିକି ଅଧିକ ଲାଲ ହେବ । ଲାଲ ରଙ୍ଗ ହେଉଚି ଜୀବନର ପ୍ରତୀକ । ସୂର୍ଯ୍ୟ ଅସ୍ତ ହୋଇଗଲାବେଳେ ପୁଣି ଆସନ୍ତାକାଲି ଆସିବ ବୋଲି ଏହି ଲାଲ ରଙ୍ଗ ହିଁ ତାହାର ସୂଚନା ଦିଏ ।"

ହଠାତ୍ ହିକା । ଏକ । ଦୁଇ । ତିନି । ଝଲକାଏ ରକ୍ତ ବାହାରି ଆସିଲା ପାଟିରୁ । ଅଟକିଗଲା ପବନ । ଛାତି ଭିତରେ । ସିଦ୍ଧାର୍ଥ ଚାହିଁଲା ବାପାଙ୍କ ମୁହଁକୁ । ମୁହଁର ରଙ୍ଗ ଲାଲ ଦିଶୁଚି ନା ନାହିଁ ! କଳା ପଡ଼ିଯାଇଥିବା ମୁହଁରେ ଖାଲି ଅନ୍ଧକାରର ରଙ୍ଗ । ଯେଉଁଠି ବାପା ପହଞ୍ଚିଗଲେ ସେଠୁ ଫେରିଆସିବା ଆଉ ସହଜ ନୁହେଁ । ସମ୍ଭାବନାର ସବୁ ବାଟ ବନ୍ଦ ।

Digitized by PPRACHIN, SOA

ସିଦ୍ଧାର୍ଥ ଚାହିଁଲା ଲୁହ ଛଳ ଛଳ ଆଖିରେ, କୋଠରି ଭିତରେ ଉପସ୍ଥିତ ଥିବା ସମସ୍ତ ପରିଜନଙ୍କୁ । ସେମାନଙ୍କୁ ଠିକ୍ ଭାବେ ଦେଖି ନ ପାରିଲେ ବି ଚାହୁଁଥିଲା ତା' ହାତ ଧରି କେହି ଜଣେ ତାକୁ କହୁ, ଆଉ ଚିନ୍ତା କରି ଲାଭ କ'ଣ ? ଯାହା ଘଟିବା କଥା ତାହା ଘଟିଗଲାଣି । ରାମନବମୀ ଏବେ ଆସୁ କି ନ ଆସୁ ସେଥିରେ କିଛି ଯାଏ ଆସେ ନାହିଁ ।

ଏକ ଅଭୂତପୂର୍ବ ଅନୁଭବ । ସିଦ୍ଧାର୍ଥ ଟେଲିଫୋନ୍ ପାଖକୁ ଗଲା । ବାପାଙ୍କର ବନ୍ଧୁମାନଙ୍କୁ ପ୍ରଥମେ ଏଇ ଦୁଃଖଦ ଖବରଟିକୁ ଜଣାଇବା ଉଚିତ । ଟେଲିଫୋନ୍‌ର ଡାଏରୀ କୁଆଡ଼େ ଗଲା ?

ଖୋଜାଖୋଜି କରିବା ପରେ ସେଇଟି ବାପାଙ୍କ ତକିଆ ତଳୁ ମିଳିଲା । ତା' ସହ ମିଳିଲା କେତୋଟି କାଗଜ । ମଝିରେ ମଝିରେ ବାପା ସେଥିରେ କ'ଣ ଲେଖୁଥିବାର ସିଦ୍ଧାର୍ଥ ଲକ୍ଷ୍ୟ କରିଥିଲା । ମାତ୍ର ସେଥିପ୍ରତି ସେ ଗୁରୁତ୍ୱ ଦେଇ ନ ଥିଲା । ପାପୁଲିରେ ଲୁହ ପୋଛି ସେ ଭଲକରି ଚାହିଁଲା ଅଙ୍କାବଙ୍କା ଅକ୍ଷରଗୁଡ଼ିକୁ । କ'ଣ ଲେଖାଯାଇଛି ସେଥିରେ ? ପଢ଼ିଲା : ଆକାଶ, ମେଘ, ଧାନକିଆରି, ଆମ୍ବବଉଳ, ନଈପାଣି, ମାଛରଙ୍କା ଚଢ଼େଇ, ଜହ୍ନରାତି, କିଆଫୁଲ...

ବାସ୍ତବିକ ସିଦ୍ଧାର୍ଥ ବିସ୍ମିତ ହେଲା ଏଇଥିପାଇଁ ଯେ ବାପା ଚାଲିଯିବାପରେ ସୂର୍ଯ୍ୟ ଅସ୍ତ ହୋଇ ନାହିଁ ଚିରଦିନ ପାଇଁ । ନୂଆ ରୂପରେ, ନୂଆ ଛଟାରେ, ଅଫୁରନ୍ତ ଶକ୍ତି ନେଇ ଧୀରେ ଧୀରେ ଦିଗ୍‌ବଳୟ ଉପରକୁ ପୁଣି ଉଠିଆସୁଚି ପୂର୍ବାଶାର ଗୀତ ଗାଇ ଗାଇ କେହିଜଣେ । ସେ ହିଁ ସୂର୍ଯ୍ୟ । ବାଳ ସୂର୍ଯ୍ୟ । ପ୍ରାଚୀ ଦିଗ୍‌ବଳୟ ଦିଶୁଚି ଲାଲ । ତା'ପରେ ଦିଶିବ ଗେରୁଆ । ଶେଷରେ ସବୁଜ ।

Digitized by PPRACHIN, SOA

ଝୋଟିଚିତା

ଚିଠିଟି ଆସିଥିଲା ଗାଆଁରୁ । ସେଠି ବୋଉ ରହେ । ବାପାଙ୍କ ଯିବା ପରେ ସେ ଏକା ରହୁଥିଲେ ବି ତା'ର କୌଣସି ଅଭିଯୋଗ ନାହିଁ, ବରଂ ମଝିରେ ମଝିରେ ଚିଠି ଲେଖେ । ସେଇ ଚିଠିର ଶବ୍ଦଗୁଡ଼ିକର ଅନୁଭବ ଏତେ ଅନ୍ତରଙ୍ଗ ଯେ ଅନେକ ସମୟରେ ନ ପଢ଼ି ସେଥିରେ କ'ଣ ଲେଖାଯାଇଛି କହିଦେଇପାରେ ସଞ୍ଜୟ ।

ବିଦେଶ ଜାଗା । ଦେହ ପା' ଜଗି ଚଳିବୁ । ବୋହୂ କିପରି ଅଛି, ମାନସିକ କରିଛି ଝଙ୍କଡ଼ ଶାରଳାଙ୍କ ପାଖରେ । ତା' କୋଳକୁ ପିଲାଟିଏ ଆସିଲେ ସେଠିକୁ ଯାଇ ପୂଜା କରିବୁ । ତୋ' ବାପାଙ୍କ ଯିବା ଦଶ ବର୍ଷ ହେଲାଣି । କେବେ ଯାଇ ଗୟାରେ ପିଣ୍ଡ ଦେବୁ ?

ଆଜି ବି ସେମିତି କହିବା ନିହାତି ସ୍ୱାଭାବିକ ହିଁ ଥିଲା; କିନ୍ତୁ କ'ଣ ଭାବି ଚିଠିଟି ଉପରେ ସଞ୍ଜୟ ନଜର ବୁଲାଇ ଆଣିଲା ପରେ, ଜାଣିପାରିଲା ତା'ର ଅତି ପରିଚିତ ଶବ୍ଦଗୁଡ଼ିକ ସେଥିରେ ନାହିଁ । ଲେଖାଯାଇଛି ମାତ୍ର ଦି' ଧାଡ଼ି ।

ଆତ୍ମସଚେତନ ହେଲା ସେ । ପରମୁହୂର୍ତ୍ତରେ କହିଲା, ''ଗାଆଁକୁ ଯିବାକୁ ହେବ । ବୋଉ ଲେଖିଛି ।''

''ତୁମେ ଯାଅ । ମୁଁ ଯାଇପାରିବି ନାହିଁ,'' ସିଧାସଳଖ ମନା କରିଦେଲା ସୁଚିତ୍ରା ।

ଦିଲ୍ଲୀରେ ବଢ଼ିଥିବା ସୁଚିତ୍ରା ପାଖରେ ଟିକିଏ ହେଲେ ଭାବପ୍ରବଣତା ନାହିଁ, ତାହା ଜାଣେ ସଞ୍ଜୟ । ପ୍ରାଚୁର୍ଯ୍ୟର ଗୋଟେ ଅଲଗା ଭୂମି ଥାଏ । ସେହି ଭୂମିରେ କେବଳ ଉର୍ଦ୍ଧ୍ୱକୁ ଉଠି ଭୋଗ କରିବା ସକାଶେ ପାଖରେ ସମୟ ଥାଏ । ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସର ଆଉ ଗୋଟିଏ ସୁନ୍ଦର ଭୂମି ଏଇ ପୃଥିବୀରେ ଅଛି, ତାହା ଜାଣେ ନାହିଁ ସୁଚିତ୍ରା । ସେଥିପାଇଁ ତା' ପାଖରେ ସମୟ ବି ନାହିଁ । ତେଣୁ ବିଭାଘର ପରେ ସଞ୍ଜୟ ଯେତେଥର ତାକୁ ଗାଆଁକୁ ସାଥିରେ ଆସିବା ପାଇଁ କହିଛି, କୌଣସି ଆଳ ଦେଖାଇ ସେ ମନା କରିଦେଇଛି ।

ପ୍ରତିଥର ଏକୁଟିଆ ଆସେ ଗାଆଁକୁ ସଞ୍ଜୟ । ବୋଉ ତାକୁ ଦେଖି କହେ, 'ତୁ ଆସିଲୁ । ସେତିକିରେ ମୋର ଖୁସି । ସେଠି ବୋହୂ ଥାଉ, ଭଲରେ ରହୁ ।'

Digitized by PPRACHIN, SOA

ଏହି କଥା ପଦକ ସଞ୍ଜୟର ମନକୁ ଛୁଉଁ ନ ଛୁଉଁଣୁ ଛଳ ଛଳ ହୋଇଯାଏ ବୋଉର୍ ଆଖି । ଚଉଁରା ମୂଳରେ ପାଣି ଦେଲାବେଳେ ହାତ ଯୋଡ଼ିଦିଏ ମଥା ଉପରେ । ପାଣିଚିଆ ଆଖି, ଥର ଥର ଓଠ, ଓଦା ମୁହଁ ଓ ଧଳା ଲୁଗାରେ ବୋଉ କାହିଁକି କେଜାଣି ଆକାଶରେ ଭାସୁଥିବା ମେଘ ଖଣ୍ଡ ପରି ଦିଶେ ।

ମେଘର ସ୍ୱପ୍ନ ଅଛି କି ନାହିଁ, ତାହା ଜାଣେ ନାହିଁ ସଞ୍ଜୟ । କିନ୍ତୁ ବୋଉର ସ୍ୱପ୍ନଟିଏ ଅଛି । ତାହା ଅତି କୋମଳ, ମଧୁର । ବୋହୂ ଗାଆଁକୁ ଆସୁ ଆସୁ ତା' ହାତରୁ ସବୁ ଦାୟିତ୍ୱ ନେଉ । ଦାୟିତ୍ୱ ନେବା ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ, ବରଂ ଦାୟିତ୍ୱ ଦେବା ଅତି ଶ୍ରଦ୍ଧାର କଥା, ତାହାହିଁ ବୁଝେ ବୋଉ ।

ଚିଠିରେ ତାହାହିଁ ଲେଖିଥିଲା ବୋଉ ।

ଆଉ ପାରିବିନି । ମୋ ଦେହ ଭଲ ରହୁନି । ଆଣ୍ଠୁ ଧରିଛି । ବୋହୂକୁ ନେଇ ଆସିବୁ । ଗୁରୁବାର ଓଷା କରି ଯିବ । ବୋହୂ ନ ଆସିଲେ ମୁଁ ଖଟୁଲି ସହ ଠାକୁରାଣୀକୁ ପୋଖରୀରେ ପକାଇଦେବି । ଏ ବର୍ଷ ଠାରୁ ଗୁରୁବାର ଓଷା ବନ୍ଦ ହୋଇଗଲା ଜାଣ ।

ବୋଉର ଅଭିମାନ କଥା ସୁଚିତ୍ରାକୁ କେମିତି ବୁଝାଇବ, ତାହା ସଞ୍ଜୟ ପକ୍ଷରେ ଆଦୌ ସହଜ ନୁହେଁ । ଅବଶ୍ୟ ଏହା ପଛରେ ଯଥେଷ୍ଟ କାରଣ ବି ଅଛି । ସୁଚିତ୍ରା ଓଡ଼ିଆ ଘରର ଝିଅ ନୁହେଁ । ଜଗନ୍ନାଥ ସଂସ୍କୃତି ସହ ସେ ଆଦୌ ପରିଚିତ ନୁହେଁ । ଓଡ଼ିଆ କହି ଶିଖିଛି କେବଳ । ତାହା ମଧ୍ୟ ଠିକ୍ ଭାବରେ ନୁହେଁ । ମହାରାଷ୍ଟ୍ରର ଝିଅ । ଦିଲ୍ଲୀରେ ପାଠ ପଢୁଥିଲା । ଆଉ ଚାକିରି ବି କରିଛି ମଲ୍ଟିନେସନାଲ୍ କମ୍ପାନୀରେ, ସେଇ ଦିଲ୍ଲୀରେ । ସେଇଠି ତା' ସହ ପରିଚୟ ସଞ୍ଜୟର । ପରେ ପରେ ବିଭାଘର । ଅତି ପ୍ରଫେସନାଲ କାର୍ଯ୍ୟରେ, ବ୍ୟବହାରରେ । ଅନେକ ସମୟ ବିତାଏ କମ୍ପ୍ୟୁଟର ପାଖରେ । ପ୍ରୋଜେକ୍ଟ, କନ୍‌ଫରେନ୍ସ, ମିଟିଂ ଭିତରେ ସେ ହଜିଯାଏ । ଟିକିଏ ସମୟ ମିଳିଲେ ସଞ୍ଜୟ ସାଥିରେ ଚାଲିଯାଏ କୌଣସି କ୍ଲବ କିମ୍ବା ପାର୍ଟି, ଛୁଇଁବାକୁ ଚୋରାବାଲି ।

ଚୋରାବାଲିର ସୁଖ ଠାରୁ ଆଉ ଗୋଟେ ସ୍ଥାନରେ ନିଆରା ସୁଖଟିଏ ଅଛି, ତାହା ବୁଝାଇବା ପାଇଁ ସଞ୍ଜୟ କହିଲା, 'ମୋ କଥା ରଖ । ଥରୁଟିଏ ପାଇଁ ତୁମେ ମୋ ସହ ଗାଆଁକୁ ଚାଲ ।'

ପାଦ ତଳେ କ'ଣ ଚାଲିଯିବା ପରି ସୁଚିତ୍ରାର ମନେହେଲା । ଚମକିପଡ଼ି ପାଦ ଉଠାଇଆଣି କହିଲା, 'ଆର ମାସରେ ମୁଁ ଆମେରିକା ଯିବି । ସେଥିପାଇଁ ମୋତେ ସବୁ କିଛି କରିବାକୁ ହେଉଛି । ଚାରି ପାଞ୍ଚ ଦିନ ପାଇଁ ଗାଆଁକୁ ଗଲେ ମୋର କେତେ କ୍ଷତି ହେବ, ତାହା ତୁମେ ବୁଝିପାରୁଚ ତ !'

Digitized by PPRACHIN, SOA

''ଲାଭକ୍ଷତିର ହିସାବ ସବୁବେଳେ କରାଯାଏନା ସୁଚିତ୍ରା । ଗାଆଁରେ ବୋଉ ଅଛି । ମୋତେ ଯିଏ ପ୍ରଥମେ ଦୁନିଆର ଆଲୋକ ଦେଖାଇଥିଲା । ସେଠି ସିଏ ଅପେକ୍ଷା କରିରହିଛି ତୁମକୁ । ଓଡ଼ିଆଘରର ଝିଅ ନ ହେଲେବି ତୁମେ ମୋ କଥା ବୁଝିପାରୁଥିବ । ମୁଁ ଜାଣେ, ତୁମେ ବହୁତ ପ୍ରଫେସନାଲ୍ । ମାତ୍ର ମୁଁ ଆଜି ତୁମକୁ ବାଧ କରୁଛି । ଆମେରିକା ଯିବା ପୂର୍ବରୁ ଥରୁଟିଏ ପାଇଁ ଗାଆଁକୁ ଚାଲ । କିଛି ବି ତୁମର କ୍ଷତି ହେବ ନାହିଁ । ଆମେ ଚାରିଦିନ ପରେ ଫେରିଆସିବା । ତେଣୁ ଥରୁଟିଏ ପାଇଁ....'

'ଥରୁଟିଏ ପାଇଁ' ଶବ୍ଦ ଦୁଇଟିକୁ ଏତେ ଧୀର ସ୍ୱରରେ ସଞ୍ଜୟ ଉଚ୍ଚାରଣ କଲା ଯେ ସୁଚିତ୍ରାର ମନେହେଲା, ତା' ଆଗରେ କେହି ଜଣେ ଆଣ୍ଠୁମାଡ଼ି ଅନୁରୋଧ କରୁଛି ଲୁହଭରା ଆଖିରେ । ତେଣୁ ସେ ନାହିଁ କରୁ କରୁ ହଁ ଭରିଦେଲା ।

ପରଦିନ ପ୍ଲେନ୍‌ରେ ଭୁବନେଶ୍ୱର ଆସୁଥିବା ବେଳେ ବ୍ୟସ୍ତହେଲା ସୁଚିତ୍ରା । ସପ୍ତାହ ଭିତରେ ଭିସା ମିଳିଯିବା ଭଲ । ଯେତେ ଶୀଘ୍ର ଭିସା କାମଟି ସରିଗଲେ ସେ ନିଶ୍ଚିନ୍ତ ହେବ । କମ୍ପାନୀ ତରଫରୁ ତିନି ବର୍ଷ ପାଇଁ ଗୋଟେ ପ୍ରୋଜେକ୍ଟ ସକାଶେ ଆମେରିକାରେ ରହଣି । କିଏ କ'ଣ ଏହି ସୁଯୋଗକୁ ଛାଡ଼ିପାରେ; ଅଥଚ ସଞ୍ଜୟ କିଛି ବୁଝିପାରୁ ନାହାନ୍ତି । ଗାଆଁକୁ ସମୁଦାୟ ପୃଥିବୀ ବୋଲି ସେ ଭାବୁଛନ୍ତି ।

ଶିମୁଳି ତୁଳା ପରି ଭାସୁଥିବା ମେଘଖଣ୍ଡର ବିଚିତ୍ର ଦୃଶ୍ୟରେ ଆମୋଦିତ ହେଉଥିବାବେଳେ ମନେପଡ଼ିଗଲା ବୋଉ କଥା । ଉଦାସ ଦେଖାଗଲା ସଞ୍ଜୟ । ତିନିବର୍ଷ ଧରି ସୁଚିତ୍ରା ରହିବ ଆମେରିକାରେ ଆଉ ସେ ଏକା ଏକା ସମୟ ବିତାଇବ ଦିଲ୍ଲୀରେ । ଅବଶ୍ୟ ମଝିରେ ସେ ଆମେରିକା ଯାଇପାରେ । ସେଠିକୁ ଯିବା ନ ଯିବା ବାସ୍ତବିକ ତା' ପାଇଁ ସମସ୍ୟା ନୁହେଁ । ସମସ୍ୟାଟି ହେଉଚି, ପୋଖରିହୁଡ଼ାର ତାଳଗଛରେ ବସା ବାନ୍ଧିଥିବା ବାୟାଚଢ଼େଇର ଜୀବନ ପରି ସେ କ'ଣ ଜୀଇଁ ପାରିବ: ମାସଟିଏ ପରେ ସୁଚିତ୍ରା ଆମେରିକାରେ, ବୋଉ ଗାଆଁରେ ଆଉ ସେ ରହିବ ଦିଲ୍ଲୀରେ । ସମସ୍ତେ ଥିବେ ଅଥଚ ତାକୁ ଜଣାପଡୁଥିବ କେହି କୋଉଠି ନାହାନ୍ତି ।

ଏରୋଡ୍ରମ୍ ବାହାରେ ଟ୍ୟାକ୍ସିଷ୍ଟାଣ୍ଡ । ଟ୍ୟାକ୍ସିରେ ବସିବାବେଳେ ସୁଚିତ୍ରା ପଚାରିଲା, ''ଏଠୁ ତୁମ ଗାଆଁ କେତେ ଦୂର ?''

''ଦେଢ଼ ଶହ କିଲୋମିଟର । ରାସ୍ତା ଖରାପ ଅଛି । ଆମକୁ ଗାଆଁରେ ପହଞ୍ଚିବା ପାଇଁ ତିନି ଘଣ୍ଟା ଲାଗିପାରେ ।''

ଅସହାୟତାର ସ୍ୱର ଫୁଟିଉଠିଲା ସଞ୍ଜୟ କଥାରେ ।

Digitized by PPRACHIN, SOA

ଗାଡ଼ି ଚାଲିଲା ଚାଳିଶ କିଲୋମିଟର ବେଗରେ । ଖୋଲା ଝର୍କା ଦେଇ କୋହଲା ପବନ ପଶିଆସିଲା । ଆକାଶ ଦିଶିଲା ଅସ୍ପଷ୍ଟ, ଓଦା ଓଦା ।

ଖାଲଂ ଢିପ ରାସ୍ତା, ଶାଗୁଆ ଧାନ କ୍ଷେତ, ଝଲସି ଯାଉଥିବା ପୋଖରୀ, ତା' ଭିତରେ ଅସୁମାରି କଇଁଫୁଲ । ଏଇପରି କେତୋଟି ଦୃଶ୍ୟ ନ ଦିଶିଲା ପରି ଅଦୃଶ୍ୟ ହେବା ପରେ ଅଟକିଲା ଗାଡ଼ି ନଈକୂଳରେ ।

''ଏଇଠି ଓହ୍ଲାଇବାକୁ ହେବ ।''

ସୂଚନା ଦେବାଭଳି ଢଙ୍ଗରେ କହିଲା ସଞ୍ଜୟ ।

କିଛି କହିବାକୁ ଚାହିଁଲା ସୁଚିତ୍ରା । ମାତ୍ର ଡ୍ରାଇଭରକୁ ବିଦା କରିବା ପାଇଁ ସଞ୍ଜୟ ବ୍ୟସ୍ତ ରହିବା ହେତୁ ନୀରବ ରହିଲା ସେ ।

ଡଙ୍ଗାରେ ଉଠିଲାବେଳେ ସାବଧାନତା ସହକାରେ ପାଦ ପକାଇଲା ସୁଚିତ୍ରା । କାନ୍ଧରେ ଏୟାର ବ୍ୟାଗ୍ । ପିନ୍ଧିଥାଏ ଜିନ୍ ପ୍ୟାଣ୍ଟ୍ ଆଉ ଧଳା ଶାର୍ଟ । ଛଳଛଳ ନଈ । ସେଥିରେ ପାଣି ଖେଳୁଥାଏ ଯେମିତି । କାଗଜରେ ଅଙ୍କା ଛବି ପରି ଦିଶୁଥାଏ ନଈ, ନାଉରିଆ ଆଉ କାତ । ଦୂରରେ, ଅନେକ ଦୂରରେ ପାଣି ଭଳି ଦିଶୁଥାଏ ମେଘଭରା ଆକାଶ ।

''ବସିପଡ଼ । ନ ହେଲେ ପଡ଼ିଯିବ ଡଙ୍ଗା ଚାଲିଲେ ।''

ଜୟନ୍ତ କଥାରେ ପ୍ରକୃତିସ୍ଥ ହେଲା ପରେ ଚମକିପଡ଼ିଲା ସୁଚିତ୍ରା । କୋଉଠି ବସିବ ? କାଦୁଅ ଛିଟା, ଛିଣ୍ଡା ଘାସ, ନଡ଼ିଆପତ୍ର ଏଠି ସେଠି ପଡ଼ିଛି ଡଙ୍ଗା ପଟା ଉପରେ । କେତେଜଣ ମଳିଛିଆ ସ୍ତ୍ରୀଲୋକ ତାକୁ ଚାହିଁ ମୁରୁକି ହସୁଛନ୍ତି ମୁହଁରେ ଲୁଗାକାନି ଦେଇ । ତା' ପୋଷାକ ପ୍ରତି ସେମାନଙ୍କର ଲଘୁ ମନ୍ତବ୍ୟକୁ ବୁଝିପାରିଲେ ବି କିଛି କହିବା ପାଇଁ ସେ ଇଚ୍ଛା କଲା ନାହିଁ । ବିରକ୍ତିରେ ସଞ୍ଜୟ ଆଡ଼କୁ ଚାହିଁଦେଇ ସେ ବସିପଡ଼ିଲା ମଙ୍ଗ ପାଖରେ ଗୋଡ଼ ଲମ୍ବାଇ ।

କିଛି ସମୟ କାତ ମାରି ଡଙ୍ଗା ଚଳାଇବା ପରେ ଆହୁଲା ଧରିଲା ନାଉରିଆ । ପାଣିରେ ମୃଦୁ ତରଙ୍ଗ । କଳ କଳ ଶବ୍ଦ । ମଝିରେ ମଝିରେ ଛୋଟ ପିଲାର କାନ୍ଦ । ଡଙ୍ଗା ଆଉ କୂଳରେ ଲାଗିବାବେଳକୁ ନଇଁଯାଇଥିଲେ ସୂର୍ଯ୍ୟ ଦିଗ୍‌ବଳୟ ନିକଟରେ । କିଆ ବୁଦା ପାଖରେ ଅନ୍ଧାର । ମାର୍ଗଶିର ମାସର ଅଳ୍ପ ଅଳ୍ପ ଶୀତ । ନୀଡ଼ ବାହୁଡ଼ା ଚଢ଼େଇଙ୍କର କଳରବ ।

ଡଙ୍ଗାରୁ ଅତି ସାବଧାନରେ ଓହ୍ଲାଇ ପାଦ ରଖିଲା ତଳେ ସୁଚିତ୍ରା । ସବୁଠି ପଚପଚ କାଦୁଅ । ମଳିନ ଅନ୍ଧାର । ସମ୍ଭାବନାହୀନ ମୁହୂର୍ତ୍ତ ।

Digitized by PPRACHIN, SOA

"ଏଠୁ ଆଉ ଗୋଟେ କିଲୋମିଟର ମାତ୍ର । ଚାଲି ଚାଲି ଯିବାକୁ ହେବ ।"

ସଞ୍ଜୟ କଥା ଶୁଣି ସୁଚିତ୍ରା ଚିତ୍କାର କରିଉଠିଲା, 'ହ୍ୱାଟ୍ !'

ବିଲ ଗୋହିରି ରାସ୍ତା । ଦି' ପଟେ ଶାଗୁଆ ଧାନ କ୍ଷେତ । ଝିଙ୍କାରିଙ୍କର ଝିଁ ଝିଁ ସ୍ୱରରେ କୋରସ୍ । ମଝିରେ ମଝିରେ ବେଙ୍ଗଙ୍କର କର୍କଶ ଧ୍ୱନି । ସତର୍କ ବିଲୁଆର ହିଂସ୍ର ଚାହାଣି କିଆବୁଦା ମୂଳରୁ ।

ଛିଟିକି ପଡ଼ିଲା ପାଣି କାଦୁଅ ପାଣ୍ଟ, ଶାର୍ଟ ଓ ମୁହଁରେ । ଗାଆଁରେ ପହଞ୍ଚିଲାବେଳକୁ କାଦୁଅରେ ଗାଧୋଇ ସାରିଥିଲା ସୁଚିତ୍ରା । ସେ ବିସ୍ମିତ ହେଲା ସଞ୍ଜୟର ଘର ଦେଖି । ତିନି ଚାରି ବଖରା ମାଟି ଘର । ଟପ୍ ଟପ୍ ହୋଇ ବର୍ଷା ପାଣି ନିଗିଡ଼ି ପଡୁଥାଏ ଚାଳରୁ । ସମ୍ଭବତଃ ପ୍ରତିଶ୍ରୁତିହୀନ ଭୂମିରେ ସେ ପାଦଦେଲା ଯେମିତି ।

ଏଭଳି ମୁହୂର୍ତ୍ତଟିଏ ଆସିପାରେ ବୋଉ କେବେ ଭାବି ନ ଥିଲା । ସୁଚିତ୍ରାକୁ ଦେଖି ସେ ବିହ୍ୱଳ ହୋଇପଡ଼ିଲା । ବୋହୂଟି ଏତେ ଦୂରରୁ ଆସି ନିପଟ ମଫସଲ ଗାଆଁରେ ପହଞ୍ଚିବା ତା' ପାଇଁ ବିସ୍ମୟକର ଘଟଣା । ପ୍ରଥମେ କେଉଁ କାମଟିକୁ କରିବ ? ପାଣି ଢାଳ ଆଣିଦେବ ନା ଦୀପ ଧରି ବନ୍ଦାଇବ ?

ଉପସ୍ଥିତ ହେଲେ ସାହିପଡ଼ିଶା । ସବୁ ସମସ୍ୟାର ସମାଧାନ ହୋଇଗଲା ଧୀରେ ଧୀରେ । ବୋଉ ଉଲ୍ଲସିତ, ବିଭୋର ହେଲା ।

ପାଦ ବଢ଼ାଇ ଏରୁଣ୍ଡିବନ୍ଧ ଡେଇଁ ଅପରିଚିତ ମୁହୂର୍ତ୍ତକୁ ଛୁଇଁଲା ସୁଚିତ୍ରା । ଟିକିଏ ଇତସ୍ତତଃ ହେବା ପରେ ସେ ନିଜକୁ ପରିବେଶ ସହ ସହଜରେ ମିଶାଇନେଲା । ସଞ୍ଜୟ କୌଣସି ମନ୍ତବ୍ୟ ଦେବ ବୋଲି ଚିନ୍ତାକଲା, କିନ୍ତୁ ପରବର୍ତ୍ତୀ ସମୟରେ ସେ ନୀରବ ରହିଲା ।

ଖାଇବା ବେଳେ ସଞ୍ଜୟ ନିଜକୁ ସମ୍ଭାଳି ପାରିଲା ନାହିଁ । ସେ ପଚାରିଲା, "ତୁମେ ଆସିବା ପାଇଁ ମନା କରୁଥିଲ, ଅଥଚ ଖୁଡ଼ୀ ଦୀପରେ ବନ୍ଦାଉଥିଲାବେଳେ ବେଶ୍ ଲାଜ ଲାଜ ଦେଖାଯାଉଥିଲା ତୁମ ମୁହଁ । ମୁଁ କିଛି ବୁଝିପାରୁ ନାହିଁ ।"

"ତୁମ ପାଇଁ ମୋତେ କିଛିଦିନ ସକାଶେ ଅଭିନୟ କରିବାକୁ ହେବ ବୋଲି ସ୍ଥିର କରିନେଇଛି ।"

'କାହିଁକି'; ସଞ୍ଜୟର ଏଇ ଅନୁସନ୍ଧିତ୍ସା ଥିଲା ସ୍ୱାଭାବିକ ।

"କେହି ତୁମକୁ ଭୁଲ୍ ନ ବୁଝୁ । ଅନ୍ତତଃ ମୋତେ ବାହାହୋଇ ତୁମେ ଭୁଲ୍ କରି ନାହଁ ବୋଲି ତୁମ ବୋଉ ବୁଝନ୍ତୁ ।"

Digitized by PPRACHIN, SOA

ସଞ୍ଜୟ ନିଜ ଅଜାଣତରେ ଚମକି ପଡ଼ିଲା ।

ଖିଆପିଆ ସରିବା ପରେ ଯେତେବେଳେ ବୋଉ ପିଠୋଉ କଂସା ନେଇ ଚିତା ପକାଇଲା, ସେତେବେଳେ ସୁଚିତ୍ରା ଦେହରେ ଖେଳିଗଲା ରୋମାଞ୍ଚ । ତା'ର ମନେହେଲା, ଶାଶୂ ଝୋଟିଚିତା ପକାଉ ନାହାନ୍ତି, ବରଂ ଶ୍ରଦ୍ଧା ବିଶ୍ୱାସର କେତୋଟି ଚିତ୍ର ଆଙ୍କୁଛନ୍ତି । ପଦ୍ମଫୁଲ, କଳସ, କୁନିକୁନି ପାଦରେ କୌଣସି ଏକ ରୂପକଥାକୁ ରୂପ ଦେଉଛନ୍ତି । ପାଦଗୁଡ଼ିକ ଥରିଲା ଗଭୀର ଆତ୍ମୀୟତାର ଚିହ୍ନ, ସ୍ପର୍ଶ । ଅତି ଆପଣାର ମଣିଷଟିଏ ଘର ଭିତରକୁ ଆସିଛି, ବାହାରେ ପାଦଚିହ୍ନ ଛାଡ଼ିଦେଇ ଯେମିତି । କିଏ ସେଇ ?

ସିନ୍ଦୂରା ଫାଟିବା ପୂର୍ବରୁ ବୋଉର ନିଦବାଉଳା କଣ୍ଠ ସ୍ୱର ଶୁଭିଲା । ଝାପ୍‌ସା ଅନ୍ଧାରରେ ସୁଚିତ୍ରା ଉଠି ଚାଲିଗଲା ପଦାକୁ ତର ତର ହୋଇ ।

ବୋଉ ବୁଝାଇଲା ସବୁ କିଛି । ଖଟୁଲି, ମାଣ, ଛିଟକନା, ଧାନମେଣ୍ଟି, ଗୁଆ, ସୁଖ ଆଉ ସମୃଦ୍ଧି ପାଇଁ ବର୍ଷ ବର୍ଷ ଧରି ପୂଜାପଦ୍ଧତି ଓ ପରମ୍ପରା ।

ସୂର୍ଯ୍ୟ ମୁହଁ ଦେଖାଇବା ବେଳକୁ ବୋଉ କଣ୍ଠରୁ ଶୁଭିଲା ହୁଳହୁଳି ।

ସଞ୍ଜୟ ବିଛଣା ଛାଡ଼ି ପଦାକୁ ଆସି ଦେଖିଲା, ସୁଚିତ୍ରା ବୋଉର କୋଉ ଅମଳର ଶାଢ଼ିଟିକୁ ପିନ୍ଧି ଠିଆ ହୋଇଛି ମାଣ ଖଟୁଲି ପାଖରେ । ସୁଚିତ୍ରା ଏତେ ସୁନ୍ଦର ଅଭିନୟ କରିପାରେ ତାହା ଭାବି ବିସ୍ମିତ ହେଲା ନାହିଁ, ବରଂ ଆମୋଦିତ ହେଲା ଏଇଥିପାଇଁ ଯେ ସେ ଶାଢ଼ି ପିନ୍ଧିଲେ ଓଡ଼ିଆଘରର ବୋହୂ ପରି ଦିଶୁଛି ।

'ଲକ୍ଷ୍ମୀ ପୁରାଣ' ବୋଉ ପଢ଼ିଲା । ଲକ୍ଷ୍ମୀଙ୍କୁ ଜଗନ୍ନାଥଙ୍କ ଭର୍ତ୍ସନା ପଦ ପଢ଼ିଲାବେଳେ ତା' କଣ୍ଠସ୍ୱର ସାମାନ୍ୟ କାନ୍ଦ କାନ୍ଦ ଜଣାପଡ଼ିଲା । ଜାତିଜାତିକା ଫୁଲ, ବରକୋଳି ପତ୍ର, ଆମ୍ବପତ୍ର, ଦୂବ, ସିନ୍ଦୂର ଆଉ ଛିଟକନାରେ ଘୋଡ଼େଇ ହୋଇଥିବା ମାଣ ଖଟୁଲିଟି କାହିଁକି କେଜାଣି ସ୍ତ୍ରୀଲୋକଟିଏ ପରି ପ୍ରତ୍ୟୟ ହେଲା ସୁଚିତ୍ରାର । ଝୋଟିଚିତାରେ ପାଦ ଥୋଇ ସେଇ ସ୍ତ୍ରୀଲୋକଟି ଚୁପ୍‌ଚାପ୍ ଆସି ବସିପଡ଼ିଛି ଅଭୟ ମୁଦ୍ରାରେ । ମନ ଦେଇ ଶୁଣୁଚି ବୋଉର ଗୀତ । ଗୀତ ନା ପ୍ରାର୍ଥନା !

ନିର୍ମଳ ହୃଦୟରେ ଜଣେ ମଣିଷ ଏମିତି ପ୍ରାର୍ଥନା କରିପାରେ, ସୁଚିତ୍ରା ତାହା କେବେବି ଭାବି ନ ଥିଲା । କ'ଣ ପାଇଁ ଏ ପ୍ରାର୍ଥନା ? ଏତେ ସହଜରେ କ'ଣ ସୁଖ ସମୃଦ୍ଧି ମିଳିପାରେ ? ଐଶ୍ୱର୍ଯ୍ୟମୟ ହୋଇଯାଏ ସଂସାର ?

ପ୍ରଶ୍ନଗୁଡ଼ିକର ଉତ୍ତର ନ ପାଇଲେ ବି ସୁଚିତ୍ରା ବିହ୍ୱଳିତ ହୋଇପଡ଼ିଲା ଧୀରେ ଧୀରେ । ବୋଉ ହାତତିଆରି ମଣ୍ଡାପିଠା, ପୋଡ଼ପିଠା, ଆରିସାର ଗୋଟେ ଅଲଗା

Digitized by PPRACHIN, SOA

ସ୍ୱାଦ ତାକୁ ମମତାମୟ କରିଦେଲା । ହଳଦୀବସନ୍ତ, କଜଳପାତି, ଘରଚଟିଆ, କଇଁଫୁଲ ଆଉ ସ୍ୱଚ୍ଛ ପାଣି ତଳେ ପହଁରୁଥିବା ମାଛଗୁଡ଼ିକୁ ଦେଖି ଶ୍ରଦ୍ଧାର ପୃଥିବୀ ଭିତରେ ସେ ହଜିଗଲା ଯେମିତି !

ଘର ଛାଡ଼ିବା ବେଳେ ସୁଚିତ୍ରାର ମନ ଭାରାକ୍ରାନ୍ତ ଓ ଉଦାସ ଦେଖାଗଲା ।

ବୋଉ ତା' ହାତକୁ କନା ବ୍ୟାଗ୍‌ଟିଏ ବଢ଼ାଇ ଦେଇ କହିଲା, ''ତୋ ଠାକୁରାଣୀକୁ ତୁ ନେ'' । ଯେଉଁଠି ରହିବୁ ସେଇଠି ରଖି ପୂଜା କରିବୁ । ମନେ ରଖିଥିବୁ ମାର୍ଗଶିର ମାସ ଶେଷ ଗୁରୁବାର ଦିନଟିକୁ....''

ବୋଉର କଣ୍ଠସ୍ୱର ହେଲା ଆର୍ଦ୍ର, ଓଜନିଆଁ ।

ସେତିକିବେଳେ ସୁଚିତ୍ରା ଚେଷ୍ଟା କଲା, ଏଇ ପୃଥିବୀରେ ଟିକିଏ ଗୋପନୀୟ ସ୍ଥାନ ଅଛି କି, ଯେଉଁଠି ସେ ଅବାରିତ ଭାବରେ କାନ୍ଦିପାରନ୍ତା । ସମ୍ଭବତଃ ସେମିତି ଜାଗା କୋଉଁଠି ନାହିଁ ।

ମଥା ନୁଆଁଇଲା ବୋଉର ପାଦ ତଳେ ସୁଚିତ୍ରା । କେଇ ବୁନ୍ଦା ଲୁହ ଖସିପଡ଼ିଲା ତା' ଆଖିରୁ ମାଟି ଉପରେ । ଓଦା ମାଟି ଧରିରଖିଲା ସେଇ ଲୁହ ।

ଡଙ୍ଗା ଉପରକୁ ଉଠିଲାବେଳେ ଅତି ସହଜ ଭାବରେ ସୁଚିତ୍ରାକୁ ସଞ୍ଜୟ କହିଲା, ''ଗାଆଁ ରହିଲାଣି ଗୋଟେ କିଲୋମିଟର ପଛରେ ଆଉ ବୋଉ ମୁହଁ ବି ଲୁଚିଗଲାଣି । ଅଭିନୟ ଛାଡ଼ି ତୁମେ ଏଥର ସେଇ କନା ବ୍ୟାଗ୍‌କୁ ନଈ ଭିତରେ ପକାଇଦିଅ । ବୋଉ ପାଖରେ ରହୁ ତା' ଠାକୁରାଣୀ । ମାର୍ଗଶିର ମାସର ଶେଷ ଗୁରୁବାରରେ ସେ ଅନ୍ତତଃ ଶୁଣିପାରିବେ ତା' ପ୍ରାର୍ଥନା ।'

ଏ କ'ଣ ଶୁଣିଲା ସୁଚିତ୍ରା ? ଠିକ୍ ଶୁଣିଲା ତ ! ଶ୍ରଦ୍ଧା ଓ ବିଶ୍ୱାସର ଝୋଟିଚିତାକୁ ଛୁଇଁସାରିବା ପରେ କେଉଁ ବୋହୂ ଆଉ ଅଭିନୟ କରିପାରେ ? କନା ବ୍ୟାଗ୍‌ଟିକୁ ଛାତିରେ ଜଡ଼ାଇ ଧରି ସେ ଏତେ ଅଭିଭୂତ ହୋଇଗଲା ଯେ କିଛି କହି ପାରିଲା ନାହିଁ । ସମ୍ପର୍କର ପରିଭାଷା ବଦଳିଗଲା ବୋଧେ ତା' ପାଇଁ । ସେ ଚାହିଁଲା: ଛଳ ଛଳ ହୋଇ ବହିଯାଉଥିବା ନଈକୁ, ସୀମାହୀନ ନୀଳ ଆକାଶକୁ, ଅଫୁରନ୍ତ ଆନନ୍ଦରେ ମୁଗ୍ଧ ଧାନ କିଆରିକୁ ଅନ୍ତରଙ୍ଗ ଚାହାଣିରେ ।

ଶ୍ରଦ୍ଧା ଓ ବିଶ୍ୱାସର ଐଶ୍ୱର୍ଯ୍ୟମୟ ପୃଥିବୀ ଭିତରକୁ ଝୋଟିଚିତାର କୁନି କୁନି ପାଦ ଚିହ୍ନ ଆସ୍ତେ ବାଟ କଢ଼ାଇନେଲା ସୁଚିତ୍ରାକୁ ଯେମିତି । ସେ ଡଙ୍ଗା ଉପରେ ବସିପଡ଼ି ଫିସ୍ ଫିସ୍ କରି କହିଲା, ''ଆମେରିକା ଆଉ ଯିବି ନାହିଁ ।''

Digitized by PPRACHIN, SOA

ପ୍ରିୟଶତ୍ରୁ

ସବୁ ଗତାନୁଗତିକ ଧାରାରେ ଚାଲୁଛି । କେଉଁଠି କିଛି ବ୍ୟତିକ୍ରମ ଘଟୁ ନାହିଁ । ନିଦାଘ ପରେ ଘୋର ବର୍ଷାକାଳ ଆସୁଛି । କାକୁଡ଼ି ଫୁଲଟି କଷିରେ ରୂପାନ୍ତରିତ ହୋଇଯାଉଛି ପ୍ରଚଣ୍ଡ ବିଶ୍ୱାସ ନେଇ । ନଡ଼ିଆ ଗଛରେ ମୁକୁଳା କେଶ ପରି ଦିଶୁଥିବା ଚଅଁରରୁ ସ୍ୱାଭାବିକ ଭାବେ ଗୋଟି ଗୋଟି ହୋଇ ବାହାରି ଆସୁଛି ପଇଡ଼ । ସେଥିରେ ଭରିଯାଉଛି ମିଠାପାଣି । ଦିଶୁଚି ନାରୀର ଗୋପନ ଅହଙ୍କାର ପରି । କେହି କିଛି ଚିନ୍ତା କରିବା ପୂର୍ବରୁ ସବୁ କିଛି ସମର୍ପିତ ହୋଇଯାଉଛି । ସ୍ନେହ ଶ୍ରଦ୍ଧାକୁ ସ୍ୱୀକାର କରି ଘାସ ଭିତରୁ ମଥା ଟେକୁଚି ଅଭୂତପୂର୍ବ ବାଇଗଣୀ ରଙ୍ଗର ଫୁଲ । ପ୍ରତି ମୁହୂର୍ତ୍ତରେ ମାଟି ସହୁଛି ଗର୍ଭଯନ୍ତ୍ରଣା । ଏସବୁ ମାମୁଲି କଥା ନୁହେଁ । ଗୋଟିଏ ସମ୍ଭାବନାର ନୀରବ ପ୍ରତିଶ୍ରୁତି ନିଶ୍ଚୟ ।

ଅଥଚ ପ୍ରତିଶ୍ରୁତି ରଖନ୍ତି ନାହିଁ ଜୟନ୍ତ । ଆସନ୍ତି ନାହିଁ ପ୍ରତି ଶନିବାର । ସାତଦିନ ବିତିଯାଉଥିଲେ ବି ତାଙ୍କର ମନେପଡ଼େ ନାହିଁ ସୁନନ୍ଦାର କଥା । ବାଡ଼ରେ ଲଟେଇଥିବା ଜହ୍ନି ଲଟାରେ ହସୁଥିବା ହଳଦିଆ ଫୁଲ ମଉଳିଯାଉଚି । ସେଥିରୁ ବାହାରି ଆସୁଚି ସବୁଜ ରଙ୍ଗର ବିଶ୍ୱାସ । ବୋଧେ ସେହି ଟିକକ ବିଶ୍ୱାସକୁ ନେଇ ଅପେକ୍ଷା କରୁଚି ସୁନନ୍ଦା ।

ଆସନ୍ତା ଶନିବାର ନିଶ୍ଚେ ଆସିବେ ଜୟନ୍ତ । ଏଥର ଆସିପାରିଲେ ନାହିଁ । କୌଣସି କାମରେ ଛନ୍ଦି ହୋଇ ପଡ଼ିଥିବେ । ଆସିବା ସମ୍ଭବ ହୋଇ ନ ଥିବ । ଏକଥା କହି ମନକୁ ବୁଝାଇଦିଏ ସୁନନ୍ଦା । ମାତ୍ର ଝରକା ଆର ପାଖରେ ଫୁଟିଥିବା ମଲ୍ଲୀ ଫୁଲର ସୁଗନ୍ଧକୁ ରୋକିହୁଏ ନାହିଁ । କୋଠରି ଭିତରକୁ ପଶିଆସେ ମହ ମହ ସୁଗନ୍ଧ । ଜୟନ୍ତଙ୍କ ଅନୁପସ୍ଥିତିରେ ମହକିଉଠେ ସେ । ଧାର ଧାର ହୋଇ ବର୍ଷା ଝରି ପଡୁଥିବାବେଳେ ତା' ମନ ବିଞ୍ଚି ହୋଇଯାଏ ବିଛଣା ଉପରେ । ମଲ୍ଲୀ ଫୁଲ ପରି । ନିଜ ଉପରେ ନିୟନ୍ତ୍ରଣ ରଖିପାରେ ନାହିଁ । ଏବଂ ରଖିପାରିବା ମଧ୍ୟ ସମ୍ଭବ ନୁହେଁ । ଭାବେ, କାମର ବାହାନା ଦେଖାଇ ଜୟନ୍ତ କ'ଣ ଦାୟିତ୍ୱମୁକ୍ତ ହୋଇଗଲେ ? ମିଛ କଥା । ନିହାତି ମିଛ କଥା । ଦେହରୁ ଖସିପଡ଼େ ଲୁଗା । ମୁହଁ ଦେଖାଯାଏ ଲାଲ । ହିଂସ୍ର ହୋଇପଡ଼େ ସେ ।

Digitized by PPRACHIN, SOA

ଶୁଭେ ବେଙ୍ଗର କେଁ-କଟର ସ୍ୱର । ଗୋଟେ ମୁଗ୍ଧ ଅନୁଭବର ପ୍ରତିକ୍ରିୟା ତାହା ମାତ୍ର ।

ଜୟନ୍ତ ! ତମେ ଏବେ କେଉଁଠି ?

ଚିତ୍କାର କରିଉଠିଲା ସୁନନ୍ଦା । ଚାରି କାନ୍ଥର କୋଠରି ଭିତରେ । କୋଠରି ଭିତରଟି ସେତେ ପ୍ରଶସ୍ତ ନୁହେଁ । ଗୋଟିଏ ଡବଲ ବେଡ୍ । ତା' ପାଖରେ ଅଛି ଡ୍ରେସିଙ୍ଗ ଟେବୁଲ । କାନ୍ଥ ସଂଲଗ୍ନ କାଚ ଆଲମିରାରେ ଅନେକ ଚିତ୍ରବିଚିତ୍ର କଣ୍ଢେଇ । ଆଲମିରା ଉପରକୁ ଟଙ୍ଗାହୋଇଚି ଜୟନ୍ତଙ୍କ ଫଟୋ । ଫଟୋଟି ତିନି ଚାରି ବର୍ଷ ତଳର ହେବ । ବୋଧେ ବିଭାଘର ପୂର୍ବର । ଆଖି ଦୁଇଟି ବେଶ୍ ଢଳ ଢଳ । ସେଥିରେ ଭରିରହିଚି ବିଶ୍ୱସ୍ତଭାବ । ସେହି ଆଖି ଦୁଇଟିକୁ ଦେଖିଲେ ଯେକୌଣସି ଝିଅ ଥମ୍ ହୋଇ ରହିଯିବ । ଏତେ ବିଶ୍ୱସ୍ତ ଲାଗୁଥିବା ଯୁବକଟିକୁ କେହି କ'ଣ ନ ଚାହିଁ ରହିପାରିବ ! ବୋଧେ ଏଇ ଟିକକକୁ ସବୁ ଝିଅ ଚାହାଁନ୍ତି । ଏବଂ ଅପେକ୍ଷା କରି ରହିଥା'ନ୍ତି ସାରାଜୀବନ । ସ୍ୱାମୀଟି ବିଶ୍ୱସ୍ତ ହେଉ । ଆଉ ତାକୁ ଭରସା ମିଳୁ ।

ପ୍ରକୃତରେ ସେଥିପାଇଁ ଜୟନ୍ତଙ୍କ ଫଟୋଟିକୁ ଦେଖି ସୁନନ୍ଦା ହଁ ଭରିଦେଇଥିଲା । ଏବଂ ଲାଜେଇ ଯାଇଥିଲା କିଛି ସମୟ ପାଇଁ । ସେହିଥିରୁ ଘରର ସମସ୍ତ ସଦସ୍ୟ ବୁଝି ଯାଇଥିଲେ ସେ ବିବାହ ପାଇଁ ରାଜି । ଯେତେବେଳେ ମା' ପ୍ରସ୍ତାବ ଦେଇଥିଲେ, ସେ ଜୟନ୍ତଙ୍କୁ ଥରେ ଦେଖିବା ଉଚିତ ହେବ ବୋଲି, ସେତେବେଳେ ସେ ସିଧାସଳଖ ନାହିଁ କରିଦେଇଥିଲା । ଆଉ ଦେଖିବାରେ କ'ଣ ଅଛି ? ବିଶ୍ୱସ୍ତ ଦିଶୁଥିବା ଯୁବକଟି ଉପରେ କ'ଣ ଭରସା କରାଯାଇ ନ ପାରେ ! କାହିଁକି କେଜାଣି ଜୟନ୍ତ ବି ତାକୁ ଦେଖିବାକୁ ଆସି ନ ଥିଲେ । ସେ ବି ତା' ପରି ରାଜି ହୋଇଯାଇଥିଲେ ଫଟୋକୁ ଦେଖି । ଘର ଲୋକଙ୍କୁ ସେ କୁଆଡ଼େ କହିଥିଲେ – ସୁନ୍ଦରୀ ଝିଅକୁ ଦେଖିବାରେ ଆବଶ୍ୟକତା କ'ଣ ?

ଏ କଥାଟିକୁ ସୁନନ୍ଦା ଶୁଣିଥିଲା, ବାହାଘର ପରେ । ତା' ନଣନ୍ଦଠାରୁ । ନଣନ୍ଦଟି ମୁରୁକି ହସିଦେଇ ତା' କାନରେ ଅତି ଆସ୍ତେ ଏଇ କଥାଟିକୁ କହିଥିଲା । କଥାଟି କାନରୁ ଦି' କାନ ହୋଇ ନ ଥିଲା । ଅଥଚ ତା' ସୁନ୍ଦର ଚେହେରା ମୁଗ୍ଧ କରିଥିଲା ଉପସ୍ଥିତ ଥିବା ସମସ୍ତ ବନ୍ଧୁବାନ୍ଧବଙ୍କର ମନ, ହୃଦୟ । ଏଥିରୁ ବି ବାଦ୍ ଯାଇ ନ ଥିଲେ ଜୟନ୍ତ । ବିଜନ୍ଧିଡ ରାତିର ଅସ୍ପଷ୍ଟ ଆଲୋକରେ ସେ କହିଥିଲେ, ''ସୁନନ୍ଦା ! ତମେ ସତରେ ସୁନ୍ଦରୀ । ତମପରି ସୁନ୍ଦରୀ ଝିଅଟେ ଆଗରୁ ମୁଁ କେଉଁଠି ଦେଖି ନ ଥିଲି ।''

ତା'ପର ଦିନ ସକାଳେ ଡ୍ରେସିଂ ମିରର୍‌ରେ ନିଜ ମୁହଁକୁ ଗୋଟେ ମୁଗ୍ଧ ଚାହାଣିରେ ଦେଖିଲାବେଳେ ସୁନନ୍ଦା ସାରା ଦେହ ଉପରେ ଆଖି ବୁଲାଇ ଆଣିଥିଲା । ସତେ

Digitized by PPRACHIN, SOA

ଯେମିତି ନିଜକୁ ପଚାରିଥିଲା – କେଉଁଠି ? କେଉଁଠି ଅଛି ତାହାର ସୁନ୍ଦରୀପଣ ? ମୁହଁରେ ନା ଦେହରେ ? ନା ମନ ଭିତରେ ? ଯାହାକୁ ଦେଖି ମୁଗ୍ଧ ହୋଇଛନ୍ତି ଜୟନ୍ତ । ଅନେକ ସମୟ ଧରି ମିରର୍‌ରେ ଫୁଟିଉଠିଥିବା ପ୍ରତିବିମ୍ବକୁ ସେ ଚାହିଁ ରହିଥିଲା କେବଳ । ସେ ପାଇ ନ ଥିଲା ସେହି ଅପୂର୍ବ ଐଶ୍ୱର୍ଯ୍ୟକୁ । ନିରାଶ ହୋଇଥିଲା । ଭାବିଥିଲା, ସୁନ୍ଦରୀପଣକୁ ନିଜ ଆଖିରେ ଦେଖିହୁଏ ନାହିଁ, ବରଂ ଅନ୍ୟ କାହା ଆଖିରେ ଦେଖିହୁଏ । ଅନୁଭବ କରିହୁଏ ବୋଧେ ।

ସୁନନ୍ଦାର ସୁନ୍ଦରୀପଣକୁ ଅନୁଭବ କରିସାରିଥିଲେ ଜୟନ୍ତ । ରାତିଟିଏ ଭିତରେ । ବିଛଣାରେ ପଡ଼ିଥିବା ମଉଳା ମଲ୍ଲୀ ଫୁଲ କେତୋଟିକୁ ଝରକା ବାହାରେ ଫୋପାଡ଼ି ଦେବା ପାଇଁ ଅଞ୍ଜୁଳିରେ ଭରିଥିଲେ । ସେତିକିବେଳେ ତାଙ୍କୁ ସୁନନ୍ଦା କହିଥିଲା, ‘‘ଥାଉ । ଆଉ କିଛି ସମୟ ପାଇଁ ଥାଉ । ଏ ଯାଏ ବି ଫୁଲ ସତେଜ ରହିଛି ।’’

ହସିଥିଲେ ଜୟନ୍ତ । ଏବଂ କହିଥିଲେ, ‘‘ଫୁଲର ଆଉ ପ୍ରୟୋଜନ ନାହିଁ । ତମ ସୁଗନ୍ଧରେ ମହକି ଉଠିଲାଣି ସାରା ଘର । ମୋ ସଂସାର ।’’

ଚଟାଣ ଭେଦ କରି ଉପରକୁ ଉଛୁଳି ଆସିଥିଲା ସବୁଜ ରଙ୍ଗ । ଫୁଟିଉଠିଥିଲା ଗୋଟି ଗୋଟି ହୋଇ ସହସ୍ର ଫୁଲ । ଚାରିଆଡ଼ ମହକି ଉଠିଥିଲା ସତେଯେମିତି । ସେ ଧରି ରଖିପାରିବ ନାହିଁ ଏତେ ପ୍ରେମ, ବିଶ୍ୱାସ । ଅଣନିଶ୍ୱାସୀ ହୋଇପଡ଼ିବ । ପୋତି ହୋଇପଡ଼ିବ । ବାସ୍ତବିକ ସେ ପୋତିହୋଇପଡ଼ିଥିଲା ପ୍ରେମ, ବିଶ୍ୱାସର ବିପୁଳତା ଭିତରେ ।

ସତକୁ ସତ ଭରିହୋଇଯାଇଥିଲା ପ୍ରେମ ଓ ବିଶ୍ୱାସରେ ସୁନନ୍ଦାର ସଂସାର ।

ତେବେ, ଅଷ୍ଟମଙ୍ଗଳା ପରେ ଜୟନ୍ତ ଚାକିରିରେ ଜଏନ୍ କରିବାକୁ ବାହାରିବା ବେଳେ ସୁନନ୍ଦା ତାଙ୍କୁ କହିଥିଲା, ‘‘ମୁଁ ଆଉ କାହିଁକି ଘରେ ବସିରହିବି ? ମୋର ବି ଛୁଟି ସରି ଆସିଲାଣି । ମୁଁ ଭାବୁଚି, ଛୁଟି ଆଉ ଏକଷ୍ଟେନ୍‌ସନ୍ ନ କରି ଜଏନ୍ କରିଯିବି ।’’

କିଛି ବୁଝିପାରି ନ ଥିଲେ ଜୟନ୍ତ ।

ସୁନନ୍ଦା ଯେଉଁଠି ଚାକିରି କରେ, ସେଠୁ ଘର ପାଖାପାଖି ଦୁଇଶହ କିଲୋମିଟର ଦୂର ହେବ । ପ୍ରତିଦିନ ସେ ଯିବା ଆସିବା କରିବା ମଧ୍ୟ ସମ୍ଭବ ନୁହେଁ । ପାଦରୁ ଅଳତା ଲିଭିବା ପୂର୍ବରୁ ସେ ଚାକିରିରେ ଜଏନ୍ କରିବା କଥାଟିକୁ ଆଦୌ ସହଜରେ ଗ୍ରହଣ କରିପାରି ନ ଥିଲେ ଜୟନ୍ତ । ତାକୁ ବୁଝାଇବା ଢଙ୍ଗରେ ସେ କହିଥିଲେ, ‘‘ଆଉ କିଛି ଦିନ ରୁହ । ଅନ୍ତତଃ ପନ୍ଦର କୋଡ଼ିଏ ଦିନ । କାହାକୁ କହି ଏଠିକୁ ତମ ବଦଳି କରାଇବା ପାଇଁ ଚେଷ୍ଟା କରିବି । ସମ୍ଭବ ହେଲେ ମନ୍ତ୍ରୀଙ୍କୁ ବି କୁହାଯାଇପାରେ ।’’

Digitized by PPRACHIN, SOA

ଗୁରୁତ୍ୱ ଦେଇ ନ ଥିଲା ସୁନନ୍ଦା, ଜୟନ୍ତଙ୍କ ପରାମର୍ଶ ଉପରେ । କାରଣ ସେ ଭଲ ଭାବରେ ଜାଣିଥିଲା, ବଦଳି ହୋଇଆସିବା ସେତେ ସହଜ ନୁହେଁ । ରାଜନୀତି କରୁଥିବା ଲୋକମାନଙ୍କ କଥାରେ ତା'ର ଭରସା ନ ଥିଲା । ସେମାନେ ନିର୍ଭର ପ୍ରତିଶ୍ରୁତି ଦେବାରେ ଚମତ୍କାର ଅଭିନୟ କରିପାରନ୍ତି । ଯାହାଙ୍କ ଉପରେ ବିଶ୍ୱାସ କରିବା ନିର୍ବୋଧତା ଛଡ଼ା ! ଆଉ କିଛି ନୁହେଁ । ଛଅ ମାସ ହେଲା ତା'ର ବଦଳି ହୋଇଚି । ପୁଣି ସେଠୁ ଆସିବା କଥାଟି ଭାବିବା ନିରର୍ଥକ । ତେଣୁ ସେ କହିଥିଲା, "ମୁଁ ଜାଣେ, ତମର ଅସୁବିଧା ହେବ । ମୋତେ ଛାଡ଼ି ଏକା ଏକା ଚଳିବା ପାଇଁ ଆଉ ତମକୁ ଭଲ ଲାଗିବ ନାହିଁ । କିନ୍ତୁ କ'ଣ କରାଯାଇପାରେ ? ଗୋଟିଏ କଥା ତମେ ରଖିପାରିଲେ ଆପାତତଃ ସବୁ ସମସ୍ୟାର ସମାଧାନ ହୋଇଯିବ । ତମେ ସପ୍ତାହରେ ଥରୁଟିଏ ମୋ ପାଖରେ ପହଞ୍ଚିଲେ ମୁଁ ଖୁସି ହେବି ।"

ଖୁସି ପ୍ରକୃତରେ କିଏ ହେବ, ତାହା ତାତ୍ପର୍ଯ୍ୟପୂର୍ଣ୍ଣ ନ ଥିଲା, ବରଂ ନିଜ ଅହଙ୍କାରକୁ ବଳି ଦେବାକୁ ଚାହୁଁ ନ ଥିଲା ସୁନନ୍ଦା । ଏକା ଏକା ସ୍ୱାଧୀନ ଭାବରେ ଚଳିଆସିଥିବାରୁ ସେ ଆଉ ସେଠି ରହିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲା । ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କରୁଥିଲା, ସେ ଯେମିତି ସଙ୍କୁଚିତ ହୋଇଯାଉଚି ଶାଶୂଙ୍କ ପାଖରେ । ସେ କିଛି ତାକୁ ନ କହିଲେ ବି ମଥା ଉପରୁ ଓଢ଼ଣାଟିକୁ ଖସାଇଦେବା ପାଇଁ ସାହସ କରୁ ନ ଥିଲା ସୁନନ୍ଦା । କେବେ କେମିତି ଅତି ସନ୍ତର୍ପଣରେ ଦେଖାଯାଉଥିଲା ତା' ବେକ, କାନ୍ଧ । ଜୟନ୍ତଙ୍କର ଅତି ନିକଟ ହେଲାବେଳେ ।

ଚାଲିଆସିଥିଲା ତା' ପରଦିନ ସୁନନ୍ଦା । ଘର ଛାଡ଼ି । ସର୍ତ୍ତଟିଏ ରଖିଦେଇ । ଜୟନ୍ତ ତା' ପାଖକୁ ଆସିବେ ପ୍ରତି ସପ୍ତାହାନ୍ତରେ । ତା' ପାଖରେ ରହିବେ ଦିନଟିଏ । ତା'ପରେ ଫେରିଯିବେ କର୍ମକ୍ଷେତ୍ରକୁ ଚିନ୍ତାମୁକ୍ତ ହୋଇ ସେ ।

ପରସ୍ପରକୁ ବୁଝିବା ପାଇଁ ଗୋଟିଏ ଦିନ ଯଥେଷ୍ଟ ନୁହେଁ, ତାହା କେହି ବୁଝି ପାରି ନ ଥିଲେ ।

ସୁନନ୍ଦାର ସର୍ତ୍ତ ଅନୁସାରେ ନୁହେଁ, ବରଂ ତା' ସୁନ୍ଦରୀପଣର ମୋହରେ ଜୟନ୍ତ ଆସିଥିଲେ ଦୁଇଶହ କିଲୋମିଟର ଦୂର । ଯେଉଁଠି ସୁନନ୍ଦା ରହୁଚି, ଅହଙ୍କାରର କ୍ରୀତଦାସୀଟିଏ ହୋଇ ।

ଯୋଜନା ମୁତାବକ ଘର ସଜାଇଥିଲା ସୁନନ୍ଦା । ଫୁଲଦାନି । ଟେବୁଲ୍ । ଚେୟାର୍ । ସୋଫାସେଟ୍ । ଡବଲ୍ ବେଡ୍ । ପର୍ଦ୍ଦା । କାନ୍ଥରେ ଟଙ୍ଗାହୋଇଥିବା ଫଟୋ । କୁଣ୍ଡର ଫୁଲଗଛ । ସବୁ ଯେମିତି ରହିଥାନ୍ତି ସତର୍କ ହୋଇ । ଫାଟକ ଖୋଲି

Digitized by PPRACHIN, SOA

ସୁନନ୍ଦା ଘର ଭିତରକୁ ପଶି ଆସିଲେ ସବୁ ସଜାଗ ହୋଇଉଠିବେ ବଶତା ସ୍ୱୀକାର କରି, ସନ୍ତ୍ରୀ ପରି । ଏହି ତ ଜୀବନ । ଆଉ ଜୀବନର ଅଲଗା ଅନୁଭବ ।

ସଜାଗ ହୋଇଥିଲେ ଜୟନ୍ତ ।

ସୁନ୍ଦରୀପଣର ମୋହରୁ ସେ ମୁକ୍ତ ହେବାକୁ ଲାଗିଲେ ଧୀରେ ଧୀରେ । ସୁନନ୍ଦାର ହୃଦୟ ନୁହେଁ, ବରଂ ରୂପ, ସୌନ୍ଦର୍ଯ୍ୟ ତାଙ୍କୁ ପ୍ରତି ସପ୍ତାହରେ ଟାଣିନେଇ ଆସୁଚି ବୋଲି ମନେ ମନେ ସ୍ୱୀକାର କରିଥିଲେ । ଏକଥା ବି ସେ ସ୍ୱୀକାର କରିଥିଲେ, ପ୍ରତି ସପ୍ତାହରେ ନ ଆସି ମାସରେ ଥରୁଟିଏ ଆସିଲେ କିଛି ଅସୁବିଧା ହେବ ନାହିଁ । ତାହାହିଁ ହୋଇଥିଲା । ମାସରେ ଥରୁଟେ ଆସୁଥିଲେ ସେ ।

ସୁନନ୍ଦା ଏଇ ସକାଶେ ଯେତେ ଯାହା କହିଲେ ବି ଜୟନ୍ତ କେବଳ ନିଜର ଅସହାୟତା ଓ ଅକ୍ଷମତା ପ୍ରକାଶ କରିଥିଲେ । ସେ ଏତେ ବାଟ ଯିବାଆସିବା ଫଳରେ କ୍ଳାନ୍ତ ହୋଇପଡୁଚି । ଘରେ ବାପା ଅସୁସ୍ଥ । ତାଙ୍କୁ ଡାକ୍ତରଙ୍କ ପାଖକୁ ନେବାଆଣିବା ନିହାତି ଜରୁରୀ ହୋଇପଡୁଚି । ମା'ର ଦେହ ବି ଭଲ ରହୁନି । ତା'ର ପୁରୁଣା ଧଇଁ ରୋଗ ବାହାରିଚି । ସାନଭଉଣୀର ବାହାଘର ପାଇଁ ସେ ଚିନ୍ତିତ ରହୁଚି । ସବୁ ଅସୁବିଧା କଥା ସେ ଜାଣିଶୁଣି କହି ନ ଥିଲା, ବରଂ ସୁନନ୍ଦାର ଉପସ୍ଥିତିକୁ ଅତି ପାଖରେ ଚାହେଁ ବୋଲି କେବଳ ସୂଚେଇ ଦେଇଥିଲେ । ଶେଷରେ କହିଥିଲେ, ''ତମେ କିଛିଦିନ ଛୁଟି ନେଇ ଘରକୁ ଆସିଲେ ଭଲ ହୁଅନ୍ତା । ବାପା ମା'ଙ୍କର ଯତ୍ନ ନେବା ପାଇଁ ତମର ଉପସ୍ଥିତି ଜରୁରୀ ହୋଇପଡ଼ିଚି ।''

କଥାଟିକୁ ସହଜରେ ଗ୍ରହଣ କରିପାରି ନ ଥିଲା ସୁନନ୍ଦା । କ୍ଷୁବ୍ଧ ହୋଇ କହିଥିଲା, ''ତମ ବାପା ମା'ଙ୍କର ସେବା ଶୁଶ୍ରୂଷା କରିବା ପାଇଁ ତମେ ମୋତେ ବାହା ହୋଇଚ, ନୁହେଁ । ସେ କଥା ଯଦି ଭାବୁଚ, ତେବେ ଭୁଲ୍ ବୋଲି ଧରିନିଅ । ମୁଁ ସେଠିକୁ ଯିବି ନାହିଁ । ଯେଉଁଠି ଟିକିଏ ହେଲେ ସ୍ୱାଧୀନତା ନାହିଁ, ସେଇଟା କି ଘର ? ମଥାଟେକି ଚାହିଁ ପାରିବନି ନିଜ ସଂସାରକୁ, ନିଜକୁ । ମୁଁ ଯିବି ନାହିଁ । ଆଉ ମଧ ଆମ କଲେଜରେ ବର୍ତ୍ତମାନ ପରୀକ୍ଷା ଚାଲିଚି । ମୋ' ଉପରେ ଗୁଡ଼ାଏ ଦାୟିତ୍ୱ ଲଦି ହୋଇପଡ଼ିଚି ।''

ଏତେଗୁଡ଼ାଏ ତିକ୍ତ କଥା ଶୁଣି ଜୟନ୍ତ ବିରକ୍ତ ହୋଇପଡ଼ିଥିଲେ । ଅପମାନିତ ବୋଧ କରିଥିଲେ । ସେ ପଦଟିଏ କହିଥିଲେ, ''ତମ ବ୍ୟସ୍ତତା ନେଇ ତମେ ଏଠି ରୁହ । ମୋ ବ୍ୟସ୍ତତା ନେଇ ମୁଁ ସେଠି ରହୁଚି । ମୁଁ କେବେ ଆସିବି, ସେଥିପାଇଁ ତମେ ଆଦୌ ମୁଣ୍ଡ ଖେଳାଇବ ନାହିଁ । ମୋତେ ପଦେ ବି ପ୍ରଚାରିବ ନାହିଁ ।''

''କ'ଣ କହିଲ ? ମୁଣ୍ଡ ଖେଳାଇବି ନାହିଁ । ତେବେ କିଏ ମୁଣ୍ଡ ଖେଳାଇବ ? କିଏ ?''

Digitized by PPRACHIN, SOA

ଜୟନ୍ତ ଲକ୍ଷ୍ୟ କରିଥିଲେ, କଥା କହିଲାବେଳେ ସୁନନ୍ଦା ଧଇଁସଇଁ ହୋଇପଡୁଛି । ହିଂସ୍ର ଦେଖାଯାଉଛି । ତେଣୁ ସମ୍ପର୍କକୁ ଆହୁରି ତିକ୍ତ, ଅପମାନିତ ସ୍ତରକୁ ନେଇଯିବା ପାଇଁ ଆଦୌ ଆଗ୍ରହ ପ୍ରକାଶ କରି ନ ଥିଲେ ସେ । ନୀରବ ରହି ପଞ୍ଚସ୍ୱରକୁ ବୁଝିବାରେ କେଉଁଠି ଭୁଲ୍ ରହିଯାଇଚି, ତାହାକୁ ଆବିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ।

ଶାନ୍ତ ପଡ଼ି ନ ଥିଲା ସୁନନ୍ଦା ।

ଛୋଟ ଛୋଟ କଥାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଦୂରତ୍ୱ ବଢ଼ିଯାଏ । ଶିଥିଳ ହୁଏ ସମ୍ପର୍କ । ମନ ଭିତରେ ଉଠେ ହତ୍ୟା, ଲୁଣ୍ଠନ, ଦହନ ଓ ମରଣର କଥା । ରାତି ଆଉ ହୁଏ ନାହିଁ ଭଲ ଭଲ କଥା ମନେ ପକାଇବାର ରାତି । ଅନୁତାପ, ସନ୍ତାପ ଓ ବ୍ୟଥିତ ଆଳାପର ଗୀତରେ ଫିମ୍ପି ମାରେ ଜହ୍ନ ରାତି ।

ତାହାହିଁ ହୋଇଥିଲା । ଶେଷରେ ସୁନନ୍ଦା ଅଭିଯୋଗ ଆଣିଥିଲା, ଜୟନ୍ତ ତାକୁ ଅବହେଳା କରୁଚି । ତା' ସୁନ୍ଦରୀପଣ ଆଗରେ ସେ ମଳିନ ଦିଶୁଚି ।

ପରିସ୍ଥିତିଟା ଆହୁରି ଶୋଚନୀୟ ହୋଇ ନ ଥାନ୍ତା, ଯଦି ଜୟନ୍ତ ଅଫିସ୍‌କୁ ବଦଳି ହୋଇ ଆସି ନ ଥାନ୍ତା ଜଣେ ତରୁଣୀ । ତରୁଣୀର ନାଁ ଚିତ୍ରା । ଦେଖିବାକୁ ସିନେମାରେ ଅଭିନୟ କରୁଥିବା ଯେକୌଣସି ନାୟିକା ପରି । ଏକଥା ଶୁଣିଥିଲା ସୁନନ୍ଦା, ତା'ର ବାନ୍ଧବୀ ଅନୀତାଠାରୁ । ଜୟନ୍ତ ବେଶି ସମୟ ଚିତ୍ରା ସହ ସମୟ ବିତାଉଛନ୍ତି । ଏକା ଟେବୁଲ୍‌ରେ ବସି ଲଞ୍ଚ୍ କରୁଛନ୍ତି । ବେଳେବେଳେ ମାର୍କେଟିଙ୍ଗ କରିବାକୁ ଦୁହେଁ ବାହାରି ଯାଉଛନ୍ତି । ସବୁଠାରୁ ଚାଞ୍ଚଲ୍ୟକର କଥାଟି ହେଉଚି, ସେ ଦୁହେଁ ମ୍ୟାଟିନ୍ ଶୋ ଫିଲ୍‌ମ ଦେଖିବାକୁ ଚାଲିଯାଉଛନ୍ତି । ବସୁଛନ୍ତି ପାଖାପାଖି । ସ୍ୱାମୀ ସ୍ତ୍ରୀ ପରି । ଚିହିଁକି ଉଠିଥିଲା ସୁନନ୍ଦା, ''ବିଚ୍ ।''

ତା'ଠାରୁ ଆଉ କେଉଁ ନାରୀ ଅଧିକ ସୁନ୍ଦରୀ ଦିଶେ ତାହା କେବେବି ଭାବି ନ ଥିଲା ସୁନନ୍ଦା । ସବୁତକ ସୁନ୍ଦରୀପଣ ତା' ଭିତରେ ଭଗବାନ୍ ଠୁଳ କରିଦେଇଛନ୍ତି ବୋଲି ଗୋଟିଏ ଦୃଢ଼ ବିଶ୍ୱାସ ତା' ଭିତରେ ଥିଲା । ସେଥିପାଇଁ ବଜାରରେ ବୁଲୁଥିବାବେଳେ ମଝିରେ ମଝିରେ ସେ କାନ୍ଧ ଉପରୁ ଆସ୍ତେ କରି ଖସାଇଦିଏ ଲୁଗା । ନ ହେଲେ ଖସିପଡୁଥିବା ଲୁଗାର ପଣତକୁ ଧରିବା ପାଇଁ ସତର୍କ ହୁଏନି ସେ । ଅଜଣା ଯୁବକର ଲୋଭିଲା ଆଖି ତା' ଉପରେ ପଡ଼ିଲେ ଚମକି ଉଠେନି, ବରଂ ଖୁସି ହୁଏ । ଆଉ ପୁଣି ସୁନ୍ଦରୀଟି କିଏ ? ଯିଏ ମୋହଗ୍ରସ୍ତ କରିଛି ଜୟନ୍ତଙ୍କୁ । ଏହା ମୋଟେ ସମ୍ଭବ ହୋଇପାରେନା । ଚିତ୍ରା ତା'ଠୁ ଅଧିକ ସୁନ୍ଦରୀ ଦିଶିବା କଥାଟିକୁ ସହଜରେ ଗ୍ରହଣ କରିପାରି ନ ଥିଲା ।

Digitized by PPRACHIN, SOA

ସାଙ୍ଗେ ସାଙ୍ଗେ ଫୋନ୍ କରିଥିଲା ସୁନନ୍ଦା । ଜୟନ୍ତଙ୍କ ପାଖକୁ । କହିଥିଲା, ''କ'ଣ ଚାଲିଚି ସେଠି ? ଦୁଇଶହ କିଲୋମିଟର ଦୂରରେ ରହିଲେ ବି ତମେ କ'ଣ କରୁଚ, ତାହା ମୁଁ ଜାଣିପାରିଚି । ଚିତ୍ରା କିଏ ? ତା' ସାଙ୍ଗରେ ତମର କି ସମ୍ପର୍କ ଅଛି ? ସପ୍ତାହରେ ଥରୁଟେ ମୋ ପାଖକୁ ଆସିବା ପାଇଁ ତମର ମନହେଉନି, ଅଥଚ ସପ୍ତାହ ସାରା ତା' ସାଙ୍ଗରେ ବୁଲୁଚ । ତମକୁ କ'ଣ କାଳ ଗ୍ରାସ କଲାଣି ?''

କଥାଟି ଥିଲା ଅପ୍ରାସଙ୍ଗିକ, ନିରର୍ଥକ ।

ଜୟନ୍ତଙ୍କ ସହକର୍ମୀ ହେଉଚି ଚିତ୍ରା । ତା' ସହ ସେମିତି କିଛି ସମ୍ପର୍କ ଅଛି ବୋଲି ସେ ଅନୁଭବ କରି ନାହାନ୍ତି । ଅନାବଶ୍ୟକ ସମ୍ପର୍କ ରଖିବାରେ ଲାଭ କ'ଣ ? ଖାଲି ଈର୍ଷା ଓ ଅହଙ୍କାରର କଥା କହିଥିଲା ସୁନନ୍ଦା । ବୋଧେ ପ୍ରତ୍ୟେକ ସ୍ତ୍ରୀର ଏହା ସହଜାତ ଗୁଣ । ଯିଏ ଯେତେ ଉପରକୁ ଉଠିଥାଉ ପଛେ, ଏଥିରୁ ମୁକୁଳିପାରେ ନାହିଁ । ସ୍ୱାମୀକୁ ସନ୍ଦେହ ନ କଲେ ସେ ଅଣନିଶ୍ୱାସୀ ହୋଇଯିବ ବୋଧେ । ଜୀବନ ଚାଲିଯିବା ପରି ଲାଗିବ । ସବୁଠୁ ବିସ୍ମୟକର କଥାଟି ହେଉଛି, ସ୍ୱାମୀ ଯେତେ ଅସୁନ୍ଦର, ଅସମର୍ଥ ହେଉପଛେ ବେଳେବେଳେ ସ୍ତ୍ରୀ ଭାବିବ ତା' ସ୍ୱାମୀ ସବୁଠୁ ସୁନ୍ଦର, ସାମର୍ଥ୍ୟପୂର୍ଣ୍ଣ ।

ତାହାହିଁ ଘଟିଥିଲା ସୁନନ୍ଦା ଭିତରେ ।

ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଟିର ସମାଧାନ ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ ଜୟନ୍ତ । ସୁନନ୍ଦା ଭିତରେ ତା' ପ୍ରତି ପ୍ରେମ ଓ ବିଶ୍ୱାସକୁ ଫେରାଇଆଣିବା ସକାଶେ ଅନେକ ଉପାୟ ଖୋଜିଥିଲେ । ଅସନ୍ତୋଷ ଓ ଅବାନ୍ତର କଥାର ବୁଢ଼ିଆଣୀ ଜାଲ ଭିତରୁ ସୁନନ୍ଦା କେମିତି ବାହାରିଆସୁ ସେ ନିର୍ମଳ ଭାବରେ ଚାହୁଁଥିଲେ । ସୁନନ୍ଦା ମନ ଭିତରେ ଶୀତଳ କମନୀୟ ଓ କୋମଳ ଭାବଟି ସଂପ୍ରସାରିତ ହେଲେ, ସେ ଦୁହେଁ ପୁଣି ଥରେ ବଞ୍ଚି ରହିବାର ଖୁସି ଓ ଆନନ୍ଦକୁ ଫେରିପାଆନ୍ତେ ।

ତାହା ହୋଇ ନ ଥିଲା । ଶେଷରେ ଗୋଟିଏ ଯୁଦ୍ଧର ପରିସମାପ୍ତି ଆଣିବା ପାଇଁ ଜୟନ୍ତ ସିଦ୍ଧାନ୍ତ ନେଇଥିଲେ । ସିଦ୍ଧାନ୍ତଟି ଅତ୍ୟନ୍ତ ଦୁଃଖଦାୟକ ହେଲେ ବି ତାହାକୁ ସେ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଥିଲେ ।

ଜାଣିପାରିଲା ନାହିଁ ସୁନନ୍ଦା, ଜୟନ୍ତଙ୍କ ପ୍ରତିକ୍ରିୟା ସିଦ୍ଧାନ୍ତକୁ । ଘାରି ହେଉଚି କି ପ୍ରକାର କୌଶଳରେ ସେ ରଖିପାରିବ ନିଜର ସର୍ତ୍ତ, ଗର୍ବ ଓ ସୁନ୍ଦରୀପଣ । ସେଥିପାଇଁ ସେ ଅପେକ୍ଷା କରୁଚି ଅମୀମାଂସିତ ମୁହୂର୍ତ୍ତକୁ । ଦମ୍ଭ ନେଇ । ବାସ୍ତବିକ ଏକ ଉଦ୍‌ବେଗ ଓ ଉତ୍କଣ୍ଠାରେ ଚାହିଁରହିଚି ଜୟନ୍ତର ଆଗମନକୁ ।

Digitized by PPRACHIN, SOA

ଆଜି ବି ଚାହିଁ ରହିଚି ସୁନନ୍ଦା ।

ନଇଁଯାଉଚି ସୂର୍ଯ୍ୟ । ପାହାଡ଼ ଆରପଟରେ । ଶୁଣାଯାଉଚି, ଲେଉଟାଣି ଚଢ଼େଇଙ୍କର କିଚିରିମିଚିରି କୋଳାହଳ । ବେବେବେଳେ ପଡ଼ୋଶୀଙ୍କର ଗୁହାଳରୁ ଗାଈର ହମ୍ବାରଡ଼ି ତା' ମନକୁ ଆଛନ୍ନ କରିପକାଉଚି । କେହି ଜଣେ ଯେମିତି ଆସ୍ତେ କରି କହିଦେଉଚି – ଜୟନ୍ତ ଆସିବେ । ଯେତେ ଡେରି ହେଉ ପଛେ ।

କହିବା ସହଜ ନୁହେଁ, କେତେବେଳେ ଆସିବେ ଜୟନ୍ତ ?

ସୁନନ୍ଦାର ମା' ବି ମଝିରେ ମଝିରେ ଘର ଭିତରୁ ପଦାକୁ ଆସି ଚାହୁଁଛନ୍ତି ଫାଟକ ଆଡ଼କୁ । ସେ ଦିଶୁଛନ୍ତି ଚିନ୍ତାମଗ୍ନ, ରୁଗ୍ଣ । କିଛି ଦିନ ହେଲା ସେ ଆସି ରହିଛନ୍ତି ସୁନନ୍ଦା ପାଖରେ । ସ୍ୱାମୀ ଚାଲିଯିବା ପରେ ସେ ଏକା ରୁହନ୍ତି ଗାଁରେ । ସୁନନ୍ଦା ଛଡ଼ା ତାଙ୍କର ଆଉ କେହି ସନ୍ତାନସନ୍ତତି ନାହାନ୍ତି । କିନ୍ତୁ ଗାଁରୁ ଆସି ଝିଅ ପାଖରେ ରହିବା କଥାଟିକୁ ସେ ପସନ୍ଦ କରନ୍ତି ନାହିଁ । 'ଯେତେହେଲେ ଝିଅ ଘର' କହି ନିଜକୁ ବୁଝାଇ ଦିଅନ୍ତି । ହୋଇପାରେ ଏହା ସତ କଥା । କିନ୍ତୁ ଏହା ସମ୍ପୂର୍ଣ୍ଣ ସତ ନୁହେଁ । ସ୍ୱାମୀଙ୍କର ସ୍ମୃତିକୁ ପାଥେୟ କରି ଜୀଇଁବାରେ ତାଙ୍କର ଆନନ୍ଦ ଥାଏ । ତାଙ୍କର ପୋଷାକପତ୍ର, ବଙ୍କୁଲିବାଡ଼ି, କଲମ ଓ ଜୋତାକୁ ଏଯାଏ ବି ସାଇତି କରି ରଖିଛନ୍ତି ସେ । ଧୂଳି ଟିକିଏ ପଡ଼ିଲେ ଲୁଗା କାନିରେ ପୋଛି ଦିଅନ୍ତି । ସତେଯେମିତି ସେ ଅପେକ୍ଷା କରି ରହିଛନ୍ତି ସ୍ୱାମୀଙ୍କୁ । ସେ ଫେରିଆସିଲେ ଧରାଇଦେବେ ତାଙ୍କର ବ୍ୟବହାରର ଜିନିଷପତ୍ର । ଏକଥା ସତ, ସ୍ୱାମୀଙ୍କର ପାଞ୍ଚ ବର୍ଷ ହେଲା ପରଲୋକ ହୋଇଥିଲେ ବି ସେ ଅନୁଭବ କରନ୍ତି ଯେ ସ୍ୱାମୀ ତାଙ୍କ ପାଖରେ ଅଛନ୍ତି । ଛାଇପରି ଘୂରି ବୁଲୁଛନ୍ତି । ବୋଧେ ସେହି ଭରସାରେ ଏକା ଏକା ରହିବାର ରହସ୍ୟଟିକୁ ଖୋଜି ପାଇଛନ୍ତି ।

ପରିଣତ ବୟସରେ ଏହା ଅତି ସହଜ କଥା । ଅଥଚ ଆନମନା ହେଉଥିବ, ରକ୍ତରେ ନିଆଁ ଲାଗୁଥିବ, ରାତି ପାହିଗଲେ ବି ଜଣାଯାଉଥିବ ପାହି ନ ଥିବା ଭଳି, ସେଭଳି ବୟସରେ କ'ଣ ଏକୁଟିଆ ରହିହେବ ? କେଉଁ ସ୍ମୃତିରେ ଜୀଇଁ ରହିହେବ ? ବରଂ ଅନୁଭବଟିଏ ଆଶା କରୁଥିବ ଦେହ । ନିର୍ମଳ କୋମଳ ଅନୁଭବ । ଅପେକ୍ଷା କରିଛି ସୁନନ୍ଦା । ସେହି ଅନୁଭବର ଆଶାରେ ।

ବେଳ ରତ ରତ ବେଳକୁ ଶୁଣାଗଲା ଫାଟକ ଖୋଲା ହେବାର ଶବ୍ଦ । ଧୀରେ ଧୀରେ ଜୟନ୍ତ ଆସୁଥିବାର ଦୃଶ୍ୟଟି ସୁନନ୍ଦା ମନରେ ରୋମାଞ୍ଚ ସୃଷ୍ଟି କଲା ନାହିଁ, ବରଂ ଛାଇଦେଲା ଗମ୍ଭୀର, ଥମ୍‌ଥମ୍ ଭାବ । ସେ ନଜର ଫେରାଇନେଲା ଆକାଶ ଆଡ଼କୁ । ଯେଉଁଠି ଖଣ୍ଡେ ବାଦଲ ଭାସୁଥିଲା, ନିଜ ଅହଙ୍କାରରେ ତୃପ୍ତ ହୋଇ ।

Digitized by PPRACHIN, SOA

ଅପମାନିତ, ହୀନିମାନ ଲାଗିଲା ଜୟନ୍ତଙ୍କୁ ବୋଧେ । ସୁନନ୍ଦାକୁ କିଛି କହିଲେ ନାହିଁ । ଘର ଭିତରକୁ ଆସି ମଥା ନୁଆଁଇ ଶାଶୂଙ୍କୁ ନମସ୍କାର କଲେ ।

ଗୋଟିଏ କ୍ଷେପଣାସ୍ତ୍ର କେବେହେଲେ ବିଦୀର୍ଣ୍ଣ କରିପାରି ନ ଥାନ୍ତା ସେହି ଘରର ଛାତ, ଚଟାଣ ଓ କାନ୍ଥକୁ । ମାତ୍ର ସୁନନ୍ଦାର ଆବେଗହୀନ ବ୍ୟବହାରରେ ଭୁଶୁଡ଼ି ପଡ଼ିଲା ଜୟନ୍ତଙ୍କ ମନ । ଏବଂ ରାତିରେ ଅଲଗା କୋଠରିରେ ସୁନନ୍ଦା ଶୋଇବା ନିଷ୍ପତ୍ତିଟି ଗୋଟିଏ ସଂଘର୍ଷକୁ ଆହ୍ୱାନ କରିଆଣିଲା ।

ଆଟାଚିରେ ରଖିଥିବା କାଗଜକୁ ବାହାର କଲେ ଜୟନ୍ତ । ସେହି କାଗଜକୁ ସୁନନ୍ଦା ଆଡ଼କୁ ବଢ଼ାଇଦେଇ କହିଲେ, ''ଏଥିରେ ଦସ୍ତଖତଟିଏ ଦେଇ ମୋତେ ମୁକ୍ତ କରିଦିଅ । ମୁଁ ସତରେ ଆଉ ସହ୍ୟ କରିପାରୁନି ତମର ରୁକ୍ଷ ବ୍ୟବହାର । ମୁକୁଳି ଯିବାକୁ ଚାହୁଁଚି ତମ ଫାଶରୁ । ଓକିଲଙ୍କ ସହ ପରାମର୍ଶ କରିଛି । ତମେ ଦସ୍ତଖତ ଦେଇସାରିଲା ପରେ ସେ କୋର୍ଟରେ ଅନ୍ୟ କାମ ସବୁ କରିବେ । ତମେ ସ୍ୱଇଚ୍ଛାରେ ମୋତେ ଛାଡୁଚ ବୋଲି ଏଥିରେ ଦସ୍ତଖତ କରିଦିଅ ।''

''ହ୍ୱାଟ୍ !''

''ମୋ' ଇଚ୍ଛାରେ ତମକୁ ଛାଡ଼ି ଦେଉଚି ! ମୁଁ ଛାଡୁଚି ନା ତମେ ମୋତେ ଛାଡୁଚ ? କିଏ କାହାକୁ ଡାଇଭର୍ସ କରୁଚି ? ଗୋଟେ ସ୍ତ୍ରୀଲୋକ ପଛରେ ପଡ଼ି ମୋ ସଂସାରକୁ ଛିନ୍ନଛତ୍ର କରିସାରିଲଣି । ଆଉ ପୁଣି କହୁଚ, ମୁଁ ମୋ ଇଚ୍ଛାରେ ତମକୁ ଛାଡୁଚି । ମୋତେ ଛାଡ଼ିବା ପାଇଁ ତମେ ଏତେ ସହଜରେ ନିଷ୍ପତ୍ତି ନେଇପାରିଲ, ତେବେ ମୋତେ ବାହା ହେଉଥିଲ କାହିଁକି ? ଏହାର ଉତ୍ତର ଦେବାକୁ ହେବ । ଏଠି ନୁହେଁ, ସେହି କୋର୍ଟରେ । ତମେ କ'ଣ ଭାବୁଚ... ।''

ସରିଲା ନାହିଁ କଥା । ରାଗ ତମ ତମ ହୋଇ ଅନ୍ୟ କୋଠରିକୁ ଚାଲିଗଲା ସୁନନ୍ଦା । ଧଡ଼ାସ୍‌କରି ଗୋଟେ ଶବ୍ଦ । ବୋଧେ ଭିତରପଟୁ ସେ କବାଟକୁ ବନ୍ଦ କରିଦେଲା ।

ଜୟନ୍ତ ଚିନ୍ତା କରି ନ ଥିଲା ଏମିତି ଅଚାନକ ଶେଷ ହୋଇଯିବ ଯୁକ୍ତିତର୍କ । ସୁନନ୍ଦା କବାଟ ବନ୍ଦ କରିଦେଲା ନାହିଁ, ବରଂ ତାକୁ ଗୋଟେ ସଂଘର୍ଷ ପାଇଁ ଆହ୍ୱାନ କଲା । ତା' ସୁନ୍ଦରୀପଣରେ ଗୋଟିଏ ଭୟଙ୍କର ଜିଦ୍ ଅଛି ବୋଲି ସଙ୍କେତ ଦେଇ ସେ ଚାଲିଗଲା ଯେମିତି !

ସଙ୍କେତଟି କାହାକୁ କେଉଁଠିକୁ ଟାଣିନେବ ତାହା ବୋଧେ କେହି ଜାଣିପାରିଲେ ନାହିଁ । ଅନ୍ଧାର ଭିତରେ ନିଷ୍ପ୍ରାଣ ଆଲୋକରେ, ସୁନନ୍ଦାର ମା'ଙ୍କ ମୁହଁ ଦିଶୁଥିଲା

Digitized by PPRACHIN, SOA

ଭାଙ୍ଗିରୁଜି ଯାଇଥିବା ପଥର ମୂର୍ତ୍ତିପରି । ସତକୁ ସତ ସେ ପାଲଟି ଯାଇଥିଲେ ନିର୍ବାକ୍, ନିସ୍ପନ୍ଦ ।

ରାତି କେତେ ହେବ କେଜାଣି ?

ସୁନନ୍ଦା ଶୁଣିପାରିଲା କେହି ଜଣେ କାନ୍ଦୁଚି କଇଁ କଇଁ ହୋଇ । ତା' ଆଖିରେ ନିଦ ନ ଥିଲା । ରାତି ପାହିଲେ ଜୟନ୍ତ ସହ ଖୋଲାଖୋଲି ମୁକାବିଲାର ନକ୍ସାଟିଏ ମନର ତ୍ରୁଇଁ ସିଟ୍‌ରେ ଟାଣୁଥିଲା । କିଏ କାନ୍ଦୁଚି ? ବିଛଣାରୁ ଉଠିପଡ଼ି କବାଟ ଖୋଲିଲା ।

ମା' ହାମୁଡ଼େଇ ହୋଇ ପଡ଼ିଥିଲେ ଚଟାଣ ଉପରେ । ପାଣିଚିଆ ଆଖି ଯୋଡ଼ିକ ଚାହିଁ ରହିଥିଲା ଛାତକୁ । ଆତଙ୍କିତ ହୋଇପଡ଼ିଲା ସୁନନ୍ଦା । ଭୟରେ ।

''କ'ଣ ହେଲା ? କ'ଣ ହେଲା ମା' ? ଏମିତି କାନ୍ଦୁଚୁ ଏଠି.... ?''

କିଛି କହିପାରୁ ନ ଥିଲେ ମା' । ପେଟକୁ ଦୁଇ ହାତରେ ଚିପି ଧରିଥିଲେ ।

ନଇଁପଡ଼ିଲା ତାଙ୍କ ମୁହଁ ପାଖକୁ ସୁନନ୍ଦା । ଓଠ ଥରୁଥାଏ । ଅସହ୍ୟ ଯନ୍ତ୍ରଣାରେ । ଗୋଟିଏ ମୁହୂର୍ତ୍ତ ମାତ୍ର ସମୟ ଲାଗିଲା, ଏତିକି ବୁଝିବାକୁ ଯେ ମା' ପେଟ ଭିତରେ କିଛି ଘଟିଯାଉଚି । ତେବେ କ'ଣ ହେଉଚି ? ବୟସ ହେଲାଣି । କିଛି ଅଘଟଣ ଘଟିଲେ ସେ କ'ଣ କରିବ ? ସେ ଅଛି ବୋଲି ତ ତା' ଭିତରେ ସାହସ ଅଛି । ଭରସା ଟିକିଏ ମିଳୁଚି । କେହି ସାହା ନ ହେଲେ, ସେ ହିଁ ସାହା ହେବ ବେଳ ଅବେଳରେ ।

କ'ଣ କରିବ ସେ ? ରାତି ଅଧରେ କାହାକୁ ଡାକିବ ?

''ଜୟନ୍ତ ! ଜୟନ୍ତ ! ଦେଖ ମା'ର କ'ଣ ହେଲା ? ଏଠି ଏମିତି.... ।''

କଥା ଅଟକି ଯାଉଥାଏ ଲୁହରେ । କାନ୍ଦରେ । ଗୋଟାପଣ ତିନ୍ତିଗଲାଣି ଝାଳରେ ସୁନନ୍ଦା ।

ଉଠିଆସିଲେ ଜୟନ୍ତ । ସୁନନ୍ଦାର ଚିତ୍କାର ଶୁଣି । କ୍ଷଣଟିଏ ଚାହିଁଲେ ଶାଶୂଙ୍କ ମୁହଁକୁ । ଟିକେ ଗମ୍ଭୀର ହୋଇ ପଚାରିଲେ, ''ପାଖରେ କେଉଁଠି ନର୍ସିଂହୋମ୍ ଅଛି ? ସେଠିକୁ ନେଇଯିବା ଉଚିତ ହେବ ।''

''ହଁ, ହଁ, ପାଖରେ ଅଛି । ଏଇ ପାଖରେ । ଛକର ଡାହାଣକୁ ବୁଲିଗଲେ ଡାକ୍ତର ମିଶ୍ରଙ୍କ ନର୍ସିଂହୋମ୍ । ମୁଁ ତାଙ୍କୁ ଭଲ କରି ଜାଣେ । କିନ୍ତୁ ମା'କୁ ନେବା କେମିତି ? ରାତି ଅଧରେ ।''

ଚାହିଁଲେ ଜୟନ୍ତ । - ''ତମେ ସ୍କୁଟର ଚଳାଇବ । ମା'ଙ୍କୁ ଧରି ପଛରେ ମୁଁ ବସିବି । ପାରିବ ତମେ ।''

Digitized by PPRACHIN, SOA

ଗୋଟିଏ ମୁହୂର୍ତ୍ତରେ ସୁନନ୍ଦା ଅଣ୍ଟାରେ ଗୁଡ଼େଇଲା ଲୁଗା । ମା'କୁ ନେବା ପାଇଁ ଏହାଛଡ଼ା ଆଉ କୌଣସି ଉପାୟ ନାହିଁ । ଯେତେ ଶୀଘ୍ର ନର୍ସିଂହୋମ୍‌ରେ ପହଞ୍ଚିବା ନିହାତି-ଜରୁରୀ । କାନ୍ଦିବା ବା କାହାକୁ ଅପେକ୍ଷା କରିବାର ଇଏ ବେଳ ନୁହେଁ ।

ସ୍କୁଟର ବାହାର କରି ପାହାଚ ତଳକୁ ଗଡ଼ାଇ ଆଣିଲା ସୁନନ୍ଦା । ଶାଶୁଙ୍କୁ ଧରି ଅତି ସାବଧାନରେ ଉଠାଇଧରିଲେ ଜୟନ୍ତ । ଯେମିତି କାଚର ମୂର୍ତ୍ତିକୁ ସେ ଉଠଉଛନ୍ତି ତଳୁ । କେଉଁଠି ଟିକିଏ ବାଜିଗଲେ ଭାଙ୍ଗିରୁଜି ଯିବ ସବୁକିଛି । ଯନ୍ତ୍ରଣା ଚିପୁଡ଼ି ଦେଇଚି ଦେହ । ସାରା ଦେହ । ସେହି ଦେହକୁ ଧରିବସିଲେ ଜୟନ୍ତ । ସ୍କୁଟର ପଛରେ ।

ଷ୍ଟାର୍ଟ କଲା ସ୍କୁଟର ଗୋଟିଏ କିକ୍‌ରେ ସୁନନ୍ଦା ।

ଫାଟକ ପଦାକୁ ସ୍କୁଟର ବାହାରିଯିବାବେଳେ ଥରିଉଠିଲା ଛାତି । ଅନ୍ଧାର ରାତି ।

ଟିକିଏ ଦୂରରେ, ଗୋଟିଏ ଆମ୍ବଗଛ ତଳେ, କିଏ ଜଣେ ଯେମିତି ଠିଆ ହୋଇଥିଲା । ଭୂତ ନା ଭୟ । ଚୁପ୍‌ଚାପ୍, ନୀରବରେ ।

ଅଳ୍ପ ଅଳ୍ପ ପବନରେ ଛୁଇଁଦେଲା ମା'ର ଦୀର୍ଘଶ୍ୱାସ ସୁନନ୍ଦାର ଦେହ । କିଛି ହରାଇଦେବା ଭଳି ଅନୁଭବ ଛାଇ ହୋଇଗଲା ଗୋଟିଏ କ୍ଷଣରେ । ଦୃଢ଼ ହୋଇଗଲା ହାତ । ଆହୁରି ବେଗରେ ଦୌଡ଼ିଲା ସ୍କୁଟର ଅନ୍ଧାରର ଛାତି ଚିରି ।

କେତେ ଦୂର ? ଜୀବନଠାରୁ ମୃତ୍ୟୁ । ଜଣାଗଲା ନର୍ସିଂହୋମ୍‌କୁ ବାଟ ପାଉ ନାହିଁ ସୁନନ୍ଦା । ନ ହେଲେ ସହସ୍ର ଯୋଜନ ଦୂରକୁ ଘୁଞ୍ଚିଯାଇଚି ନର୍ସିଂହୋମ୍ । ମା'ର ଦୀର୍ଘଶ୍ୱାସ ସ୍ଥିର ହୋଇ ଆସୁଚି । ନିଶ୍ୱାସ ପ୍ରଶ୍ୱାସ ସୂଚେଇ ଦେଉଚି, ଆଉ ବେଶି ଡେରି ନୁହେଁ । ସମୟ ପାଖେଇ ଆସୁଚି ବୋଧେ ।

ସବୁ ପ୍ରତିକୂଳ ପରିସ୍ଥିତିରେ ବି ସ୍କୁଟର ପହଞ୍ଚିଲା ନର୍ସିଂହୋମ୍‌ରେ । ମା' ଦିଶୁଥାଏ ଆହୁରି ଦୁର୍ବଳ, କରୁଣ । ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ସବୁକଥା ବୁଝାଇ କହିବା ପାଇଁ ସମୟ ନ ଥିଲା ଆଦୌ । କିଛି ଅଘଟଣକୁ ରୋକିଦେବାର ସମସ୍ତ ପ୍ରଚେଷ୍ଟା ଆରମ୍ଭ ହୋଇଗଲା ସାଙ୍ଗେ ସାଙ୍ଗେ ।

ମା' ପାଖରେ ବସିରହିଲା ସୁନନ୍ଦା ।

ଏପଟ ସେପଟ ହେଲେ ଜୟନ୍ତ ।

କିଛି କ୍ଷଣ ପରେ ମା' ଶୋଇପଡ଼ିଲେ । ଗଭୀର ନିଦରେ । ମୁହଁ ଦେଖାଗଲା ଯନ୍ତ୍ରଣାହୀନ । ଟଳିଗଲା ନିଘ୍ନେ ବିପଦ । ଆଉ କିଛି ଘଟିବାର ନାହିଁ । ରାତି ପାହିଲେ ଯାହା ହେବ । ଯାବତୀୟ ଟେଷ୍ଟ । ସ୍କାନିଙ୍ଗ୍ । ଏଣ୍ଡୋସ୍କୋପି । ସବୁ ସରିଲେ ଅପରେସନ୍ ହେବାର ସମ୍ଭାବନାକୁ ଏଡ଼େଇ ହେବ ନାହିଁ ।

Digitized by PPRACHIN, SOA

ରାତି ପାହିଗଲା ।

ନିଦ ଭାଙ୍ଗିଲା ପରେ ସୁନନ୍ଦା ଜାଣିପାରିଲା ଯେ ଅନେକ ସମୟ ଧରି ସେ ଶୋଇପଡ଼ିଥିଲା । ଜୟନ୍ତଙ୍କ ହାତ ଉପରେ ମଥା ରଖି । ବିସ୍ମିତ ହେଲା ସେ । ଜୟନ୍ତ ଚାହିଁ ରହିଥିଲେ ସାରାରାତି ଆଖି ନ ବୁଜି । ସାଲାଇନ୍ ବୋତଲକୁ ଚାହିଁ ରହି । ଡ୍ରପ୍ ଡ୍ରପ୍ ହୋଇ ସାଲାଇନ୍ ଯାଉଥିଲା ମା' ଦେହ ଭିତରକୁ । ସତେଜ ଜଣାପଡୁଥାଏ ମା' । କିନ୍ତୁ କ୍ଳାନ୍ତ ଦିଶୁଥାନ୍ତି ଜୟନ୍ତ । ଅନିଦ୍ରା ରହି ।

ତାହାହିଁ ଥିଲା ଅମୃତମୟ ମୁହୂର୍ତ୍ତଟି । ସୁନନ୍ଦା ସଚେତନ ନ ଥିଲା ଜୟନ୍ତଙ୍କ ଛାତି ଭିତରେ କେଉଁଠି ନା କେଉଁଠି ତା' ପ୍ରତି ଅଛି ଆଞ୍ଜୁଳାଏ ପବନ ପରି ପ୍ରେମ । ଭଲ ପାଇବାର ସ୍ପନ୍ଦନ । ବାସ୍ତବିକ ସେ ବିସ୍ମିତ ହୋଇଥିଲା ଏଇଥିପାଇଁ ଯେ ସବୁକିଛି ସରିଯାଇ ନାହିଁ । ସେ ଚାହିଁଲେ ମୁଠାଇ ଧରିପାରିବ ଆଞ୍ଜୁଳାଏ ପ୍ରେମକୁ । ଶୁଣିପାରିବ ଭଲପାଇବାର ସ୍ପନ୍ଦନକୁ ।

ଠିକ୍ ସମୟରେ ଆଉ ଥରେ ଆସିଲେ ଡାକ୍ତର ମିଶ୍ର । ମା'ଙ୍କୁ ଭଲ ଭାବେ ଦେଖିଲେ । ସାଲାଇନ୍ କାଢ଼ି ନେବାକୁ ନିର୍ଦ୍ଦେଶ ଦେଇ ଅତି ସ୍ୱାଭାବିକ ଭାବେ କହିଲେ, ''ଆଉ ବ୍ୟସ୍ତ ହେବାର କିଛି ନାହିଁ । ମା'ଙ୍କୁ ଘରକୁ ନେଇ ଯାଇପାରନ୍ତି । ମୁଁ କିଛି ଔଷଧ ଲେଖିଦେଇଚି । ତାଙ୍କୁ ନିୟମିତ ଖାଇବାକୁ ଦେବେ ।''

ସୁନନ୍ଦା ଶୁଣିଲା ସବୁ କଥା । ତ୍ରସ୍ତ ହୋଇ ପଚାରିଲା, ''କ'ଣ ହୋଇଥିଲା ?''

''ସେମିତି କିଛି ନୁହେଁ । ସିଭିୟର୍ ଏସିଡିଟି । ଖାଇବା ପିଇବା ଠିକ୍ ସମୟରେ କଲେ ଆଉ କିଛି ପ୍ରୋବ୍ଲେମ୍ ହେବ ନାହିଁ ।''

ଏତକ କହି ଚାଲିଗଲେ ଡାକ୍ତର ମିଶ୍ର । ତାଙ୍କ ପଛେ ପଛେ ପହଁରିଗଲା ନର୍ସର ଧଳା ଫ୍ରକ୍ । କାଢ଼ି ଦିଆଗଲା ସାଲାଇନ୍ । ସୁନନ୍ଦା ଜୟନ୍ତଙ୍କୁ ଅତି ଧୀରେ କହିଲା, ''ଅଫିସ୍‌ରେ ବିଲ୍ ପେମେଣ୍ଟ କରିଦିଅ । ଆମେ ମା'କୁ ନେଇ ଘରକୁ ଚାଲିଯିବା ।''

ଏକଥାଟି ଏତେ କୋମଳ, ଧୀର ସ୍ୱରରେ ଥିଲା ଯେ ଜୟନ୍ତ ଠିକ୍ ଭାବେ ଶୁଣି ପାରିଲେ ନାହିଁ । ଆଉ ଥରେ ସୁନନ୍ଦା ମୁହଁକୁ ଚାହିଁଲେ । କିଛି ସମୟ ପରେ କଥାଟିକୁ ବୁଝି ନର୍ସିଂହୋମ୍‌ର ଅଫିସକୁ ଗଲେ ।

ଜୟନ୍ତ ଯିବା ପରେ ମା' ଅନୁରୋଧ କଲା ପରି ସୁନନ୍ଦାକୁ ପଚାରିଲେ, ''ମୋର କଥାଟିଏ ରଖିବୁ ।''

''ହଁ ?'' ନିରୁପାୟ ଦୀର୍ଘଶ୍ୱାସ ପରି ଶବ୍ଦଟି ସୁନନ୍ଦା ଭିତରୁ ବାହାରି ଆସିଲା ।

Digitized by PPRACHIN, SOA

''ତୋ ଅହଙ୍କାରକୁ ଟିକେ ଭୁଲିଯିବୁ । ଜାଣିଥା, ତୋ ରୂପ ତୋ'ର ବିପର୍ଯ୍ୟୟର କାରଣ ହୋଇଚି । ତୋ' ରୂପ ଆଗରେ ଜୟନ୍ତ ମଳିନ ଦିଶିବା ସ୍ୱାଭାବିକ । କିନ୍ତୁ ତାଙ୍କର ଭଲ ପାଇବା ପାଖରେ ତୁ କେତେ ନିଷ୍ପ୍ରଭ ଦିଶୁଚୁ ତାହା ଜାଣିପାରୁଚୁ ତ ! ଭରସା ଦେଇପାରୁଥିବା ବିଶ୍ୱସ୍ତ ସ୍ୱାମୀଟିଏ ଅନେକ ସ୍ତ୍ରୀଙ୍କ ଭାଗ୍ୟରେ ନ ଥାଏ । ଜୟନ୍ତଙ୍କ ପରି ଭଲ ପିଲାଟି ତୋତେ ମିଳିଚି, ତାହାହିଁ ତୋ' ଭାଗ୍ୟର କଥା । ଯଦି ତମ ଦୁହିଁଙ୍କ ମଧ୍ୟରେ ଡାଇଭର୍ସ ହୁଏ, ତେବେ ମୁଁ ଜାଣିବି ସେ ତୋତେ ଛାଡ଼ି ନାହାନ୍ତି, ବରଂ ତୁ ତାଙ୍କୁ ଛାଡ଼ି ଦେଇଚୁ । କେବଳ ତୋର ଅହଙ୍କାର ପାଇଁ ।''

ସୁନନ୍ଦା ଠିଆ ହୋଇ ଦୁଇ ପାପୁଲି ବୁଲାଇ ଆଣିଲା ନିଜ ଝାଳୁଆ ମୁହଁ ଉପରେ । ପଙ୍ଖା ବୁଲୁଥିଲେ ବି ତା' ପାପୁଲି ଓଦା ହେଲା । ସେ ଜମା ବୁଝିପାରୁ ନ ଥିଲା, ମା' କାହିଁକି ଏତେ ବ୍ୟଗ୍ର ଓ ଚିନ୍ତିତ ତା' ପାଇଁ ! ସେ ପ୍ରାୟ କହିବାକୁ ଯାଉଥିଲା, ''ତୁ ଏଥିରେ ଜମା ମୁଣ୍ଡ ପୂରାନି । ଯା' କିଛି ହେବ, ମୁଁ କରିବି । ଡାଇଭର୍ସ ପେପର୍ ଆଣିଥିବା ସ୍ୱାମୀକୁ କ'ଣ କ୍ଷମା କରାଯାଇପାରେ ?''

ମା' ପୁଣି କହିଲେ, ''ବିଶ୍ୱାସ କରିପାରିବୁ ନାହିଁ ମୋ କଥା । ଏବେବି ତୋ' ବାପାଙ୍କୁ ମୁଁ ଭେଟୁଚି ବୋଲି । ସେ ଆସୁଛନ୍ତି ମୋ ପାଖକୁ । ମୋ ସହ କଥା ହେଉଛନ୍ତି । ମୋ ଦୁଃଖ ସୁଖ ବୁଝୁଛନ୍ତି । ତାଙ୍କ ସ୍ମୃତିକୁ ନେଇ ବଞ୍ଚିରହିଚି ମୁଁ । ସେଥିପାଇଁ ଘର ଛାଡ଼ି ଆସିବାକୁ ଇଚ୍ଛା କରେନି । ତାଙ୍କ ପୋଷାକପତ୍ର, ଚଷମା, କଲମକୁ ଛୁଇଁଦେଲେ ମନେହୁଏ ସେ ମୋତେ ଛୁଇଁ ଦେଉଛନ୍ତି । ଛଳଛଳ ହୋଇଯାଏ ମୋ ଦେହ । ଆମ ଭିତରେ ଯେତେ ଝଗଡ଼ା ଲାଗିଥିଲେ ବି ପ୍ରଥମେ ମୁଁ ତାଙ୍କୁ କ୍ଷମା କରିଦେଉଥିଲି । କାରଣ ସ୍ତ୍ରୀଟି ସବୁ ସହେ । ଯିଏ ଗର୍ଭଯନ୍ତ୍ରଣା ସହିପାରୁଚି, ତା' ପାଇଁ ଏସବୁ ଅତି ସହଜ, କୋମଳ କଥା । ଜୀବନ କାହାକୁ ଦୁଃଖ ଦେଇନି କହ ତ ! ସବୁ ଦୁଃଖ ସହିବାର କ୍ଷମତା ଯା'ର ଅଛି ସେହି ହିଁ ହେଉଚି ପ୍ରକୃତ ମଣିଷ । ପ୍ରାଣିଜଗତରେ ଏହି ମଣିଷ ହିଁ ସବୁ ବ୍ୟତିକ୍ରମ କରେ । ସେ ଘୃଣା କରିପାରେ ଏବଂ ପ୍ରେମ ବି କରିପାରେ । କାରଣ ତା'ର ବୁଦ୍ଧି ଅଛି । କିଏ କ'ଣ କହିଲା, ସେଥିରେ ତୋ'ର ଭାସିଯିବା କ'ଣ ଉଚିତ ହୋଇଚି ?''

''ଉଚିତ ଅନୁଚିତର କଥା ନୁହେଁ ମା' । ଏବଂ ମଧ୍ୟ ଏଠି ବଡ଼ କଥା ନୁହେଁ କିଏ କାହାକୁ ବିବାହ କରୁଚି । କିଏ କାହାକୁ କିପରି ଗ୍ରହଣ କରୁଚି, ତାହାହିଁ ବଡ଼ କଥା । ଜୟନ୍ତଙ୍କୁ ମୁଁ ଗ୍ରହଣ କରିପାରୁ ନାହିଁ ।''

ନିଜ ଅନିଚ୍ଛାସତ୍ତ୍ୱେ କହିଲା ସୁନନ୍ଦା ।

''ତୁ ପିଲାଙ୍କୁ ପାଠ ପଢ଼ାଉଚୁ । ଲାବଣ୍ୟବତୀର ସ୍ୱପ୍ନ-ଦର୍ଶନ କଥାଟିକୁ ନିଜେ ପଢ଼ିଚୁ ନା ନାହିଁ ? ଆକାଶରୁ ଖସିଆସିଲା ଯୁବକଟିଏ । ଝିଅଟା ବି କି ଅଦ୍ଭୁତ

Digitized by PPRACHIN, SOA

ଦେଖୁଚୁ । ଜାତି ଗୋତ୍ର ଇତିହାସ କିଛି ପଚାରିଲା ନାହିଁ । ଜଣେ ଜହ୍ନରେ ଅଳସ ଭାଙ୍ଗିଲା । ଆଉ ଜଣେ ମୁଗ୍ଧ ହୋଇଗଲା ଚନ୍ଦ୍ରିକାଚର୍ଚ୍ଚିତ ରୂପ ସୌନ୍ଦର୍ଯ୍ୟ ଦେଖି । କହ ତ, ଏହା କାହିଁକି ହେଲା । କେବଳ ପ୍ରେମ, ବିଶ୍ୱାସ ପାଇଁ । ଆଉ ଥରେ କହୁଚି, ମୋର ସବୁ କିଛି ଯେମିତି ମୋ ସ୍ୱାମୀ, ତୋର ସବୁକିଛି ସେମିତି ଜୟନ୍ତ । ତୁ ତାଙ୍କୁ ସ୍ୱୀକାର କର । ତାଙ୍କର ସବୁ ଭୁଲ୍‌କୁ କ୍ଷମା କରି ତାଙ୍କୁ ନିର୍ମଳ ହୃଦୟରେ ଗ୍ରହଣ କର । ଏକଥା ସତ, ଦିନେ ସବୁ କିଛି ଚାଲିଯିବ । ରୂପ, ଯୌବନ ଏବଂ ବୟସ । ଖାଲି ଏତିକି ହିଁ ରହିବ । ପ୍ରେମ । ଯା'କୁ ନେଇ ବଞ୍ଚିପାରିବୁ ଅବଶିଷ୍ଟ ଜୀବନ । ଅବଶିଷ୍ଟ ଜୀବନକୁ ସହଜ, ସୁନ୍ଦର କରିବାକୁ ହେଲେ ନିଜେ ନିଜର ଶତ୍ରୁ ହୁଅ ନାହିଁ । ମୁଁ ଜାଣେ, ପ୍ରତ୍ୟେକ ନାରୀ ପାଲଟିଯାନ୍ତି ନିଜେ ନିଜର ଶତ୍ରୁ । ପ୍ରିୟଶତ୍ରୁ....''

ପଛରୁ ଖସ୍ ଖସ୍ ଶୁଭିଲା । ପର୍ଦ୍ଦା ଟେକି ଧୀରେ ଧୀରେ ପାଦ ପକାଇ ଆସି ସେଠି ଠିଆ ହେଲେ ଜୟନ୍ତ ।

ସିଧାସଳଖ ତାଙ୍କୁ ଚାହିଁଲା ସୁନନ୍ଦା । ଅନେକ ବର୍ଷ ପରେ ତାଙ୍କୁ ଯେମିତି ସେ ଦେଖୁଚି । କିଛି ବି ପରିବର୍ତ୍ତନ ହୋଇ ନାହିଁ । ସେମିତି ଅଛି ଢଳ ଢଳ ଆଖି । ପ୍ରେମ ଓ ବିଶ୍ୱାସକୁ ଭରି ରଖି । ସେହି ପ୍ରେମ ଓ ବିଶ୍ୱାସକୁ ନିଜ ଅଞ୍ଜୁଳିରେ ଭରିବା ପାଇଁ ଚଞ୍ଚଳ ହୋଇଉଠିଲା ସେ । ମନେହେଲା, ସତେ ଯେମିତି ସେ ପାଇଗଲା ବାଟ । ଆଉ ଏଣେତେଣେ ବୁଲିବା ଦରକାର ନାହିଁ । କାରଣ ଏହାପରେ ସେ ପହଞ୍ଚିବ ସମ୍ପୂର୍ଣ୍ଣ ପରିଚିତ ଭୂମିରେ । ଯେଉଁଠି ଠିଆ ହୋଇଥିବେ ଏକା ଏକା ଜୟନ୍ତ । କେବଳ ତା'ରି ଅପେକ୍ଷାରେ ।

ଆନନ୍ଦର ଲୁହ ବୁନ୍ଦା ଜକେଇ ଆସିଲା ସୁନନ୍ଦାର ଆଖିରେ । ପଚାରିଲା, ''ପ୍ରେସ୍କ୍ରିପସନ୍ ସବୁ ଆଣିଛ ତ !''

ସଂକ୍ଷିପ୍ତ ଉତ୍ତରଟି ଶୁଣାଗଲା, ''ହଁ ।''

''ଚାଲ । ମୁଁ ମା'ଙ୍କୁ ଧରି ନେଉଚି । ତମେ ସ୍କୁଟର ଚଳାଇବ । ମା'ଙ୍କୁ ଧରି ପଛରେ ମୁଁ ବସିବି ।''

ସକାଳଟି ଏତେ ଜୀବନ୍ତ, ଚଳଚଞ୍ଚଳ ଜଣାପଡ଼ିଲା ଯେ କୌଣସି ମୁହୂର୍ତ୍ତରେ ସୁନନ୍ଦା ନିଜ ଲୁଗାକାନିରେ ଜୟନ୍ତଙ୍କ କ୍ଳାନ୍ତ ମୁହଁକୁ ପୋଛି ପକାଇବ ।

ଆଉ କୌଣସି ପ୍ରତିବନ୍ଧକ ସୁନନ୍ଦା ସଂସାରର ଗତିରୋଧ କରିପାରିବ ନାହିଁ । ଅନ୍ଧାର, ନିର୍ଜନତା, ଅହଙ୍କାର ଅଟକାଇ ପାରିବ ନାହିଁ ବିଶ୍ୱାସ, ପ୍ରେମକୁ । ସ୍ନେହ, ଶ୍ରଦ୍ଧାକୁ ସ୍ୱୀକାର କରି ଘାସ ଭିତରୁ ମଥା ଟେକିଥିବା ଅଭୂତପୂର୍ବ ବାଇଗଣୀ ରଙ୍ଗର ଫୁଲଟି ପବନରେ ମଥା ହଲାଇ ଖେଳିବାବେଳେ ମାଟି ଭୁଲିଯିବ ଅସହ୍ୟ ଗର୍ଭଯନ୍ତ୍ରଣା ।

Digitized by PPRACHIN, SOA

୮

ପ୍ରେମକଥା

ଛଅ ବର୍ଷ ପରେ ସୁରଭି ମୋ'ପାଖକୁ ଫୋନ୍ କରି ନ ଥିଲେ, ଏହି କଥାଟିକୁ ମୁଁ କହିପାରି ନ ଥାନ୍ତି ।

ସୁନ୍ଦର କବିତା ଦିନେ ଲେଖୁଥିଲା ସୁରଭି । ତା' କବିତା ପ୍ରାୟ ସବୁ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । ସେ କବିତା ପାଇଁ ଯେତିକି ଚର୍ଚ୍ଚିତ ହେଉ ନ ଥିଲା, ତା'ଠାରୁ ଅଧିକ ପରିଚିତ ଥିଲା ତା'ର ଆକର୍ଷଣୀୟ ଚେହେରା ପାଇଁ ।

ମୋତେ ବୁଝାଇବାକୁ ଯାଇ ସେ କହିଥିଲା, ଟ୍ରେନ୍‌ରେ ଆସିବାବେଳେ ତା' ଭ୍ୟାନିଟ୍ ବ୍ୟାଗ୍‌ଟି ଚୋରି ହୋଇଯାଇଥିଲା । ଯେଉଁଥିରେ ଥିଲା ଅଳ୍ପ କେତୋଟି କସ୍‌ମେଟିକ୍ ସହ ମୋବାଇଲ୍ ଫୋନ୍, ଆଉ ଗୋଟେ ଛୋଟ ଫୋନ୍ ବୁକ୍ । ଫୋନ୍ ବୁକ୍‌ଟିରେ ସେ ଲେଖିଥିଲା ଅତିଗୋପନରେ ମୋ ନମ୍ବରଟିକୁ । ସେଇଟି ଚୋରି ହୋଇଯିବାପରେ ସମ୍ଭବତଃ ମୋ ନମ୍ବର ଜାଣିବା ପାଇଁ ସେ ଆଉ କାହାକୁ ଭରସି କରି ପଚାରିପାରି ନ ଥିଲା ।

ଏହା ପଛରେ ଆପାତତଃ ଯୁକ୍ତିଯୁକ୍ତ କାରଣଟିଏ ଅଛି । କାରଣଟି ଅନ୍ୟମାନଙ୍କ ପାଇଁ ଈର୍ଷାର ବିଷୟବସ୍ତୁ ହେଲେ ବି ମୋ ପାଇଁ ବେଶ୍ ରୋମାଞ୍ଚଭରା ଅନୁଭବ ବୋଲି ସ୍ୱୀକାର କରୁଛି ।

ଏହି ରୋମାଞ୍ଚଭରା ଅନୁଭବର କଥା କହିବା ପୂର୍ବରୁ ମୁଁ ଆଉ ଦୁଇଟି କଥା କହିବି ।

ପ୍ରଥମ କଥାଟି ମୋ ପିଲାଦିନର ।

ମୋତେ ସେତେବେଳେ ନଅ କିମ୍ବା ଦଶ ବର୍ଷ । ଚତୁର୍ଥ ଶ୍ରେଣୀରେ ପଢୁଥିଲି । ଆମ ସ୍କୁଲଟି ପାହାଡ଼ କାନ୍ଥରେ । ଖୋଲା ଝରକା ବାଟେ ବାହାରକୁ ଅନାଇଲେ ଆକାଶକୁ ମଥାଟେକି ପାହାଡ଼ଟି ମୋତେ ମନେପକାଇଦିଏ ଗାଁରେ ଛାଡ଼ି ଆସିଥିବା ଶାଗୁଆ କ୍ଷେତର କଥା । ମୋ ଗାଁ ସେଠୁ ଦେଢ଼ଶହ କିଲୋମିଟର ଦୂର ଜାଣିଥିଲେ ବି ମୋ ଭିତରେ କାନ୍ଦ କାନ୍ଦ ଭାବଟି ଛଳ ଛଳ ହୁଏ । ସେ ପାହାଡ଼ଟିର ନାଁ ହେଉଛି ପାଣିଓହଳା । ଢେଙ୍କାନାଳ ସହରର ସବୁଜିମାଭରା ଉଦ୍ଧତ ମଥା ଯେମିତି ।

Digitized by PPRACHIN, SOA

ପାଣିକାଦୁଅଭରା ପଟ୍ଟାମୁଣ୍ଡାଇରେ ମୋ ଗାଁ । ଠିକ୍ ପଟ୍ଟାମୁଣ୍ଡାଇରେ ନୁହେଁ, ବରଂ ସେଠୁ ଆହୁରି ଦଶ କିଲୋମିଟର ଦୂରରେ । ଗାଁକୁ ବିଲ ଗହୀରରେ ଯିବାକୁ ହୁଏ । ଛୁଟିରେ ଗଲାବେଳେ ଛୁଇଁ ଦେଉଥିଲି; ପାଚିଲା ଧାନର ମହକ, ଆମ୍ବଗଛର ଛାଇ, କୁନି କୁନି ପ୍ରଜାପତିର ଡେଣା, ନ ହେଲେ କେବେ କେମିତି ଉଡ଼ିଯାଉଥିବା ମାଛରଙ୍କା ଚଢ଼େଇ ଥଣ୍ଟ ଭିତରେ ଥିବା ନିରୀହ ମାଛର କାନ୍ଦ । ନିରୀହ ମାଛଟି କାନ୍ଦି ଜାଣେ କି ?

ଓଦା ହୋଇଯିବା ଡରରେ ଜୋତାକୁ ଗୋଟେ ହାତରେ ଝୁଲାଇ ଯାଉଥିବା ବେଳେ ମୋତେ ଲାଗେ, ସତେ ଯେମିତି ନିରୀହ ମାଛଟି କାନ୍ଦୁଚି । ଏବଂ ତା' ଆଖିରୁ ଟପ୍ ଟପ୍ ହୋଇ ଲୁହ ଝରିପଡୁଚି ପାଚିଲା ଧାନ କ୍ଷେତରେ । ଆଉ ସେହି ଲୁହବୁନ୍ଦାଗୁଡ଼ିକ ମୁହଁ ଦିଶୁ ନ ଥିବା ସକାଳର କାକର ଟୋପା ପାଲଟି ଯାଉଚି । ନରମ ଖରାରେ କାକର ଟୋପାଗୁଡ଼ିକୁ ପାପୁଲି ଭିତରେ ଧରିବାବେଳେ ମୁଁ କାନ୍ଦି ପକାଉଥିଲି ।

କିଛି ବୁଝି ନ ପାରିବା ବୟସରେ ଅଙ୍କାବଙ୍କା ଗାର ଟାଣି ଚିତ୍ର ଆଙ୍କୁଥିଲି । ସେହି ଚିତ୍ରରେ ସ୍ପଷ୍ଟ ହେଉଥିଲା; ପାଣିଓହଳା ପାହାଡ଼, ଆକାଶ, ମେଘ, ଧାନକ୍ଷେତ, ମାଛରଙ୍କା ଚଢ଼େଇ, ଘାସ ଉପରେ ଲୁହବୁନ୍ଦା ପରି ଦିଶୁଥିବା କାକରଟୋପା ଏବଂ ନିଃସଙ୍ଗତା । ନିଃସଙ୍ଗତା ମୋର ଏତେ ନିଜର ଥିଲା ଯେ କାହାକୁ ମୁଁ କିଛି କହୁ ନ ଥିଲି । ବରଂ ବେଳେବେଳେ ଠିଆ ହୋଇଥିଲି ଏକା ଏକା ସ୍କୁଲର ଝରକା ନିକଟରେ । ଅନାଇଥିଲି ଦୂରକୁ, ଅନେକ ଦୂରକୁ । ଯେତେ ଦୂର ଚାହିଁପାରିବାର ସାମର୍ଥ୍ୟ ଥିଲା ମୋ ମନ ଭିତରେ ।

ଝରକା ନିକଟରେ ଠିଆ ହେବାବେଳେ କେହି ଜଣେ ମୋତେ ଚାହିଁ ରହୁଚି, ତାହା କେତେ ଦିନ ପରେ ଜାଣିପାରିଥିଲି । ନୀଳ ନୀଳ ଆଖି । ପାଣିଓହଳା ପାହାଡ଼ର ମଥା ଛୁଇଁଥିବା ଆକାଶର ରଙ୍ଗ ପରି ବୋଧେ ନୁହେଁ, ବରଂ ସମୁଦ୍ରର ରଙ୍ଗ ଭଳି । ବେଣୀ ଦୁଇଟିକୁ ହଲାଇ ଚାଲୁଥିଲା ଝିଅଟି । ତା'ର ନାଁଟିକୁ ମୁଁ ଠିକ୍ ରୂପେ ଆଜି ମନେପକାଇ ପାରୁ ନାହିଁ । କ୍ଲାସ୍‌ରେ ମୋ ପାଖରେ ସେ ବସୁଥିଲା । ଗୁରୁଜୀ ପାଠ ପଢ଼ାଉଥିବାବେଳେ ମୋ ଖାତାରୁ କିଛି କିଛି ସେ ଟିପି ନେଉଥିଲା । ତା' ଅକ୍ଷରଗୁଡ଼ିକ ଥିଲା ବେଶ୍ ସୁନ୍ଦର, ଢଳ ଢଳ । ମନେହେଉଥିଲା, ସେ ଲେଖୁ ନ ଥାଏ, ବରଂ ଆଙ୍କୁଥାଏ ଚିତ୍ର । ଠିକ୍ ମୋ'ପରି ।

ସେ ତା' ବ୍ୟାଗ୍‌ରେ ପୂରାଇ ମୋ ପାଇଁ ଆଣୁଥିଲା : ପେନ୍‌ସିଲ୍, କଲମ ଆଉ ସ୍ୱାଦଭରା ଚକୋଲେଟ୍ । ବୋଧେ ଶେଷ ଥର ପାଇଁ ମୋତେ ଦେଇଥିଲା ଗୋଟେ

Digitized by PPRACHIN, SOA

ରବର । ଯାହାର ଗୋଟେ ପାଖ ଲାଲ, ଆଉ ଗୋଟେ ପାଖ ନୀଳ । ଠିକ୍ ତା' ଆଖିର ନୀଳ ରଙ୍ଗ ପରି ।

ରବରଟିକୁ ମୋତେ ଦେବାବେଳେ କହିଥିଲା, ''ବାପାଙ୍କର ବଦଳି ହୋଇଯାଇଚି । ଦଶ ପନ୍ଦର ଦିନ ଭିତରେ ଆମେ ଏଠୁ ଚାଲିଯିବୁ । ତମେ ମୋର ଜଣେ ଭଲ ସାଙ୍ଗ । ସେଥିପାଇଁ ଏଇଟିକୁ ଦଉଚି, ନିଅ ।''

ରଙ୍ଗ ସମ୍ପର୍କଟିଏ ତିଆରି କରିପାରିବାର ସାମର୍ଥ୍ୟ ରଖିଥାଏ, ତାହା ବୁଝିବା ସେଦିନ ମୋ ପକ୍ଷରେ ସମ୍ଭବ ନ ଥିଲେ ବି ଆଜି ଅନୁଭବ କରୁଚି, ସେହି ବେଣୀ ହଲାଇ ଚାଲୁଥିବା ଝିଅଟିର ମନ ଭିତରର କୋମଳତା । ଗାଁକୁ ଛାଡ଼ି ଢେଙ୍କାନାଳରେ ରହିଥିବା ଯୋଗୁଁ ମୋ ମନର ଦୁଃଖକୁ ସେହି ରଙ୍ଗର ରବରରେ ଲିଭାଇଦେବା ପାଇଁ ତା'ର ଛୋଟ ପ୍ରୟାସଟିକୁ ଭାବି ଆଶ୍ଚର୍ଯ୍ୟ ହେଉଛି ।

ସତକୁ ସତ, ଦଶ ପନ୍ଦର ଦିନ ଭିତରେ ସେ ଚାଲିଯାଇଥିଲା ସ୍କୁଲ ଛାଡ଼ି । ସେ ଚାଲିଗଲା ପରେ ବି ମୁଁ ଦେଖୁଥିଲି ତା' ଛାଇକୁ, ତା' ଆଖିର ରଙ୍ଗକୁ, ମିଠା ମିଠା ତା'ର ଆପଣାପଣକୁ । ଅଥଚ ଅନେକ ଦିନ ପରେ ଜାଣିପାରିଥିଲି, ସେ ମୋ' ପାଖରେ ନାହିଁ । ସତରେ ନାହିଁ ।

ଦ୍ୱିତୀୟ କଥାଟିକୁ ଆରମ୍ଭ କରୁଚି ।

ସେତେବେଳେ ମୁଁ ଦଶମ ଶ୍ରେଣୀର ଛାତ୍ର । ମୋ ମନ ଭିତରେ ଉଭେଇଗଲାଣି ନିଃସଙ୍ଗତା । ଆଉ ନାହିଁ କାନ୍ଦ କାନ୍ଦ ଭାବ । ଅଳ୍ପ ବହୁତ ଟାଣ ହେଲାଣି ମନ । ତେଣୁ ଆଉ ମନେପଡୁ ନ ଥିଲା ଗାଁ କଥା । କିନ୍ତୁ ମୋତେ ବ୍ୟସ୍ତବିବ୍ରତ କରୁଥିଲା, ମୋ ଭବିଷ୍ୟତ୍ । ଭବିଷ୍ୟତ୍ ପାଇଁ ବେଶି ଚିନ୍ତିତ ରହୁଥିଲି । ପଢ଼ାପଢ଼ିରେ ମନ ଦେବା ପାଇଁ ବାଧ ହେଉଥିଲି । ପାଣିଓହଳା ପାହାଡ଼ ଠିଆ ହୋଇ ରହିଥାଏ ଆଗଭଳି । ନୀଳ ଆକାଶ ଛୁଇଁଥାଏ ତା' ସବୁଜିମାଭରା ମଥା ।

ଏକଥା ସତ, ମୋ ସାଙ୍ଗରେ ପଢ଼ିଆସୁଥିବା କିଶୋରୀମାନେ ଏହା ଭିତରେ ପ୍ରଜାପତି ପାଲଟି ଯାଇଥିଲେ ବି ମୁଁ ହଜିଯାଉଥିଲି ବହି ଭିତରେ । ବହି, ଖାତା ଓ ପାଠପଢ଼ା ଭିତରେ ଧ୍ୟାନସ୍ଥ ରହିବା ପାଇଁ ଉଚିତ ମଣୁଥିଲି । ଗାଁରୁ ବାପା ବେଳେବେଳେ ଆସି ଚେତେଇ ଦେଇଯାଉଥିଲେ, ମୋ ପାଠପଢ଼ା ପ୍ରତି ଥିବା ଦାୟିତ୍ୱବୋଧକୁ । ଏହି ଦାୟିତ୍ୱବୋଧ ପ୍ରତି ସତର୍କ ଭାବଟି ମୋତେ ସଚେତନ କରିଦେଇଥାଏ ।

ମୋ ବୟସର ପିଲାମାନେ ଛକରେ ବସି ସିଗାରେଟ୍ ଟାଣୁଥିବାବେଳେ ମୁଁ ପାଠପଢ଼ିବା ସକାଶେ ବହି ଧରି ବସୁଥିଲି । ସିନେମା ଦେଖୁ ନ ଥିଲି । କ୍ଲାସ୍‌ରେ

Digitized by PPRACHIN, SOA

ସିନେମା ନାୟିକାମାନଙ୍କୁ ନେଇ ରୋମାଞ୍ଚଭରା କଥାବାର୍ତ୍ତାରେ ଭାଗ ନ ନେବାର ବ୍ୟର୍ଥତା ମୋତେ ସଚେତନ କରୁ ନ ଥିଲା, ବରଂ ପାଠ ପ୍ରତି ମୋତେ ସତର୍କ ବି କରିଦେଉଥିଲା ।

ଏହି ସତର୍କ ଭାବ ଯୋଗୁଁ ପରିଚିତ ହୋଇଥିଲା ଝିଅଟିଏ ସହ । କବାଟ ଆଉଜାଇ ମୁଁ ବସି ପଢୁଥିଲି । ସେ ଆସି ବସିପଡ଼ିଥିଲା ଚୁପ୍‌ଚାପ୍ ହୋଇ । ମୋ ପାଖରେ । ବାହାରେ ଉତ୍ସବ ମୁଖରିତ କୋଳାହଳ । ସେ ବୋଧେ ଆସିଥିଲା କିଛି ସମୟ ନିରୋଳାରେ ବସିପଡ଼ିବା ପାଇଁ । କେଉଁଠି ବସିପଡ଼ିବ ବୋଲି ଦରଆଉଜା କବାଟକୁ ଠେଲିଦେବା ବେଳକୁ ମୋତେ ଦେଖିଥିଲା । ମୁଁ ତା' ଆଡ଼କୁ ଚାହିଁ ନ ଥିଲି । ସିର୍ ସିର୍ ପବନ ପରି ସେ ପଶି ଆସିଥିଲା କୋଠିରି ଭିତରକୁ ।

ଆଖି ଫେରେଇ ନେଲି । ତା' ଆଡ଼େ ନ ଚାହିଁବାରୁ ସେ ତା' ପାଦ ଦୁଇଟିକୁ କଚାଡ଼ି ଦେଇଥିଲା ଦୁମ୍ କରି । ଚଟାଣରେ । ଚମକିପଡ଼ି ଚାହିଁଥିଲି । ତା' ଆଖିର ରଙ୍ଗ ସମୁଦ୍ରର ରଙ୍ଗ ପରି । ମଥାରେ ଛୋଟ ଟିକିଲି । ଛାତି ଉପରେ ଲମ୍ବିଥାଏ ଦୁଇଟି ବେଣୀ ।

ହସିଉଠିଥିଲା ସେ । କିରି କିରି ହୋଇ । ଆଞ୍ଜୁଳାଏ ମଲ୍ଲୀଫୁଲ ଝଡ଼ିପଡ଼ିଥିଲା ଯେମିତି । ଓଦା ଓଦା ଅନୁଭବକୁ ମୋ ଭିତରେ ସଞ୍ଚରି ଦେଇ । ମୋ ଭିତରେ ଏକ ଶିହରଣ ।

ସେ ଚାହିଁ ରହିଥିଲା ମୋ ଆଡ଼କୁ, ନିରୀହ କିଶୋରୀର କୌତୁକଭରା ଆଖିରେ । ଏବଂ ଅନେକ ଦିନରୁ ଆମେ ଦୁହେଁ ପରିଚିତ ଯେମିତି ।

ପଚାରିଥିଲି, ''ତମେ.... !''

ଅଭିମାନ ସ୍ୱରରେ ସେ କହିଥିଲା, ''ମତେ କ'ଣ ଚିହ୍ନିପାରୁନା ? ମୁଁ ହେଉଚି ଅରୁଣା ।''

ମନେପଡ଼ିଥିଲା । ସେ ହେଉଛି, ଦୂର ସମ୍ପର୍କୀୟ ପିଉସୀର ଝିଅ । ଥରେ ଅଧେ ମୁଁ ତାକୁ ଦେଖିଥିଲି । ନାକରୁ ସିଙ୍ଗାଣି ବୋହୁଥିଲାବେଳେ । ଖୁବ୍ ପିଲାଦିନେ ।

ପୂର୍ବରୁ ଝଡ଼ିପଡ଼ିଥିବା ମଲ୍ଲୀଫୁଲର ମହକ ସାରା କୋଠରି ଭିତରେ ଖେଳେଇ ହୋଇଯାଇଥିଲା । ଖାଲି ମହକ । ସେହି ମହକରେ ମୋ ବହିର ପୃଷ୍ଠା ସବୁ ଆଖି ବୁଜି ଦେଇଥିଲେ । ମୁଁ ଚାହିଁପାରି ନ ଥିଲି ବହିକୁ, ଅରୁଣାକୁ । ତଳକୁ ମୁହଁ କରିଥିଲି । ସେଠି ନିରାପଦ ସ୍ଥାନଟିଏ ଥିବ ବୋଲି ଆଶା ରଖିଥିଲି । ମାତ୍ର ମୋ ନଜର ପଡ଼ିଥିଲା ଅରୁଣାର ପାଦ ଉପରେ । ଅଳତାପିନ୍ଧା ଗୋରା ରଙ୍ଗର ପାଦ । ପୂର୍ବରୁ କୌଣସି

Digitized by PPRACHIN, SOA

ଝିଅର ପାଦ ମୋତେ ଚହଲାଇ ଦେଇ ନ ଥିଲା । ଚହଲି ଗଲି । ହଜିଗଲି । ମହକିଲା ପବନରେ ମିଳେଇଗଲି । ସେ ମୋତେ ସେମିତି ଚାହିଁ ରହିଥିଲା । ଆଖିରେ ପଲକ ନ ପକାଇ ।

ଅଧଘଣ୍ଟାଏ ପରେ ସେ ସେହି କୋଠରିରୁ ବାହାରି ପଦାକୁ ପଳାଇଯାଇଥିଲା । ମୋ ପଢ଼ା ଟେବୁଲ ପାଖରେ ବସି ତା' ଯିବା ବାଟକୁ ଚାହିଁବା ଛଡ଼ା ମୋର ଆଉ କୌଣସି ଉପାୟ ନ ଥିଲା ।

ରାତିରେ ଆଉ ଥରେ ଭେଟ ହୋଇଗଲା ଅରୁଣା ସହ । ଆମେ ସମସ୍ତେ ଏକାଠି ଖାଇବସିଥିବାବେଳେ । ସେ ମୋ ଆଡ଼କୁ ଅନାଇ ନ ଥିଲା, ବରଂ ମୋତେ ନ ଚିହ୍ନିବା ଭଳି ବ୍ୟବହାର କରିଥିଲା । ବିସ୍ମିତ ହୋଇଥିଲି । ତରତର ହୋଇ ଖାଇସାରି ମୋ ପଢ଼ା କୋଠରିକୁ ଚାଲିଆସି ବିଜୁଳିବତିକୁ ଲିଭାଇ ଦେଇଥିଲି । ବାହାରେ ଶୁଣାଯାଉଥାଏ କୋଳାହଳ, ହସଖୁସି ଓ ଆତ୍ମୀୟତାର ସ୍ୱର । ମୁଁ ଚୁପ୍‌ଚାପ୍ ବସିପଡ଼ିଥିଲି ଚେୟାରରେ । ମୋ ଭିତରେ ଥମ୍ ଥମ୍ ଅନ୍ଧାର ।

କବାଟ ମେଲି ହୋଇଯାଇଥିଲା । ରାତି ଦଶଟା ପାଖାପାଖି । ବାରଣ୍ଡାରୁ ଅଳ୍ପ ଆଲୋକ ଛିଟିକି ଆସି ପଡ଼ିଥିଲା କୋଠରି ଭିତରେ । ଅଳତାପିନ୍ଧା ଗୋରା ରଙ୍ଗର ପାଦଟି ଛୁଇଁଥିଲା ଚଟାଣ । ଅନ୍ଧାରମିଶା ଆଲୋକରେ ଆସି ଠିଆହେଲା ଅରୁଣା । ଠିକ୍ ମୋ ସାମନାରେ । ମୋତେ ଲାଗିକରି । ଥର ଥର ହେଉଥାଏ ମୋ ଛାତି । ଆଞ୍ଜୁଳାଏ ପବନ ଅଟକି ଯିବାର ଚମକିଲା ଅନୁଭବ ।

ଚାପା ସ୍ୱରରେ କହିଥିଲା, "ଯାଉଚି । ତମେ ଏବେ ଭଲ ପଢୁଛ ବୋଲି ଶୁଣିଲି । ମୋର ପାଠ ହେଉନି । ଯେତେ ପଢ଼ିଲେ ବି ମୋର ଜମା ମନେ ରହୁନି । କେମିତି ମନେ ରହିବ, ତା'ର ଉପାୟ ମୋତେ ବତାଇଦେବ ? ତା' ବଦଳରେ ତମକୁ ଗୋଟେ ଉପହାର ଦେବି । ତମେ ନେବ ତ !"

କୌତୁକଭରା ହସଟି ଆହୁରି ସ୍ପଷ୍ଟ ହୋଇ ଦିଶିଥିଲା ତା' ମୁହଁରେ । ତାକୁ କ'ଣ କହିବି, କିଛି ଭାବିପାରୁ ନ ଥିଲି । ଦେହ ଝାଳେଇ ଯାଉଥିଲା ବୋଧେ । ସେ ମୋ ପାଖକୁ ଆହୁରି ଲାଗି ଆସିଥିଲା । ଏବଂ ହଠାତ୍ ମୁହଁ ତଳକୁ କରି ତା' ନରମ ଓଠରେ ମୋ ଗାଲକୁ ଆସ୍ତେକରି ଛୁଇଁ ଦେଇଥିଲା ।

ଚମକ । ତାହା ଥିଲା ପ୍ରଥମ ଚମକ । ଗୋଟେ କିଶୋରୀର କୋମଳ ଓଠର ସ୍ପର୍ଶରେ । ମୋ ଦେହସାରା ଖେଳିଯାଇଥିଲା ଅରୁଣାର ସ୍ପର୍ଶ । ବିହ୍ୱଳିତ ହେବାର ଅବସ୍ଥାରେ ମୁଁ ନ ଥିଲି, ବରଂ ଜମାଟ ବାନ୍ଧିଯାଇଥିଲି ବରଫଖଣ୍ଡ ପରି । ହେମାଳ ଲାଗିଥିଲା ଦେହହାତ । ଉଠିପାରି ନ ଥିଲି ଚେୟାରରୁ ।

Digitized by PPRACHIN, SOA

ସେ ଯେମିତି ଆସିଥିଲା, ସେମିତି ଚାଲିଯାଇଥିଲା । ପବନରେ ପତ୍ର ହଲି ନ ଥିଲା ।

କବାଟ ଅଧାମେଲା ରହିଥିଲା । ବାରଣ୍ଡାରୁ ଆଲୁଅ ପଶିଆସୁଥିଲା ଅଧ ରାତିଯାଏ ।

କେହି ଜଣେ ଅଧାମେଲା କବାଟକୁ ବାହାରପଟୁ ଆଉଜାଇ ଦେଇଥିଲା । ତାହା ଲକ୍ଷ୍ୟ କରିଥିଲି ସକାଳେ ।

ସକାଳର ସୁନେଲି ରଙ୍ଗର ଖରାକୁ ମୁଁ ଚାହିଁପାରି ନ ଥିଲି । କେହି ମୋତେ ଦେଖୁଚି ବୋଲି ମନ ଭିତରେ ସନ୍ଦେହ ହୋଇଥିଲା । ମୁହଁ ତଳକୁ କରି ଅନ୍ୟମାନଙ୍କ ସାମନାରେ ଚାଲିବା ଠିକ୍ ହେବ ବୋଲି ଧରି ନେଇଥିଲି । କିଛି ଦିନ ପାଇଁ ଦେଖି ପାରି ନ ଥିଲି, ପାଣିଓହଳା ପାହାଡ଼ ଉପରେ ଥିବା ଆକାଶର ନୀଳ ରଙ୍ଗ । ତା' ଫଳରେ ଆକାଶ ମେଘମୁକ୍ତ ଅଛି କି ନାହିଁ, ତାହା ଜାଣିବା ଆଦୌ ସମ୍ଭବପର ହୋଇ ନ ଥିଲା ।

କହିବା ବାହୁଲ୍ୟ, ଅରୁଣା ସହ ସେହି ମୋର ଶେଷ ଦେଖା । ଅଥଚ ଅନେକ ଦିନ ଧରି ଅଧ ରାତିରେ ମୋ ନିଦ ଭାଙ୍ଗି ଯାଉଥିଲା । ମୋତେ ଜଣାଯାଉଥିଲା, ଅରୁଣା ମୋ ପାଖରେ ଠିଆ ହୋଇଛି ଯେମିତି ! ଏବଂ ମଥା ନୁଆଁଇ ତା' ନରମ ଓଠରେ ମୋ ଗାଲକୁ ଛୁଇଁ ଦେଉଛି । ପ୍ରିୟ ବାନ୍ଧବୀ ପରି ।

ଏକଥା ସତ, ବେଳେବେଳେ ଗାଲଟିକୁ ମୁଁ ପାପୁଲିରେ ଛୁଉଁଥିଲି । କାକର ଟୋପାକୁ ଛୁଇଁବା ପରି । ମୋ ପାପୁଲିରେ ଛୁଇଁପାରିବି ଅରୁଣାର ଓଠକୁ ଯେମିତି । ନରମ, କୋମଳ ଓଠ ସହ ତା' ମୁହଁକୁ ବି । ଅଥଚ ଅନେକ ଦିନ ପରେ ଜାଣି ପାରିଥିଲି, ସେ ମୋ ପାଖରେ ନାହିଁ । ସତରେ ନାହିଁ ।

ତୃତୀୟ କଥାଟି କହୁଚି, ଶୁଣନ୍ତୁ ।

ଆଉ ଗୋଟିଏ ଝିଅକୁ ଭେଟିଥିଲି, ଏହାର ପ୍ରାୟ କୋଡ଼ିଏ ବର୍ଷ ପରେ ।

ପଢ଼ା ସରିବା ପରେ ଚାକିରି ଦଶ ବର୍ଷ ହେଲାଣି । ଚାକିରି କଟକରେ । ଢେଙ୍କାନାଳ ଛାଡ଼ି କଟକରେ ରହିବା ଯୋଗୁଁ ପାଣିଓହଳା ପାହାଡ଼ ଉପରେ ଥିବା ଆକାଶର ନୀଳ ରଙ୍ଗକୁ ଭୁଲିଯାଉଥାଏ । କାଠଯୋଡ଼ି ନଈର ଛାତି ଉପରକୁ ନଇଁଆସିଥିବା ଆକାଶ ରଙ୍ଗ ବେଳେବେଳେ ମନେ ପକାଇଦିଏ ମୋ ପିଲାଦିନ । ମାତ୍ର ମୋ ପିଲାଦିନକୁ ମୁଁ ଧରିପାରେ ନାହିଁ । ସ୍ମୃତି ସବୁ ଖସିପଡୁଥାଏ ମନ ଭିତରୁ ମଉଳାଫୁଲ ପରି ।

Digitized by PPRACHIN, SOA

ଦିନେ ଅମୃତମୟ ମୁହୂର୍ତ୍ତଟି ଆସି ପହଞ୍ଚିଲା ।

ମଉଳା ଫୁଲଗୁଡ଼ିକ ସତେଜ ଦିଶିଲା । ଆପଣଙ୍କୁ ମିଛ ଲାଗିପାରେ ଏହି କଥା । କିନ୍ତୁ ମୁଁ ସତ କହୁଚି । ଗୋଟି ଗୋଟି ହୋଇ ରଙ୍ଗହୀନ ପାଖୁଡ଼ାଗୁଡ଼ିକରେ ଭରିଗଲା ରଙ୍ଗ । ମୁଁ ଯେମିତି ପେନ୍‌ସିଲ୍‌ରେ ଅଙ୍କା ହୋଇଥିବା ଚିତ୍ରରେ ରଙ୍ଗ ଭରୁଥିଲି, ଠିକ୍ ସେମିତି ରଙ୍ଗ ଭରି ହୋଇଗଲା । ମହକି ଉଠିଲା । ମୁଁ ବସିଥିବା ହଲ୍‌ଟିର ଛାତ ଅକସ୍ମାତ୍ ନୀଳ ଦିଶିଲା । ଆକାଶର ନୀଳିମା ପରି ।

ମୁଁ ସ୍ୱପ୍ନ ଦେଖୁ ନ ଥିଲି । ପ୍ରକୃତିସ୍ଥ ଥିଲି । ନିଃଶ୍ୱାସ ପ୍ରଶ୍ୱାସ ଠିକ୍ ଭାବେ ଯିବା ଆସିବା କରୁଥିଲା । କିନ୍ତୁ ମୋ ହୃତ୍‌ସ୍ପନ୍ଦନ ସାମାନ୍ୟ ଦ୍ରୁତ ହୋଇଥିଲା । କଥାଟିକୁ ଆଉ ଟିକେ ବୁଝାଇ ନ କହିଲେ ଆପଣ ତାହା ବୁଝିପାରିବେ ନାହିଁ । କାହିଁକି ଏମିତି ହେଲା ତାହା ଜାଣିପାରିବେ ନାହିଁ । ତେବେ ମନ ଦେଇ ଶୁଣନ୍ତୁ, ମୋ କଥା ।

ଶ୍ରୀକାନ୍ତ ହେଉଚି ମୋ ବନ୍ଧୁ । ସେ ମୋତେ ଟାଣିନେଇଥିଲା ଏକ କବିତା ପାଠୋତ୍ସବକୁ । ଆମେ ଦୁହେଁ ପହଞ୍ଚିବା ପୂର୍ବରୁ ସଭାପତି ତାଙ୍କ ବକ୍ତବ୍ୟ ସାରି ଦେଇଥିଲେ । ତେଣୁ ମଞ୍ଚ ଉପରେ କେହି ଜଣେ ଗଣଗଣିଆ ସ୍ୱରରେ କବିତା ଆବୃତ୍ତି କରୁଥିଲେ । ହଲ୍‌ଟି ଭିତରେ ଅଧିକାଂଶ ସିଟ୍ ଖାଲି ଥିଲା । ପଙ୍ଖା ଘୂରୁ ନ ଥିଲା । ଅପ୍ରେଲ ମାସର ଗରମ । ଖୋଲା କବାଟ ପାଖରେ ଥିବା ଫାଙ୍କା ସିଟ୍‌ରେ ଆମେ ଦୁହେଁ ବସିଲୁ । ବାହାରୁ ଆସୁଥାଏ ଅଳ୍ପ ଅଳ୍ପ ପବନ ।

ସେହି ପରିବେଶଟି ମୋତେ ବିରକ୍ତିକର ଲାଗିଲା । ଚାରିଆଡ଼କୁ ଚାହିଁଲି । ଚିହ୍ନାଜଣା ଆଉ କାହାକୁ ଭେଟିବି ବୋଲି । ମାତ୍ର ମୋ ପାଖରେ ଶ୍ରୀକାନ୍ତ ଛଡ଼ା ଆଉ କାହାକୁ ଦେଖିବାକୁ ପାଇଲି ନାହିଁ ।

ଠିକ୍ ସେତିକିବେଳେ, ଝିଅଟିଏ କବିତା ପଢ଼ିବାକୁ ମଞ୍ଚ ଉପରକୁ ଉଠିଲା । ହାତରେ ଧରିଥାଏ ଖଣ୍ଡେ କାଗଜ । ରୁମାଲ ଭଳି । ପିନ୍ଧିଥାଏ ହଳଦିଆ ରଙ୍ଗର ସାଲୁଆର ପଞ୍ଜାବି, ସମ୍ଭବତଃ ଆଉ କୌଣସି ରଙ୍ଗ ତା' ଦେହକୁ ଭଲ ମାନି ନ ଥାନ୍ତା । ଗୋରା କାନ୍ଧ ଛୁଉଁଥାଏ ଫୁର୍‌ଫୁର୍ କେଶ । ନୀଳ ଆଖି ଦୁଇଟି ବେଶ୍ ଢଳ ଢଳ । ଏବଂ ଚତୁର୍ଥ ଶ୍ରେଣୀର ଝିଅର ଅକ୍ଷର ପରି ତା' ମୁହଁଟି ଗୋଲ ।

କେତେ ସମୟ ଜଣା ନାହିଁ, ତାକୁ ଚାହିଁ ରହିଲି ।

ଚତୁର୍ଥ ଶ୍ରେଣୀ ଝିଅଟିର ଆଖିର ରଙ୍ଗ ନୀଳ, ଦଶମ ଶ୍ରେଣୀରେ ପଢୁଥିବା ଝିଅଟିର ଆଖିର ରଙ୍ଗ ନୀଳ, କବିତା ପଢୁଥିବା ଝିଅଟିର ଆଖିର ରଙ୍ଗ ବି ନୀଳ । ଏ ନୀଳ ରଙ୍ଗ ଆକାଶର, କାଠଯୋଡ଼ି ନଈର, ସମୁଦ୍ରର ନା ମୋ ପିଲାଦିନ ନିଃସଙ୍ଗତାର ?

Digitized by PPRACHIN, SOA

ନୀଳ ରଙ୍ଗରେ ବୁଡ଼ିଗଲି ମୁଁ ।

ଶ୍ରୀକାନ୍ତ ପଚାରିଲା, "ତୁ ଏଇ ଝିଅଟିକୁ ଜାଣିଚୁ ନା ନାହିଁ ?"

ମଥା ହଲାଇ ନାହିଁ କଲି ।

କବିତା ପଢ଼ିସାରି ଆମ ଆଗଦେଇ ଝିଅଟି ଗଲାବେଳେ, ତାକୁ ଶ୍ରୀକାନ୍ତ ଡାକିଲା । ଅଟକିଗଲା ସେ । ତୂଳୀରେ ଆଙ୍କିଦେଲା ପରି ପୋଟ୍ରେଟ୍ । ଲାଜ ଲାଜ, କୋମଳ ଭଙ୍ଗୀରେ ।

ଶ୍ରୀକାନ୍ତ ତାକୁ ମୋତେ ଚିହ୍ନାଇ ଦେଇ କହିଲା – ସେ ହେଉଚି ସୁରଭି ।

ମୁହଁ ଟେକି ମୋତେ ଚାହିଁଲା ସେ । ଖୋଲା କବାଟ ବାଟେ ପଶିଆସିଲା ପୁଳାଏ ପବନ । ତା' ଛାତି ଉପରୁ ଆଡ଼େଇ ହୋଇଗଲା ଓଢ଼ଣି । ଆହୁରି ଲାଜେଇଗଲା ସେ । ଓଢ଼ଣିକୁ ସଜାଡ଼ି ନେଇ ମୋତେ କହିଲା, "ଆପଣ ଆମ ଘରକୁ ଆସିବେ । ଆପଣଙ୍କଠାରୁ ମୁଁ ଗପ ଶୁଣିବି । ଆପଣଙ୍କର ଅଧିକାଂଶ ଗପ ମୁଁ ପଢ଼ିଛି । ମୋତେ ଭଲ ଲାଗେ ଆପଣଙ୍କ ଗପ ।"

ନୀରବରେ ତା' କଥା ମୁଁ ଶୁଣିଲି । ମୋ ଗପ ଗୋଟେ ସୁନ୍ଦରୀ ଝିଅକୁ ଭଲଲାଗିବା କଥାଟି ମୋତେ ସ୍ଥବିର କରିଦେଲା । କିଛି ଉତ୍ତର ଦେବାର ଅସମର୍ଥ ଭାବଟି ମୋତେ ଜାବୁଡ଼ି ଧରିଲା ।

କିଛି ସମୟ ଚୁପ୍‌ଚାପ୍ ମୁଁ ବସି ରହିଥିଲି ।

ଗପ ଶୁଣିବା ପାଇଁ ଗୋଟେ ସୁନ୍ଦରୀ ଝିଅର ଆମନ୍ତ୍ରଣ ମୋତେ ଚକିତ କରିଦେଇଥିଲା ।

ସପ୍ତାହଟିଏ ପରେ ତା' ଘରକୁ ଯିବାପାଇଁ ମନ ସ୍ଥିର କଲି । ଶ୍ରୀକାନ୍ତଠାରୁ ତା' ଠିକଣା ବୁଝିନେଲି । ମନେ ମନେ ଭାବିଲି, ତା' ଘର ଭୁବନେଶ୍ୱରରେ କେବେହେଲେ ହୋଇ ନ ଥିବ । ଯଦି ବା ହୋଇଥିବ, ତେବେ ତା' ଘର ଦେଇ ଝରଣାଟିଏ ବହି ଯାଉଥିବ । ପାହାଡ଼ର ସବୁଜିମାରେ ଛାଇ ହୋଇଯିବ ତା' ଘର । ଆଉ ସେ ଗୋଟେ ପଥର ଉପରେ ବସି ପତ୍ର, ଫୁଲ, ଚଢ଼େଇ ଓ ମେଘଠାରୁ ଶବ୍ଦ ସବୁ ସାଉଁଟି ଆଣୁଥିବ । ଆଉ ଲେଖୁଥିବ କବିତା ।

ପହଞ୍ଚିଲି ମୁଁ ତା' ଘରେ । ସେ ଅପେକ୍ଷା କରିରହିଥିଲା ଯେମିତି । ପଦାକୁ ବାହାରିଆସି ମୋତେ ଘର ଭିତରକୁ ଟାଣି ନେଇଗଲା । ଚିହ୍ନାଇଦେଲା ମୋତେ ତା' ବାପାମାଆଙ୍କ ସହ । ପରିଚିତ ହେଲି ତା' ଭାଇ-ଭଉଣୀଙ୍କ ସହ । ସତରେ, ଆତ୍ମୀୟତାର ବର୍ଷାରେ ମୁଁ ଓଦା ହୋଇଗଲି ।

Digitized by PPRACHIN, SOA

ଓଦା ହୋଇଯିବାପରେ ମୁଁ ତାକୁ ଗପ ଶୁଣାଇପାରିଲି ନାହିଁ । ସେ ମୋତେ କବିତା ଶୁଣାଇଲା । ସିମେଣ୍ଟ ବେଞ୍ଚରେ ବସି ଏକା ଏକା କାଠଯୋଡ଼ିର ନୀଳ ପାଣିକୁ ଚାହିଁବା ପରି ମୁଁ ତା'ର ନୀଳ ଆଖି ଦୁଇଟିକୁ ଚାହିଁ ରହିଲି । ସେ ଆଖିରେ ଥାଏ ସମ୍ପର୍କ, ପ୍ରେମ ଓ ମୋ ପିଲାଦିନର ନିଃସଙ୍ଗ ଅନୁଭବ ।

ଆସିବାବେଳେ ଫିସ୍ ଫିସ୍ କରି ସେ କହିଲା, ''ଆଉ ଥରେ ଆପଣ ଆସିଲେ, ମୁଁ କବିତା ପଢ଼ିବି ନାହିଁ । ଚୁପ୍‌ଚାପ୍ ବସିରହି ଆପଣଙ୍କଠୁଁ ଗପ ଶୁଣିବି । ଖାଲି ଗପ ।''

ଆଉ ଯାଇପାରିଲି ନାହିଁ । କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ ହଜିଗଲି ।

ବେଳେବେଳେ ସୁରଭି ମୋ ସହ କଥା ହୁଏ ଫୋନ୍‌ରେ । ମୋ ପାଖକୁ ଲେଖି କବିତା ପଠାଏ । ମୁଁ ସେହି କବିତା ପଢ଼ିବାବେଳେ, ମନେହୁଏ ସେ ମୋତେ କବିତା ଶୁଣେଇ ଦେଉଚି ତା' ଅନୁପସ୍ଥିତିରେ ।

ହଠାତ୍ ଦିନେ ଚାରିଆଡ଼େ ନିର୍ଜନ ଜଣାଗଲା ।

ସୁରଭିର ଫୋନ୍ ଆଉ ଆସିଲା ନାହିଁ । କବିତା ବି । କୁଆଡ଼େ ସେ ହଜିଗଲା । ମିଳେଇଗଲା ପବନରେ ଯେମିତି ! ଯେତେ ଖୋଜିଲେ ବି ମୁଁ ଆଉ ତାକୁ ପାଇଲି ନାହିଁ । ମନେ ମନେ ଭାବିଲି, ସେ ହୁଏତ ମାଟି ଭିତରେ ପଶିଯାଇଥିବ । ସୀତାଙ୍କ ପରି । କବିତା ଲେଖୁଥିବା ଝିଅର ଭାଗ୍ୟ କ'ଣ ସୀତାଙ୍କ ଭାଗ୍ୟ ପରି ନୁହେଁ । ଅପବାଦ କଳଙ୍କକୁ ଚନ୍ଦନ କରି କପାଳରେ ମାରିବା ବୋଧେ ତା'ର ଅବଧାରିତ ଭାଗ୍ୟ ।

କାଠଯୋଡ଼ିର ପାଣି ଆହୁରି ନୀଳ ଦିଶିଲା ମୋତେ ।

କେହି କେହି କହିଲେ, ସେ ବାହା ହୋଇ ଚାଲିଯାଇଚି । ନ ହେଲେ କେଉଁ ପ୍ରେମିକ ସଙ୍ଗରେ ଫେରାର୍ ହୋଇଯାଇଚି ।

ଅଥଚ ଯାଇଚି କୁଆଡ଼େ ?

ମାନୁଚି, କିଛି କିଛି ଅପବାଦର ଗୁଜବ ତା' ସଂପର୍କରେ ସେ ନିଖୋଜ ହେବା ପୂର୍ବରୁ ମୁଁ ଶୁଣିଥିଲି । ମାତ୍ର କବିତା ଲେଖୁଥିବା ଝିଅଟି ଏମିତି ଚାଲିଯାଇପାରେ, ତାହା ବୁଝିବା ମୋ ପକ୍ଷରେ ସହଜସାଧ୍ୟ ହୋଇ ନ ଥିଲା । ତେଣୁ ନିଃସଙ୍ଗ ମୁହୂର୍ତ୍ତଗୁଡ଼ିକୁ ଆଉ ଥରେ ଭେଟିବା ଛଡ଼ା, ଆଉ କୌଣସି ଚାରା ମୋ ପାଖରେ ନ ଥିଲା ।

ପତ୍ରଟିଏ ଖସିପଡ଼ିଲା ବୋଧେ । ଅଗମ୍ୟ ଜଙ୍ଗଲରେ ।

ଛଅ ବର୍ଷ ପରେ ଫୋନ୍‌ରେ ଶୁଣିଲି ସୁରଭିର କଣ୍ଠସ୍ୱର । ଆରପଟରୁ ସେ କହିଲା, ''ମୁଁ କିଏ କହୁଚି, ଜାଣିପାରୁଛନ୍ତି !''

Digitized by PPRACHIN, SOA

''ସୁରଭି ନୁହେଁ ତ !''

ବିସ୍ମୟାଭିଭୂତ ହୋଇପଡ଼ିଲି ମୁଁ । ଅନେକ ଦିନ ଧରି ଅପେକ୍ଷାରେ ଥିଲି ସେହି କଣ୍ଠସ୍ୱରକୁ ଶୁଣିବାପାଇଁ ଯେମିତି !

''ଆପଣ ଜାଣିପାରିଲେ ମୋତେ ! କ୍ଷମା ମାଗୁଚି, କିଛି ନ କହି ଚାଲି ଆସିଥିବାରୁ । କ'ଣ ଅବା ମୁଁ କରିଥାନ୍ତି । ଗଭୀର ପାଣିରେ ବୁଡ଼ିଯାଉଥିବା ଲୋକଟି କ'ଣ ବଞ୍ଚିବା ପାଇଁ ଆଶା କରେ ନାହିଁ ? ଯାହା ମୁଁ କରିଚି, ଖାଲି ଟିକେ ବଞ୍ଚିରହିବା ପାଇଁ । ସେଥିପାଇଁ ନିର୍ବାସନରେ ରହିଯାଇଛି ଏଠି । କବିତା ଲେଖୁଥିବା ସୁନ୍ଦରୀ ଝିଅଟି ଏହାଛଡ଼ା ଆଉ କ'ଣ କରିପାରେ ? ମୁଁ ଫେରୁଚି ଓଡ଼ିଶାକୁ ଆସନ୍ତା ନଅ ତାରିଖରେ । ପୁରୀ ଏକ୍ସପ୍ରେସ୍‌ରେ । ଷ୍ଟେସନ୍‌କୁ ଆସିବେ । କଥା ଅଛି ।''

ରିସିଭର୍ ରଖିଦେବାପରେ ବି ମୁଁ ଶୁଣିପାରିଥିଲି ସୁରଭିର କଣ୍ଠସ୍ୱର । ରିମ୍‌ଝିମ୍ ମେଘର ସୁର ପରି । ବର୍ଷିଗଲା ବୋଧେ କେଉଁଠି ?

ଭାବିଲି, ସୁରଭିକୁ ନେଇ କିଛି କହିବା ମୋ ପକ୍ଷରେ ଆଦୌ ଗ୍ରହଣ ଯୋଗ୍ୟ ନୁହଁ । ମାତ୍ର ସେ କେଉଁ କଥା କହିବ ବୋଲି ସୂଚେଇଦେଲା, ତାହା ବୁଝିପାରିଲି ନାହିଁ ।

ନିର୍ଦ୍ଧାରିତ ସମୟରେ ମୁଁ ଷ୍ଟେସନ୍‌ରେ ପହଞ୍ଚିଲି ।

କୋଳାହଳ, ଗହଳିକୁ ନେଇ ଚଳଚଞ୍ଚଳ ପ୍ଲାଟ୍‌ଫର୍ମ ଅପେକ୍ଷା କରିଥାଏ ଟ୍ରେନ୍‌କୁ

ଘଣ୍ଟା ଦେଖିଲି ।

ଠିକ୍ ଦଶଟା ପାଞ୍ଚ ମିନିଟ୍‌ରେ ଟ୍ରେନ୍ ଦ୍ରୁତ ଗତିରେ ଆସି ଅଟକିଲା । କିଛି ଲୋକ ଓହ୍ଲାଇଲେ । ଏବଂ କିଛି ଲୋକ ଚଢ଼ିଲେ । ତରତର ହୋଇ ।

ଚାହିଁ ରହିଥାଏ ମୁଁ । ଛଅବର୍ଷ ପରେ ସୁରଭି ଦେଖାଯାଉଥିବ କେମିତି ? ତା' ଢଳ ଢଳ ନୀଳ ରଙ୍ଗ ଆଖି ଦୁଇଟିରେ ଭରିରହିଥିବ ସ୍ୱପ୍ନ ! ତା' ଓଠରେ ଥିବ କବିତା ! ସେ ଆସି ଲାଜ ଲାଜ, କୋମଳ ଭଙ୍ଗୀରେ ଠିଆ ହେବ ତ !

ବଡ଼ ସୁଟ୍‌କେଶ୍‌ଟିକୁ ମୁଣ୍ଡ ଉପରେ ଥୋଇ ଆଖି ସାମନାରେ ଚାଲିଗଲା ଜଣେ କୁଲି । ତା' ପଛେ ପଛେ ବୟସ୍କା ମହିଳା । ଝଲସାଇଦେବା ଭଳି ଚେହେରା । ଆଖିରେ କଳା ଚଷମା । ଓଠରେ ମୋଟା ଲିପ୍‌ଷ୍ଟିକ୍ । ଗାଢ଼ ଲାଲ ରଙ୍ଗର । ପାଦରେ ପିନ୍ଧିଥିବା ସାଣ୍ଡାଲ୍‌ର ହିଲ୍ ଅସ୍ୱାଭାବିକ ଭାବେ ଉଚ୍ଚା ।

ପଛରୁ କେହି ଜଣେ ମୋ କାନ୍ଧରେ ହାତ ରଖିଲା ।

Digitized by PPRACHIN, SOA

ଅତି ପରିଚିତ ସ୍ୱର ଶୁଣାଗଲା, ‘‘କୁଆଡ଼େ ଚାହିଁରହିଚ ?’’

ଫେରି ଚାହିଁଲି ।

ଝୁଲିପଡ଼ିଥିବା କେଶ ଛୁଉଁଥାଏ ଗୋରା କାନ୍ଧ । ଢଳ ଢଳ ନୀଳ ଆଖି । ଓଠରେ ମୁଗ୍ଧ କରିଦେବା ଭଳି ହସ । ଗୋଲ ମୁହଁ । ସୁରଭି ନୁହେଁ ତ !

‘‘ଏଠି ଠିଆହୋଇ ଗପର ପ୍ଲଟ୍‌ଟିଏ ତିଆରି କରିଦେବେ ବୋଧେ !’’

ମୁଁ ଚାହିଁ ରହିଥାଏ ସୁରଭିକୁ ।

ସୁରଭି ମୋ ଗପର ନାୟିକା । ତାକୁ ନ ନେଇ ମୁଁ ଗପ ଲେଖିପାରିବି ନାହିଁ । ତା’ ସହିତ ଯେଉଁ ସମ୍ପର୍କ ଥିଲା ତାହା ପ୍ରେମ ସମ୍ପର୍କ ଛଡ଼ା ଆଉ କିଛି ନୁହେଁ । ଏତିକି କହିପାରିବି, ମୁଁ ତାକୁ ପ୍ରେମ କରୁଥିଲି, ଅନ୍ତତଃ ଭଲ ପାଇବାକୁ ଚେଷ୍ଟା କରୁଥିଲି ।

ତା’ ଓଠରେ ଥିବା ହସର ରେଖାଟି ମୋତେ ସମ୍ମୋହିତ କଲା ଏବଂ ଏତେ ଚିହ୍ନା ଚିହ୍ନା ମୁହଁ ନିଜସ୍ୱ ଅନୁଭବରେ ଚିତ୍ରିତ ହୋଇଥିବାର ଆଗରୁ କେବେ ଦେଖି ନ ଥିଲି ।

ସେ ମୋତେ କହିଲା, ‘‘କ’ଣ ମୋତେ ପଚାରିବାକୁ ଚାହୁଁଚ ? ତମକୁ ନ କହି କୁଆଡ଼େ ମୁଁ ପଳାଇଗଲି ବୋଲି ? ସତକଥା ହେଉଚି, ମୁଁ ନିଜେ ନିଜକୁ ହରଣଚାଲ କରିନେଇଥିଲି । ଖାଲି ତମପାଇଁ । ସବୁ ଅପବାଦରୁ ତମକୁ ମୁକ୍ତ ରଖିବା ପାଇଁ । ସେଥିପାଇଁ ନିର୍ବାସନରେ ରହିଥିଲି ଛଅବର୍ଷଧରି । ମୁଁ ନିଜକୁ ହରଣଚାଳ କରି ନ ଥିଲେ ଅନ୍ୟ କାହା ଦ୍ୱାରା ହରଣଚାଳ ହୋଇଯାଇଥାନ୍ତି । ଏବଂ ସବୁ ଅପବାଦ ତମେ ମୁଣ୍ଡାଇ ଥା’ନ୍ତ ।

ବୁଝିବା ଆଉ ଅସମ୍ଭବ ହେଲା ନାହିଁ ସୁରଭିର କଥା । ତା’ ହୃଦୟର କଥା । କବିତା ଲେଖୁଥିବା ଗୋଟେ ନିରୀହା ଝିଅଟିର କଥା । ମନେପଡ଼ିଲା, ପିଲାଦିନେ ଦେଖିଥିବା ଗୋଟିଏ ଦୃଶ୍ୟ । ଉଡ଼ିଯାଉଥିବା ମାଛରଙ୍କା ଚଢ଼େଇ ଥଣ୍ଟ ଭିତରେ ଥିବା ନିରୀହ ମାଛର କାନ୍ଦ କାନ୍ଦ ମୁହଁ ।

ପଚାରିଲି, ‘‘ତେବେ ପଳାଇ ଆସିଲ କାହିଁକି ?’’

‘‘ମୋତେ ସେଠି ଆଉ ଭଲ ଲାଗିଲା ନାହିଁ । କେତେଦିନ ମୁଁ ସେଠି ରହିବି, କାହାର ଅପେକ୍ଷାରେ !’’

ଚାଲୁ ଚାଲୁ ମୋ ହାତ ଧରିଲା ସୁରଭି । ପ୍ରିୟ ପତ୍ନୀ ପରି ।

ଅନେକ ଦିନ ପରେ ଜାଣିପାରିଲି, ଛଅବର୍ଷଧରି ସେ ମୋ ପାଖରେ ନ ଥିଲେ ବି ମୁଁ ତା’ ପାଖରେ ଅଛି । ସତରେ ଅଛି ।

Digitized by PPRACHIN, SOA

ବୁଝାମଣା

ରୁନିର ବିଭାଘର ଖବରଟି ମୋ ମନରେ ବିସ୍ମୟ ଭରିଦେଲା । ଅବଧାନଙ୍କ ଝିଅ ହେଉଚି ରୁନି । ଦେଖିବାକୁ ତୋଫା ଗୋରା । ଆଖି ଦୁଇଟି ଗହୀରିଆ । ଆଗ ଦାନ୍ତ ଦି'ଟା ବେହେଡ଼ା । ସେ ହସିଦେଲେ କେମିତି ବୋକୀ ପରି ଲାଗେ । ସେହି ବୋକୀ ଝିଅଟି କେମିତି ବାହା ହେବ, ତାହା ମୁଁ ବୁଝିପାରିଲି ନାହିଁ । ସାଙ୍ଗମାନଙ୍କ ସହ ମୁଁ ଅବଧାନଙ୍କ ଘରଆଡ଼କୁ ଦୌଡ଼ିଲି ।

ବର୍ଷାଦିନ । ରାସ୍ତାରେ ପାଣି, କାଦୁଅ । ଚବର ଚବର କରି ଅବଧାନଙ୍କ ଘର ପାଖରେ ପହଞ୍ଚି ଦେଖିଲି, ପାଞ୍ଚ ଛଅ ଜଣ ସ୍ତ୍ରୀଲୋକ ଏପଟ ସେପଟ ହେଉଛନ୍ତି । ଦାଣ୍ଡରେ ନଡ଼ିଆବାହୁଙ୍ଗାର ଛାମୁଣ୍ଡିଆଟିଏ ହୋଇଛି । ଦୁଆର ମୁହଁରେ ବି ଦି'ଟା କଦଳୀଗଛ ପୋତା ହୋଇଛି । ମନେହେଲା, ସେହି ଗଛ ଦୁଇଟି ମୁଣ୍ଡପୋତା ଖେଳ ଦେଖାଉଥିବା ଲୋକ ଦି'ଟା ଯେମିତି । ମୋତେ ଲାଗିକରି ଠିଆହେଲା ସୁଶାନ୍ତ । ବୋତାମ ନ ଥିବା ପ୍ୟାଣ୍ଟଟିକୁ ଟେକି ଧରିଥାଏ ସେ । ଫୁର୍‌ଫୁର୍ ମୁଣ୍ଡ । ତେଲ ଟିକିଏ ଲାଗି ନ ଥାଏ ଚୁଟିରେ । ଆସ୍ତେ କରି ମୋତେ ସେ କହିଲା, ''ଯା'ହେଉ ତୁ ରୁନି ମାଡ଼ରୁ ରକ୍ଷା ପାଇଗଲୁ ।''

ମୋତେ ତା' କଥା ଆଦୌ ଭଲ ଲାଗିଲା ନାହିଁ । ଅବଧାନ ନ ଥିଲେ ରୁନି ପାଠ ପଢ଼ାଇଥାଏ । ମୋତେ ପାଠ ଆସେନି ବୋଲି ସେ ମୋତେ ମାରେ, ଏକଥା ମୁଁ ଜାଣେ । କିନ୍ତୁ ଏ କଥାଟିକୁ ଉଠାଇବାରେ ଆଉ ଲାଭ କ'ଣ ? ଏଇନେ ରୁନିର ବାହାଘର କଥାଟି ତା'ଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ । ଚାହିଁଲି ଏଣେତେଣେ, କାଳେ କେଉଁଠି ଉପାୟଟେ ଲେଖା ହୋଇଥିବ କାନ୍ଥର କଳାପଟାରେ, ତା' ପାଖରୁ ଖସିଯିବା ପାଇଁ । ଏତିକିବେଳେ ମୋ ନଜର ପଡ଼ିଲା, ରୁନିର କକାଝିଅ ଭଉଣୀ କୁନି ଉପରେ । ସେ ଦୁଆର ମୁହଁ ପାଖରେ ଠିଆହୋଇ କାହାକୁ ଖୋଜୁଥିଲା ପରି ମୋର ମନେହେଲା । ଦଉଡ଼ିଗଲି ତା' ପାଖକୁ । ସେ ମୋତେ ଦେଖି ପଚାରିଲା, ''ଶଶାଙ୍କ ! ତୁ କୁସୁମକୁ ଦେଖିଚୁ ?''

କୁସୁମ ଆମ ଗାଁ ବାରିକାଣୀ । ବାହାଘର ବେଳେ ତାକୁ ବେଶି ଖୋଜାଲୋଡ଼ା ହୁଏ । କିଛି କାମ ନ ଥିଲେ ବି ସେ ଖାଲି ଏପଟ ସେପଟ ହେଉଥାଏ । ଯଦି କେହି

Digitized by PPRACHIN, SOA

ତାକୁ ନ ଖୋଜି ଆଉ କାହାକୁ ଖୋଜେ, ତେବେ ସେ ପୁଳାଏ ପଣସପତ୍ର ଧରି ସେଠି ପହଞ୍ଚିଯାଏ । ଉପରେ ପଡ଼ି କଥା ହୁଏ । ବୋଲହାକ ଶୁଣେ । ଝିଅକୁ ଅଳତା ପିନ୍ଧାଇଦିଏ । ଏମିତି ସ୍ତ୍ରୀଲୋକ ପ୍ରତି ସମସ୍ତଙ୍କ ମନ ଭିତରେ ଦରଦ ଭାବଟିଏ ଥାଏ । ତାକୁ କେହି ଭୁଲନ୍ତି ନାହିଁ । ପିଠାପଣା ହେଲେ ତାକୁ ଡାକନ୍ତି । ଏବଂ ତା'ଠାରୁ ଅନ୍ୟ ଘରର ଖବର ନିଅନ୍ତି । ବୋହୂଭୁଆସୁଣୀଙ୍କ ଲୁଚାଚୋରା କଥା ତା'ରି ପାଟିରେ ଗାଁସାରା ଖେଳାଇ ହୋଇଯାଏ । ତଥାପି ତା' ପ୍ରତି ଥିବା ଦରଦ ଭାବଟି ଆଦୌ ମିଳାଇ ଯାଏ ନାହିଁ, ବରଂ ଆହୁରି ଟାଣ ହୁଏ ।

କୁଆଡ଼େ ଗଲା କୁସୁମ ? ଆଉ ଥରେ ପଚାରିଦେଲା ପରି ମୋତେ ଚାହିଁଲା କୁନି । ସେତିକିବେଳେ ଘର ଭିତରୁ ଶୁଣାଗଲା ହୁଳହୁଳି । ମୁଁ ଆଉ ସେଠି ଠିଆ ନ ହୋଇ ଘର ଭିତରକୁ ଚାଲିଗଲି । ଲମ୍ବା ବାରନ୍ଦା । ଗୋଟେ ପାଖରେ ଢିଙ୍କି । ଆର ପାଖରେ ଆମେ ଯେଉଁଠି ବସି ପାଠ ପଢୁ, ସେଠି ବସିଥିଲା ରୁନି । ତା' ଦେହରେ ଥାଏ ହଳଦିରଙ୍ଗର ଲୁଗା । ସେଇ ଲୁଗାରେ ସେ ଅନେକ ବଡ଼ ହୋଇଥିଲା ପରି ମୋତେ ଲାଗିଲା । ତା' ପଛପଟ କାନ୍ଥରେ ଚିତା ପଡ଼ି ଦିଶୁଥାଏ ବେଶ୍ ପରିଷ୍କାର, ପରିଚ୍ଛନ୍ନ । ଚନ୍ଦନ ନାଇଥିବା କପାଳ ପରି । ସାତଜଣ ସ୍ତ୍ରୀଲୋକ ଦୀପଧରି ବନ୍ଦାଉଥା'ନ୍ତି ରୁନିକୁ । ମୁଁ ସେଠି ଠିଆ ହେଲି । ଚାହିଁଲି ରୁନିକୁ । ହସୁ ନ ଥାଏ ସେ । ତେଣୁ ତା' ବେହେଡ଼ା ଦାନ୍ତକୁ ଦେଖିପାରିଲି ନାହିଁ । କିନ୍ତୁ ତା' ଆଖି ଦି'ଟା ଫୁଲିଲା ଫୁଲିଲା ପରି ମନେହେଲା । ଆଉ ବି ଓଦା ଓଦା । ରାତିସାରା କାନ୍ଦିଛି ବୋଧେ । ବନ୍ଦାପନା ସରିବା ପରେ ସେ ମୋତେ ମୁହଁ ଟେକି ଚାହିଁଲା । ମୁଁ ନିଶ୍ଚିତ ହୋଇଗଲି, ମୋ ଅନୁମାନ ସତ । ସେତିକିବେଳେ ତା' ଆଖିରୁ ଦି' ଟୋପା ଲୁହ ଖସିପଡ଼ିଲା ।

ନିରୁପାୟ ଓ ଅସହାୟ ଅବସ୍ଥାରେ ମୁଁ ଠିଆହୋଇଥିଲି । ସେ ମୋତେ ହାତଠାରି ତା' ପାଖକୁ ଡାକିଲା । ନୀରବରେ । ତା' ପାଖକୁ ଗଲି । ମୋତେ ସେ ଛାତିରେ ଜାବୁଡ଼ି ଧରିଲା । କ'ଣ କହିବ ବୋଲି ସେ ଚାହିଁଲା ବୋଧେ । ମାତ୍ର କିଛି ନ କହି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ଖାଲି କାନ୍ଦ । ଏମିତି କ'ଣ କେହି କାନ୍ଦେ ? ତା' ଲୁହଧାରରେ ମୋ ବେକମୂଳ, ଶାର୍ଟ ଓଦା ହୋଇଗଲା । ତଥାପି ସେ ମୋତେ ଛାଡ଼ିଲା ନାହିଁ । ଅବଶ୍ୟ ତା' ଛାତିଟି ମୋତେ ବେଶ୍ ଉଷୁମ ଓ କୋମଳ ଲାଗୁଥାଏ । ମୁଁ ବି କିଛି କହିପାରୁ ନ ଥାଏ । ଖାଲି ଠକ୍ ଠକ୍ ହେଉଥାଏ ମୋ ଦେହ । ଟୋପା ଟୋପା ଝାଳରେ ।

Digitized by PPRACHIN, SOA

ସେତିକିବେଳେ କୁସୁମ ଆସି ଠିଆହେଲା । କହିଲା, ''ଆଲୋ, ଏତେ କାନ୍ଦ କ'ଣ ପାଇଁ ? ଶାଶୂଘରକୁ ଯାଉଚୁ ନା ଯମ ପାଖକୁ ? କେହି ମଲେ କି ହଜିଲେ ଏମିତି କାନ୍ଦ କାହା ଘରୁ ଶୁଭେନା !''

କୁସୁମର କଥା ଶୁଣି ରୁନିର ବନ୍ଧନ କୋହଳ ହୋଇଗଲା । ମୁଁ ମୁକୁଳି ଆସିଲି । ଚାରିଆଡ଼କୁ ଚାହିଁଲି । କୁସୁମ ଛଡ଼ା ଆଉ କେହି ସେଠି ନ ଥିଲେ । ସେ ମୋ ଗାଲକୁ ଚିପିଦେଇ କହିଲା, ''ଆରେ ମାଇଚିଆ, ଏଠି କ'ଣ କରୁଚୁ ? ଯାଃ, ବାହାରେ ଖେଳ ।''

ଲାଜ ମାଡ଼ିଲା । ଆଉ ପଛକୁ ଫେରି ରୁନିକୁ ଚାହିଁବା ସମ୍ଭବ ହେଲା ନାହିଁ । ଦଉଡ଼ି ପଳାଇ ଆସିଲି ପଦାକୁ । କଦଳୀଗଛକୁ ଆଉଜି ହୋଇ ଠିଆହୋଇଥିଲା ସୁଶାନ୍ତ । ତା' ପାଖରେ ନିତିଆ । ନଡ଼ିଆ ଖଣ୍ଡେ ଚୋବାଉଥାଏ ସେ । ମୋ ଆଡ଼କୁ ଚାହିଁ ସେ ଦୁହେଁ ହସିଉଠିଲେ । ଭାବିଲି, ସେ ଦୁହେଁ ବୋଧେ ଦେଖିଛନ୍ତି, କିଛି ସମୟ ପୂର୍ବରୁ ଘର ଭିତରେ ଘଟିଥିବା ଦୃଶ୍ୟଟିକୁ । ଅବଶ୍ୟ ଘର ଭିତରଟି ସେତେ ଆଲୋକିତ ନୁହେଁ ଏବଂ ଦାଣ୍ଡରୁ ଅନାଇଲେ ଘର ଭିତରଟିକୁ ଆଦୌ ଦେଖିହୁଏ ନାହିଁ । ସେକଥା ମୁଁ ଜାଣେ । କାରଣ ଉଠୁ ଉଠୁ ଯେଉଁଦିନ ଡେରି ହୋଇଥାଏ, ବହିବସ୍ତାନି ଧରି ଆସି ମୁଁ ଦାଣ୍ଡରୁ ଅନାଏ, ଘର ଭିତରେ କିଏ ବସିଛି ଜାଣିବାପାଇଁ । ମାତ୍ର ତାହା ଜାଣିବା ସମ୍ଭବ ହୋଇ ନ ଥାଏ । ଅବଧାନ ଥିଲେ ହାତରେ ଦି'ପାହାର ବସିବା କଥାଟି ନିଶ୍ଚିତ । ରୁନି କଥା ଅଲଗା । ବେତକୁ ସେ ଖାଲି ହଲାଇ ଦିଏ । ତା' ବେଣୀ ପରି । ସେଥିରେ ବି ମୋ ଦେହରୁ ଝାଳ ବୋହିଯାଏ ।

ହଠାତ୍ ସୁଶାନ୍ତ କହିଲା, ''ତୁ ବି ରୁନି ସାଙ୍ଗରେ କାନ୍ଦୁଥିଲୁ । ସେ ତ' ତା' ଶାଶୂଘରକୁ ଯାଉଚି । ତୁ କୁଆଡ଼େ ଯିବୁ ?''

ଚମକି ପଡ଼ିଲି । ଅଜାଣତରେ କାନ୍ଦି ପକାଇଥିବା କଥାଟିକୁ ମୁଁ ବିଶ୍ୱାସ କରିପାରିଲି ନାହିଁ । ଗାଲ ଉପରେ ହାତ ପାପୁଲିକୁ ବୁଲାଇ ଆଣିଲି । କେଇ ଟୋପା ଲୁହ ମୋ ଅଙ୍ଗୁଳିରେ ଲାଗିଗଲା । ଏ ଲୁହ ମୋର ନୁହେଁ ବରଂ ରୁନିର । ରୁନି କାନ୍ଦୁଥିଲା କାହିଁକି ? ଏ ସମ୍ପର୍କରେ ମୁଁ ବେଶ୍ ଅନଭିଜ୍ଞ ଥିଲି । କିନ୍ତୁ ସେ କ'ଣ କହିବାପାଇଁ ଚାହୁଁଥିଲା, ତାହା ଜାଣିବାର କୌଣସି ଉପାୟ ନ ଥିଲା ।

ନିତିଆ ଚୋବାନଡ଼ିଆକୁ ପାଟିରୁ ଥୁଃ ଥୁଃ କରି ଫୋପାଡ଼ିବାବେଳେ ମୋ ଆଡ଼କୁ ଚାହିଁଲା । ଅତି ଧୀରେ କହିଲା, ''ଆରେ ଶୁଣ, ରୁନିର ଭାଇ ନାହିଁ । ତୁ ତା' ସାଙ୍ଗରେ ଯାଉନୁ । ତା' ଶାଶୂଘରକୁ ।''

Digitized by PPRACHIN, SOA

ଏଇ ପରାମର୍ଶଟି ନିତିଆର ବଡ଼ଲୋକଙ୍କ ପରି ଥିଲା । ମୁଁ ଆଦୌ ଜାଣି ପାରିଲି ନାହିଁ, ଅତ୍ୟନ୍ତ ପିଲା ବୟସର ହୋଇ ବି, ସେ ଏତେ କଥା ଜାଣିଚି କିପରି ? ମୁଁ ସଙ୍କୁଚିତ ହୋଇଗଲି ମୋ ଅକ୍ଷମତା ଭିତରେ । କାରଣ ତା'ର ବୁଦ୍ଧିମତ୍ତାକୁ ବେଳେବେଳେ ଅବଧାନ ବି ସ୍ୱୀକାର କରନ୍ତି । ସେ ଯେଉଁ ପ୍ରଶ୍ନ ପଚାରନ୍ତି, ତା'ର ଉତ୍ତର ଦେବାରେ ସବୁବେଳେ ନିତିଆ ଆଗୁଆ ।

ଆଉ ଟିକେ ପାଖକୁ ଲାଗିଆସି ନିତିଆ ପୁଣି କହିଲା, ''ରୁନି ବରଟା ବୁଢ଼ା । ସେ ଆଗରୁ ଥରେ ବାହାହୋଇଥିଲା । ତା' ସ୍ତ୍ରୀ ମରିଯାଇଥିବାରୁ ପୁଣି ଥରେ ସେ ବାହା ହେଉଚି ।''

ଅତି ଗୋପନୀୟ କଥାଟା ସେ କହିଦେଲା ଯେମିତି । ତା' ଚାପା ହସ ସୂଚେଇଦେଲା ସେତିକି ।

ଝରି ପଡ଼ିଲା ବର୍ଷା । ଆକାଶ ଆଡ଼କୁ ଥରୁଟେ ଚାହିଁଦେଇ ସେଠି ଠିଆ ହେବା ଆଉ ଉଚିତ ହେବ ନାହିଁ ବୋଲି ଭାବିଲି । 'ମୁଁ ଯାଉଚି' କହି ସେଠୁ ଦୌଡ଼ି ପଳାଇ ଆସିଲି ଘରକୁ । ଆସିଲାବେଳେ ପଛରୁ ଅବଶ୍ୟ ସେ ଦୁହିଁଙ୍କ ହସ ଶୁଭିଥିଲା ମୋତେ ।

ଘରେ ପହଞ୍ଚି ଦେଖିଲି, ବୋଉ ଠିଆହୋଇଚି ଦୁଆରବନ୍ଧକୁ ଆଉଜି ହୋଇ ।

''କୁଆଡ଼େ ଯାଇଥିଲୁ ? ବର୍ଷା ପଡ଼ିଲାଣି ତୋତେ କ'ଣ ଜଣାପଡୁନି ? ଓଦା ହେଉଚୁ, ନୁହେଁ । ରାତିରେ ସଅଁ ସଅଁ ହେଲେ ମୋତେ ଜମା ଡାକିବୁନି । ତୋର ଧଇଁ ରୋଗ । କେତେଥର କହିଚି ବର୍ଷା ପାଣିରେ ଓଦା ହେବୁନି ବୋଲି ।''

ଠିଆ ହେଲି ମୁହଁ ତଳକୁ କରି । କିଛି ନ ଶୁଣିଲା ପରି । ମୁଁ ଜାଣେ, ଏମିତି ଠିଆହୋଇ ରହିଲେ ବୋଉ ଆଉ ବାଡ଼େଇବ ନାହିଁ, ବରଂ ତଉଲିଆ ଆଣି ମୁଣ୍ଡ ପୋଛିଦେବ । ତାହାହିଁ ହେଲା । ଗରଗର ହୋଇ ସେ ତଉଲିଆରେ ମୋ ଓଦାମୁଣ୍ଡକୁ ପୋଛିଦେଲା ।

''ଏ କ'ଣ ? ତୋ' ମୁଣ୍ଡରେ ଏତେ ଲମ୍ବା ଚୁଟି କେଉଁଠୁ ଆସିଲା ?''

''କାହିଁ ? କେଉଁଠି ?'' ପଚାରିଲି ଚକିତ ହୋଇ ।

''ଏଇ ଦେଖ୍ ।''

ବଢ଼ାଇ ଦେଲା ମୋ ହାତକୁ ସେ ଗୋଟେ ଲମ୍ବା ଚୁଟି । ମୁଁ ତାକୁ ଦେଖିଲି ପାପୁଲିରେ ରଖି । କଅଁଳ ଗୋଲାପ ଫୁଲକୁ ଦେଖିଲା ପରି । ହଠାତ୍ ମୋ ପାଟିରୁ ବାହାରିପଡ଼ିଲା, ''ଏଇଟା ରୁନି ଚୁଟି । ତା' ମୁଣ୍ଡରୁ ଚାଲି ଆସିଚି ବୋଧେ । ସେ ମୋତେ କୁଣ୍ଢାଇଧରି କାନ୍ଦୁଥିଲା ତ ।''

Digitized by PPRACHIN, SOA

ବୋଉ ମୋତେ ଜଳ ଜଳ ହୋଇ ଚାହିଁ ରହିଲା । କିଛି କହିଲା ନାହିଁ । ସମ୍ଭବତଃ ସେ କିଛି କହିବାପାଇଁ ଆଗ୍ରହୀ ନ ଥିଲା ।

ଚୁଟିଟିକୁ ଅତି ସାବଧାନରେ ହାତ ପାପୁଲି ଭିତରେ ରଖି ତା' ପାଖରୁ ପଳାଇ ଆସିଲି । ଖାତାରୁ ଫର୍ଦ୍ଦେ କାଗଜ ଚିରିଲି । ଚୁଟିଟିକୁ ସେହି କାଗଜ ଭିତରେ ମୋଡ଼ିମାଡ଼ି ପୂରାଇ ବାଡ଼ି ଆଡ଼କୁ ଚାଲିଗଲି । ସେହି ଘଷି ଗଦା । ଥାକ ଥାକ ହୋଇ ବାଉଁଶ ଭାଡ଼ି ଉପରେ ଘଷି ଥୁଆ ହୋଇଛି । ଏପଟ ସେପଟ ହୋଇ ସେହି ଘଷିଗଦା ଭିତରେ ରଖିଦେଲି କାଗଜପୁଡ଼ିଆଟିକୁ ଏବଂ କିଛି ନ ଜାଣିଲା ପରି ଗୋଟେ କାଞ୍ଚନ ଫୁଲ ଛିଣ୍ଡାଇ ଘରକୁ ପଳାଇ ଆସିଲି । ମାତ୍ର ଆମ ପୋଷାକୁକୁରର ଦୃଷ୍ଟିକୁ ଏଡ଼ାଇ ପାରିଲି ନାହିଁ । ସେ କେଉଁଠି ଥିଲା, ଆସି ଘଷିହେଲା ମୋ ଗୋଡ଼ରେ ।

ସବୁଠାରୁ ବିସ୍ମୟକର କଥାଟି ହେଉଚି, ସେହି କାଗଜରେ ମୋଡ଼ିମାଡ଼ି ହୋଇ ରହିଥିବା ଚୁଟିଟି ଅନେକ ଦିନ ଯାଏ ରୁନି କଥା ମୋତେ ମନେପକାଇ ଦେଇଥିଲା । ସେ ଶାଶୂଘରକୁ ଯିବାପରେ ଚୁଟିଟି ତା'ର ସମଗ୍ର ସତ୍ତାର ଉପସ୍ଥିତି, ତାହା ସ୍ୱୀକାର କରିବାକୁ ବାଧ ହୋଇଥିଲି । କାରଣ ଅଣ୍ଟାଯାଏ ଲମ୍ବିଆସିଥିବା ବେଣୀଟିଏ ଆମ ଗାଁର ଆଉ କେଉଁ ଝିଅର ଦେଖି ନ ଥିଲି । ତେଣୁ ସେହି ବେଣୀଟି ବି ଶୈଶବର ଏକ ମଧୁର ଅନୁଭବ ।

ରୁନି ଶାଶୂଘରକୁ ଯିବାବେଳେ ସେହି ବେଣୀକୁ ମୁଣ୍ଡ ଉପରେ ଟେକି ବାନ୍ଧି ଦେଇଥିଲା । ସେଥିରେ ପୁଣି ଗୋଟେ ନାଲି ରିବନ୍ । କେତୋଟି କ୍ଲିପ୍ । ଅତି ସନ୍ତର୍ପଣ, ସତର୍କ ଭାବରେ ସେ ଏ କାମଟି କରିଥିଲା ବୋଧେ । ମାତ୍ର ଛଅମାସ ନ ପୂରୁଣୁ ସେ ଗାଁକୁ ଫେରିଆସିବା ପରେ ଦେଖିଲି, ସେହି ଲମ୍ବା ବେଣୀଟି ଆଉ ନାହିଁ । ଅଧାରୁ ଅଧିକ ଛୋଟ ହେଇଯାଇଚି । କିଛି ବୁଝିପାରିଲି ନାହିଁ । ଦାଣ୍ଡରେ ଠିଆହୋଇ ଦେଖୁଥାଏ ତା' ଶୁଖିଲା ମୁହଁ । ମୋ ପାଖରେ ଠିଆ ହୋଇଥିଲା ନିତିଆ । ଅତି ଚାପା ସ୍ୱରରେ କହିଲା, ''ତା' ଗିରସ୍ତ ମରିଯାଇଚି । ସେ ବିଧବା ହୋଇ ଫେରିଚି । ଦେଖୁନୁ, ତା' ହାତରେ କାଚ ନାହିଁ । ମଥାରେ ବି ସିନ୍ଦୂର ନାଇନି । ଆଉ ମୁହଁ ବି କେମିତି କେମିତି ଦେଖାଯାଉଚି । ଆଗ ଭଳି ମୋତେ ଦିଶୁନି । ବିଧବା ମାଇପିଲୋକ ଯେମିତି ଦିଶେ, ଠିକ୍ ସେମିତି ଦିଶୁଚି ।''

ଏତିକି କଥା ଥିଲା ଯଥେଷ୍ଟ । ଗୋଟେ ବିଧବା ସ୍ତ୍ରୀଲୋକର ରୂପ ବର୍ଣ୍ଣନା କରିବା ପାଇଁ । କିନ୍ତୁ ଏକଥାକୁ ସହଜରେ ମୁଁ ଗ୍ରହଣ କରିପାରିଲି ନାହିଁ । ନିତିଆ ଯେତେ ବୁଦ୍ଧିଆ ଜଣାଗଲେ ବି ଏ କଥାରେ ସେତେ ନିର୍ବୋଧ ବୋଲି ମୁଁ ଭାବିଲି ।

Digitized by PPRACHIN, SOA

କାରଣ ଘଷିଗଦା ଭିତରେ ଥିବା କାଗଜ ପୁଡ଼ିଆରେ ରୁନିର ଚୁଟିଟି ଏବେବି ତା'ର ପୂର୍ବ ଚେହେରା, ସୁନ୍ଦରୀପଣର ସ୍ୱାକ୍ଷର ବହନ କରିଅଛି ।

ଏହି ଘଟଣାର କିଛି ଦିନ ପରେ ଅବଧାନ ଚାଲିଗଲେ । ଅବଶ୍ୟ କିଛି ଦିନ ଧରି ସେ ରୋଗରେ ପଡ଼ିଥିଲେ । ଭାରି କଷ୍ଟ ବି ପାଉଥିଲେ । ସେ ଚାଲିଯିବା ପରେ ଗାଁ ଲୋକ କହିଲେ ଯା' ହେଉ ଅବଧାନ ଚାଲିଗଲେନି ତ ତରିଗଲେ ।

ଅବଧାନ ଚାଲିଯିବା ପରେ ମୋ ନାଁ ସ୍କୁଲରେ ଲେଖାଇ ଦିଆଗଲା । ଏକାଥରକେ ତୃତୀୟଶ୍ରେଣୀରେ । ହାଟରୁ ବାପା ନୂଆ ବ୍ୟାଗ୍ କିଣି ଆଣିଥିଲେ । ତା' ଭିତରେ ନୂଆ ବହି, ଖାତା ଧରି ମୁଁ ସ୍କୁଲକୁ ଗଲି । ସ୍କୁଲ ଯିବାରେ ଗୋଟେ ଖୁସି ଥାଏ, ତାହା ଜାଣିପାରିଲି । ଯା' ଫଳରେ ପୁରୁଣା ସାଙ୍ଗମାନଙ୍କୁ ଛାଡ଼ି ନୂଆ ସାଙ୍ଗ କଲି । ନିତିଆ ଆଉ ସେତେ ବୁଦ୍ଧିଆ ଜଣାଗଲା ନାହିଁ । କାରଣ ସେ ସ୍କୁଲକୁ ଗଲା ନାହିଁ । ଡୋରି ବନ୍ଧା ହୋଇଗଲା ତା' ପାଠରେ ।

ସ୍କୁଲ ଯିବା ବାଟରେ ଅବଧାନଙ୍କ ଘର । ସେହି ବାଟେ ଯିବାବେଳେ ଅବଧାନଙ୍କ ଘରଆଡ଼କୁ ବେଳେବେଳେ ଚାହିଁଦିଏ । ଘର ଭିତରଟି ଜଣାପଡ଼େ ନିସ୍ତବ୍ଧ । କୌଣସି ଶବ୍ଦ ଶୁଭୁ ନ ଥାଏ । ରୁନିକୁ ଦେଖିବାପାଇଁ ଗୋଟେ ଉତ୍କଣ୍ଠା ମୋ ମନକୁ ଜାବୁଡ଼ି ଧରେ ।

ଏକଥା ସତ, ରୁନିକୁ ଚଉଁରାମୂଳରେ ପାଣି ଦେଉଥିବାର ଦୃଶ୍ୟଟି ବେଳେବେଳେ ମୋ ନଜରରେ ପଡ଼େ । ତୁଳସୀଗଛରୁ ଝଡ଼ିପଡ଼ିଥିବା କେତୋଟି ପାଚିଲା ପତ୍ରକୁ ସେ ପାଚିରେ ପକାଇଲାବେଳେ ତା' ଦୁର୍ବଳ ଚାହାଣିରେ ନିପାରିଲା ଭାବଟି ଭରିଉଠେ । ମୁଁ ବୁଝେ, ପୁଣି ବୁଝିପାରେ ନାହିଁ । ସେ କୁଆଡ଼େ ଚାହେଁନି, ମୋ ଆଡ଼କୁ ବି । ତୁଳସୀପତ୍ରକୁ ପାଚିରେ ପକାଇଲା ପରେ, ସେ ଘର ଭିତରକୁ ଫେରାଇନିଏ ପାଦ । ସେ ପାଦରେ ନ ଥାଏ ଅଳତା ରଙ୍ଗ । ବେଳେବେଳେ ମୋତେ ଲାଗେ, ସେ ମଉଳା କାଞ୍ଚନ ଫୁଲଟିଏ ଯେମିତି । ଆଉ କେତେବେଳେ ତୁଳସୀଗଛ ପରି ।

ବିତି ଯାଉଥାଏ ଦିନ ନିରୁପାୟ, ଉପାୟହୀନଭାବେ ।

ପ୍ରାୟ ଦୁଇ ତିନି ମାସ ପରେ ଆମ ଗାଁକୁ ଆସିଲା ଟ୍ରକ୍ । ଖରାଦିନ । ତହ ତହ ଖରାରେ ଟ୍ରକ୍‌ରୁ ଓଜାଡ଼ି ହୋଇପଡ଼ିଲା ବୋଲ୍‌ଡର୍ । ଚିପ୍ସ୍ । ବାଲି । ଶୁଣାଗଲା, ରାସ୍ତା ହେବ । ପକ୍କା ରାସ୍ତା । କଳା ଚଷମା ପିନ୍ଧି ପରିଷ୍କାର, ପରିଚ୍ଛନ୍ନ ଦିଶୁଥିବା ଲୋକଟିଏ ଓହ୍ଲାଇ ପଡ଼ିଲା ମଟରସାଇକେଲ୍‌ରୁ ଦିନେ ଆମ ଗାଁ ଦାଣ୍ଡରେ । ଓଠରେ ଥାଏ ସିଗାରେଟ୍ । ତାକୁ ଚିହ୍ନାଇଦେବା ଭଙ୍ଗୀରେ ନିତିଆ କହିଲା ଯେ ସେହି ଲୋକଟି ଗାଁ ରାସ୍ତାକୁ ପକ୍କା କରାଇବ । ସେ କାମଟିକୁ ଠିକା ନେଇଛି ।

Digitized by PPRACHIN, SOA

ସତକୁ ସତ ରାସ୍ତା ଖୋଲା ହେଲା । ଦି' ପଟକୁ ଆଡ଼େଇ ହୋଇଗଲା ମାଟି । ବୋଲ୍‌ଡ଼ର୍ ସଜା ହୋଇ ଖଞ୍ଜା ଗଲା । ଆମ ଗାଁର କିଛି ଲୋକ ସେହି ରାସ୍ତା କାମରେ ଲାଗିଲେ । ଭଲ ପଇସା ବି ପାଇଲେ । ଲୋକଟିର କି ଆକର୍ଷଣ ଥିଲା କେଜାଣି, ସମସ୍ତେ ତାକୁ ନିଜର କରିବା ପାଇଁ ଚେଷ୍ଟା କଲେ । ତା' ଫଳରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଗଲା ପରସ୍ପର ମଧ୍ୟରେ ।

ଏହି ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବାବେଳେ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲା ରୁନି । ଅନ୍ଧାର ରାତିରେ । ଧୀରେ ଧୀରେ କଥାଟି କାନରୁ ଦି' କାନ ହେଲା । ଉଚ୍ଛନ୍ନ ହୋଇପଡ଼ିଲା ଗାଁ । ବିବ୍ରତ, ଦୟନୀୟ ଦେଖାଗଲା କୁନି । କେହି କେହି କହିଲେ, ରାତି ଅନ୍ଧାରରେ ଗୋଟେ ମଟରସାଇକେଲ୍ ଚାଲିଯାଉଥିବାର ଶବ୍ଦ ଶୁଣିଛନ୍ତି ଏବଂ ଆଉ କେତେ ଲୋକ ଭାବିଲେ, ଏହି ଅଭାବନୀୟ ଘଟଣା ପଛରେ କୁସୁମର ହାତ ଅଛି । ନିଶ୍ଚେ ।

ସ୍କୁଲକୁ ବାହାରିବାବେଳେ ବୋଉକୁ ପଚାରିଲି, ''ରୁନି ଗଲା କୁଆଡ଼େ ?''

ଧମକାଇଲା ପରି ବୋଉ କହିଲା, ''ଚୁପ୍, ଚୁପ୍... !''

ଆଉ କିଛି ପଚାରିବା ପାଇଁ ମୋ ମନ ଭିତରେ ସାହସ ଭରିପାରିଲି ନାହିଁ । ସ୍କୁଲକୁ ପଳାଇଲି । ମାତ୍ର ପାଠପଢ଼ାରେ ମୋଟେ ମନ ଲାଗିଲା ନାହିଁ । ସାର୍ ଯାହା ବ୍ଲାକ୍‌ବୋର୍ଡ଼ରେ ଲେଖିଲେ, ତାହା ବି ମୋତେ ଦିଶିଲା ନାହିଁ । ମନ ଭିତରକୁ ଗୋଟେ ଉତ୍କଣ୍ଠା ଘାରି ପକାଇଲା । ରୁନି ଗଲା କୁଆଡ଼େ ?

ସ୍କୁଲ ଛୁଟି ପରେ ଘରକୁ ଏକମୁହାଁ ହୋଇ ପଳାଇଆସିଲି । ବହି, ଖାତା ଭର୍ତ୍ତି ବ୍ୟାଗ୍‌କୁ ଫୋପାଡ଼ିଦେଇ ବାଡ଼ିପଟକୁ ଚାଲିଗଲି । ଦେଖିଲି, କାଗଜ ପୁଡ଼ାଟି ନାହିଁ । ଯା' ଭିତରେ ରୁନିର ଚୁଟିଟି ଥିଲା । ଘଷିଗୁଡ଼ାକୁ ଏପଟ ସେପଟ କଲି । କିଛି ଆଉ ହେଲା ନାହିଁ, ବରଂ ସେଥିରୁ କେତୋଟି ଘଷି ଭାଙ୍ଗି ତଳେ ପଡ଼ିଲା । କୁଆଡ଼େ ଗଲା ଚୁଟିଟି ? ମାଟି ଫଟାଇ ପାତାଳକୁ ଚାଲିଯାଇନି ତ !

ଗୋଟେ ଦୁଃଖ ମୋତେ କବଳିତ କରିଦେଲା । ସେ ଦୁଃଖଟି ଏତେ କାନ୍ଦ କାନ୍ଦ ଥିଲା ଯେ ମୁଁ ନ କାନ୍ଦି ରହିପାରିଲି ନାହିଁ ।

ସେଦିନ ଆକାଶରେ ମେଘ ନ ଥିଲା, ବରଂ ମେଘୁଆ ଥିଲା ମୋ ମନ, ହୃଦୟ । ସେହି ଟିକକ ଦୁଃଖ ଏଯାଏ ବି ମୋ ହୃଦୟ ଭିତରେ ଅଛି, ଆଞ୍ଜୁଳାଏ ପବନ ପରି । ରୁନି କେଉଁଠି ଅଛି, ତାହା ମୋତେ ଜଣା ନାହିଁ । କିନ୍ତୁ ମୋତେ ଲାଗେ, ସେ ମୋ ପାଖରେ ଅଛି, ଅତି ପାଖରେ, ଯେମିତି ମୋ ଭିତରେ ।

Digitized by PPRACHIN, SOA

ଗାଁ ଛାଡ଼ି କଟକ ଆସିବା ଅନେକ ଦିନ ହେଲାଣି । କଟକରେ ପାଠପଢ଼ା । ପଢ଼ା ପରେ ଏବେ ଚାକିରି କରୁଛି । ଅନେକ ଦିନ ବିତିଯାଇଥିଲେ ବି ମୋ ମନ ଭିତରୁ ରୁନି ହଜିଯାଇନି, ଅଛି ପବନ ଭିତରେ, ବିଜୁଳି ଭିତରେ, ମେଘ ଭିତରେ । ବେଳେବେଳେ ସେ ମୋ ମନ ଭିତରକୁ ପଶିଆସେ । ମୋତେ ବିହ୍ୱଳିତ କରେ ।

ଅଥଚ ଏଇ କିଛିଦିନ ହେଲା ରୁନି କଥା ମୋର ମନେପଡ଼ି ନାହିଁ । ଏହା ପଛରେ ସମ୍ଭବତଃ ଗୋଟେ କାରଣ ଅଛି । ମୋର ଟ୍ରାନ୍ସଫର୍ ହୋଇଯାଇଛି କୋରାପୁଟ । କୌଣସି ଏକ କଲେଜକୁ । ସ୍ୱପ୍ନା ଆସନ୍ନପ୍ରସବା । ତାକୁ ଏକା ଏଠି ଛାଡ଼ିଦେଇଯିବା ମୋ ପକ୍ଷରେ ଆଦୌ ଉଚିତ ହେବ ନାହିଁ । ଆଉ ମାସେ ଦି'ମାସର କଥା । ବୋଉ ଥିଲେ, ସେ ଆସି ତା' ପାଖରେ ରହିଥା'ନ୍ତା । ଏମିତି ଅବସ୍ଥାରେ କ'ଣ କରିବି, କିଛି ବାଟ ମୋତେ ଦେଖାଯାଉ ନ ଥାଏ । ପନ୍ଦରଦିନ ହେଲା ଛୁଟିରେ ଅଛି । ବଦଳି କ୍ୟାନ୍ସେଲ୍ କରିବାପାଇଁ ଚେଷ୍ଟା କରୁଛି । ସଚିବାଳୟ ଯାଉଛି । ବ୍ୟସ୍ତ, ବିବ୍ରତରେ ବିତୁଛି ମୋ ସମୟ ।

ଜଗନ୍ନାଥବାବୁ ଆମ ସାହିର ମୁରବି । ପାରିଲା ମଣିଷ ସେ । ସବୁ କାମରେ ସେ ଧୁରନ୍ଧର । ଏମ୍.ଏଲ୍.ଏ.ଙ୍କ ପାଖରେ ତାଙ୍କର ଉଠାବସା । ଦଶହରାବେଳେ ମନ୍ତ୍ରୀ ଆମ ସାହିକୁ ମେଢ଼ ଦେଖିବାକୁ ଆସିଲେ, ସେ ତାଙ୍କ ପଛରେ ବୁଲୁଥିବାର ଦୃଶ୍ୟଟିକୁ ମୁଁ ଅନେକଥର ଦେଖିଛି । ତେଣୁ ତାଙ୍କ ଦ୍ୱାରା କିଛି ହୋଇପାରେ ବୋଲି ଚିନ୍ତାକରି ତାଙ୍କୁ ଭେଟିଲି । ସବୁ କଥା କହିଲି । ସେ ମୋ କଥା ଶୁଣି ହସିଉଠିଲେ । କହିଲେ, ''ଏଇ ଗୋଟେ କଥା । ଆପଣ ମୋତେ ଆଗରୁ କହିଥିଲେ, ଏତେବେଳକୁ କାମ ସରନ୍ତାଣି । ମିଛୁଟାରେ ଆପଣ ପନ୍ଦର ଦିନ ଧରି ଛୁଟିରେ ଅଛନ୍ତି । ବୁଝିଲେ, ମ୍ୟାଡାମ୍‌ଙ୍କୁ କହିଦେଲେ ଏ କାମ ହୋଇଯିବ । ଚାଲନ୍ତୁ, ତାଙ୍କ ପାଖକୁ ଏଇନେ ଯିବା ।''

ମ୍ୟାଡାମ୍‌ଙ୍କୁ ମୁଁ ଚିହ୍ନେ ନାହିଁ ; ଜାଣେ ନାହିଁ । ମାତ୍ର ଜଗନ୍ନାଥବାବୁଙ୍କ କଥାକୁ ବିଶ୍ୱାସ ନ କରିବା ପାଇଁ ମୋ ପାଖରେ ସମୟ ନ ଥିଲା । ପାନିଆରେ ସେ ତାଙ୍କ ମୋଟା ନିଶକୁ ସାଉଁଳେଇ ଦେଇ ମୋ ପଛରେ ବସିଲେ । ତାଙ୍କ କଥାନୁସାରେ ମୁଁ ମଟରସାଇକେଲ ଚଳାଇଲି । ଅଙ୍କାବଙ୍କା ସାହି ରାସ୍ତା ଦେଇ ଆମେ ରିଂ ବନ୍ଧ ଉପରକୁ ଉଠିଗଲୁ । ଭରା ନଈ । ବଢ଼ିପାଣି ଲହରୀ ମାରୁଥାଏ ପବନରେ । ପାଞ୍ଚଟା ସ୍ଲୁଇସ୍‌ଗେଟ୍ ଖୋଲା ହୋଇଥିବାର ସମ୍ବାଦଟି ଖବରକାଗଜରେ ବାହାରିଥିଲା । ତାହା ସେତିକିବେଳେ ଠିକ୍ ମନେପଡ଼ିଲା ନାହିଁ । ମନେ ମନେ ଭାବୁଥାଏ – ପାଞ୍ଚଟା ନା ସାତଟା ? ମଟରସାଇକେଲ ଆଗେଇ ଚାଲୁଥାଏ । ହେମାଳିଆ ପବନରେ ଶୀତ ଶୀତ ଲାଗିଲା ଦେହ ।

Digitized by PPRACHIN, SOA

ଗାଡ଼ି ଅଟକିବା ପରେ ଜାଣିଲି, ସେଇଟି ଅନାଥାଶ୍ରମ । ଝୁଲା ହୋଇଥିବା ସାଇନ୍ ବୋର୍ଡ଼ଟି ତାହା ବିଜ୍ଞାପିତ କରୁଥାଏ । ମଟରସାଇକେଲ୍‌ରୁ ଓହ୍ଲାଇପଡ଼ି ଜଗନ୍ନାଥବାବୁ କହିଲେ, ''ମଟରସାଇକେଲ୍‌କୁ ଗୋଟେ ପାଖରେ ଷ୍ଟାଣ୍ଡ ମାରି ରଖିଦିଅନ୍ତୁ । ଆମର ଡେରି ହୋଇପାରେ । ମ୍ୟାଡାମ୍‌ଙ୍କ ପାଖରେ ସବୁବେଳେ ଭିଡ଼ । କିଏ କେତେ କାମ ନେଇ ଆସନ୍ତି ।''

ଦେଖିଲି ଅନେକ ଗାଡ଼ି ରହିଚି ଗେଟ୍ ପାଖରେ, ଆଗପଛ ହୋଇ । ସତେ ଯେମିତି ସେଇଟି ଗୋଟେ ଗାଡ଼ି ଷ୍ଟାଣ୍ଡ୍ । ମଟରସାଇକେଲ୍‌କୁ ଲକ୍ କରି ମୁଁ ଜଗନ୍ନାଥବାବୁଙ୍କ ପାଖକୁ ଆସିଲି । ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ମୋ ପାଖକୁ ସାମାନ୍ୟ ଘୁଞ୍ଚି ଆସିଲେ ଏବଂ ଚୁପ୍‌ଚୁପ୍ ମୋ କାନରେ କହିଲେ, ''ମ୍ୟାଡାମ୍ ହେଉଛନ୍ତି ମନ୍ତ୍ରୀଙ୍କ ଖାସ୍ ଲୋକ । ସବୁ କାମ ତାଙ୍କ ଦ୍ୱାରା ହୁଏ । ଆପଣ ଚୁପ୍ ହୋଇ ବସିବେ । ମୁଁ କଥା ହେବି । ସେ ଆମ ପାର୍ଟି ଲୋକ ତ ।''

ତା'ପରେ ଖୋଲା ଗେଟ୍ ଦେଇ ଭିତରକୁ ସେ ଗଲେ ଏବଂ ମୁଁ ତାଙ୍କୁ ଅନୁସରଣ କଲି । ଗେଟ୍ ପାଖରେ ଠିଆ ହେଇଥିବା ଦରୁଓ୍ୱାନ୍‌ଟି ମୋ ଆଡ଼କୁ ଟିକିଏ ତୀକ୍ଷ୍ଣ ନଜରରେ ଚାହିଁଦେଲା । ତାହା ମୁଁ ଜାଣିପାରିଲି ।

ଲମ୍ବା ହଲ୍ । କେତେଜଣ ଲୋକ ଏପଟ ସେପଟ ହେଉଥାନ୍ତି । ସମସ୍ତଙ୍କ ମୁହଁରେ କ୍ଲାନ୍ତିର ଚିହ୍ନ । ଚେୟାର କେତୋଟି ସେମାନଙ୍କୁ ଆମନ୍ତ୍ରଣ କରିବା ଢଙ୍ଗରେ ପଡ଼ିଥିଲା । ତିନି ଚାରୋଟି ପଙ୍ଖା ଅତି ଧୀରେ ବୁଲୁଥିଲା । ବୁଲିବାକୁ ଆଗ୍ରହ ନ ଥିଲା ଯେମିତି । ମହତ୍‌ବାଣୀ ସୁସ୍ପଷ୍ଟ ରୂପେ ଲେଖାଯାଇଥିଲା ପକ୍‌କା କାନ୍ଥରେ । ସବୁ ପରିଷ୍କାର, ପରିଚ୍ଛନ୍ନ ।

ଛୋଟ ଟେବୁଲ୍ । ତା' ପାଖରେ ଚେୟାର । ସେଠି ବସିଥାଏ ପତଳା ପିଲାଟିଏ । ଦେହରେ ଧଳା ସାର୍ଟ । ନମ୍ର, ବିନୟ ମୁଦ୍ରାରେ । ତା' ପାଖକୁ ଗଲେ ଜଗନ୍ନାଥବାବୁ । ଅତି ଆସ୍ତେ କହିଲେ, ''ମ୍ୟାଡାମ୍‌ଙ୍କ ସଙ୍ଗରେ ଦେଖା କରିଥାନ୍ତି ।''

ହସିଦେଲା ପିଲାଟି । ଅତି ପରିଚିତ ଭାବ ଖେଳାଇ । ଏବଂ କହିଲା, ''ଯାହା କହିବା କଥା, ମୋତେ ଗୋଟେ କାଗଜରେ ଲେଖି ଦେଇଯା'ନ୍ତୁ । ଭିତରେ ଜରୁରୀ ମିଟିଂ ଚାଲିଚି । ମିଟିଂ ସରିଲେ ମ୍ୟାଡାମ୍ ମନ୍ଦିରକୁ ଯିବେ । ତେଣୁ ତାଙ୍କ ଦେଖାପାଇବା ସମ୍ଭବ ନୁହେଁ ।''

ଏକଥା ଶୁଣି ମୁଁ ଥମକି ଗଲି ।

Digitized by PPRACHIN, SOA

ମୋ ଆଡ଼କୁ ଚାହିଁଲେ ଜଗନ୍ନାଥବାବୁ । ଅସହାୟ ବୋଧ କଲି । ଅତି ନିରୁପାୟ ହୋଇ ମୋ ପକେଟରେ ଚଉତା ହୋଇ ରହିଥିବା କାଗଜ ଫର୍ଦ୍ଦକୁ ବାହାର କରି ତାଙ୍କ ହାତକୁ ବଢ଼ାଇଦେଲି । ଏକଥା ସତ, ସେହି କାଗଜ ଫର୍ଦ୍ଦଟିକୁ ମନ୍ତ୍ରୀଙ୍କୁ ଦେବାପାଇଁ ମୋ ପକେଟରେ କିଛିଦିନ ହେଲା ଥିଲା । ସେଇଥିରେ ହିଁ ନିରୂପିତ ହେବ ମୋ ଭାଗ୍ୟ, ଭବିଷ୍ୟତ୍ । କଟକରେ ରହିବି ନା ଯିବି କୋରାପୁଟ ।

ପିଲାଟି ଗୋଟେ 'ଫାଇଲ୍ ଭିତରେ କାଗଜ ଫର୍ଦ୍ଦକୁ ଅତି ଯତ୍ନରେ ରଖିଲା । ସତେଯେମିତି ସେ କାଗଜ ଫର୍ଦ୍ଦ ନୁହେଁ, ହଜାର ଟଙ୍କିଆ ନୋଟ୍ ଖଣ୍ଡେ । କାହିଁକି କେଜାଣି ମୋ ମନ ଭିତରେ ଭୁଷୁଡ଼ି ଯାଉଥିବା ଦମ୍ଭ ଟିକିଏ ପୁଣି ଫେରିଆସିଲା । ମୋ କାନ୍ଧରେ ହାତ ରଖି ଜଗନ୍ନାଥବାବୁ କହିଲେ, ''ବ୍ୟସ୍ତ ହୁଅନ୍ତୁନି, ମୁଁ ମ୍ୟାଡାମ୍‌ଙ୍କ ସଙ୍ଗରେ କଥା ହୋଇଯିବି ଫୋନ୍‌ରେ । ତାଙ୍କ ସହ ଆଜି କଥା ହୋଇଯାଇଥିଲେ ଭଲ ହୋଇଥା'ନ୍ତା । ଛାଡ଼ନ୍ତୁ, ଆଜି ସେ ଯୋଗ ନାହିଁ ବୋଲି ଭାବି ନିଅନ୍ତୁ । କିନ୍ତୁ ଜାଣନ୍ତୁ, ଆପଣଙ୍କ କାମ ହୋଇଗଲା ବୋଲି ।'

ସେଠୁ ଫେରିଆସିଲା ପରେ ଗୋଟେ ଅବଶ ଭାବ ମୋତେ ଜାବୁଡ଼ି ଧରିଲା ଏବଂ ଆଉ କିଛିଦିନ ଛୁଟିରେ ରହିବା କଥା ନିଶ୍ଚିତ, ତାହା ଜାଣିପାରିଲି । କୋରାପୁଟ ବଦଳିକୁ କ୍ୟାନ୍‌ସେଲ୍ କରିବାପାଇଁ ଆଉ କ'ଣ ଉପାୟ ଥାଇପାରେ, ତାହା ଦେଖିପାରିଲି ନାହିଁ । ଭାଗ୍ୟକୁ ନିନ୍ଦିଲି । ଅପେକ୍ଷା କଲି, କିଛି ଗୋଟେ ଘଟିବାର ମୁହୂର୍ତ୍ତଟିକୁ ।

ସପ୍ତାହଟିଏ ପରେ ମୋତେ ବିସ୍ମିତ କରି ଚିଠିଟିଏ ଆସି ମୋ ପାଖରେ ପହଞ୍ଚିଲା । ବଦଳି କ୍ୟାନ୍‌ସେଲ୍ ହୋଇଯାଇଥିବା ଖବରଟିକୁ ନେଇ ଏବଂ ଯେଉଁ କଲେଜରେ ଥିଲି, ସେଠି ଆଉ ବର୍ଷେ ରହିବା ପାଇଁ ସେଥିରେ ଲେଖାଯାଇଛି । କାହା ପାଖରେ କୃତଜ୍ଞ ହେବି ? ଜଗନ୍ନାଥବାବୁଙ୍କ ପାଖରେ ନା ମ୍ୟାଡାମ୍‌ଙ୍କ ପାଖରେ ? ଅବଶ୍ୟ ଜଗନ୍ନାଥବାବୁଙ୍କ ଘରକୁ ଯାଇ ତାଙ୍କୁ ଧନ୍ୟବାଦ ଜଣାଇଲି । ତାଙ୍କର ପାରିବାପଣିଆକୁ ସ୍ୱୀକାର କଲି ଏବଂ ସେହି ସମୟରେ ମ୍ୟାଡାମ୍‌ଙ୍କୁ ଧନ୍ୟବାଦ ନ ଜଣାଇଲେ ଅକୃତଜ୍ଞ ହେବାର କଥାଟି ମୋତେ ପରିଷ୍କାର ଦିଶିଲା ।

ଚିହ୍ନା ନାହିଁ, ଜଣା ନାହିଁ । ତଥାପି ତାଙ୍କୁ ଭେଟିବା ଉଚିତ ହେବ ବୋଲି ଚିନ୍ତାକରି ଅନାଥାଶ୍ରମକୁ ଗଲି । ପୂର୍ବଭଳି ସେହି ପିଲାଟି ବସିଥିଲା । ତାକୁ ଖଣ୍ଡେ ସ୍ଲିପ୍ କାଗଜରେ ମୋ ନାଁ ଲେଖି ବଢ଼ାଇଦେଲି । ମୋ ମୁହଁକୁ ଥରୁଟେ ଚାହିଁଦେଇ ସେ ଭିତରକୁ ଚାଲିଗଲା । ହଲ୍ ଭିତରେ ବେଶି ଗହଳି ନ ଥିଲା । ଖାଲି ପଡ଼ିଥିବା ଚେୟାରରେ ବସିପଡ଼ିବା ବେଳେ ସେ ଆସି ମୋତେ କହିଲା, ''ଯା'ନ୍ତୁ, ମ୍ୟାଡାମ୍ ଆପଣଙ୍କୁ ଡାକୁଛନ୍ତି ।''

Digitized by PPRACHIN, SOA

ଅତି ସନ୍ତର୍ପଣରେ ପର୍ଦ୍ଦା ଆଡ଼େଇ ଭିତରକୁ ଗଲି । ସାମନାରେ ବସିଥିଲେ ବୟସ୍କା ମହିଳା ଜଣେ । ଦେହରେ ଧଳା ରଙ୍ଗର ଲୁଗା । ତାହା ତାଙ୍କ ବୟସ, ଗମ୍ଭୀର ବ୍ୟକ୍ତିତ୍ୱକୁ ବଢ଼ାଇବାରେ ସହାୟତା କରୁଥାଏ ଯେମିତି । ଆଖିରେ ସୁନେଲିଫ୍ରେମ୍‌ର ଚଷମା । ଓଠ ତଳେ ଶୁଖିଲା ହସର ରେଖା । ଚିହ୍ନା ଚିହ୍ନା ମୁହଁ । ଆଗରୁ କେଉଁଠି ଦେଖିଚି ବୋଧେ... କେଉଁଠି ? କେଉଁଠି ?

''ବସ, ଶଶାଙ୍କ ।''

ଥମ୍ କରି ବସିପଡ଼ିଲି । ଅଭିଭୂତ ହୋଇପଡ଼ିଲି । ''ରୁନି... !''

ଗମ୍ଭୀର ଭାବଟି ଅପସରିଗଲା ହଠାତ୍ । ଅତି ସ୍ୱଷ୍ଟ ଭାବେ ଦିଶିଲା ପ୍ରସନ୍ନ ଭାବ । ତା'ପରେ ମୁଗ୍ଧ ହସ । ରୁନି ଏମିତି ମୁଗ୍ଧ ହୋଇ ହସିଥିବାର ମୁଁ କ୍ୱଚିତ୍ ଦେଖିଛି ପିଲାଦିନେ ।

''ବଦଳି କ୍ୟାନସେଲ୍ ହେବା ଚିଠିଟିକୁ ତୁ ନିଶ୍ଚେ ପାଇସାରିଥିବୁ । ଆଉ କ'ଣ କହିବୁ ?''

ଆଉ ଯାହା କହିବାର ଥିଲା, ତାହା ମୋତେ ମନେପକାଇ ପାରିଲି ନାହିଁ । ଅବଶ୍ୟ ଯଥେଷ୍ଟ ବିସ୍ମୟତା ଓ ଚାଞ୍ଚଲ୍ୟତା ଜମି ଯାଇଥିଲା ମୋ ଭିତରେ, କାରଣ କୃତଜ୍ଞତା ପ୍ରକାଶ କରିବାପାଇଁ ଇଚ୍ଛାଟି ହଜିଯାଇଥିଲା ଅନେକବେଳୁ । ମୁଁ ଦେଖାଗଲି ଆତୁର ଓ ଉଦ୍‌ବିଗ୍ନ ।

ରୁନି ଅନ୍ୟମନସ୍କ ହୋଇ ପଚାରିଲା, ''ଏମିତି ଚାହିଁରହିଚୁ କ'ଣ ? କହ, କିଛି କହ । ତୁ ଦେଇଥିବା ଦରଖାସ୍ତରୁ ତୋ ବିଷୟରେ ଅଳ୍ପ କିଛି ଜାଣିପାରିଚି । ଆଉ କିଛି କହ । ଗାଁ ଛାଡ଼ିବା ଦିନଠାରୁ ତୋତେ ଭୁଲି ଯାଇଥିଲି । ଭୁଲିଯାଇ ନ ଥିଲି ଯେ ଭୁଲିଯିବାକୁ ବାଧ ହୋଇଥିଲି । ଯେମିତି ଗାଁକୁ ଭୁଲିଯାଇଛି । ଦି'ଓଳା ପେଟପୂରା ଖାଇବାକୁ ପାଉ ନ ଥିବା ବିଧବା ଝିଅଟେ ଗାଁକୁ ମନେରଖିବା ପାଇଁ ବାଧ ନୁହେଁ । କାରଣ କେହି ବୁଝିଲେ ନାହିଁ ମୋ ଦୁଃଖ, ମୋ ଅସହାୟତା, ବରଂ ବାପା ଚାଲିଯିବା ପରେ କିଛି ଗାଁ ଲୋକ ନିଜ ନିଜର ପୌରୁଷତ୍ୱ ଦେଖାଇବା ନିମନ୍ତେ ରାତି ଅଧରେ ଆମ ଘର କବାଟରେ ଠକ୍ ଠକ୍ ଶବ୍ଦ କରିବାକୁ ଭୁଲି ନ ଥିଲେ । ସେଇ ଦୁର୍ଦ୍ଦିନରେ କ'ଣ କରିବି, ମୋତେ ବୁଦ୍ଧି ଦେଖାଗଲା ନାହିଁ । ତୁଳସୀଗଛରୁ ଝଡ଼ିପଡ଼ିଥିବା ଶୁଖିଲାପତ୍ରକୁ ପାଉଥବା ବିଧବା ଝିଅଟା ଶେଷରେ ବାଟବଣା ହୋଇଗଲା । ବାଟବଣା ହୋଇଗଲା ନାହିଁ, ବରଂ ବାଟଟିଏ ପାଇଗଲା ବୋଲି ଜାଣ । ସେହି ବାଟଟି ମୋତେ ଜଣେ ସ୍ତ୍ରୀଲୋକ ଦେଖାଇଦେଇଥିଲା ।''

Digitized by PPRACHIN, SOA

ଟିକିଏ ରହିଗଲା ରୁନି । ତା'ପରେ କହିଲା, ''ସେ ମୋତେ ନେଇ ପହଞ୍ଚାଇ ଦେଲା ରାସ୍ତା କାମ ଠିକା ନେଇଥିବା ଭଦ୍ରବ୍ୟକ୍ତିଙ୍କ ପାଖରେ । ଦାରିଦ୍ର୍ୟ, ସରଳତା, ପୁଣ୍ୟର ତିନିଗାର ଡିଆଁଇଦେଇ । ସଞ୍ଜବେଳେ ଚଉରାମୂଳରେ ଦୀପଟିଏ ଜଳାଇଲାବେଳେ ପ୍ରତିଦିନ ପ୍ରାର୍ଥନା କରୁଥିଲି, ଜୀବନଟା ସହଜ ହେଉ, ସୁନ୍ଦର ହେଉ । କିନ୍ତୁ ତା' ମୋ ଭାଗ୍ୟରେ ନ ଥିଲା ବୋଧେ । ସ୍ୱାମୀ ଚାଲିଗଲେ । ତା'ପରେ ବାପା । ବୋଉ ତ ଅନେକ ଦିନରୁ ଚାଲିଯାଇଥିଲା । ଶେଷରେ ମୁଁ ବନ୍ଧା ପଡ଼ିଗଲି ସେହି ଜୀବନ ପାଖରେ । କିଛିଦିନ ଭଦ୍ରବ୍ୟକ୍ତିଙ୍କ ପାଖରେ ରହିବା ପରେ ଚିହ୍ନା ପରିଚୟ ହୋଇଥିଲା ସୁବୋଧ ରାଉତଙ୍କ ସହ । ଅବଶ୍ୟ ସେତେବେଳେ ସେ ମନ୍ତ୍ରୀ ନ ଥିଲେ । କିନ୍ତୁ ରାଜନୀତି କରୁଥିଲେ । ଦିନେ ତାଙ୍କ ପାଖକୁ ଚାଲିଗଲି । ଆଉ ତାଙ୍କ ପାଖରେ ରହିଗଲି ।''

କେତେ ଦିନ ତଳେ ରୁନିକୁ ଦେଖିଥିଲି ? କେତେ ଦିନ ତଳେ... ? ତାହା ମୋତେ ମନେପଡ଼ିଲା ନାହିଁ । ମାତ୍ର ତା'ର ନିଷ୍ପାପ, କୋମଳ ଚେହେରାଟି ଝଲମଲ ହୋଇଉଠିଲା ମୋ ଆଖି ଆଗରେ ।

ମୁଁ ସ୍ତମ୍ଭୀଭୂତ ହୋଇଗଲି । ବାସ୍ତବିକ ରୁନି ମୋତେ ମିଛ କଥା କହି ନାହିଁ । ତା' ଜୀବନର ଛଳଛଳ ଅନୁଭୂତି କଥା କହିଛି କେବଳ । ବିନା ଦ୍ୱିଧାରେ । ଅଥଚ ମୋର ମନେପଡ଼ିଯାଉଚି ମୋ ପିଲାଦିନ କଥା । କେଉଁଠି ଅଛି ଚିକ୍ ଚିକ୍ କରୁଥିବା ରୁନିର ଲମ୍ବା ଚୁଟି ? ଯା' ଥିଲା ଏକ ଅବୋଧ ବାଳକର ଭଲପାଇବାର ସ୍ୱାକ୍ଷର ପରି ।

ଅଳ୍ପ ହସିଲା ରୁନି । କହିଲା, ''ବାପା ସବୁବେଳେ କହନ୍ତି, ଏଇ ସଂସାର ଅସାର । ସବୁ ସରିଯାଏ ଏଠି । ବଳ, ବୟସ, ରୂପ ଓ ସମୟ । ଏ ସଂସାରକୁ ମୋତେ ଭଲ ପାଅନି । ଭଲ ପାଇଲେ ଦୁଃଖ ଭୋଗିବ । ଖାଲି ଦୁଃଖ । ଅଥଚ ମୁଁ ବୁଝିଚି, ଏ ସଂସାରଟି କେବେ ଅସାର ନୁହେଁ । କିଛି ବି ସରିଯାଏନି ଏଠି । ନୂଆ ବାଗରେ, ନୂଆ ଢଙ୍ଗରେ ଓ ନୂଆ ରୂପରେ ଏଠିକୁ ସବୁ ଫେରିଆସେ । ସେଥିପାଇଁ ଅନାଥାଶ୍ରମଟିଏ ଏଠି କରିଛି । ଏ କଥା ସତ, ସୁବୋଧ ରାଉତଙ୍କ ବିନା ସାହାଯ୍ୟରେ ଏହା କେବେ ସମ୍ଭବ ହୋଇପାରି ନ ଥା'ନ୍ତା । ପାଖାପାଖି ପଚାଶ ଜଣ ଝିଅ ଏଠି ଅଛନ୍ତି । ଯେଉଁ ଝିଅମାନଙ୍କ ପାଖରେ କିଛି ନାହିଁ, ନାହିଁ ଭାଗ୍ୟ, ନାହାନ୍ତି ବି ଭଗବାନ୍ । ସେମାନେ ନିଜ ସହ କେବେବି ବୁଝାମଣା କରିପାରନ୍ତି ନାହିଁ । ତେଣୁ ହାରିଯା'ନ୍ତି । ମୁଁ କିନ୍ତୁ ମୋ ଜୀବନ ସହିତ ବୁଝାମଣା କରିଛି । ତେଣୁ ହାରିବି ନାହିଁ । କେବେବି ହାରିବି ନାହିଁ । ଜୀଇଁବି ଏବଂ ଅନ୍ୟମାନଙ୍କୁ ଜୀଇଁ ରହିବାରେ ସାହାଯ୍ୟ କରିବି । ଅବାଟରୁ ବାଟକୁ ଆଣିବି ।''

Digitized by PPRACHIN, SOA

ଶେଷ କେଇ ପଦ କହିଲାବେଳେ ରୁନିର କଣ୍ଠସ୍ୱରରେ ବାରିହୋଇ ପଡ଼ିଲା ଟାଣପଣ । ମନେହେଲା, ସେ ତୁଳସୀଗଛ ହୋଇ ଆଉ ନାହିଁ । ଯା' ଭାଗ୍ୟରେ ସବୁଦିନ କ୍ଷତାକ୍ତ ହେବାର କଥାଟି ଲେଖାହୋଇଥାଏ । ସେ ପାଲଟିଯାଇଛି ଗୋଟେ ବରଗଛ । ଅପ୍ରମିତ ଦୁଃଖର ଓହଳ, ଚେର ତାକୁ ଶକ୍ତ କରି ଠିଆ କରି ଦେଇଚି ମାଟି ଉପରେ । ଯେତେ ଝଡ଼ଝଞ୍ଜା ଆସୁ, ତା'ର ଆଉ ଭୟ ନାହିଁ । ସେଥିପାଇଁ ସେ ଆଉ ଦିଶୁ ନାହିଁ ତ୍ରସ୍ତ, କାନ୍ଦ କାନ୍ଦ ।

କିଛି ସମୟ ପରେ ରୁନିକୁ ପଚାରିଲି, "ବାଟ ଦେଖାଇଥିବା ସେ ସ୍ତ୍ରୀଲୋକଟି କିଏ ? କୁସୁମ ନୁହେଁ ତ !"

ଅତି ସ୍ୱଷ୍ଟ ଭାବରେ ସେ କହିଲା, "ମୋ ଛଡ଼ା ସେ ଆଉ କେହି ନୁହେଁ । ମୁଁ ମୋ ନିଜକୁ ବାଟ ଦେଖାଇଛି । ନିଜ ସହ ବୁଝାମଣା କରିଛି ।"

ଅଥଚ ଅତି ସ୍ୱଷ୍ଟ, ନିର୍ଭୀକ ଭାବେ ବିନା ଦ୍ୱିଧାରେ ସବୁ କଥା କହିପାରିବାର ସାହସିକପଣ ରଖିଥିବା ରୁନିକୁ, ବାହାଘର ଦିନ ସେ ମୋତେ କ'ଣ କହିବାକୁ ଚାହୁଁଥିଲା, ତାହା ପଚାରିବା ପାଇଁ ମୋ ଭିତରେ ସାହସ ସଞ୍ଚୟ କରିପାରିଲି ନାହିଁ ।

Digitized by PPRACHIN, SOA

ପତ୍ନୀ

ନୀଳାମ୍ବରକୁ ଆପଣ ଚିହ୍ନି ନ ଥିବେ । ମୁଁ ବି ତାକୁ ଆଗରୁ ଚିହ୍ନି ନ ଥିଲି । ସବିତାଅପା ତାକୁ ମୋତେ ଚିହ୍ନାଇଦେଇ କହିଥିଲା, ''ଏ ହେଉଚି ନୀଳାମ୍ବର । ମୋ ସ୍ୱାମୀ ।''

ଚମକିପଡ଼ି ମୁଁ ନୀଳାମ୍ବରକୁ ଚାହିଁଥିଲି । କବାଟକୁ ଆଉଜି କରି ସେ ଠିଆହୋଇଥିଲା । ରଙ୍ଗ ସଫା । ଛାତି ଚଉଡ଼ା । ଉଚ୍ଚତା ପାଖାପାଖି ଛଅଫୁଟ ହେବ । ବଳିଷ୍ଠ ଚେହେରା । ଯାତ୍ରାରେ ସେ ପାର୍ଟ କରୁଥିବା କଥାଟି ମୁଁ ଶୁଣିଥିଲି ।

ସବିତାଅପା ତାକୁ ମୋତେ ଚିହ୍ନାଇଦେଇ ଗମ୍ଭୀର ଦିଶିଥିଲା । କହିଥିଲା, ''ତୋତେ କୌଣସି ଅସୁବିଧାରେ ପକାଇବା ପାଇଁ ଆମେ ତୋ ପାଖକୁ ଆସି ନାହୁଁ । କଥାଟି ହେଉଚି, ମୁଁ ନୀଳାମ୍ବର ସାଙ୍ଗରେ ଗାଁରୁ ଗତକାଲି ରାତିରେ ପଳାଇଆସିଛି । ଆସିବାବେଳେ ସାଙ୍ଗରେ କିଛି ଲୁଗାପଟା ଆଣି ନାହିଁ । ଭାବିଲି, ତୁ ଏଇଠି ଅଛୁ । ଭାଉଜଠୁଁ ଲୁଗାପଟା ଖଣ୍ଡେ ଦି'ଖଣ୍ଡ ନେଲେ ମୋର ଆଉ ଅସୁବିଧା ହେବନି ।''

କିଛି ବୁଝିପାରି ନ ଥିଲି । ଗାଁରୁ ଲୁଚି ନୀଳାମ୍ବର ସାଙ୍ଗରେ ପଳାଇଆସିବା ପରେ ସବିତାଅପା ମୁହଁରେ ଲାଜ ନ ଥିଲା, ବରଂ ଏକ ସାହସିକ ଦୃଢ଼ ବିଶ୍ୱାସ ଛାଇ ହୋଇଯାଇଥିଲା ଯେମିତି !

ସବିତାଅପା ଦେଖିବାକୁ ଆଦୌ ସୁନ୍ଦରୀ ନୁହେଁ । ଛାମୁଦାନ୍ତ ଟିକେ ବାହାରି ଆସିଥାଏ ପଦାକୁ । ଓଠ କଳା । ରଙ୍ଗ ମଇଳା । କିନ୍ତୁ ଆଖି ଦି'ଟା ବେଶ୍ ଟଣାଟଣା । ଗହୀରିଆ । ପିନ୍ଧିଥିଲା ଲାଲ ରଙ୍ଗର ଫୁଲପକା ସୂତା ଶାଢ଼ି । ଗୋଟେ ଢିଲା ବ୍ଲାଉଜ୍ ।

ନୀଳାମ୍ବର ସବିତାଅପାକୁ ସାଙ୍ଗରେ ନେଇଆସିଛି କି ସବିତାଅପା ନୀଳାମ୍ବରକୁ ଭୁଲେଇ ତା' ସାଥିରେ ପଳାଇ ଆସିଛି, ତାହା ସେତେବେଳର ଗୁରୁତ୍ୱପୂର୍ଣ୍ଣ ବିଷୟ ନ ଥିଲା । ମାତ୍ର ସବିତାଅପା ଆଖି ଭିତରେ ଚକ୍ ଚକ୍ କରୁଥିବା ବିଶ୍ୱାସର ଚିହ୍ନଟି ମୋତେ ଚକିତ କରିଦେଇଥିଲା । ସେଇ ବିଶ୍ୱାସର ଚିହ୍ନଟି ମୋତେ ମନେପକାଇ ଦେଇଥିଲା, ପିଲାଦିନର କଥା ।

Digitized by PPRACHIN, SOA

ବୟସ ସେତେବେଳେ ଛଅ ସାତ ବର୍ଷ ହେବ । ଆମେ ସବୁ ଗାଁ ଦାଣ୍ଡରେ ରଜାରାଣୀ, ବୋହୂଚୋରି ଅବା ଲୁଚକାଳି ଖେଳ ଖେଳୁ । ରଜାରାଣୀ ଖେଳ ଖେଳିଲେ ସବିତାଅପା ରାଣୀ ହୁଏ, ବୋହୂଚୋରି ଖେଳରେ ସେ ବୋହୂ ହୁଏ ଏବଂ ଲୁଚକାଳି ଖେଳର ଆରମ୍ଭ ବେଳେ ପ୍ରଥମେ ସେ ଚୋର ହେବାକୁ ଜିଦ୍ ଧରେ । ସବୁଥିରେ ସେ ଆଗୁଆ ହୋଇ ବାହାରିପଡ଼େ । ନଈ ପହଁରା ଆଉ ଗଛ ଚଢ଼ାରେ ତା' ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ କେହି ନ ଥିଲେ । ମୁଁ ତ ବହୁତ ପଛରେ ପଡ଼ି ଯାଉଥିଲି । ମୋ ଗାଲକୁ ଚିପିଦେଇ ବେଳେବେଳେ ସେ ମୋତେ କହୁଥିଲା, ''ତୁ ପାରିବୁନି । ଆରେ ଦୁନିଆକୁ ଜିତିବାକୁ ହେଲେ ରଜା ହେବାକୁ ପଡ଼ିବ । ରଜା । ଜାଣିଚୁ, ରଜା ହେଲେ ହିଁ ତୁ ଗୋଟେ ରାଣୀକୁ ବିବାହ କରିପାରିବୁ । ଆଉ ଗୋଟେ କଥା କହୁଚି ଶୁଣ, ରାଣୀ ହେଉଚି ସବୁଠୁଁ ସୁନ୍ଦରୀ ।''

ମୁଁ ତା' କଥା ଶୁଣି ହସି ଦେଉଥିଲି । ମଥା ତଳକୁ କରି କହୁଥିଲି, 'ତୁ କାଳୀ । ମୁଁ ରଜା ନ ହେଲେ ନାହିଁ, ତୁ କିନ୍ତୁ ମୋଟେ ରାଣୀ ହେଇପାରିବୁନି ।''

''କ'ଣ କହିଲୁ, ମୁଁ ରାଣୀ ହୋଇପାରିବିନି ? ମନେରଖ, ମୁଁ ନିଶ୍ଚେ ରାଣୀ ହେବି । ରାଣୀ... ।'' ଏହା କହି ସେ ମୋତେ ଗୋଡ଼ାଉଥିଲା ।

କୌଣସି ନିରାପଦ ସ୍ଥାନରେ ଆଶ୍ରୟ ନେବା ଛଡ଼ା ମୋର ଅନ୍ୟ ଉପାୟ ନ ଥିଲା । ମାତ୍ର ତା'ର ରାଗ ଶାନ୍ତ ହେଉ ନ ଥିଲା । ତିନି-ଚାରି ଦିନ ଧରି ମୋ ସାଙ୍ଗରେ କଥା ବନ୍ଦ କରିଦେଉଥିଲା । ଖେଳିବାକୁ ଆଉ ଆସୁ ନ ଥିଲା ।

ଅବଶ୍ୟ. କଳା ରଙ୍ଗ ଟିକେ ସଫା ଜଣାପଡୁଥିଲା । ଦି'ଟା ବେଣୀ ବଦଳରେ ଗୋଟେ ଲମ୍ବା ବେଣୀ ଲମ୍ବି ଯାଇଥିଲା ସର୍ପିଳ ଗତିରେ । ପତଳା ନହନହକା ଚେହେରା ବଦଳରେ ଜକଜକ ହେଇ ଦିଶୁଥିଲା ମୁଗୁନି ପଥରର ମୂର୍ତ୍ତି ପରି ସବିତାଅପା ।

ନୀଳାମ୍ବର ଆଡ଼କୁ ଫେରି ଚାହିଁଥିଲି । ଗଲାଥର ଗାଁକୁ ଯାଇଥିବାବେଳେ ତା' ବିଷୟରେ ନକୁଳା ମୋତେ କହିଥିଲା । ସେ ହେଉଚି ସବିତାଅପା ନଣନ୍ଦର ଦିଅର । ତା' ସହିତ ଲୁଚାଛପା ପ୍ରେମ୍ ଚାଲିଛି ବୋଲି ଚାଞ୍ଚଲ୍ୟକର ଖବର ମୁଁ ଶୁଣିଥିଲି । ମୋତେ ତାହା ଅବିଶ୍ୱାସ ଲାଗିଥିଲା । କଳା ମୁଗୁନି ପଥରର ମୂର୍ତ୍ତି ପରି ଦିଶୁଥିବା ଝିଅଟିକୁ କିଏ ଭଲ ପାଇପାରେ ! ଯିଏ ଭଲପାଉଥିବ ସେ ନିଶ୍ଚେ ଅନ୍ଧ । ନ ହେଲେ ତା'ଠାରୁ ଆହୁରି କୁତ୍ସିତ, କଦର୍ଯ୍ୟ ଦିଶୁଥିବ ।

ସବୁକିଛି ଓଲଟପାଲଟ ହୋଇଯାଇଥିଲା । ନୀଳାମ୍ବରକୁ ଦେଖିବା ପରେ । କେବେ କେଉଁଠି ପଢ଼ିଥିଲି, ଗୋଟେ ରାଜପୁତ୍ରକୁ କିମିଆ କରି ଅସୁରୁଣୀଟିଏ ବାହା

Digitized by PPRACHIN, SOA

ହୋଇଥିବା ଗପ । ଗପଟି ସେତେବେଳେ ମୋ ମନ ଭିତରେ କୌଣସି ପ୍ରଭାବ ପକାଇ ନ ଥିଲା, ବରଂ ମନେହୋଇଥିଲା ଅତି ଗୁରୁତ୍ୱହୀନ । କିନ୍ତୁ ସେହି ଗପଟି ଯେ ସତ, ତାହା ସ୍ୱୀକାର କରିବାକୁ ପଡ଼ିଥିଲା ।

ଥରୁଟେ ଚାହିଁଥିଲି ସବିତାଅପାକୁ । ଜିତି ଯିବାର ଖୁସିରେ ସେ ଛଳଛଳ ହୋଇପଡୁଥିଲା ଯେମିତି । ଏକ ପ୍ରକାର ସନ୍ତୋଷ ଭାବ ତା' ଭିତରେ ଖେଳେଇ ଯାଉଥିଲା । ସେଇ ଖୁସି ଖୁସି ସନ୍ତୋଷ ଭାବଟିକୁ ମୁଁ ବୁଝିପାରିଥିଲି ।

ନିଜ ନିଜ ବାଟରେ ଜୀବନ ଜୀଇଁବାର ଏ ଗୋଟେ ଉପାୟ ନିଶ୍ଚେ । ଏହି ଉପାୟକୁ ଆପଣେଇ ନେଇ ସବିତାଅପା କୌଣସି ଭୁଲ କରି ନାହିଁ ବୋଲି ହୃଦୟଙ୍ଗମ କରିପାରିଥିଲି । ତାକୁ ଲୁଗା ଦି'ଖଣ୍ଡ ସହ କିଛି ଟଙ୍କା ଦେଇଥିଲି ଏବଂ ସେ ଯିବାବେଳେ କହିଥିଲି, ''ଗାଁକୁ ଯେତେବେଳେ ଫେରିବୁ, ମୋତେ ଦେଖାକରି ଯିବୁ ।''

ଥମକି ପଡ଼ିଲା ସବିତାଅପା ମୋ କଥା ଶୁଣି । କିଛି କହି ନ ଥିଲା ମୋତେ । ଫେରିବାର ସମ୍ଭାବନାକୁ ଅସ୍ୱୀକାର କରୁଥିଲା ଯେମିତି !

ରାତି ଟ୍ରେନ୍‌ରେ ନୀଳାମ୍ବର ସହ ସବିତାଅପା ଚାଲିଯାଇଥିଲା କଲିକତା ।

ସେଠି ନୀଳାମ୍ବର କୌଣସି ଏକ ଯାତ୍ରା ପାର୍ଟିରେ ଅଭିନୟ କରୁଥିଲା । ଭଲ ପଇସା ପାଉଥିଲା । କଲିକତାର ଦର୍ଶକମାନଙ୍କ ହୃଦୟକୁ ସେ ଜିଣିଥିଲା । ତେଣୁ ଯାତ୍ରା ମାଲିକ ତା' ରହିବାପାଇଁ ସୁନ୍ଦର ଘରଟିଏର ବନ୍ଦୋବସ୍ତ କରିଦେଇଥିଲେ ।

ସେହି ଘରେ ନୀଳାମ୍ବର ଭରି ରଖିଥିଲା ଅସୁମାରି ସ୍ୱପ୍ନ । ଖାସ୍ ତା' ପତ୍ନୀ ପାଇଁ । ସବିତାଅପାକୁ ତା' ପତ୍ନୀ ହେବାର ସୌଭାଗ୍ୟ ମିଳିବା କଥାଟି ଅବିଶ୍ୱସନୀୟ ହେଲେ ବି ମୋତେ ସ୍ୱୀକାର କରିବାକୁ ପଡ଼ିଥିଲା ।

ଥରେ ଦି'ଥର ଏଇ କଥା ଶୁଣିଥିଲି ସବିତାଅପାର ନଣନ୍ଦଠାରୁ । ଗାଆଁକୁ ଯାଇଥିବାବେଳେ । ସେ ଖୁସିରେ ଅଛି । ଯାତ୍ରାରେ ଗୋଟେ ଦି'ଟା ରୋଲ୍ କରୁଛି ବୋଲି କହିଥିଲା ସେ । ଯା'ହେଉ ସେ ରାଣୀ ହୋଇଗଲା । ସତକୁ ସତ ରାଣୀ । ଯେଉଁ ସ୍ୱପ୍ନ ସେ ଦେଖିଥିଲା, ତାହା ସତ ପାଲଟିଗଲା ବୋଲି ଜାଣି ମୁଁ ଖୁସି ହୋଇଥିଲି ।

ଏହା ଭିତରେ ଅନେକ ଦିନ ବିତିଯାଇଛି ।

ମୋ ଚାକିରିର ବଦଳି ଯୋଗୁଁ ଓଡ଼ିଶା ବାହାରକୁ ଚାଲିଯାଇଥିଲି ଏବଂ ବୋଉ ଚାଲିଯିବା ପରେ ଗାଁ ସହ ସମ୍ପର୍କ କଟିଯାଇଛି ବୋଲି ମାନୁଚି ଏବଂ ଏଠି ସେଠି ବାହାରେ ଅନେକ ବର୍ଷ କଟାଇବା ପରେ ପୁଣି ଫେରିଆସିଛି କଟକ ।

Digitized by PPRACHIN, SOA

କଟେରି ପାଖରେ ଗୋଟେ ବ୍ୟାଙ୍କରେ ଅଛି । ମୋ ଫେରିଆସିବା ଖବର ଶୁଣି କିଛିଦିନ ତଳେ ନକୁଳା ଗାଁରୁ ମୋତେ ଦେଖାକରିବାକୁ ଆସିଥିଲା । ଅବଶ୍ୟ ତା'ର ଅସଲ ଉଦ୍ଦେଶ୍ୟକୁ ମୁଁ ବୁଝିପାରିଲି । ଗାଁରେ ଥିବା କିଛି ଜମିକୁ କିଣିବା ସଂକ୍ରାନ୍ତରେ ମୋ ସହ କଥାବାର୍ତ୍ତା କରିବା ସକାଶେ ତା'ର ଅଭିପ୍ରାୟଟି ମୋ ଆଗରେ ଧରାପଡ଼ିଥିଲା । ସେ ମୋ ସାଙ୍ଗ ବୋଲି କହି, ଅଳ୍ପ ଟଙ୍କାରେ ସେହି ଜମିକୁ ନେବାର କୌଶଳଟି ତାକୁ ଲଜ୍ଜିତ କଲା ନାହିଁ, ବରଂ ସେ ମୋତେ କୁଣ୍ଠା ପ୍ରକାଶ ନ କରି କହିଥିଲା, ''ତୁତ ଆଉ ଗାଁକୁ ଫେରିବୁନି । ଏଠି ରହିବୁ କି ଭୁବନେଶ୍ୱରରେ । ସେଠି ଗାଁରେ ଜମି ରଖି ତୋର ଆଉ କି ଲାଭ ? ଚାଷ ନ ହୋଇ ଜମି ପଡ଼ିଆ ପଡ଼ିଲାଣି । ଜମି ବିକିଦେଲେ ତୁ କିଛି ଟଙ୍କା ପାଇବୁ । ମୁଁ ତୋ ସାଙ୍ଗ ବୋଲି ଅଧିକ ଟଙ୍କାରେ କିଣିବାକୁ ଚାହୁଁଚି । ନ ହେଲେ କେତେବେଳେ କହିବୁ, ମୁଁ ତୋତେ ଠକି ଦେଲି ବୋଲି ।''

ଗାଁ ଟାଉଟରଙ୍କ ପରି ନକୁଳାର କଥା ମୋତେ ଲାଗିଥିଲା । ପାନ ଚୋବାଉଥିଲା ସେ । ଗୋଟେ ଦି'ଟା ଦାନ୍ତ ନ ଥିଲା ଉପର ମାଢ଼ିରେ । ଓଠ ତଳକୁ ଦିଶୁଥାଏ ପାନର ଲାଲ ରଙ୍ଗ ।

ତାକୁ ନାହିଁ କରିଦେବାଟା ଠିକ୍ ହେବ ନାହିଁ ବୋଲି ଉଚିତ ମଣିଥିଲି । କହିଥିଲି, ''ହଉ ମୁଁ ଗାଁକୁ ଯାଏ, କଥା ହେବି । ଅନେକ ଦିନ ହେଲା ମୁଁ ଗାଁକୁ ଯାଇ ନାହିଁ । ଘରବାଡ଼ି କେମିତି ଅଛି ଦେଖି ଆସିବି । କକାଙ୍କ ସଙ୍ଗେ କଥା ହେବି । ସେ ଯଦି ନ କିଣିବେ ତେବେ ତୋତେ ନିଶ୍ଚେ ବିକି ଦେବି ।''

ସେତିକିବେଳେ ମୋର ମନେପଡ଼ିଯାଇଥିଲା ସବିତାଅପା କଥା । ସେ କେମିତି ଅଛି ଜାଣିବା ପାଇଁ ବ୍ୟାକୁଳ ହୋଇଥିଲି । ପଚାରିଥିଲି, ''ତୁ କିଛି ଖବର ରଖିଛୁ ସବିତାଅପାର ? ସେ ଏବେ କେଉଁଠି ଅଛି ? ବାହାରେ ରହିବା ଫଳରେ ମୁଁ ଗାଁ କଥା କିଛି ରଖିପାରିନି ।''

ହସିଥିଲା ସେ । ପାଟିରେ ଆଉ ଖଣ୍ଡେ ପାନ ପୂରାଇ ମାମଲତକାରି ଢଙ୍ଗରେ ମୋତେ କହିଥିଲା, ''ସବିତାଅପା ନୀଳାମ୍ବର ସହ କଲିକତା ଯାଇଥିବା ଖବର ତୋତେ କହିଥିଲି । ତା'ପର ଘଟଣା ଶୁଣ । ସବିତାଅପା ଆଉ କଲିକତାରେ ରହୁନି ।''

ବିସ୍ମିତ ହୋଇଥିଲି । ପଚାରିଥିଲି, ''ତେବେ, କେଉଁଠି ରହୁଛି ?''

''ଗାଁରେ । ଦି'ବର୍ଷ ପରେ ସେ ଫେରିଆସିଲା ଗାଁକୁ । ସେଇଦିନଠୁଁ ସେ ରହିଛି ଗାଁରେ । ଭାବିଥିଲା, ଗାଁକୁ ଆସି ନୀଳାମ୍ବର ତାକୁ ପୁଣି ନେଇଯିବ । ମାତ୍ର ସେ

Digitized by PPRACHIN, SOA

ଆସିଲା ନାହିଁ । ଲୋକେ ତାକୁ ଯେତେ ବୁଝାଇଲେ ବି ସେ କଲିକତା ଗଲା ନାହିଁ । ନିଜ ଭାଗ୍ୟକୁ ନିନ୍ଦିଲା । ଅନେକ ଦିନ ପରେ ପ୍ରକୃତ ରହସ୍ୟଟି ଜଣାପଡ଼ିଥିଲା ।''

ରହସ୍ୟଟି କ'ଣ ବୋଲି ଜାଣିବାପାଇଁ ମୁଁ ଉତ୍ସୁକତା ପ୍ରକାଶ କରିଥିଲି ।

''ନୀଳାମ୍ବର ସବିତାଅପାକୁ ଛାଡ଼ି ଦେଇଥିଲା । ତା' ଚରିତ୍ରକୁ ସନ୍ଦେହ କରି ।''

କଥାଟି ବେଶ୍ ସଂକ୍ଷିପ୍ତ ଥିଲା । ମାତ୍ର ଦି'ଟି ବାକ୍ୟ ଭିତରେ ସବିତାଅପାର ଜୀବନ ଛାରଖାର ହୋଇଯାଇଥିଲା, ତାହା ବୁଝିବାକୁ ମୋତେ ଆଉ ଅସହଜ ହୋଇ ନ ଥିଲା । ଗୋଟେ ଦୃଢ଼ ବିଶ୍ୱାସ ରକ୍ଷା କରିପାରି ନ ଥିଲା ଅସହାୟ ନାରୀଟିକୁ ବୋଧେ । ମାତ୍ର ସେହି ଦୃଢ଼ ବିଶ୍ୱାସକୁ ନେଇ ସିଏ କାହିଁକି ରହିଗଲା ଅପେକ୍ଷା କରି ସ୍ୱାମୀକୁ ଏକା ଏକା ସାରା ଜୀବନ ତାହା ବୁଝିପାରି ନ ଥିଲି ।

ନକୁଳା ଚାଲିଯାଇଥିଲା । କିନ୍ତୁ ମୋ ଭିତରେ ସମୟ ବହିର ପୃଷ୍ଠାଟି ଖୋଲା ହୋଇ ରହିଲା । ସବିତାଅପାର ଜୀବନରେ କ'ଣ ଏମିତି କିଛି ଘଟିଥିଲା, ତାହା ଜାଣିବା ମୋ ପାଇଁ ଜରୁରୀ ହୋଇପଡ଼ିଲା !

ଅନେକ ବର୍ଷ ପରେ ସବିତାଅପାର ଉଜ୍ଜ୍ୱଳ ମୁହଁଟି ମୋତେ ମୋ ଭିତରେ ଧସି ଦେଉଥାଏ । ପୋତି ହୋଇପଡୁଥାଏ ଅହେତୁକ ଚିନ୍ତାରେ । ଗାଁକୁ ଯିବି ବୋଲି ସ୍ଥିର କରିବାବେଳକୁ, ଅନ୍ୟ କୌଣସି କାମରେ ଛନ୍ଦି ହୋଇ ଯାଉଥାଏ ।

ଗାଁକୁ ଯାଇପାରୁ ନ ଥାଏ ।

ଏହାର ଦି'ତିନି ମାସ ପରେ ଗୋଟିଏ ସ୍ଲିପ୍ କାଗଜରେ ନୀଳାମ୍ବର ନାଁଟିକୁ ଦେଖି ଚମକିପଡ଼ିଲି । ଦପ୍ତରୀକୁ କହିଲି, ଲୋକଟିକୁ ଭିତରକୁ ପଠାଇଦେବା ପାଇଁ ।

ଲୋକଟି ଭିତରକୁ ଆସିବା ପରେ ମୁଁ ତାକୁ ଚିହ୍ନିପାରିଲି । ଅନେକ ଦିନ ତଳେ କବାଟକୁ ଆଉଜି ଠିଆ ହୋଇଥିବା ଲୋକଟିର ମୁହଁ ମୋ ମନ ଭିତରୁ ହଜି ନ ଥିଲା । ସେହି ହିଁ ନୀଳାମ୍ବର । ସବିତାଅପାର ସ୍ୱାମୀ । ଦେହରେ ଆଉ ସେ ଚମକ ନାହିଁ । ମୁହଁରେ ବୟସର ଚିହ୍ନ । ଆଖିରେ ମୋଟା ଲେନ୍ସର ଚଷମା । ଚନ୍ଦା ।

କାକୁସ୍ଥ ଭଙ୍ଗୀରେ ଆସି ସେ ଠିଆହେଲା ମୋ ସାମନାରେ । କହିଲା, ''ମୋତେ ବୋଧେ ଆପଣ ଚିହ୍ନିପାରୁ ନାହାନ୍ତି ? ମୁଁ ହେଉଚି ନୀଳାମ୍ବର । ସବିତା... ।''

ନିଜ ଅଜାଣତରେ ବୋଧେ ସବିତାଅପାର ନାଁଟିକୁ ଉଚ୍ଚାରଣ କରିଦେଇଥିଲା । ଜିଭ କାମୁଡ଼ି ନେବାଭଳି ସେ ଅଟକିଗଲା ।

ସେ ଆଉ କିଛି କହିବା ପୂର୍ବରୁ ମୁଁ ପଚାରିଲି, ''କ'ଣ କାମ ଥିଲା ?''

Digitized by PPRACHIN, SOA

ସହଜ ଅନୁଭବ କଲା ସେ । କହିଲା, ''ମୋର କିଛି ଟଙ୍କା ଆସିବ ଏହି ବ୍ୟାଙ୍କକୁ । ଗ୍ରାଚୁୟିଟି ଆଉ ପ୍ରୋଭିଡେଣ୍ଟ ଫଣ୍ଡ୍ ବାବଦରେ । ରିଟାୟାର୍ଡ୍ କଲି ଗଲା ମାସରେ ।''

''କାଗଜପତ୍ର କିଛି ଆଣିଛ ସାଥିରେ ।''

ମୋ କଥା ଶୁଣି ସେ ମୋ ହାତକୁ ପୁଳାଏ କାଗଜ ବଢ଼ାଇଦେଲା । ସେଥିରୁ ଜାଣିପାରିଲି, ସେ ରେଲ୍‌ୱେରେ ଚାକିରି କରୁଥିଲା । ଗତ ମାସରେ ରିଟାୟାର୍ଡ୍ କରିଛି । ପଚାରିଲି, ''ଗାଁକୁ କେବେ ଆସିଲ ? ଆଉ ସବିତାଅପା ଖବର କ'ଣ ?''

ଚିହିଁକି ଉଠିଲା ସେ । ପର ମୁହୂର୍ତ୍ତରେ ଅତି ସଂଯତ ଭାବେ କହିଲା, ''ତା' କଥା ମୋତେ ଆଉ କୁହ ନାହିଁ । ଗୋଟେ ମାୟାରେ ପଡ଼ିଯାଇଥିଲି କିଛିଦିନ । ତା' ପାଇଁ ସବୁକିଛି ହରାଇଦେଲି । ଯାତ୍ରା ପାର୍ଟିରୁ ଦୂରେଇଗଲି । ନ ହେଲେ ଆଜି ବଙ୍ଗଳାରେ ସିନେମା ଷ୍ଟାର୍‌ଟିଏ ହୋଇଥାନ୍ତି । ଛାଡ଼ନ୍ତୁ, ଷ୍ଟାର୍ ହେବା ମୋ ଭାଗ୍ୟରେ ନ ଥିଲା ।''

ଗୋଟେ ଅବସୋସର ଦୀର୍ଘଶ୍ୱାସ ବାହାରି ଆସିଲା ନୀଳାମ୍ବର ଭିତରୁ ।

ପୁଣି କହିଲା, ''ମୁଁ ଯେଉଁଠି ରହୁଥିଲି, ସେହି ପାଖରେ ଜଣେ ଅଫିସର୍ ରହୁଥିଲେ । ସେ ରେଲୱେରେ ଚାକିରି କରୁଥିଲେ । ତାଙ୍କରି ଦୟାରୁ ଚାକିରିଟା ପାଇଲି । ଚାକିରି ପାଇବା ପରେ ସବୁ କିଛି ଭୁଲିଯିବାକୁ ବାଧ ହେଲି । ଘରଦ୍ୱାର, ସ୍ତ୍ରୀ... ।''

ବାକ୍ୟଟିକୁ ପୂରଣ କରିପାରିଲା ନାହିଁ ନୀଳାମ୍ବର । ମନ ଭିତରେ ଥିବା ଦୁଃଖଟିକୁ ଆଉ ପଦାକୁ ବାହାର କରିବାପାଇଁ ତା'ର ସାହସ କୁଳଉ ନ ଥିଲା ଯେମିତି ।

ମୁଁ ଆଉ ସବିତାଅପା କଥା ତାକୁ ପଚାରିବା ପାଇଁ ଉଚିତ ମଣିଲି ନାହିଁ । ପେନ୍‌ସନ ତଥା ପ୍ରୋଭିଡେଣ୍ଟ୍ କଥା ବୁଝୁଥିବା ଅଫିସରଙ୍କ ପାଖକୁ ତାକୁ ପଠାଇ ଦେଲି ।

ମୋ ପାଖରୁ ଉଠି ସେ ଚାଲିଯିବାବେଳେ ଲକ୍ଷ୍ୟକଲି, କିଛି ଗୋଟାଏ ଛାତି ତଳର ଦୁଃଖ ତାକୁ ହନ୍ତସନ୍ତ କରୁଛି । ନ ହେଲେ କିଛି ଗୋପନ କଥାକୁ ଲୁଚାଇ ଦେବା ସକାଶେ ଅପଚେଷ୍ଟାର ଉଦ୍ୟମ ଜାରି ରଖୁଛି ।

କଥାଟି ନୀଳାମ୍ବର ପାଖରେ ସରିଲା ନାହିଁ ।

ସେ ଯିବାର ସପ୍ତାହଟିଏ ପରେ ନକୁଳା ଆସି ପହଞ୍ଚିଲା । ତା' ପଛେ ପଛେ ଥାଏ ସବିତାଅପା । ଅବଶ୍ୟ ସବିତାଅପାକୁ ନକୁଳା ଚିହ୍ନାଇ ଦେଇ ନ ଥିଲେ, ମୁଁ ଆଦୌ ତାକୁ ଚିହ୍ନିପାରି ନ ଥାନ୍ତି । ଆହୁରି କଳା ଦିଶୁଥାଏ ସବିତାଅପା । ଦାନ୍ତ

Digitized by PPRACHIN, SOA

ବାହାରି ପଡ଼ିଥାଏ ବାହାରକୁ, ଠେଲି ହୋଇ ଆସିବା ପରି । ନିଖୁଣ ମୁଗୁନି ପଥର ମୂର୍ତ୍ତି ପରି ଦିଶୁଥିବା ଦେହଟି ପାଲଟିଥାଏ କଙ୍କାଳସାର । ଗୋଟେ ଭୂତ ପରି ଠିଆହେଲା ସବିତାଅପା ମୋ ସାମନାରେ ।

ନକୁଳା ଅତି ଧୀରେ କହିଲା, ''ତୋ ପାଖକୁ ଗୋଟେ ଜରୁରୀ କାମରେ ଆସିଚୁ । ଖବର ପାଇଲୁ ଯେ ନୀଳାମ୍ବର ତୋ ପାଖକୁ ଆସିଥିଲା ତା' ଗ୍ରାଚ୍ୟୁଇଟି ଆଉ ପ୍ରୋଭିଡେଣ୍ଟଫଣ୍ଡ ଟଙ୍କା ନେବା ପାଇଁ । ସେ କ'ଣ ଏଠି ଗୋଟେ ଖାତା ଖୋଲିଲା, ସେଥିରେ ତା' ଟଙ୍କା ସବୁ ଆସି ଜମା ଦେବ । ସେଥିରେ ଟିକେ ସବିତାଅପା ନାଁଟିକୁ ପୂରାଇଦେବୁ ।

ଆଶ୍ଚର୍ଯ୍ୟ ହୋଇ ପଚାରିଲି, ''ସବିତାଅପା ନାଁ ତ ସେ ଲେଖିଥିବ । ତାକୁ ନୋମିନି କରିଥିବ ସେ । ମୁଁ ଆଉ କରିବି କ'ଣ ?''

''ନା, ସେ ତାହା କରି ନାହିଁ । କଲିକତାର ଆଉ ଗୋଟେ ସ୍ତ୍ରୀକୁ ସେ ନୋମିନି କରିଦେଇଯାଇଚି । ତୁ ତାହା ଜାଣିନୁ ।'' ଜୋର୍ ଦେଇ କହିଉଠିଲା ନକୁଳା ।

''ସେ କ'ଣ ସେଠି ଆଉ ଜଣକୁ ବିବାହ କରିଥିଲା ?'' ମୁଁ ପଚାରିଲି ।

ହଠାତ୍ କଇଁକଇଁ ହୋଇ କାନ୍ଦିଉଠିଲା ସବିତାଅପା । ଦୁର୍ବଳ ମୁହଁଟି ଲୁହରେ ଓଦା ଦିଶିଲା । ଅତି ଅସ୍ପଷ୍ଟ ସ୍ୱରରେ କହିଲା, ''ତା'ରି ପାଇଁ ମୋ ଘର ଉଜୁଡ଼ିଗଲା । କେତେ ସ୍ୱପ୍ନ ନେଇ କଲିକତାକୁ ଯାଇଥିଲି, ସେସବୁ ଚୂନା ହୋଇଗଲା ଖାଲି ତା' ପାଇଁ । ଯାତ୍ରା ପାର୍ଟିରେ ସେ ଅଭିନୟ କରୁଥିଲା । ଅଭାବ ଅସୁବିଧାରେ ଯାତ୍ରା ପାର୍ଟି ଭାଙ୍ଗିଯିବାରୁ ସେ ବେଳଅବେଳରେ ଆସି ଆମରି ଘରେ ରହୁଥିଲା ।''

''ଏକଥା ମୋତେ ନୀଳାମ୍ବର ଆଦୌ କହି ନାହିଁ ।''

ଏଇଠି ହସ୍ତକ୍ଷେପ ନ କରି ରହିପାରିଲା ନାହିଁ ସବିତାଅପା । ''ସେ କେଉଁ କଥା କହିଚି ? କହିଥିବ ମୁଁ ଗୋଟାଏ ଦୋଚାରୁଣୀ । ମୋର ଚରିତ୍ର ଖରାପ । ପରପୁରୁଷ ସଙ୍ଗରେ ସମ୍ପର୍କ ରଖିଥିଲି କଲିକତାରେ । ମୁଁ ଅସୁନ୍ଦରୀ... ।'' ଆଉ ଅଧିକ କିଛି କହିପାରିଲା ନାହିଁ ସବିତାଅପା । କାନ୍ଦିଲା ସୁଁ ସୁଁ ହୋଇ ।

ଏମିତି ଏକ ପର୍ଯ୍ୟାୟକୁ କଥାଟି ଟାଣିହୋଇ ଆସିବ, ତାହା ମୁଁ ଚିନ୍ତା କରି ନ ଥିଲି । ସବିତାଅପାକୁ ବୁଝାଇବାକୁ ଯାଇ କହିଲି, ''କିଛି ବି କହି ନାହିଁ ସେ ତମ ସମ୍ପର୍କରେ । ତମେ ଖାଲି ମିଛୁଟାରେ ବ୍ୟସ୍ତ ହେଉଚ । ସେ ଆସିଲେ ମୋ ପାଖକୁ, ସବୁ କଥା ବୁଝିବି । କେମିତି କ'ଣ ହୋଇପାରେ, ଉପାୟଟିଏ ଖୋଜି ବାହାର କରିବି ।''

Digitized by PPRACHIN, SOA

"ହଁ, ହଁ ତା'ଠାରୁ ସବୁକଥା ବୁଝିବ । ମୋତେ ଫିଲ୍ମ ପ୍ରଡ୍ୟୁସର ପାଖକୁ ରାତି ଅଧରେ ପଠାଇବା ପଛରେ ତା'ର କି ଉଦ୍ଦେଶ୍ୟ ଥିଲା ? ଫିଲ୍ମରେ ରୋଲ୍ କରିବା ପାଇଁ ଯେଉଁ ସ୍ୱାମୀ ନିଜ ସ୍ତ୍ରୀକୁ ବଳି ପକାଇବାକୁ ପଛାଏ ନାହିଁ, ସେ କି ମଣିଷ ! ସେହି ଅଭିମାନରେ ମୁଁ କଲିକତା ଛାଡ଼ି ଆସିଲି ଯେ ଆଉ ଗଲି ନାହିଁ । ଭାବିଥିଲି, ସେ ଆସି ମୋତେ ଗାଁରୁ ନେଇକରି ଯିବ । ସେ ଆସିଲା ନାହିଁ, ବରଂ ମୋ ନାଁରେ ଅପବାଦ ପ୍ରଚାର କଲା । ମୁଁ କୁଆଡ଼େ ଦୋଚାରୁଣୀ । ମାନୁଚି, ମୁଁ ଦେଖିବାକୁ ସୁନ୍ଦରୀ ନୁହେଁ । କିନ୍ତୁ ଦୋଚାରୁଣୀ ନୁହେଁ ।"

ସମର୍ଥ ନାରୀଟି ପୁରୁଷକୁ ଅଭିଭୂତ କରେ । ସମ୍ମୋହିତ କରେ । ସବିତାଅପା ସେହିପରି ଗୋଟେ ନାରୀ । ଯେତେ ଅସୁନ୍ଦର ହେଲେ ବି ତା' ଭିତରେ ସମ୍ମୋହିତ କରିବାର ଭାବଟି ଅଛି, ତାହା ବୋଧେ ଆବିଷ୍କାର କରିଥିଲା ନୀଳାମ୍ବର । ସେଇଥିପାଇଁ ତାକୁ ପଠାଇଥିଲା ପ୍ରଡ୍ୟୁସର୍ ପାଖକୁ ବୋଧେ । ଭାଙ୍ଗିରୁଜି ଯାଉଥିବା ସ୍ୱପ୍ନଟିକୁ ସଳଖି ଠିଆ କରିଦେବା ପାଇଁ । ସେ ବୋଧେ ଜାଣି ନ ଥିଲା, ସ୍ୱପ୍ନଟି ଘର ପରି ନୁହେଁ । ଥରେ ଭାଙ୍ଗିଗଲେ ତାହା ଆଉଥରେ ଗଢ଼ିଉଠିବା କଥାଟି ଭାବିବା ସମ୍ପୂର୍ଣ୍ଣ ନିରର୍ଥକ । ଯାତ୍ରା ପାର୍ଟି ଭାଙ୍ଗିଯିବା ପରେ ଫିଲ୍ମ ଜଗତ ଭିତରକୁ ପଶିଯିବା ପାଇଁ ଏଇ ଅପଚେଷ୍ଟାଟି ଗୋଟେ ଜୀବନକୁ ଆଶ୍ରୟହୀନ କରିଦେଲା, ତାହା ବୋଧେ ଆଜିଯାଏ ଜାଣିପାରିଲା ନାହିଁ ସେ ।

ନକୁଳା ପଚାରିଲା, "କ'ଣ ହେଇପାରିବ ବୋଲି ଭାବୁଚୁ ?" ସବିତାଅପାର ଅବସ୍ଥା ଭାରି ଖରାପ । ଏବେ ନୀଳାମ୍ବର ଗାଁରେ ଅଛି । ତା' ସାଙ୍ଗରେ କଲିକତାରୁ ଆସିଚି ସେ ସ୍ତ୍ରୀଲୋକଟି । ଯାହାକୁ ସେ ସ୍ତ୍ରୀ ବୋଲି ବ୍ୟାଙ୍କରେ ପରିଚୟ ଦେଇଥିବ । ଆଉ ସବିତାଅପାର ନାଁ କେଉଁଠି ବି ଉଲ୍ଲେଖ କରି ନ ଥିବ । ତୁ ଥରୁଟିଏ ଚିନ୍ତାକର । ସବିତାଅପାର କ'ଣ କିଛି ଅଧିକାର ନାହିଁ ନୀଳାମ୍ବର ଉପରେ ? ତା' ଟଙ୍କାପଇସା ଉପରେ ? ସେ କିଛି ଭାଗ ପାଇବ ନାହିଁ ତା' ଗ୍ରାଚ୍ୟୁଇଟି ଆଉ ପ୍ରୋଭିଡେଣ୍ଟଫଣ୍ଡ ଟଙ୍କାରୁ ?"

ସବୁ ଭାଙ୍ଗିଯାଇଥିବାର, ଭୁଶୁଡ଼ି ପଡୁଥିବାର, ଛିନ୍ନଛତ୍ର ହୋଇଯାଉଥିବାର ଦୃଶ୍ୟ । ବିଡ଼ମ୍ବନାର କଥା ହେଉଚି, ଏହି ଦୃଶ୍ୟଟିରେ ସବିତାଅପାର ଘର ଭୁଶୁଡ଼ି ପଡ଼ିଲା ସାହସିକ ଓ ଦୃଢ଼ବିଶ୍ୱାସଭରା ମନଟିଏ ଥିବା ସତ୍ତ୍ୱେ, ଶ୍ରଦ୍ଧା ଓ ପରିଶ୍ରମ ବିନିମୟରେ ତିଆରି ହୋଇଥିବା ଘରଟି, ଠିକ୍ ଦି' ବର୍ଷ ପରେ ।

ଏତେ ଦିନ ପରେ ସବିତାଅପା ସେହି ଘରକୁ ଖୋଜିବାର ଅଭିପ୍ରାୟଟି ଯେ ବୃଥା ତାହା ସୂଚେଇଁ ଦେବା ପାଇଁ ମୁଁ ଭରସି ପାରିଲି ନାହିଁ । କିନ୍ତୁ ପଦଟିଏ କହିବା

Digitized by PPRACHIN, SOA

ପାଇଁ ଉଚିତ ମଣିଲି, ''ଅଧିକାର ନାହିଁ ବୋଲି କିଏ କହିଲା ? ଅଧିକାର ଅଛି । ସବିତାଅପାଙ୍କୁ ନୀଳାମ୍ବରର ପତ୍ନୀ ବୋଲି ପ୍ରମାଣ ଦେବାକୁ ହେବ । ତେବେ ଯାଇ ତା'ର ଅଧିକାର ସାବ୍ୟସ୍ତ ହେବ । ସେ ସମସ୍ତ ଟଙ୍କାରୁ ଭାଗ ପାଇବ ।''

ବିସ୍ମିତ ଓ ବିରକ୍ତ ହୋଇପଡ଼ିଲା ହଠାତ୍ ସବିତାଅପା । କହିଲା, ''କ'ଣ ତୁ କହୁଚୁ ? ମୋତେ ସ୍ତ୍ରୀବୋଲି ପ୍ରମାଣ ଦେବାକୁ ହେବ । କାହା ଆଗରେ ଦେବି କହ ? ସେ ନୀଳାମ୍ବର ଆଗରେ ? ଛି... ! ମୋର ଦରକାର ନାହିଁ ଟଙ୍କା । ବର୍ଷ ବର୍ଷ ଧରି ତା' ବାଟକୁ ଚାହିଁ ବସିଥିଲି । ସେ ଆସି ମୋ ହାତ ଧରି ନେଇଯିବ କଲିକତା । ତା' ହେଲା ନାହିଁ । ଅଥଚ ରାତି ଅଧରେ ତା' ହାତଧରି ତାକୁ ମୁଁ ନେଇ ଯାଇଥିଲି ବାଟଅବାଟ ନ ମାନି । ଆଉ ଏ ବୟସରେ କ'ଣ ଅଛି ଯେ ମୁଁ ତା' ଆଗରେ ଠିଆ ହେବି, କାକୁତି ମିନତି ହେବି, ତା' ଆଶ୍ରାରେ ଚଳିବି ? ତା' ହେବ ନାହିଁ । ଯେମିତି ଚଳୁଚି, ସେମିତି ଚଳିଯିବି । ସତରେ ତୁ କ'ଣ ଭାବୁଚୁ, ମୁଁ ତା' ଟଙ୍କାରେ ଭାଗ ବସାଇବାପାଇଁ ନକୁଳା ସଙ୍ଗରେ ଆସିଚି ? ତାହା ଠିକ୍ ନୁହେଁ । ଖାଲି ଏତିକି କହିଦେବାକୁ ଚାହୁଁଚି, ନୀଳାମ୍ବର ହେଉଚି ମୋ ସ୍ୱାମୀ ।''

ସ୍ତମ୍ଭୀଭୂତ ହୋଇପଡ଼ିଲି ମୁଁ । ଅତିକ୍ରାନ୍ତ ବୟସରେ ବି ସବିତାଅପା ଜଣା ପଡ଼ିଲା ପିଲାଟିଏ ପରି । ଜିଦ୍ ଛାଡ଼ି ନାହିଁ । ଏବେବି ସେ ସେମିତି କହୁଚି, ରଜାରାଣୀ ଖେଳରେ ସେ ରାଣୀ ହେବ, ବୋହୂଚୋରି ଖେଳରେ ସେ ବୋହୂ ହେବ ଏବଂ ଲୁଚକାଳି ଖେଳର ଆରମ୍ଭ ବେଳେ ସେ ଚୋର ହିଁ ହେବ ।

ମନେହେଲା, ଏ କଥାଟି କେବଳ ସବିତାଅପାର ନୁହେଁ, ବରଂ ପ୍ରତ୍ୟେକ ସମର୍ଥ ନାରୀର ନିର୍ଭୀକ ସ୍ୱର ଏବଂ ସ୍ୱରଟି ଆଦୌ ନିରୁପାୟ, ଅସହାୟ ନାରୀର ନୁହେଁ, ବରଂ ଗୋଟେ ଦୃଢ଼ବିଶ୍ୱାସର ତପସ୍ୟାରେ ଧ୍ୟାନସ୍ଥ ହୋଇଥିବା ପତ୍ନୀର ।

Digitized by PPRACHIN, SOA

ଶବ୍ଦମେଘ

ଆକାଶ ମେଘ ଦେ' । ନଈ ପାଣି ଦେ' । ଗଛ ଫୁଲ ଦେ' ।

ନଅ, ଦଶ ବର୍ଷର ଝିଅଟିର କୋମଳ ଓଠରୁ ଶବ୍ଦ କୋଡୋଟି ଝରିପଡ଼େ, ପାଣି ଟୋପା ପରି । ଆଖି ଯୋଡ଼ିକ ଗହୀରିଆ । ବିଶ୍ୱାସରେ ଭରା । ଛିଣ୍ଡା ଫ୍ରକ୍ । ଧୂଳିମଖା ପାଦ । ନହନହକା ଦେହ ।

ଥଣ୍ଡା ଥଣ୍ଡା ପବନ ଛୁଇଁଦିଏ ଗଛର ଡାଳ, ପତ୍ର ଓ ଫୁଲ । ଆକାଶରୁ ତାରା ଖସିଲା ପରି ଗୋଟି ଗୋଟି ହୋଇ ଖସିପଡ଼େ ଗଙ୍ଗଶିଉଳି ଫୁଲ ! ସେହି ଝିଅର ଆଞ୍ଜୁଳି ଭରିହୋଇଯାଏ ଫୁଲରେ । ସେ ଥରୁଟେ ଗଛକୁ କୃତଜ୍ଞତା ଦୃଷ୍ଟିରେ ଚାହିଁଦେଇ ଫାଟକ ବାହାରକୁ ବଢ଼ାଏ ପାଦ । ଅତି ସନ୍ତର୍ପଣରେ ।

ବର୍ଷା ସକାଳ । ଚାରିଆଡ଼ କୁହୁଡ଼ି ପରି ଓଦା ଓଦା । ଘାସରେ, ପତ୍ରରେ ପାଣିଟୋପା । ଟିକିଏ ପବନ ହେଲେ ପାଣିଟୋପା ଖସି ପଡ଼ିବାର ସମ୍ଭାବନା ଯଥେଷ୍ଟ । ଲନ୍‌କୁ ନ ଯାଇ ମୁଁ ବସି ରହିଥାଏ ବାରଣ୍ଡାରେ । ବାରଣ୍ଡାଟି ସେତେ ଲମ୍ବା ନୁହେଁ, ବରଂ ଦଶ ପନ୍ଦରଟି ଫୁଲକୁଣ୍ଡ ଭିତରେ ନିଜ ସ୍ଥିତିକୁ ହଜାଇ ଦେଇଥାଏ ଯେମିତି । ତଥାପି ଛୋଟ ବାରଣ୍ଡାକୁ ଛୁଇଁକରି ଥିବା ଲନ୍ ଏବଂ ଫୁଲରେ ନଇଁପଡ଼ିଥିବା ଗଛଗୁଡ଼ିକୁ ଦେଖି ମୁଁ ଏଇ ଘରଟିକୁ ଭଡ଼ାରେ ନେଇଛି । ସହରଠାରୁ ଦୂରରେ ଘରଟିର ଅବସ୍ଥିତି ପାଇଁ ମୋତେ ଅଫିସ୍‌କୁ ଯିବାଆସିବା କରିବାରେ ଅସୁବିଧା ହେଲେ ବି ମୁଁ ଏଠି ରହୁଛି । ଏହା ପଛରେ ଥିବା ଯୁକ୍ତିଯୁକ୍ତ କାରଣଟି ହେଉଛି କୋଳାହଳଶୂନ୍ୟ ପରିବେଶ ।

ଘର ଚାରିପଟରେ ଅଛି ଉଚ୍ଚା ପାଚେରି । ସାମନାରେ ନାଲିଗୋଡ଼ି ରାସ୍ତା । ଠିକ୍ ତା' ଆରପଟରେ ଗୋଟିଏ ଛୋଟ ବସ୍ତି । ଲଗାଲଗି ହୋଇ ଦଶପନ୍ଦରଟି ଝୁମ୍ପୁଡ଼ି ଘର । ଚାଳ ଛପର । ଭଙ୍ଗା କବାଟ । ଲିପାପୋଛା ଅଗଣା । ଖୁଣ୍ଟରେ ତିନିଚାରୋଟି ଛେଳି । ପାକୁଳି କରୁଥିବା ଗାଈ । ଛିଣ୍ଡା ଚଟେଇରେ ଗଡୁଥିବା ଅଧାଲଙ୍ଗଳା ପିଲା କେତୋଟି । ସବୁ ଯେମିତି ଜଣାପଡ଼େ ବିଶ୍ୱସନୀୟ ଓ ପ୍ରତିକ୍ରିୟାହୀନ ।

Digitized by PPRACHIN, SOA

ଅଧରାତିରେ ବେଳେବେଳେ ଶୁଣାଯାଏ ବଂଶୀର ସ୍ୱନ । ନ ହେଲେ କଦବା କେମିତି କେଉଁ ନିଦ ବାଉଳା ଚଢ଼େଇର ସ୍ୱର । ଝିଙ୍କାରିର ଝିଁ ଝିଁ ସ୍ୱର ଏଠି ଶୁଣିବା ଅତି ସ୍ୱାଭାବିକ କଥା । ବେଙ୍ଗମାନଙ୍କର କୋରସ୍ ମୋତେ ଆମୋଦିତ କରେ । କଜଳପାତିକୁ ସହରରେ ଦେଖିବା ସ୍ୱପ୍ନ । ଆକାଶରେ ଦୋଳି ଖେଳିବାପରି କଜଳପାତିଟି ଉଡ଼ି ଉଡ଼ି ଡେଣାଲଗା ଉଇଗୁଡ଼ିକୁ ଖାଇବା ଦୃଶ୍ୟଟି ମୋତେ ନେଇଯାଏ ଅନେକ ପଛକୁ । ମନେ ପକାଇଦିଏ ମୋ ଶୈଶବର ସ୍ମୃତିକୁ ।

ଧାନ ଗୋହିରି । ପାଚିଲା ଧାନର ମିଠା ମିଠା ମହକ । ନଅ, ଦଶ ବର୍ଷର ଝିଅଟି ସାରୁପତ୍ର ଭିତରେ କଙ୍କିଟିକୁ ଧରିବାପାଇଁ ଧାଉଁଥିବ ସେହି ଗୋହିରି ଭିତରେ । କଙ୍କିଟି ଉଡ଼ିଯାଇ ବସୁଥିବ ଏଠି ସେଠି । ପାଚିଲା ଧାନକେଣ୍ଡା ଉପରେ, ଘାସ ଉପରେ । ଝିଅଟିର ଧଡ଼ିଛିଣ୍ଡା ଫ୍ରକ୍‌ଟି ଉଡୁଥିବ ପବନରେ । ତେଲ ନ ଲାଗିଥିବା ଫୁର୍‌ଫୁର୍ କେଶକୁ ପବନ ସାଉଁଳାଇ ଦେଉଥିବ ।

ବସିଥିବି ବହି ବସ୍ତାନି ଧରି ମୁଁ ହିଡ଼ ଉପରେ । ଚାହିଁ ରହିଥିବି ତା' ମୁହଁରେ ଦେଖିବାପାଇଁ ମୁଗ୍‌ଧ ହସର ରେଖା । ସେ ଧାଉଁଥିବ କଙ୍କି ପଛରେ । ଝାଳରେ ଓଦା ଓଦା ଦିଶୁଥିବ ତା' ମୁହଁ, ତା' ଦେହ ।

ସେହି ଝିଅଟି ଏବେ କେଉଁଠି ଥିବ ମୁଁ ଜାଣି ନାହିଁ । ତା' କୋମଳ ପାଦର ସ୍ପର୍ଶରେ ଗୀତ ଗାଉଥିବା ପାଚିଲା ଧାନ ଗୋହିରି ସେହି ସ୍ମୃତିକୁ ଆଜିଯାଏ ଧରି ରଖିବା ପାଇଁ ସମର୍ଥ ହୋଇଥିବ କି ନାହିଁ ତାହା ବି ଜାଣି ନାହିଁ । ମାତ୍ର ଆଜି ଅନୁଭବ କରୁଛି, ସେହି ଝିଅଟିର ହସ, କାନ୍ଦ, ଅଭିମାନ ଓ ଭଲପାଇବା ମୋ ଭିତରେ ଜୀଇଁ ରହିଛି । ଏବଂ ମୋ ଭିତରେ ତାକୁ ମୁଁ ଖୋଜୁଛି ।

ଫାଟକ ଖୋଲି ଅଚିହ୍ନା ଝିଅଟିଏ ଗଙ୍ଗଶିଉଳି ଗଛ ମୂଳରେ ଆସି ଠିଆହେଲେ, ମୋତେ ଲାଗୁଛି ସେହି ଝିଅଟି ଆସି ଠିଆହୋଇଛି ବୋଧେ । ସେ ଫୁଲ ନେଇ ଚାଲିଯିବାପରେ ବି ମୋତେ ଶୁଣାଯାଉଚି ତା' ପାଦର ଶବ୍ଦ । ଏବଂ ମଧ୍ୟ ତା' ନିଶ୍ୱାସକୁ ମୁଁ ଛୁଇଁପାରୁଛି । ତା'ଠାରୁ ଅନେକ ଦୂରକୁ ଚାଲି ଆସିଥିଲେ ବି ସେ ମୋତେ ଛନ୍ଦି ଧରୁଛି । ମୁଗ୍‌ଧ ଚାହାଁଣିରେ ମୋତେ ବାକ୍‌ଶୂନ୍ୟ କରିଦେଉଛି ।

କହିବା ବାହୁଲ୍ୟ, ସେହି ନଅ, ଦଶ ବର୍ଷର ଝିଅଟି ମୋ ଆଗରେ ଅପରୂପା ତରୁଣୀଟିର ରୂପ ନେଉଛି । ଏଠି ଆପଣଙ୍କ ଆଗରେ ମୁଁ ତା' ରୂପର ବର୍ଣ୍ଣନା କରିବାକୁ ଚାହୁଁ ନାହିଁ । ଏକଥା ସତ, ମୋ ମନକୁ ଚହଲାଇ ଦେଇପାରୁଥିବା ସେହି ତରୁଣୀଟି ଯେ. ନିଶ୍ଚିତ ଭାବେ ମୋହିନୀର ରୂପ ନେଇସାରିଛି ତାହା ମୋତେ ମାନିନେବାକୁ ହେଉଛି ।

Digitized by PPRACHIN, SOA

ଦୂରରେ କେଉଁଠି ଚଢ଼େଇଟିଏ ଗୀତ ଗାଉଛି ! ମନେହେଉଛି, ଗୀତ କେହି ଗାଉ ନାହିଁ, ବରଂ ମୋ ଭିତରୁ ସେହି ଝିଅଟିର ସ୍ୱର ମୋତେ ଶୁଣାଯାଉଛି । ସେ ମୋତେ ଡାକୁଚି ଅନେକ ଦୂରରୁ । କାହିଁକି ସେ ଡାକୁଚି, ତାହା ମୁଁ ଜାଣି ନାହିଁ । ମୋତେ ଖାଲି ଶୁଣାଯାଉଚି ତା' ସ୍ୱର, ଅଧା ଅଧା ଅନ୍ଧାର ଭିତରେ ।

ଧୀରେ ଧୀରେ ଫର୍ଚ୍ଚା ହୋଇ ଆସୁଚି ସକାଳ । କୁହୁଡ଼ିଆ ମୁହଁଟି ଦିଶୁଚି ବେଶ୍ ପରିଷ୍କାର, ସତେଜ । ଡାଳ, ପତ୍ର ଓ ଫୁଲ ଭିତରୁ ଅପସରି ଯାଉଛି ଅନ୍ଧାର ।

ଅଧାମେଲା ଫାଟକ ଆଡ଼କୁ ଚାହିଁ ମୁଁ ଚଉକିରୁ ଉଠିଲି । ଏବଂ ଲନ୍‌କୁ ଆସିଲି । ମୋ ଭିତରେ ଅଣନିଶ୍ୱାସୀ ହେଉଥିବା ଅତୀତର ସ୍ମୃତିଟି ଖେଳାଇ ହୋଇଗଲା । ମାଟିରେ, ପବନରେ ଓ ଆକାଶରେ ।

ରାସ୍ତା ଏବେବି ଶୂନ୍‌ଶାନ୍ । କେହି ଚଳପ୍ରଚଳ ହେବାର ମୁହୂର୍ତ୍ତଟି ବୋଧେ ଆସି ନାହିଁ । ମାତ୍ର ଏହି ସମ୍ଭାବନାକୁ ଅସ୍ୱୀକାର କରି ସ୍ତ୍ରୀଲୋକଟିଏ ଫାଟକ ବାଟେ ଆସିଲା । ସେ ଏହି କିଛିଦିନ ହେଲା ଆସି ଘରକାମ କରୁଛି । ତଳକୁ ମୁଣ୍ଡପୋତି ସେ ଯାଉଥିବାବେଳେ ମୁଁ ତାକୁ ପଚାରିଲି, 'ଏ ଯେଉଁ ଝିଅଟି ଫୁଲ ଆଞ୍ଜୁଳାଏ ନେଇକରି ଗଲା, ତମେ ତାକୁ ଚିହ୍ନିଛ ?''

''ମିତାଲୀ କଥା ବାବୁ ପଚାରୁଛ ତ ! ଭାରି ଦୁଃଖୀ ପିଲାଟି । ଏଇ ଆରପଟ ବସ୍ତିରେ ସେ ରୁହେ । ବାପାଟା ସବୁବେଳେ ମଦପିଇ ମାତାଲ । ମା' ତା'ର ଘର ଚଳାଏ । ଏଠିସେଠି ମୂଲ ଲାଗେ । ଭଲ ଘରର ଝିଅ ଆଜ୍ଞା । ଗୋଟାଏ ମଦୁଆ ପାଲରେ ପଡ଼ିଗଲା । ଘରଛାଡ଼ି ତା' ସହ ପଳାଇଆସିଲା । ସେହିଦିନଠୁ ସେ ଆଉ ତା' ବାପଘରକୁ ଯାଇପାରେ ନାହିଁ । ଭାଗ୍ୟକୁ ନିନ୍ଦି ପଡ଼ିରହିଛି ମଦୁଆ ଗେରସ୍ତ ପାଖରେ । ଆଗରୁ ଏହି ଘରେ ଯେଉଁ ବାବୁ ଥିଲେ ତାଙ୍କ ପାଖରେ ସେ କାମଦାମ କରୁଥିଲା । ଆଉ ମିତାଲୀକୁ ସେ ବାବୁ ବି ଅତି ଭଲ ପାଉଥିଲେ । ସେ ଏଠୁ ଫୁଲ ନେଲେ କେହି କିଛି କହୁ ନ ଥିଲେ ।''

''ଆରେ ଦେଖ, ଏ ନେଉଳଛୁଆଟା କେଉଁଠୁ ଆସି ଗାଧୁଆଘରେ ପଶିଲାଣି !''

ହଠାତ୍ ଚମକିପଡ଼ିଲା ସ୍ତ୍ରୀଲୋକଟି । ତରତର ହୋଇ ଘର ଭିତରକୁ ଚାଲିଗଲା ।

ଅନେକ ସମୟରେ ନେଉଳ, ବେଙ୍ଗ ଓ ପାରା ଘର ଭିତରକୁ ପଶି ଆସନ୍ତି । ସ୍ୱପ୍ନା ବିସ୍ମିତ ହୋଇ ପାଟି କରେ । କେବେ କେମିତି ତା' ସ୍ୱରରେ ଭୟର ଚିହ୍ନ ବି ଥାଏ ।

ମୋତେ କିନ୍ତୁ ଏହି ଆଗନ୍ତୁକଗୁଡ଼ିକ ବେଶ୍ ଭଲ ଲାଗନ୍ତି । ଥରେ ନାଳୁଆ ଦେଇ ଗୋଟେ କଉମାଛ ଅଗଣା ଭିତରେ ହାଜର । ଲାଞ୍ଜ ପିଟି ଖେଳୁଥାଏ ଅଳ୍ପ ପାଣିରେ ।

Digitized by PPRACHIN, SOA

ସ୍ୱପ୍ନା ତାକୁ ଦେଖି ଚିତ୍କାର କରିବା ପୂର୍ବରୁ ମୁଁ ତାକୁ ଉଠାଇଆଣି ପାଣି କୁଣ୍ଡ ଭିତରେ ଛାଡ଼ିଦେଲି । ସେ ପହଁରିଲା । ଖେଳିଲା । ସତେଯେମିତି ନୂଆ ଦୁନିଆକୁ ଚାଲିଆସିଛି । ଯେଉଁଠି ଟିକିଏ ହେଲେ ବି ଡର ନାହିଁ ।

ସେହି ଝିଅଟି ବୋଧେ ଏମିତି ଗୋଟେ ଦୁନିଆକୁ ଚାଲିଯାଇଛି, ତା' ଚାରିପଟେ ଅଛି ସୁଖ । ଖାଲି ସୁଖ । ହଳଦି ରଙ୍ଗର ଧାନକ୍ଷେତ ପରି ପ୍ରାଚୁର୍ଯ୍ୟର ସୁଖ ତାକୁ ବେଢ଼େଇ ଧରିଛି । ସେ ସେଠୁ ମୁକୁଳିବାକୁ ଚାହିଁଲେ ବି ମୁକୁଳି ପାରୁ ନ ଥିବ । ସାରୁପତ୍ର ଭିତରେ ଅଧିକ ନିରାପଦରେ ରହିଥିବା କଥା ଭାବି ପ୍ରଜାପତିଟି ଶୋଇପଡ଼ିବା ପରେ ଆଉ ଯେମିତି ଆଖିପତା ଖୋଲି ନ ପାରେ, ଠିକ୍ ସେମିତି ସେ ଶୋଇଯାଇଥିବ । ଯେତେ ଜୋର୍‌ରେ ଡାକିଲେ ବି ତା' ନିଦ ଆଉ ଭାଙ୍ଗିବ ନାହିଁ ।

ସ୍ୱପ୍ନାର ଡାକ ଅଚାନକ ମୋତେ ଶୁଭିଲା, "ଶୁଭକାନ୍ତ ।"

ପଛକୁ ଫେରି ଚାହିଁଲି ।

ସୁନେଲି ଖରାରେ ତା' ମୁହଁ ଉଜ୍ଜ୍ୱଳ ଦିଶୁଥାଏ । ଅଳ୍ପ ଅଳ୍ପ ହସ । ସତେଯେମିତି ସେ କହୁଥାଏ – ବୁଲିବା ସେତିକି ଥାଉ । ଘର ଭିତରେ ଆସି ବସ । ତମକୁ ଶ୍ୱାସରୋଗ ବୋଲି କ'ଣ ଭୁଲିଗଲ ?

ଭୁଲିଯିବା ହିଁ ମଣିଷର ଅଭ୍ୟାସ ।

ଭୁଲାପଣିଆ ଯୋଗୁଁ ମଣିଷଟି ଖୁସିରେ ରୁହେ ବୋଲି ମୋର ବିଶ୍ୱାସ । ନ ହେଲେ ପତ୍ର ଖସିପଡ଼ିବାର ଦୃଶ୍ୟଟି ତା' ସହ ଯଦି ଚିରକାଳ ରହୁଥାନ୍ତା, ତେବେ ସେ ଟିକିଏ ଶାନ୍ତିରେ ନିଃଶ୍ୱାସ ନେଇପାରିବାର ସମ୍ଭାବନା ନ ଥାନ୍ତା । ତେଣୁ ଆଗକୁ ପାହୁଣ୍ଡ ବଢ଼ାଇବାର ଶକ୍ତି ଫେରିପାଇବା ସହ ସେ ସବୁକିଛି ଭୁଲିଯାଏ ।

ଅଥଚ ମୁଁ ଭୁଲିପାରୁ ନାହିଁ । ସବୁକିଛି ଆଗକୁ ଆଗେଇ ଯାଉଥିବାବେଳେ ମୁଁ ସ୍ଥିର ରହିଛି । ଖରା ପରେ ବର୍ଷାଋତୁ ଆସିଛି । ଛୋଟ ବଗିଚାରେ ଭରିଯାଇଛି ଜାତିଜାତିକା ଫୁଲ । କିନ୍ତୁ ମୁଁ ରହିଯାଇଛି ସ୍ଥିର ହୋଇ ପାଚିଲା ଧାନର ଋତୁରେ । ବର୍ଷ ପରେ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ମୁଁ ସେହି ଗୋଟିଏ ଋତୁର ମହକରେ ଅଟକି ଯାଇଛି । କାହିଁକି କେଜାଣି ସେ କଥା ଠିକ୍ ରୂପେ କହିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । କାରଣ ସବୁତକ ଶବ୍ଦ ବନ୍ଦୀ ହୋଇ ରହିଛନ୍ତି ସେହି ନଅ, ଦଶ ବର୍ଷ ଝିଅର ସ୍ୱର ଭିତରେ ।

ସେହି ଝିଅର ସ୍ୱରରେ ଆକାଶ ନିର୍ବାକ୍ । ପୃଥିବୀ ଅବସନ୍ନ ।

Digitized by PPRACHIN, SOA

ଏକଥା ସତ, ସେହି ଅବସନ୍ନ ପୃଥିବୀରୁ ଦୂରେଇ ହୋଇ ରହିବା ସକାଶେ ମୁଁ ଖୋଜେ କୋଳାହଳଶୂନ୍ୟ ପରିବେଶ । ସହରଠାରୁ ଦୂରରେ ହେଲେ ବି ମୋତେ ଏଠି ରହିବା ପାଇଁ ଭଲ ଲାଗୁଛି । ମୁଖ୍ୟ କାରଣଟି ହେଉଚି, ଏଇ ପରିବେଶରେ ସେହି ଝିଅଟିର ସ୍ମୃତିକୁ ମୁଁ ଧରି ରଖିପାରିବି ବୋଲି ବିଶ୍ୱାସଟିଏ ମୋ ଭିତରେ ଭରି ରଖିଛି ।

ସେହି ସ୍ମୃତିଟି ଯେତିକି ପୁରୁଣା ହେଉଥାଏ, ସେତିକି ଛଳଛଳ ଲାଗୁଥାଏ ଜୀବନ । ନ ହେଲେ ଅଚିହ୍ନା ଝିଅଟି ଆଞ୍ଜୁଳାଏ ଫୁଲ ନେଇ ଫାଟକ ବାହାରକୁ ବାହାରିଯିବା ବେଳେ, ମୁଁ କାହିଁକି ଭାବିଥାନ୍ତି, ସେହି ଝିଅଟି ପାଲଟି ଯାଇଛି ସୁନ୍ଦରୀ ତରୁଣୀ ।

କେହି କ'ଣ ଏକଥା ଭାବିପାରେ !

ଜୀବନର ଆବଶ୍ୟକତା ଓ ଦାବି କେଉଁ ପ୍ରତିଶ୍ରୁତିକୁ ଅପେକ୍ଷା କରି ରହିଛି ?

ମୁଁ ବିବାହ କରିସାରିଛି । ମୋ ପତ୍ନୀ ସ୍ୱପ୍ନା ଅସୁନ୍ଦରୀ ନୁହେଁ ବୋଲି ସ୍ୱୀକାର କରିବି । ତେବେ ଏକଥା କାହିଁକି ଘଟୁଛି ? ମୁଁ କ'ଣ ସେହି ଝିଅଟିକୁ ଭଲ ପାଇବସିଥିଲି ?

ମୁଁ ତା'ଠାରୁ ବର୍ଷେ ନ ହେଲେ ବି ଦି'ବର୍ଷ ବଡ଼ ହେବି । ତା' ଭାଇ କଲିକତାରୁ ଆଣିଥିବା ଚକୋଲେଟକୁ ନ ଖାଇ ଅତି ଯତ୍ନରେ ସେ ମୋ'ପାଇଁ ଆଣୁଥିଲା । ନ ହେଲେ କେବେ କେମିତି ତା' ମାଆ ତିଆରି କରିଥିବା ପୋଡ଼ପିଠା । ମୁଁ ସେସବୁ ଖାଇଲାବେଳେ ସେ ଖୋଲା ମନରେ ହସୁଥିଲା । ମୁଁ ତା' ପାଇଁ କିଛି ଆଣୁ ନ ଥିଲି, ବରଂ ଖାଇସାରିବା ପରେ ତା' ଫୁର୍‌ଫୁର୍ ଉଡୁଥିବା କେଶକୁ ଟାଣିଦେଉଥିଲି ।

ଏହାକୁ କ'ଣ ଭଲପାଇବା କୁହାଯାଏ ?

ସେ ଖତେଇ ହୋଇ ଦୌଡ଼ି ପଳାଇ ଯାଉଥିଲା । ତା' ପଛେ ପଛେ ମୁଁ । ଧରାପଡ଼ିଯାଏ ସେ । ନହନହକା ଗୋଡ଼ରେ ସେ ବେଶି ବାଟ ଦୌଡ଼ିପାରେ ନାହିଁ । ନା, ଜାଣିଶୁଣି ସେ ଧରାଦିଏ । ଏକଥା ଆଜି ଭାବିଲାବେଳକୁ ମୋ ଭିତରେ ଶିହରଣ ଖେଳିଯାଉଛି । ସଂପ୍ରସାରିତ ହୋଇଯାଉଛି ମନ । ଏଇ ଯେମିତି ମୁଁ ଉଡ଼ିଯିବି ପବନରେ । ପହଞ୍ଚିଯିବି ତା' ପାଖରେ । ଦୁଇ ପାପୁଲିରେ ତା' ମୁହଁକୁ ରଖି କହିବି ତୋତେ ଭୁଲି ନାହିଁ । ସତ କହୁଚି, ତୋତେ ଭୁଲି ନାହିଁ । ତୋ ଚିଠି ପାଇଥିଲି । ଅବଶ୍ୟ ଚିଠି ପାଇଲାବେଳକୁ ମୋ ପରୀକ୍ଷା ଚାଲିଥିଲା । ପରୀକ୍ଷା ସାରି ଯିବାବେଳକୁ ତୁ ଗାଁ ଛାଡ଼ି ପଳାଇ ଯାଇଥିଲୁ । ତୋତେ ଅନେକ ଖୋଜିଛି ।

ମୁହଁ ଫୁଲାଇ ସେ କହିବ, ସବୁ ମିଛ କଥା । ତମେ ମୋତେ ଜମା ଖୋଜି ନାହଁ । ମୁଁ ତ ତମ ଭିତରେ ଅଛି ।

Digitized by PPRACHIN, SOA

ଚମକିଲା ପରି ଆଉ ଗୋଟେ ଶିହରଣ ।

ସେହି ଝିଅଟିର ଆଖିରେ ଢଳ ଢଳ ହେଉଥିବ ଲୁହ । ଘାସ ଉପରେ ପଡ଼ିଥିବା କାକର୍ ଟୋପା ପରି । ସେ କାନ୍ଦିବ । ମୋ ପାପୁଲି ଭିତରେ ତା’ ମୁହଁଟି ଦିଶିବ ଓଦା ଓଦା ।

ପାପୁଲି ଆଉ ଧରି ରଖିପାରିବ ନାହିଁ ପ୍ରେମ, ବିଶ୍ୱାସ ।

ସବୁକିଛି ହୁଗୁଳା ହୋଇଗଲା ପରି ବୋଧ ହେବ । ସମସ୍ତ ଶକ୍ତି ଓ ଧୈର୍ଯ୍ୟ ହରାଇ ବସିବ ଦେହ । ଦୁର୍ବଳ ହୋଇପଡ଼ିବ ସମ୍ପର୍କ । ମୁଁ କହିବି, ମୋର ଆସିବାରେ ଡେରି ହେବା କଥାଟି ସତ । କିନ୍ତୁ ମୁଁ ଆସିବାଯାଏ ତୁ ଅପେକ୍ଷା କରି ରହିପାରିଲୁ ନାହିଁ କାହିଁକି ?

ମୁଁ ଜାଣେ, ସେ ନୀରବ ରହିବ । ମୋ ପ୍ରଶ୍ନର ଉତ୍ତର ଆଦୌ ଦେଇପାରିବ ନାହିଁ । ଖାଲି କାନ୍ଦିବ ।

ଆଖିରୁ ଗଡ଼ି ଆସୁଥିବା ଲୁହକୁ ଲୁଗାକାନିରେ ପୋଛି ଭାଗ୍ୟକୁ ନିନ୍ଦିବ । ଏହି କାମଟି ତା’ ପାଇଁ ଅତି ସହଜ ହେବ । ତା’ କାନ୍ଦକୁ ବନ୍ଦ କରିବା ପାଇଁ ମୋତେ ତାକୁ ବୁଝାଇବାକୁ ପଡ଼ିବ । ସେହି ବୁଝାଇବା ଅବସରରେ ଆମେ ଦୁହେଁ ଭାବୁଥିବୁ, ଯେତେ ବାଟ ଆଗକୁ ଚାଲିଆସିଚୁ ସେତେ ବାଟ ପଛକୁ ଫେରିଗଲେ କ୍ଷତି କ’ଣ ? ସେଠି ପହଞ୍ଚିଗଲା ପରେ ଆଉ ଥରେ ଦୁହେଁ ନୂଆକରି ବାଟ ଚାଲିବୁ ।

ତାହା ହେବ ନାହିଁ । କିଛି ସମୟ ପରେ ପରସ୍ପରକୁ ଚାହିଁ ଆମେ ଦୁହେଁ ନିଜ ନିଜ ବାଟରେ ପୁଣି ଚାଲିବାକୁ ଆରମ୍ଭ କରିବୁ । କାରଣ ଯେଉଁଠି ଆସି ମୁଁ ପହଞ୍ଚି ସାରିଛି, ସେଠୁ ଫେରିବାର ସବୁ ବାଟ ବନ୍ଦ ।

ଆଉଥରେ ସ୍ୱପ୍ନା ଡାକିଲା, ‘‘ଶୁଭକାନ୍ତ ।’’

ଚମ୍ପାଗଛ ଡାଳରେ ହଳଦିବସନ୍ତ ଉଡ଼ି ଆସି ବସିପଡ଼ିଲା । ପତ୍ର ଗହଳ ଭିତରୁ ଆଉ ଗୋଟେ ଚମ୍ପାଫୁଲ ଫୁଟିବା ପରି ମୋତେ ଜଣାଗଲା । ଚାରିଆଡ଼ ମହକି ଉଠିଲା । ଭଲ ପାଇବାର ନିବିଡ଼ ବ୍ୟାକୁଳତାରେ ।

ଘର ଭିତରକୁ ଫେରି ଆସିଲି ।

ଖୋଲା ଝରକା ଡେଇଁ ଛୁଇଁଯାଉଥାଏ ସୁନେଲି କିରଣ । ଚଟାଣ, କାନ୍ଥ, ଚେୟାର, ଟେବୁଲ୍ ଓ ବହିଥାକ । ଥାକ ଭିତରେ ଥିବା କୌଣସି ବହି ଭିତରେ ଅଛି ସେହି ଝିଅଟିର ଚିଠି । ତାହା ମୁଁ ଜାଣେ । ମାତ୍ର ସ୍ୱପ୍ନା ଜାଣେ ନାହିଁ ।

Digitized by PPRACHIN, SOA

ସବୁଦିନ ସେହି ବହିଟିକୁ ଟିକିଏ ମୁଁ ଛୁଇଁଦିଏ । ଛୁଇଁଦିଏ ନାହିଁ, ବରଂ ଆଉଁଶି ଦିଏ । ସେହି ଝିଅଟିର ଫୁର୍‌ଫୁର୍ ଉଡୁଥିବା କେଶକୁ ପବନ ଆଉଁଶି ଦେଉଥିଲା ଯେମିତି ! ସେ ମୋତେ ଧରା ଦିଏ । ପୁଣି ଧରା ଦିଏ ନାହିଁ ।

ତାହାହିଁ ହେଉଛି ଏକ କୋମଳ ଅନୁଭବର ମୁହୂର୍ତ୍ତ ।

ବୋଧେ ସେଥିପାଇଁ ପ୍ରତିଦିନ କୁହୁଡ଼ି ପରି ସକାଳରେ ମୁଁ ଚାହିଁ ବସିଥାଏ ମିତାଲୀକୁ ଭେଟିବା ପାଇଁ । ଗଙ୍ଗଶିଉଳି ଗଛ ମୂଳରେ । ଟୋପା ଟୋପା ପାଣି । ଥଣ୍ଡା ଥଣ୍ଡା ପବନ । ମୋ ଶ୍ୱାସରୋଗକୁ ଭୁଲିଯାଇ ।

ଆସିଲା ନାହିଁ ଦିନେ ମିତାଲୀ । ତା' ପର ଦିନ ବି ସେହି କଥା ହେଲା । ଦିନ ପରେ ଦିନ ବିତିଗଲା । ଗଙ୍ଗଶିଉଳି ଗଛରୁ ଝଡ଼ିଲା ନାହିଁ ଫୁଲ, ବିଶ୍ୱାସରେ ପରିପୂର୍ଣ୍ଣ ଆଞ୍ଜୁଳି ଭିତରେ ।

କୁଆଡ଼େ ଗଲା ମିତାଲୀ ?

କାହାକୁ ପଚାରିବି ତା' କଥା ? କିଏ ଦେଇପାରିବ ତା' ଖବର ?

କାମ କରୁଥିବା ସ୍ତ୍ରୀଲୋକଟି ଦିନେ ସ୍ୱପ୍ନାକୁ ମିତାଲୀ ସଂପର୍କରେ କହୁଥିବାର ଶୁଣିଲି । - 'ଜାଣିଛ ମା' ! ଯେଉଁ ଛୋଟ ଝିଅଟି ଆସି ଆମ ବଗିଚାରୁ ଫୁଲ ନେଉଥିଲା ସବୁଦିନ, ତା' ବାହାଘର ହୋଇଗଲା ।''

ହଠାତ୍ ଚମକି ପଡ଼ିଲା ସ୍ୱପ୍ନା । -'ଏତେ ଛୋଟ ପିଲାଟିର !'

'ତା' ଗେରସ୍ତର ବୟସ ତା'ଠାରୁ ଢେର୍ ବେଶି । ଲୋକେ କୁହାକୁହି ହେଉଛନ୍ତି, ତା' ବାପା କୁଆଡ଼େ କେଇଟା ଟଙ୍କାରେ ତାକୁ ବିକି ଦେଇଛି ।'

ଆଉ କିଛି ଶୁଣିବା ପାଇଁ ମୋର ବୋଧେ ଆବଶ୍ୟକତା ନାହିଁ ବୋଲି ବୋଧ କଲି । ଝଟାକଣ୍ଟାରେ ଛନ୍ଦି ହେବା ପ୍ରତ୍ୟେକ ଝିଅର ଭାଗ୍ୟରେ ଲେଖାହୋଇଛି ବୋଲି ଭାବିଲି । ଧଡ଼ି ଛିଣ୍ଡିଯାଇଥିବା ଫ୍ରକ୍‌ପିନ୍ଧା ନହନହକା ଝିଅଟି କେତେ ଦୁର୍ବଳ ତାହା ବୁଝି ପାରିଲି । ଯେଉଁଠି ସିଏ ପହଞ୍ଚିବା କଥା, ସେଠାରୁ ଅନେକ ତଳକୁ ସେ ଖସିଯାଏ । ସଂଘର୍ଷର କଥା ଭାବିବା ଦୂରର କଥା, ପ୍ରତିବାଦର ସ୍ୱର ଉଠାଇବାରେ ସେ ଅସମର୍ଥ ହୁଏ ।

ଭୁଲିଗଲି ସବୁକିଛି ।

ମିତାଲୀ କଥା । ଗଙ୍ଗଶିଉଳି ଗଛର କଥା । ତା' ମୂଳରେ ବିଛେଇ ହୋଇପଡୁଥିବା ଫୁଲ ଆଡ଼କୁ ମୋଟେ ଚାହିଁଲି ନାହିଁ ।

Digitized by PPRACHIN, SOA

କେତେ ଦିନ ଏମିତି ବିତିଗଲା କେଜାଣି ?

ଏକ ବିଚିତ୍ର ପୁଲକ ଓ ପରିପୂର୍ଣ୍ଣ ଆବେଗରେ ମୁଁ ଅଧୀର ହୋଇପଡ଼ିଲି ଦିନେ । ମୋତେ ଆଶ୍ଚର୍ଯ୍ୟ କରି ଶାଢ଼ି ପିନ୍ଧି ଝିଅଟିଏ ଆସି ଠିଆ ହେଲା ଗଙ୍ଗଶିଉଳି ଗଛ ତଳେ ।

ଆକାଶ ମେଘ ଦେ' । ନଈ ପାଣି ଦେ' । ଗଛ ଫୁଲ ଦେ' ।

ଝରଝର ହୋଇ ଝଡ଼ିପଡ଼ିଲା ଫୁଲ, ବର୍ଷା ଧାର ପରି । ସତେ ଯେମିତି ଗଛଟି ଅପେକ୍ଷା କରି ରହିଥିଲା ଫୁଲର ଭାରରୁ ଉଶ୍ୱାସ ହୋଇଯିବା ପାଇଁ ।

ମିତାଲୀ !

ମୋ ଡାକ ଶୁଣି ଥରୁଟେ ପଛକୁ ଚାହିଁଲା ସେ । ତା'ପରେ ଓଦା ଘାସ ଉପରେ ପାଦ ପକାଇ ଚାଲିଗଲା ଫାଟକ ବାହାରକୁ । ଅଳତାର ରଙ୍ଗକୁ ଛୁଇଁଲା ନାହିଁ ପାଣିଟୋପା । ଗୋଟେ ବିଷଣ୍ଣ ଓ ଅବସାଦର ଅନୁଭବ ।

କ'ଣ ହୋଇଚି ?

ଗୋଟିଏ ମୁହୂର୍ତ୍ତରେ ମୁଁ ଘର ଭିତରୁ ପଦାକୁ ବାହାରି ଆସିଲି । ଫାଟକ ଡେଇଁ ରାସ୍ତା ଉପରକୁ ଆସିବା ବେଳକୁ ସେ ଅଦୃଶ୍ୟ ହୋଇଯାଇଥିଲା ଯେମିତି । ପବନରେ, ଶୂନ୍ୟରେ ।

ସେତିକିବେଳେ କାମ କରୁଥିବା ସ୍ତ୍ରୀଲୋକଟି ଆମ ଘର ଆଡ଼କୁ ଆସୁଥିବାର ଦେଖିଲି । ପଚାରିଲି, 'ମିତାଲୀକୁ ଦେଖିଛୁ ?'

ସେ କିଛି ବୁଝି ନ ପାରି ଅସ୍ପଷ୍ଟ ସ୍ୱରରେ କହିଲା, 'ହଁ । ତା' ସ୍ୱାମୀ ବାଡ଼ିଆପିଟା କରିବାରୁ ସେ ଦି'ଦିନ ତଳେ ଘରକୁ ପଳାଇ ଆସିଛି ।''

ଏମିତି କିଛି ଘଟିବ ବୋଲି କେହି କ'ଣ ଆଶା କରେ !

ବିଭାଘର ପରେ ସବୁ ଝିଅ ସୁଖରେ ରହିବା ପାଇଁ ଚଡ଼ଉଁରା ମୂଳରେ ସଞ୍ଜବତି ଜାଳନ୍ତି । ମଥାରେ ସିନ୍ଦୂର ଲଗାନ୍ତି । କାଚ କେଉଁଠି ଅସାବଧାନତାରେ ବାଜିଗଲେ କପାଳରେ ଛୁଅଁନ୍ତି । ସବୁ ନିରାପଦ ରହୁ । ସ୍ୱାମୀ ଓ ପରିବାର । ଘର ଭିତରେ ସୁଖ ସମ୍ପତ୍ତିର ପଦ୍ମଫୁଲ ଫୁଟୁ ।

ମିତାଲୀ କ'ଣ ତାହା ଚାହିଁ ନ ଥିଲା ?

ହୋଇପାରେ, ଏତେ କମ୍ ବୟସର ଝିଅଟି ବିବାହର ରହସ୍ୟକୁ ବୁଝିପାରି ନ ଥିବ । ସ୍ୱାମୀକୁ ହତାଦର କରିଥିବ । ନ ହେଲେ ସତସତିକା ଘରକୁ ମିଛିମିଛିକା ଘର

Digitized by PPRACHIN, SOA

ବୋଲି ଧରି ନେଇଥିବ । ବାଲିରେ ଗଢ଼ିଥିବା ଘରକୁ ଯେମିତି ଗୋଡ଼ରେ ଭାଙ୍ଗି ଛୋଟ ପିଲାଟି ଦୌଡ଼ି ପଳାଇଯାଏ, ସମ୍ଭବତଃ ସେମିତି କିଛି କରିଥିବ ସେ ।

ଏମିତି କିଛି ଘଟିଥିବ କି ସତେ ?

ବ୍ୟଗ୍ର ହୋଇପଡ଼ିଲି । ଜାଣିବାପାଇଁ ମିତାଲୀ ସମ୍ପର୍କରେ । ମାତ୍ର କେହି ଜଣେ ଅଟକାଇଦେଲା ମୋତେ । ମୋ ଭିତରେ ।

ଆଉ କିଛି ପଚାରୁ ନ ଥିବା ଯୋଗୁଁ ସ୍ତ୍ରୀଲୋକଟି ମିତାଲୀ ସଂପର୍କରେ କହିବା ପାଇଁ ସାହସ ଭରି ପାରିଲା ନାହିଁ । ଧୀରେ ଧୀରେ ଘରଆଡ଼କୁ ସେ ଚାଲିଗଲା ।

ତା' ପରଦିନ ସକାଳେ ମୁଁ ଆଉ ପଦାକୁ ବାହାରିପାରିଲି ନାହିଁ । ଶ୍ୱାସରୋଗଟା ପୁଣି ବାହାରି ପଡ଼ିଲା । ସ୍ୱପ୍ନା ବିରକ୍ତ ହେଲା । ଥଣ୍ଡାରେ, ବର୍ଷା ପାଣିରେ ବୁଲିବା ଯୋଗୁଁ ଏହି ରୋଗଟି ପୁଣି ବାହାରିଛି ବୋଲି କହିବାକୁ ସେ ଭୁଲିଲା ନାହିଁ । ତା' ଫଳରେ ମୋତେ ଘର ଭିତରେ ରହିବାକୁ ହେଲା । ଝରକା ବନ୍ଦ । ଥଣ୍ଡା ପବନରୁ ଯେତେ ଦୂର ସମ୍ଭବ ମୋତେ ଦୂରେଇ ରଖିବାକୁ ହେବ, ସେଇ ସକାଶେ ସେ ଚେଷ୍ଟା କଲା ।

ଗଙ୍ଗଶିଉଳି ଫୁଲ, ଟୋପା ଟୋପା ବର୍ଷା, ଓଦା ଓଦା ସକାଳ ସହ ମିତାଲୀକୁ ମୁଁ ଦେଖିବା ଆପାତତଃ ସମ୍ଭବ ହେଲା ନାହିଁ ।

ଠିକ୍ ଚାରିଦିନ ପରେ ମୁଁ ବସିଥାଏ ବାରଣ୍ଡାରେ । ଅପରାହ୍ଣ । ଦୁର୍ବଳ ଲାଗୁଥାଏ । ମିତାଲୀକୁ ସାଙ୍ଗରେ ଧରି ସ୍ତ୍ରୀଲୋକଟି ମୋ ପାଖରେ ପହଞ୍ଚିଲା । କପାଳରେ ଜକଜକ କରୁଥାଏ ସିନ୍ଦୂର ଟୋପା । ସୁନ୍ଦର ଟାଣି ଅତି ଯତ୍ନରେ କୁଣ୍ଡା ହୋଇଥାଏ କେଶ । ଆଖି ତଳେ ଥାଏ ଚମକିଲା ଭାବ । କାନ୍ଥକୁ ଆଉଜି ହୋଇ ଠିଆହେଲା ମିତାଲୀ । ଗୋଡ଼ ନଖରେ ଗାର ଟାଣିଲା ଚଟାଣରେ ।

'ମୋତେ ବାବୁ ଖୋଜୁଥିଲେ ?'

ମିତାଲୀ ପ୍ରଶ୍ନରେ ମୁଁ ଟିକିଏ ସଚେତନ ହେଲି । ମୋ ପାଖକୁ ଆସିଚି ବୋଲି ସେ ଟିକେ ସଜେଇ ହୋଇଛି । ତା'ର ନହନହକା ଦେହଟାକୁ ଆଉ ଟିକେ ଚାହିଁଲି ।

ଦୁଃଖ ଅଛି ସେହି ମୁହଁରେ । ମାତ୍ର ସେହି ଦୁଃଖ ପାଇଁ କାହାକୁ ଅଭିଯୁକ୍ତ କରିବାର ମାନସିକତା ନାହିଁ ନିଶ୍ଚେ । ସେଥିପାଇଁ ସେ ଠିଆ ହୋଇପାରୁ ନ ଥାଏ ସଳଖି ହୋଇ । ବିଶ୍ୱାସ ସହ ।

'ଗୋଟେ କଥା ପଚାରିବି । ସତ କହିବୁ ମୋତେ । ଗଙ୍ଗଶିଉଳି ଗଛ ମୂଳେ କ'ଣ ପାଇଁ କହୁ – ଆକାଶ ମେଘ ଦେ', ନଈ ପାଣି ଦେ', ଗଛ ଫୁଲ ଦେ' ।''

Digitized by PPRACHIN, SOA

ମୋ ପ୍ରଶ୍ନ ଶୁଣି ସେ ଟିକେ ଦୋହଲିଗଲା । ସେହିଥିରୁ ବୁଝିହେଲା ତା' ଅସହାୟତା । ପର ମୁହୂର୍ତ୍ତରେ ସେ ଶୁଖିଲା ହସର ରେଖାଟିଏ ଖେଳାଇ କହିଲା, 'ମେଘ, ପାଣି ଓ ଫୁଲ ଛଡ଼ା ଆକାଶ, ନଈ ଓ ଗଛଠାରୁ ଆଉ କ'ଣ ମିଳିବ ? ତେଣୁ ମୁଁ ସେଗୁଡ଼ିକ ମାଗେ । ତା' ବଦଳରେ ଦିଏ ଭୋଗୁଥିବା ଦୁଃଖକୁ । ଫୁଲ ଆଞ୍ଜୁଳିରେ ନେଇ ଠାକୁରଙ୍କୁ ଚଢ଼ାଏ । ଆଉ କହେ – ହେ ଠାକୁର ! ମୋ ମା' ଜୀବନ ପରି ମୋ ଜୀବନ ନ ହେଉ । ମୋ ବାପା ପରି ସ୍ୱାମୀଟି ନ ହେଉ । ତାହା ହେଲା ନାହିଁ । ମୋ ଜିନ୍ଦଗୀ ମୋ ମା' ଜୀବନ ପରି ହେଲା । ଆଉ ସ୍ୱାମୀ କଥା ଛାଡ଼ । ସେଥିପାଇଁ ପଳାଇ ଆସିଥିଲି ସବୁକିଛି ଛାଡ଼ି । କିନ୍ତୁ ଏଠି ଆଉ ମୋତେ ଭଲ ଲାଗୁନି । ଭାବୁଚି, ପୁଣି ଫେରିଯିବି ।'

''ଫେରିଯିବୁ ! କିନ୍ତୁ, କାହିଁକି ?''

ଲାଜ ଲାଜ ଦିଶିଲା ତା' ମୁହଁ । କହିଲା, ''ମୁଁ ଜାଣେନି ।''

ଠିକ୍ କରିପାରିଲି ନାହିଁ ଆଉ କିଛି ପଚାରିବା ଉଚିତ ହେବ କି ନାହିଁ ।

ଏତିକିବେଳେ ସେ କହିଲା, ''ଯାଉଚି ବାବୁ, ପୁଣି କେବେ ଆସିଲେ ଫୁଲ ଆଞ୍ଜୁଳାଏ ନେବାକୁ ମନା କରିବନି ।''

ଚାଲିଗଲା ସେ । ପବନରେ ଉଡ଼ିଗଲା ପରି । ତା' ପଛେ ପଛେ ସ୍ତ୍ରୀଲୋକଟି ମଧ୍ୟ ।

ମୁଁ ବିସ୍ମିତ ହୋଇପଡ଼ିଲି ଏଇଥିପାଇଁ ଯେ ଏତେ ଦୁଃଖ ଭୋଗିବା ପରେ ବି ସେ ତା' ସ୍ୱାମୀକୁ ଭୁଲି ନାହିଁ । ନିଜ ଭିତରେ ସାଇତି ରଖିଛି ଭଲ ପାଇବାର ମଧୁର ମୁହୂର୍ତ୍ତ । ମିଠା ମିଠା ଅନୁଭବ । ବୋଧେ ସେଥିପାଇଁ ତା' ଭିତରେ ଦୁଃଖଭରା ଆକାଶ ଥିଲେ ବି ସୁଖର ମେଘ ଖଣ୍ଡେ ଅଛି ବୋଲି କେତୋଟି ଶବ୍ଦରେ ସୂଚେଇ ଦେବାପାଇଁ ସେ ଭୁଲି ନ ଥିଲା ।

ବହୁତ ଭଲ ଲାଗିଲା ମୋତେ । ଜୀଇଁ ରହିବାର ମହତ୍ ଧାରାଟିଏ ଉନ୍ମୋଚିତ ହୋଇଗଲା ମୋ ଆଗରେ ଯେମିତି । ଘର ଭିତରକୁ ଆସିଲି । ଥାକରୁ ବହିଖଣ୍ଡିଏ କାଢ଼ିଲି । ପୃଷ୍ଠା ଓଲଟାଇ ତା' ଭିତରୁ ଚିଠିଟିଏ ବାହାର କଲି । ତା' ସ୍ପର୍ଶରେ ବିଭୋର ହେଲି ନାହିଁ । କିଛି ନ ଭାବି ଟୁକୁରା ଟୁକୁରା କରି ଚିଠିଟିକୁ ଚିରି ଝରକା ବାହାରକୁ ଫିଙ୍ଗିଦେଲି । ସେଗୁଡ଼ିକ ପବନରେ ଉଡ଼ିଯିବାବେଳେ ମେଘଖଣ୍ଡ ଭାସିଯିବା ପରି ମନେହେଲା । ଏବଂ ମୋ ଭିତରୁ କେହି ଜଣେ କହିଦେଲା ପରି ଜଣାଗଲା, ସେହି ଝିଅଟି ଯେଉଁଠି ଥିଲେ ବି ଟିକିଏ ସୁଖରେ ଥିବ ।

Digitized by PPRACHIN, SOA

৮

ଅମୃତବେଳା

ରାଜ୍ୟ । ସୂର୍ଯ୍ୟର ରଙ୍ଗବେରଙ୍ଗ କିରଣରେ ଚିତ୍ରିତ ଏଇ ରାଜ୍ୟ । ଖୁସି ଆନନ୍ଦର ରିମ୍‌ଝିମ୍ ବର୍ଷାରେ ସବୁଜ ଏଇ ରାଜ୍ୟ । କୁନିଝିଅ ପରି ବହିଯାଇଥିବା ନଈର ଓଠରେ ହସୁଚି ଏଇ ରାଜ୍ୟ । ଜହ୍ନର ଜ୍ୟୋସ୍ନାରେ ରୁଣୁଝୁଣୁ ନାଚୁଚି ଏଇ ରାଜ୍ୟ । ଶରତ ଋତୁର ଶିଶିର ବିନ୍ଦୁରେ ସ୍ୱପ୍ନ ଦେଖୁଚି ଏଇ ରାଜ୍ୟ । ଫଗୁଣର ସୁରଭିରେ ବାସ୍ନାମୟ ଏଇ ରାଜ୍ୟ ।

ମାତ୍ର ବିଚିତ୍ର ଏଇ ରାଜ୍ୟ । ଖୁସି, ଆନନ୍ଦ, ଚିତ୍ରିତ, ସ୍ୱପ୍ନିଳ ବାସ୍ନାମୟ ରାଜ୍ୟକୁ ଆସେ ନାହିଁ ଦୁର୍ଗାପୂଜା । ଏଇ ବ୍ୟତିକ୍ରମକୁ କେହି କେହି ଲକ୍ଷ୍ୟ କଲେ ମଧ୍ୟ ଏହା ପ୍ରକାଶ କରନ୍ତି ନାହିଁ । ଯାହା ପୁରୁଷାନୁକ୍ରମେ ପାଳିତ ହେଉ ନାହିଁ ତାକୁ ନୂଆକରି ପାଳନ କରିବାକୁ କେହି ଚାହାନ୍ତି ନାହିଁ ବୋଧହୁଏ ।

ଗଲା ବର୍ଷ ଏଇ ରାଜ୍ୟରୁ ଗୋଟିଏ ଉଣେଇଶ ବର୍ଷର ଯୁବକ ବାଟ ଭୁଲି ରାଜ୍ୟର ସୀମା ଅତିକ୍ରମ କରିଥିଲା । ବଣଜଙ୍ଗଲରେ ଘୂରି ଘୂରି ପହଞ୍ଚିଥିଲା ଅନ୍ୟ ଏକ ରାଜ୍ୟରେ । ସେଠାରେ ପାଳିତ ହେଉଥିବା ଦୁର୍ଗାପୂଜା ଦେଖି ବିସ୍ମିତ ହୋଇ ପଡ଼ିଥିଲା ସେ । ତା'ର ଉଜ୍ଜ୍ୱଳତାରେ । ଜାକଜମକତାରେ । ନିଶାରେ । ଶେଷରେ ମୋହଗ୍ରସ୍ତ ହୋଇ ଫେରିଆସିଥିଲା ।

ଶରତ ଋତୁର ପ୍ରାରମ୍ଭରେ କେତୋଟି ପିଲାଙ୍କୁ ଏକଜୁଟ କଲା ସେ । ଦେଖାଇଲା ସ୍ୱପ୍ନ । ପ୍ରତିଶ୍ରୁତି ଦେଲା, ସେମାନଙ୍କୁ ଉଜ୍ଜ୍ୱଳ କରିଦେବ । ବିହ୍ୱଳିତ କରିଦେବ ଅପୂର୍ବ ନିଶାରେ । ସେହି ପିଲାମାନେ ତା' କଥାରେ ମୋହଗ୍ରସ୍ତ ହେଲେ । ଦୁର୍ଗାପୂଜା ପାଳନ କରିବେ ବୋଲି ସ୍ଥିର କଲେ । ରାତି ଅଧରେ ।

ଏଇ କଥାଟି ଧୀରେ ଧୀର ଶୁଣାଗଲା । ଚାପା ଗୁଞ୍ଜନରେ । ବୟସ୍କ ଲୋକମାନେ ନିଜ ନିଜ କାନରେ ହାତ ଦେଲେ । ତା'ପରେ କଥାଟି ଜୋର୍‌ରେ ଶୁଣାଗଲା । କାନରେ ହାତ ଦେଇଥିଲେ ମଧ୍ୟ ସେମାନେ ଶୁଣିପାରିଲେ ଏଇ କଥା । ପିଲାମାନେ ଏସନ ଦୁର୍ଗାପୂଜା ପାଳନ କରିବେ ରାଜ୍ୟରେ । ସେମାନେ ଭାବିଲେ, ଏହା ନିଶ୍ଚୟ ଏକ ଅଶୁଭ ଲକ୍ଷଣର ସୂଚନା । ତା' ପରେ ସମସ୍ତେ ଏକାଠି ହେଲେ । ବିଚାର

Digitized by PPRACHIN, SOA

କଲେ । ଶେଷରେ ଜଙ୍ଗଲରେ ଏକ କୁଟୀରରେ ଏକାନ୍ତ ବସବାସ କରୁଥିବା ସନ୍ନ୍ୟାସୀଙ୍କ ପାଖକୁ ଗଲେ । ତାଙ୍କୁ ପ୍ରଣିପାତ କଲେ । ଭକ୍ତିରେ ।

ତ୍ରିକାଳଦର୍ଶୀ ସନ୍ନ୍ୟାସୀ । ଅର୍ଦ୍ଧନିମୀଳିତ ଚକ୍ଷୁରେ ସମବେତ ରାଜ୍ୟବାସୀଙ୍କୁ ଥରୁଟିଏ ଚାହିଁ ଧ୍ୟାନରେ ବସିଲେ । ବିତିଗଲା କେତୋଟି ମୁହୂର୍ତ୍ତ । ତା' ପରେ ମେଲିଲେ ଚକ୍ଷୁ । ପ୍ରଶାନ୍ତ ହସର ରେଖାରେ ଉଦ୍‌ଭାସିତ ହେଲା ତାଙ୍କ ମୁଖମଣ୍ଡଳ ।

ହାତଯୋଡ଼ି ବିନୟ ହୋଇ ଠିଆ ହୋଇଥିଲେ ରାଜ୍ୟବାସୀ ।

''ତୁମ୍ଭମାନଙ୍କର ଆଗମନର ଉଦ୍ଦେଶ୍ୟ ମୁଁ ଜାଣିପାରିଛି । ପ୍ରତ୍ୟେକ ରାଜ୍ୟରେ ଦୁର୍ଗାପୂଜା ପାଳିତ ହେଉଥିବା ପରି ଦିନେ ଆମ ରାଜ୍ୟରେ ପାଳିତ ହେଉଥିଲା ।''

ଅତି ବିନୀତ ସ୍ୱରରେ ଜଣେ ବୃଦ୍ଧ ପ୍ରଶ୍ନ କଲା - ''ଏବେ ଏହା କାହିଁକି ପାଳନ କରାଯାଉ ନାହିଁ, ଆମେ ପିଲାଦିନେ ପାଳନ କରିବାକୁ ଚେଷ୍ଟା କରୁଥିବା ବେଳେ ଆମର ପୂର୍ବପୁରୁଷମାନେ ଏହା ଏକ ଅଶୁଭ ଲକ୍ଷଣ କହି ବିରୋଧ କରି ବନ୍ଦ କରୁଥିଲେ କାହିଁକି ?''

ତା'ହେଲେ ଶୁଣ - ସନ୍ନ୍ୟାସୀ କହିଲେ ବୁଝାଇବା ଢଙ୍ଗରେ - ''ଏବେ ଯେଉଁ ଯୁବକ ଦେବୀ ଦୁର୍ଗାଙ୍କୁ ଆହ୍ୱାନ କରି ଆମ ରାଜ୍ୟରେ ପୂଜା ପାଳନ କରିବାକୁ ଚେଷ୍ଟା କରୁଚି ଠିକ୍ ତା'ରି ପରି ଯୁବକଟିଏ ଥିଲା ଅନେକ ବର୍ଷ ତଳେ । ଅସୁର ପରି ଥିଲା ତା' ଚେହେରା । ପିନ୍ଧୁଥିଲା ହାତରେ ଲୁହାର କଡ଼ା । ବେକରେ ନାଲି ସୂତାରେ ଝୁଲୁଥିଲା ବାଘ ଦାନ୍ତ । ମୁହଁସାରା ଅଯତ୍ନ ନିଶ ଦାଢ଼ି । କଳା ମସିଆ ରଙ୍ଗ । ରାଜ୍ୟସାରା ତାକୁ ଡାକୁଥିଲେ ରାଜା । ଭୟରେ । ମାତ୍ର ତା'ର କାହାକୁ ଭୟ ନ ଥିଲା । କଟୁଆଳକୁ ଦେଖିଲେ ସେ ତା' କାନ୍ଧରେ ହାତ ରଖି ହସିଉଠୁଥିଲା । ଉଚ୍ଚ ସ୍ୱରରେ । ସତେଯେପରି କଟୁଆଳ ତା'ର ଅନେକ ଦିନର ବନ୍ଧୁ । ତେଣୁ ଆଇନ୍‌ର ଊର୍ଦ୍ଧ୍ୱରେ ଥିଲା ସେ । ବ୍ୟବସାୟୀମାନେ ପ୍ରତି ମାସରେ ନିଜ ଲାଭରୁ କିଛି ଅଂଶ ତା ପାଖକୁ ଲଫାପା ଭିତରେ ପୂରାଇ ଦେଇ ଆସୁଥିଲେ ତା' ଘରେ । ତା' ଘର କହିଲେ ରାଜ୍ୟର ଶେଷ ଭାଗରେ ଅବସ୍ଥିତ ମଦଭାଟି ପାଖରେ ଦୁଇବଖରିଆ କୋଠାଘରଟିଏ । ଏବେ ଯେଉଁଠି ମଦ କାରଖାନା ତିଆରି ହେଉଚି । ସେ ନିଜଘରୁ ବାହାରିଯାଇ ସେଇଠାରେ ରହୁଥିଲା । ଏଇ ଘରଟି ଗୋଟିଏ ମଦ ବ୍ୟବସାୟୀ ଥିଲା । ସେ ଏଇ ଘରେ ରହି ମଦ ବ୍ୟବସାୟୀର ମଦ କାରବାରରେ ସାହାଯ୍ୟ କରୁଥିଲା । ରାତି ଅନ୍ଧାରରେ ସହରକୁ ଚୋରାମଦ ନେଇ ଆସୁଥିଲା, ଦିନରେ ଗଉଡ଼ କ୍ଷୀର ଆଣିଲା ପରି । ଏଥିରେ ମଦ ବ୍ୟବସାୟୀ ଖୁସ୍ । ସେ ବି ଖୁସ୍ । ଖୁସ୍ ଥିଲେ ମଧ୍ୟ ମଦ୍ୟପ ଦଳ ।

Digitized by PPRACHIN, SOA

ମାତ୍ର ବିଞ୍ଚି ହେଉଥିଲା ଦୁଃଖ । ରାଜ୍ୟରେ । ବେଳେ ବେଳେ ନିଶାଗ୍ରସ୍ତ ହୋଇ ରାଜା ମହିଷାସୁର ପାଲଟି ଯାଉଥିଲା । ତା'ରି ଅତ୍ୟାଚାରରେ ରକ୍ତରେ ଭିଜୁଥିଲା ରାସ୍ତା । ଘର । ପଣତ । ନାରୀର ସ୍ୱପ୍ନ ।

ଏଇପରି ଦୁଃଖ ଭିତରେ ସମୟ କଟୁଥିବା ରାଜ୍ୟକୁ ପ୍ରତିବର୍ଷ ଦୁର୍ଗାପୂଜା ଆସୁଥିଲା । ନଅଦିନ ଧରି ଚାଲୁଥିବା ପୂଜାପାର୍ବଣ ଭିତରେ ସମସ୍ତେ ଭୁଲିଯାଉଥିଲେ ଦୁର୍ଦ୍ଦାନ୍ତ ରାଜାର ଅତ୍ୟାଚାର । ଚିତ୍ରିତ ହେଉଥିଲା ରାଜ୍ୟ ଦେବୀଙ୍କ ପ୍ରତିମୂର୍ତ୍ତିରେ । ରଙ୍ଗବେରଙ୍ଗ ତୋରଣରେ । ସର୍କସ ଦଳର ଖେଳରେ । ଯାଦୁକରର ଯାଦୁବିଦ୍ୟାରେ । ମଫସଲରୁ ଆସୁଥିବା ଲୋକମାନଙ୍କର ଗହଳିରେ । ନାଲି ନେଳି ବେଲୁନରେ । ମନୋହରି ଦୋକାନରେ ।

ସେହି ବର୍ଷ ଦୁର୍ଗାପୂଜା ପ୍ରାରମ୍ଭରେ ଆମ ରାଜ୍ୟକୁ ଆସିଥିଲା ଗୋଟିଏ ହାତୀ । ଏଇ ହାତୀକୁ ପିଲାମାନେ ଦେଖି ଯେତିକି ଖୁସି ହୋଇଥିଲେ, ରାଜା ସେତିକି ବିସ୍ମୟ ହୋଇଥିଲେ ହାତୀ ପିଠିରେ ବସିଥିବା ଝିଅଟିକୁ ଦେଖି । ଝିଅଟିର ବୟସ ଷୋହଳ ସତର ବର୍ଷ ହେବ । ଟଣା ଟଣା ଆଖି । ଲମ୍ବା ନାକ । ଲାଲ ଓଠ । ଓଠରେ ସ୍ମିତ ହସ । ଲୋକମାନେ ଝିଅଟିକୁ ଦେଖି କୁହାକୁହି ହେଉଥିଲେ ଏସନ ଦୁର୍ଗାଦେବୀ ଗଜ ପିଠିରେ ଆସିବାର କଥା ଥିଲା । ସତରେ କ'ଣ ଏଇ ଦୁର୍ଗା ଆସିଲେ ଆମ ରାଜ୍ୟକୁ ଗଜ ପିଠିରେ ଆସୀନ ହୋଇ !

ହାତୀ ପିଠିରେ ବସି ଆସିଥିବା ଝିଅଟିର ନାଆଁ ଚାମେଲୀ । ସୁଦୂର ରାଜସ୍ଥାନରେ ତା' ଘର । ବାପା ସାଥିରେ ହାତୀ ପିଠିରେ ବସି ରାଜ୍ୟ ରାଜ୍ୟ ବୁଲି ପେଟ ଭରୁଥିଲା । ଚାମେଲୀ ଆମ ରାଜ୍ୟକୁ ଦେଖି ତା' ବାପାକୁ ପରାମର୍ଶ ଦେଇଥିଲା ଏଠାରେ କିଛିଦିନ ରହି ପୂଜାଟିକୁ ଉପଭୋଗ କରିବା ପାଇଁ । ଏବଂ ପୂଜା ସରିଗଲେ ରାଜ୍ୟ ଛାଡ଼ି ଅନ୍ୟ ଅଞ୍ଚଳକୁ ଯିବ । ତା' ବାପା ଏଇ ପ୍ରସ୍ତାବରେ ରାଜି ହୋଇଥିଲା । ତା'ପରେ ମେଳଣ ପଡ଼ିଆର ଆମ୍ବଗଛରେ ହାତୀକୁ ବାନ୍ଧି ତମ୍ବୁଟିଏ ପକାଇ ସେ ଦୁହେଁ ରହିଥିଲେ । ତାଙ୍କ ଆସିବା ପରେ ଧୀରେ ଧୀରେ ସର୍କସ ଦଳ ଆସିଥିଲା । ଆସିଥିଲା ଯାଦୁକର ଦଳ । ଦୋଳି । ଚିଡ଼ିଆଖାନା । ମନୋହରି ଦୋକାନ ।

ଚାମେଲୀର ପାଉଞ୍ଜିର ଘୁଙ୍ଗୁରୁ ଶବ୍ଦରେ ନାଚି ଉଠିଥିଲା ମେଳଣ ପଡ଼ିଆ । ଧୀରେ ଧୀରେ ସାରା ରାଜ୍ୟ । ରାଜ୍ୟ ଶେଷସୀମାରେ ଥିବା ରାଜାର ଘର । ମାତ୍ର ରାଜା ନାଚି ପାରି ନ ଥିଲା । ମଦ ପିଇ ମାତାଲ ହୋଇପାରି ନ ଥିଲା । ଚୋରା ମଦ ନେଇ ରାତି ଅନ୍ଧାରରେ ରାଜ୍ୟ ଭିତରକୁ ଯାଇପାରି ନ ଥିଲା । ସେ ଶବ୍ଦରେ କି

Digitized by PPRACHIN, SOA

ସମ୍ମୋହନ ଶକ୍ତି ଥିଲା କେଜାଣି, ରାଜା ତାହା ନିଜେ ବୁଝିପାରି ନ ଥିଲା । କେବଳ ଚାହୁଁଥିଲା ଆକାଶକୁ - ଶୂନ୍ୟ ଆକାଶକୁ ।

ଆସୁରିକ ପ୍ରବୃତ୍ତିର ମଣିଷଟି ଭିତରେ ଏ ପ୍ରକାର ଭାବ ଦେଖି ବିରକ୍ତି ପ୍ରକାଶ କରିଥିଲା ମଦ ବ୍ୟବସାୟୀ । କାରଣ ଏହି ଭାବ କେବଳ ନିଛକ ମଣିଷଟି ଭିତରେ ଆସେ । ପ୍ରେମିକ ଭିତରେ ଆସେ । ସେ ପଚାରିଲା - ତୁ ଏମିତି ବୋକା ପାଲଟିଗଲୁ କାହିଁକି ?

ରାଜା ଚାହିଁଥିଲା ମଦ ବ୍ୟବସାୟୀର ମୁହଁକୁ । ଅବୁଝା ଦୃଷ୍ଟିରେ । କ'ଣ ସେ କହିବ ? ଏଇ କୋଠରିର କାନ୍ଥରେ କେତେ ତରୁଣୀ ରୂପସୀ ନିଜ ନିଜର ନଗ୍ନରୂପ ଦେଖିଥିବା ବେଳେ ଗୋଟିଏ ଝିଅର ରୂପରେ କ୍ଳୀବ ପାଲଟିଯାଇଛି ବୋଲି କ'ଣ ସେ କହିପାରିବ ? ତେବେ ସେ ଉତ୍ତର ଦେବ କ'ଣ ?

''ପୂଜା ସମୟ ଆସିଗଲା । ତୁ ଏଇ ସମୟରେ ଏମିତି ଅଥର୍ବ ପାଲଟିଗଲେ ସାରା ବର୍ଷର ବେପାର ମୋର ବୁଡିଯିବ । ଜାଣିଛୁ ତ !''

ନିରୁତ୍ତର ରହିଥିଲା ରାଜା ।

ମୋ ବେପାର ବୁଡିଗଲେ ତୋତେ ମୁଁ ବୁଡାଇଦେବି, ବୁଝିଲୁ ।

ମଦ ବ୍ୟବସାୟୀର ଧମକରେ ରାଜାର ଶିରାପ୍ରଶିରା ଫୁଲି ଉଠିଥିଲା । ଛାତି ଉପରେ ପଡ଼ିଥିବା ବାଘ ଦାନ୍ତ ହଲଚଲ ହୋଇଥିଲା । କାଚ ଗ୍ଲାସ୍ କେତୋଟି ଟେବୁଲ ଉପରୁ ତଳକୁ ଖସିପଡ଼ି ଚୂନା ହୋଇଯାଇଥିଲା ଗୋଟିଏ ମୁହୂର୍ତ୍ତରେ ।

ଡରିଯାଇଥିଲା ମଦ ବ୍ୟବସାୟୀ ।

''ମୋର ସେଇ ଝିଅଟି ଦରକାର ।''

ସାମାନ୍ୟ ଡର ଅପସରି ଯାଇଥିଲା ମଦ ବ୍ୟବସାୟୀ ମୁହଁରୁ । ଶୁଣିପାରିଥିଲା ଚାମେଲୀ ପାଦର ପାଉଞ୍ଜିର ଘୁଙ୍ଗୁରର ଶବ୍ଦ । ହସିଥିଲା ସେ ।

''ନେଇ ଆସନ୍ତୁ ।''

''ମୁଁ ପାରୁନି ।''

ବିସ୍ମିତ ହୋଇଥିଲା ବ୍ୟବସାୟୀ । ଅନୁଭବ କରିଥିଲା ସାରା ରାଜ୍ୟର ମଥା ଉପରେ ପାଦ ଥୋଇଥିବା ମହିଷାସୁର ଗୋଟିଏ ଝିଅକୁ ନେଇଆସିବାର ସାମର୍ଥ୍ୟ ହରାଇ ବସିଚି । ମାତ୍ର ତା' ପାଇଁ ଏହା ସାମାନ୍ୟ କଥା ଥିଲା ।

''ମୁଁ ନେଇ ଆସିବି ।''

Digitized by PPRACHIN, SOA

ଚିତ୍କାର କରି ଉଠିଥିଲା ରାଜା । - ''ସାବଧାନ, ତା' ତମ୍ବୁ ପାଖରେ ତୋ' ପାଦ ଯେପରି ନ ପଡ଼େ ।''

ପଛକୁ ଫେରିଯାଇଥିଲା ପାଦ । ମଦ-ବେପାରୀର ପାଦ । ଆତଙ୍କିତ ହୋଇ ଅନୁଚ୍ଚ ସ୍ୱରରେ ଅନୁରୋଧ କଲାପରି କହିଥିଲା - ''ତୁ ଯାଉନୁ, ଜୋର ଜବରଦସ୍ତ କରି ଆଣି ନ ପାରିଲେ ତାକୁ ବାହାହୋଇ ତ ତୋ' ଘରକୁ ଆଣିପାରିବୁ ?''

କଥାଟି ରାଜା ମନକୁ ପାଇଥିଲା – ହଁ, ତାକୁ ବିବାହ କରିବ । ଘରସଂସାର କରିବ । କେତେଦିନ ଏମିତି ଏକା ଏକା ନିଃସଙ୍ଗ ହୋଇ ଜୀବନ କଟାଇବ । ରକ୍ତର ହୋରି ଖେଳୁଥିବା ଅସୁର ଭିତରେ ନିଛକ ମଣିଷର ସ୍ୱପ୍ନଟିଏ ଆସି ଧୀରେ ଧୀରେ ବସା ବାନ୍ଧିଥିଲା ।

ସେଦିନ ସନ୍ଧ୍ୟାରେ ପହଞ୍ଚିଥିଲା ସେ ଚାମେଲୀର ତମ୍ବୁ ପାଖରେ । ତମ୍ବୁର ଗୋଟିଏ ପାଖରେ ଆମ୍ବଗଛରେ ବନ୍ଧା ହୋଇଥିଲା ହାତୀ । ଆଉ ଗୋଟିଏ ପାଖରେ ଥିଲା ଗୁଡ଼ିଏ ତମ୍ବୁ । ଯାଦୁକର ଦଳର । ସର୍କସ ଦଳର । ମନୋହରି ଦୋକାନୀମାନଙ୍କର । ସେ ସେହିଆଡ଼କୁ ତୀକ୍ଷ୍ଣ ନଜର ପକାଇ ତମ୍ବୁ ଭିତରକୁ ପ୍ରବେଶ କରିଥିଲା ଏବଂ ବିହ୍ୱଳିତ ହୋଇପଡ଼ିଥିଲା ଚାମେଲୀର ସୌନ୍ଦର୍ଯ୍ୟରେ ।

ବିସ୍ମିତ ହୋଇଥିଲା ଚାମେଲୀ । ରାଜାକୁ ଦେଖି । ସେଇ ପଡ଼ିଆ ରାସ୍ତା ଦେଇ ଧୂଳି ଉଡ଼େଇ ଗଲାବେଳେ ରାଜାକୁ ଅନେକଥର ଦେଖିଚି ସେ । ତା' ସମ୍ବନ୍ଧରେ ଅନେକ କଥା ଶୁଣିଚି ସେ । ମାତ୍ର ଚାନ୍ଦା ଆଦାୟ କରିବାରେ ଦୁର୍ଦ୍ଦାନ୍ତ, ତରୁଣୀମାନଙ୍କର ରୂପର ମୋହରେ ପାଗଳ ଏବଂ ନିଜ ପଥ ସାମନାରେ ନ୍ୟାୟକଥା କହୁଥିବା ଲୋକର ରକ୍ତରେ ହୋରି ଖେଳିବା ଘାତକ ରାଜାକୁ ଦେଖିପକାଇ ବିସ୍ମିତ ହୋଇଥିଲା ସତ, ମାତ୍ର ଭୟଭୀତ ହୋଇ ନ ଥିଲା ।

''ବାପୁ ବାହାରକୁ ଯାଇଚି - ସାଙ୍ଗେ ସାଙ୍ଗେ ଫେରିଆସିବ - ଆପଣ ବସନ୍ତୁ'' - ଓଡ଼ିଆ ହିନ୍ଦୀ ମିଶା କଥାଟି କହି ଅନୁରୋଧ କରିଥିଲା ।

''ତୋ' ବାପୁ ପାଖରେ ମୋର କିଛି କାମ ନାହିଁ - କାମ ତୋ' ପାଖରେ ଅଛି'' -ଧମକାଇଲା ସ୍ୱରରେ କହିଥିଲା ରାଜା ।

''ମୋ ପାଖରେ !''

''ହଁ, ହଁ ତୋ ପାଖରେ - ତୋତେ ମୁଁ ବିବାହ କରିବି ।''

ଅନେକ ସମୟ ଧରି ତା' ଭିତରେ ଘାଣ୍ଟି ହେଉଥିବା ଏଇ ପଦଟି ତା' ଅଜାଣତରେ ବାହାରି ଆସିଥିଲା । ଖେଳେଇ ହୋଇପଡ଼ିଥିଲା ତମ୍ବୁଟି ଭିତରେ ।

Digitized by PPRACHIN, SOA

"ମୋତେ ବାହାହେବୁ !"

ହସିଥିଲା କିରି କିରି ହୋଇ ଚାମେଲୀ ।

ରାଜା ଭାବିଥିଲା ଚାମେଲୀ ତା' କଥା ଶୁଣି ତାକୁ ଥଟ୍ଟା କରୁଚି । ତା' କଥାରେ ସତେଯେପରି କୌଣସି ଗୁରୁତ୍ୱ ନାହିଁ । ଅସହ୍ୟ ବୋଧ କରିଥିଲା ସେ । ପରମୁହୂର୍ତ୍ତରେ ଅସମ୍ଭବ ସ୍ୱରରେ ଚିତ୍କାର କରି ଉଠିଥିଲା ।

"ହଁ, ହଁ, ତୋତେ ବିବାହ କରିବି !"

ଥରି ଉଠିଥିଲା ସେହି ତମ୍ବୁ ଭିତରଟି ।

ମାତ୍ର ପରମୁହୂର୍ତ୍ତରେ ଚାମେଲୀର ପ୍ରଶ୍ନରେ ଥରି ଉଠିଥିଲା ରାଜା । ଏକ ଅଜଣା ଅହେତୁକ ଭୟରେ ।

"ମୁଁ ଶୁଣିଚି ତୁମ ନିଜର ଘର ନାହିଁ - ତୁମେ ଅନ୍ୟ ଜଣଙ୍କର ଘରେ ଆଶ୍ରୟ ନେଇଛ - ଏହା କ'ଣ ସତ୍ୟ ?"

ଏଭଳି ପ୍ରଶ୍ନଟି ଚାମେଲୀ ପାଖରୁ ଆଶା କରି ନ ଥିଲା ରାଜା । ନିଜ ଭିତରେ ନିଜେ ସଂକୁଚିତ ହୋଇ ହଁ ଭରିଥିଲା ସେ ।

"ନିଜେ ଘର କର - ତା' ପରେ ମୋତେ ବିବାହ କରିବାକୁ ଆସିବୁ ।"

ଦୃଢ଼ ଦମ୍ଭୋକ୍ତିର ସ୍ୱର ଥିଲା ଚାମେଲୀର ।

ରାଜା ଆଉ କିଛି ନ କହି ତମ୍ବୁ ଭିତରୁ ବାହାରକୁ ପଳାଇ ଆସିଥିଲା । ବାହାରେ ଥିଲା ଅନ୍ଧାର । ତା'ପରେ ଚାଲି ଆସିଥିଲା ନିଜର ଆଶ୍ରୟସ୍ଥଳୀକୁ ଏକମୁହାଁ ହୋଇ । ସେହି ଅନ୍ଧାରର ଦ୍ୱାରଦେଶରେ ତାକୁ ଅପେକ୍ଷା କରି ରହିଥିଲା ମଦ ବ୍ୟବସାୟୀ । ତା'ର ନୈରାଶ୍ୟଜନକ ଭାବଭଙ୍ଗୀ ଦେଖି ପକେଟରୁ ମଦ ବୋତଲଟି କାଢ଼ି ତା' ହାତକୁ ବଢ଼ାଇ ଦେଇଥିଲା । ଢକ ଢକ ପିଇଥିଲା ମଦ, ରାଜା । ବଦଳିଥିଲା ମୁହଁର ରଙ୍ଗ । ମନରେ ଆସିଥିଲା ଆସୁରିକ ବଳ । ଦୁଆର ବନ୍ଧରେ ହାତ ବାଡ଼େଇ ଚିତ୍କାର କରି ଉଠିଥିଲା, ଚାମେଲୀ ଆଗରେ ଚିତ୍କାର କରିଥିଲା ପରି ।

"ମୋର ଘର ଦରକାର ।"

ବୁଝି ପାରିଥିଲା ତା' ମନର କଥା । ଯନ୍ତ୍ରଣା ।

"ତୋର ତ ସବୁ । ମୋର କିଛି ନୁହେଁ । ତୋ' ପାଇଁ ତ ମୁଁ ରାଜୁତି କରୁଚି ଏଇ ରାଜ୍ୟରେ । ତୁ ହେଉଚୁ ରାଜା । ମୋ ରାଜା । ଏଇ ରାଜ୍ୟର ରାଜା ।"

"ତେବେ ଠିକ୍ ଅଛି । କାଲି ସକାଳେ ମୋ ନାଆଁରେ ଘର ଖଣ୍ଡେ କରିଦେ !"

Digitized by PPRACHIN, SOA

ସେହିପରି ଧମକାଇଲା ସ୍ୱର ।

"ହଁ କରିଦେବି । ତୁ ଅସ୍ଥିର ହଅନି ।"

ଆସିଥିଲା ସକାଳ ।

ମଦ ବ୍ୟବସାୟୀ ରାଜା ନାଆଁରେ ରାଜ୍ୟରେ ଥିବା ଗୁଡ଼ିଏ ବେନାମୀ କୋଠାରୁ ଗୋଟିଏ କୋଠା କରିଥିଲା । ମାତ୍ର ଗୋଟିଏ ସର୍ତ୍ତରେ । ଏଇ ସର୍ତ୍ତଟି ଥିଲା ଚୋରାମଦର କାରବାରକୁ ଦୁଇଗୁଣ କରିବାରେ ସେ ସାହାଯ୍ୟ କରିବ । କାରଣ ପୂଜା ସମୟରେ କଟୁଆଳର ତୀକ୍ଷ୍ଣ ଦୃଷ୍ଟିରେ ମଦ ବ୍ୟବସାୟ ମାନ୍ଦା ପଡ଼ିଯାଇଥିଲା ।

ଏଇ ସମୟରେ ଅନ୍ୟ ରାଜ୍ୟରେ ନୂଆ ପ୍ରଣାଳୀରେ ମଦ ତିଆରି କରିବା ଉପାୟଟି ବାହାରିଥିଲା । ଯେଉଁ ମଦରେ ମଦ ବ୍ୟବସାୟୀମାନଙ୍କର ଲାଭ ପରିମାଣ ବଢ଼ିଯାଇଥିଲା । ଗୋଟିଏ ଗ୍ଲାସ୍‌ରୁ ଦୁଇ ତିନି ଢୋକ ପିଇନେଲେ ନିଶା ଆସି ଯାଉଥିଲା । ତେଣୁ ରାଜା ସେହି ରାଜ୍ୟରୁ ନୂଆ ପ୍ରଣାଳୀରେ ମଦ ତିଆରି କରିବା ପାଇଁ ମଦ ତିଆରି କରୁଥିବା ଲୋକଟିକୁ ଆମନ୍ତ୍ରଣ କରିଥିଲା । ଏବଂ ଏଠାରେ ନୂଆ ମଦ ତିଆରି ହୋଇଥିଲା । ପ୍ରଚୁର ଲାଭ ହୋଇଥିଲା ମଦ ବ୍ୟବସାୟୀର ।

ନୂଆଘରେ ପାଦ ଥୋଇଲା ଦିନ ସନ୍ଧ୍ୟାରେ ପୁଣିଥରେ ଗଲା ରାଜା ଚାମେଲୀ ପାଖକୁ । ସେତେବେଳକୁ ଗହଳି ଜମିଯାଇଥିଲା ମେଳଣ ପଡ଼ିଆରେ । ମୃଣ୍ମୟୀ ଦୁର୍ଗାମୂର୍ତ୍ତିର ଆଭାରେ ଉଦ୍‌ଭାସିତ ହେଉଥିଲା ସେଇ ଅଞ୍ଚଳ । ପ୍ରତିଧ୍ୱନିତ ହେଉଥିଲା ଘଣ୍ଟ ମାଦଳର ଶବ୍ଦରେ ।

"ଏବେ ଚାଲ ।"

ଧମକାଇଲା ସ୍ୱରରେ ନିର୍ଦ୍ଦେଶ ଦେଇଥିଲା ରାଜା ।

ଚାମେଲୀ ନିଜ ଘାଘରାକୁ ପହଁରାଇ ନେଇ ନିର୍ଭୟରେ ପଚାରିଥିଲା - "ଦୁଇ ଦିନ ଭିତରେ ଘର କରିଦେଲୁ - କିପରି ?"

"ତୋ'ର ସେଥିରେ ମୁଣ୍ଡ ଖେଳାଇବା ଦରକାର ନାହିଁ - ଯଦି ଜାଣିବାକୁ ଚାହୁଁଛୁ ତେବେ ଶୁଣ, ମଦ ବ୍ୟବସାୟୀଟି ମୋ ନାଆଁରେ ଘର କରିଦେଇଛି - ମୋ ପାଇଁ ।"

"ମଦ ବେପାରୀ କରିଦେଇଛି - ନୁହେଁ ! ତେବେ ତୋ ନିଜର କିଛି ବ୍ୟବସାୟ ନାହିଁ - ରୋଜଗାର ନାହିଁ" - ତାଚ୍ଛଲ୍ୟ କରି କହିଥିଲା ଚାମେଲୀ - "ମୋତେ ଯଦି ବିବାହ କରିବାକୁ ଚାହୁଁଛୁ, ତେବେ ନିଜର ବ୍ୟବସାୟ ଆରମ୍ଭ କରି ଟଙ୍କା ରୋଜଗାର କର ।"

Digitized by PPRACHIN, SOA

ରାଜା ଆଉ କିଛି କହିପାରି ନ ଥିଲା । ନୀରବରେ ମୁହଁ ତଳକୁ କରି ଫେରି ଆସିଥିଲା ତମ୍ବୁ ଭିତରୁ । ଅନ୍ଧାରରେ । ଘରେ ପହଞ୍ଚିଥିଲା । ନିଶାଗ୍ରସ୍ତ ହୋଇଥିଲା । ପୁଣି ଗର୍ଜିଥିଲା ମଦ ବ୍ୟବସାୟୀ ସାମନାରେ । ବାଘ ଗର୍ଜିଲା ପରି ।

''ଆଉ ତୋତେ ସାହାଯ୍ୟ କରିପାରିବି ନାହିଁ । ମୁଁ ନିଜେ ଏକାକୀ ବ୍ୟବସାୟ ଆରମ୍ଭ କରିବି - ମୁଁ ନିଜେ ।''

ଏଇ କଥା ଶୁଣି ମଦ ବ୍ୟବସାୟୀ ମୁହଁରେ କୁଟିଳ ହସରେଖାଟିଏ ଝଲସି ଉଠିଥିଲା । ମାତ୍ର ପର ମୁହୂର୍ତ୍ତରେ ହଜିଯାଇଥିଲା ରାଜାର ଗର୍ଜନରେ । ତା' ବ୍ୟବସାୟରୁ ଅଧାରୁ ଅଧିକ ବାଘ ପରି ଛଡ଼ାଇ ନେଇଥିଲା ରାଜା ।

ବେଶୀ ବିଷାକ୍ତ ହୋଇଥିଲା ମଦ । ଗୋଟିଏ ଢୋକରେ ନିଶାଗ୍ରସ୍ତ ହୋଇଥିଲେ ମଦ୍ୟପ ଦଳ । ପୂଜାର ଘଣ୍ଟ ମାଦଳ ଶବ୍ଦରେ ରାଜା ନିଜ ବ୍ୟବସାୟର ଲାଭରେ ହାତ ଚିକ୍କଣ କରିଥିଲା ।

ଆସିଥିଲା ଦଶହରା । ଖୁସି ଆନନ୍ଦରେ ଭିଜିଥିଲା ରାଜ୍ୟ । ମେଳଣ ପଡ଼ିଆରେ ପଡ଼ିଥିବା ଉଠାଦୋକାନରୁ ନାଲି ନେଳି ରଙ୍ଗର ଚୁଡ଼ି ଦୁଇମୁଠା ଓ ସିନ୍ଦୂର ଡବାଟିଏ କିଣି ମଲ୍ଲୀଫୁଲର ଗଜରା ବେକରେ ଝୁଲାଇ ପହଞ୍ଚିଥିଲା ରାଜା ଚାମେଲୀର ତମ୍ବୁ ନିକଟରେ । ଏଥରକ ତା' ପାହୁଣ୍ଡର ଶବ୍ଦରେ ପ୍ରତିଧ୍ୱନିତ ହୋଇଉଠିଥିଲା ମେଳଣ ପଡ଼ିଆ । ସାରା ରାଜ୍ୟ । ହଜିଗଲା ଘଣ୍ଟ ମାଦଳ ଶବ୍ଦ । ତମ୍ବୁ ବାହାରେ ଠିଆହୋଇ ଚିତ୍କାର କରିଉଠିଥିଲା ରାକ୍ଷସ ପରି । ମହିଷାସୁର ପରି ।

''ଚାମେଲୀ, ମୁଁ ଆସିଚି ତୋତେ ସାଥିରେ ନେବା ପାଇଁ । ତୋ ପାଇଁ ଘର କରିଚି । ତୋ ପାଇଁ ବ୍ୟବସାୟ କରିଚି । ମୁଠା ମୁଠା ଟଙ୍କା ରୋଜଗାର କରିଚି । କେବଳ ତୋତେ ବିବାହ କରିବା ପାଇଁ । ତୋତେ ।''

ମାତ୍ର ତା' କଥା ଭିଜିଥିଲା ମଦର ନିଶାରେ । ଟଳମଳ ହେଉଥିଲା ପାଦ । ପଳାଶ ଫୁଲର ରଙ୍ଗ ହୋଇଥିଲା ଚକ୍ଷୁ ।

ଆସି ନ ଥିଲା ଚାମେଲୀ ।

ପୁଣିଥରେ ସେ ଚିତ୍କାର କରିଥିଲା । ପକେଟରୁ ମୁଠାଏ ଟଙ୍କା ବାହାର କରି ବିଞ୍ଚି ଦେଇଥିଲା ତମ୍ବୁ ସାମନାରେ । ପାଖରେ ସମବେତ ଜନତାଙ୍କ ଆଖିରେ ଥିଲା ବିସ୍ମୟର ଭାବ । ଆତଙ୍କିତ ଭାବ । ସମସ୍ତେ ଥିଲେ ଚୁପ୍‌ଚାପ୍ ।

ଏଇ ସମୟରେ ଚାମେଲୀର ବାପା ହାତୀର ଗୋଡ଼ରୁ ଶିକୁଳି ଫିଟାଇ ନଈକୁ ନେବାକୁ ବାହାରିଥିଲା । ସେ ରାଜାର ଚିତ୍କାରରେ ଚମକିପଡ଼ି ଠିଆହେଲା । ତା'ପରେ

Digitized by PPRACHIN, SOA

ତା' ପାଖକୁ ଆସି ତା' ଗୋଡ଼ ଦୁଇଟିକୁ କୁଣ୍ଢାଇ ଧରି ଅନୁନୟ କଲା । ଆଖିରୁ ଲୁହ ଝରାଇ ।

''ବାବୁ ! ମୋ ଝିଅକୁ ଛାଡ଼ିଦିଅନ୍ତୁ - ପିଲା ଲୋକ କ'ଣ କହିଦେଇଛି ।''

''ଆରେ ଉଠ୍ !''

ରାଜାର ଶକ୍ତ ଗୋଇଠାରେ ଛିଟିକି ହୋଇ ପଡ଼ିଥିଲା ସେ । ଅସହ୍ୟ ଚିତ୍କାର କରି ଉଠିଥିଲା ସେ । ତମ୍ବୁ ଭିତରୁ ବାହାରି ଆସିଥିଲା ଚାମେଲୀ । ତା' ଚାହାଣିରେ ଥିଲା ହିଂସ୍ର ଭାବ । କମ୍ପୁଥିଲା ଥରଥର ହୋଇ ତା' ଶରୀର । ସତେଯେପରି ସେ ଥିଲା କାଳ । ଦୁର୍ଗତିନାଶିନୀ ଦୁର୍ଗା । ପଛକୁ ଘୁଞ୍ଚିଯାଇଥିଲା ରାଜା । ପଛକୁ ବୁଲିଯାଇଥିଲେ ସମବେତ ଜନତା । ଆତଙ୍କିତ ହୋଇ ।

''ହଇରେ, ତୁ ମୋତେ ବିବାହ କରିବୁ ?''

''ହଁ ।'' ମଥା ଟୁଙ୍ଗାରିଥିଲା ରାଜା ।

''ମୋ ପାଇଁ ଘର କରିଛୁ । ବ୍ୟବସାୟ କରିଛୁ । ମୁଠା ମୁଠା ଟଙ୍କା ରୋଜଗାର କରିଛୁ । ତୋ ନିଜ ରାଜ୍ୟର ଲୋକଙ୍କୁ ନିଶାଗ୍ରସ୍ତ କରି । ବିଷାକ୍ତ ମଦ ପିଆଇ । ମୃତ୍ୟୁର ଯନ୍ତା ଭିତରକୁ ଠେଲିଦେଇ, ନୁହେଁ ?''

''ହଁ, ହଁ – କେବଳ ତୋତେ ପାଇବା ପାଇଁ ।''

ଏହା କହି ଚାମେଲୀକୁ ଘୋଷାରି ଆଣିବା ପାଇଁ ଡେଇଁପଡ଼ିଥିଲା ଆଗକୁ । ଆମ୍ପୁଡ଼ି ହୋଇଥିଲା ମାଟି । ସ୍ଥିର ହୋଇଥିଲା ପବନ । ପତ୍ରଟିଏ ହଲି ନ ଥିଲା । ସମସ୍ତେ ପାଲଟିଗଲେ ପଥର । ମାତ୍ର ଚାମେଲୀ ବିଜୁଳି ବେଗରେ ଡେଇଁପଡ଼ି ପାଖରେ ଠିଆ ହୋଇଥିବା ହାତୀ ପିଠିରେ ବସିପଡ଼ିଲା । ଚମକି ଉଠିଲା ହାତୀ । ଏବଂ ଅସ୍ୱାଭାବିକ ସ୍ୱରରେ ବୋବେଇଲା । ହଠାତ୍ କିଛି ଅଘଟଣ ଘଟିବାକୁ ଯାଉଛି ବୋଲି ଆଶଙ୍କା କରି ଉପସ୍ଥିତ ଥିବା ଲୋକମାନେ କିଏ କୁଆଡ଼େ ଛତ୍ରଭଙ୍ଗ ଦେଲେ, ତାହା ଜାଣିବା ସମ୍ଭବପର ହୋଇ ନ ଥିଲା । ଚାମେଲୀର ନିର୍ଦ୍ଦେଶରେ ହାତୀଟି ଶୁଣ୍ଢ ବଢ଼ାଇ କ୍ଷିପ୍ର ଗତିରେ ଆଗେଇ ଆସିଲା । ମୁହୂର୍ତ୍ତକ ମଧ୍ୟରେ ଆଗ ଗୋଡ଼ରେ ମହିଷାସୁର ପରି ଗର୍ଜନ କରୁଥିବା ରାଜାକୁ ଦଳିଦେଲା ମାଟିରେ ।

ଏବେବି ଲୋକମାନଙ୍କ ମୁହଁରୁ ଶୁଣାଯାଏ, ସେ ସନ ଗଜ ପିଠିରେ ମାଆ ଦୁର୍ଗା ଆବିର୍ଭାବ ହୋଇ ନିପାତ କରିଥିଲେ ମହିଷାସୁରକୁ । ଏକ ଅମୃତ ବେଳାରେ । ରକ୍ଷା ପାଇଥିଲେ ଦୁର୍ଦ୍ଦାନ୍ତ ରାକ୍ଷସ କବଳରୁ ରାଜ୍ୟବାସୀ ।

Digitized by PPRACHIN, SOA

ନୀରବ ରହିଲେ ସନ୍ନ୍ୟାସୀ ।

ସମବେତ ରାଜ୍ୟବାସୀଙ୍କ ଭିତରୁ ମୁଖିଆ ପଚାରିଲେ - ''ଏବେ ଆମେ କ'ଣ କରିବୁ ?''

''ତୁମେ ଚାହିଁଲେ କିଛି କରିପାରିବ ନାହିଁ । ତୁମ୍ଭମାନଙ୍କର ଅଜାଣତରେ ଅନ୍ୟାୟ ଗ୍ରାସ କରିସାରିଲାଣି ଏଇ ରାଜ୍ୟକୁ । ପାପର ରାହୁ ଗ୍ରାସ କରିସାରିଲାଣି ଚନ୍ଦ୍ର ପରି ଏଇ ରାଜ୍ୟକୁ । ଏବେ ଚାନ୍ଦା ଆଦାୟ ହେବ । ନିଶାରେ ଟୁଳୁଟୁଳୁ ହେବ ରାଜ୍ୟ । ରକ୍ତରେ ଭିଜିବ ନାରୀମାନଙ୍କର ପଣତ । କିନ୍ତୁ ମନେରଖ, ଦୁର୍ଗାଙ୍କର ଆବିର୍ଭାବ ଏକ ଶୁଭ ଲକ୍ଷଣ । କାରଣ ଏହା ସୂଚନା ଦେଉଚି ଯେ ମହିଷାସୁରର ମୃତ୍ୟୁ ଆସନ୍ନ ।''

ଏତିକି କହି ସନ୍ନ୍ୟାସୀ ରାଜ୍ୟବାସୀଙ୍କୁ ବିଦାୟ ଦେଲେ । ରାଜ୍ୟକୁ ସମସ୍ତେ ଫେରି ଆସି ସେହି ଅମୃତ ବେଳାକୁ ପ୍ରତୀକ୍ଷା କରି ରହିଲେ । ଫଟା ମାଟି ପରି ।

Digitized by PPRACHIN, SOA

କାଠ କଣ୍ଢେଇ

ସବୁ କିଛି ଲାଗୁଥିଲା ମିଛ ମିଛ ।

ବାହାଘର ପାଞ୍ଚବର୍ଷ ପରେ ବି ଘରଟି ଭିତର ପରିଷ୍କାର, କୋଳାହଳଶୂନ୍ୟ । ଅବଶ୍ୟ ଏଥିପାଇଁ ସୁବ୍ରତଙ୍କୁ ଆଦୌ ଦୋଷ ଦିଆଯାଇ ନ ପାରେ । ସୁନନ୍ଦା ମାଆ ହେବାର ଗୌରବରେ ଆନନ୍ଦିତ ହେବାର ମୁହୂର୍ତ୍ତଟିକୁ ସ୍ୱାଗତ କରିବାପାଇଁ ସେ ସମସ୍ତପ୍ରକାର ଯତ୍ନ କରିଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସୁନନ୍ଦାକୁ ଔଷଧପତ୍ର ଦେବାରେ ସେ କେବେ ହେଳା କରି ନ ଥିଲେ । ପ୍ରତ୍ୟହ ମନ୍ଦିରକୁ ଯାଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ତାଙ୍କ ପାଇଁ ସହଜ କଥା ହୋଇ ନ ଥିଲେ ବି ତାହା ସେ କରିବା ପାଇଁ ସତେଯେମିତି କରିଥିଲେ ଦୃଢ଼ପ୍ରତିଜ୍ଞା । ନିର୍ଦ୍ଧାରିତ ସମୟରେ ସେ ପହଞ୍ଚିଯାଉଥିଲେ ମନ୍ଦିରରେ । ଆଳତି, ହୁଳହୁଳି ଓ ମନ୍ତ୍ରଧ୍ୱନିରେ ବିହ୍ୱଳିତ ହୋଇ ସେ ଈଶ୍ୱରଙ୍କୁ ମାଗୁଥିଲେ ଗୋଟେ ସୁରଭିତ ମୁହୂର୍ତ୍ତ, ଯେଉଁ ମୁହୂର୍ତ୍ତରେ ଭରି ହୋଇଯିବ ତାଙ୍କ ପରିଷ୍କାର, କୋଳାହଳଶୂନ୍ୟ ଘର ।

ଆମ୍ବ ବଉଳର ମହକରେ ପ୍ରକୃତି ସୁରଭିତ ହେଉଥିଲା ପ୍ରତି ବର୍ଷ । ଅଥଚ ତାଙ୍କ ପାଇଁ ଆସୁ ନ ଥିଲା ଅପେକ୍ଷଣୀୟ ସେଇ ବିରଳ ମୁହୂର୍ତ୍ତ । ବର୍ଷ ପରେ ବର୍ଷ ବିତି ଯାଉଥିଲା ।

ଏମିତି ବିତିଗଲାଣି ପାଞ୍ଚ ବର୍ଷ ।

ସୁନନ୍ଦା ଏହି ବର୍ଷଗୁଡ଼ିକର ହିସାବ ନ ରଖିଛି ବୋଲି କହିଲେ ମିଛ କଥା ହେବ । ମାର୍ଗଶିର ମାସରେ ମାଣଖଟୁଲି ପାଖରେ ଚିତା ପକାଇଲାବେଳେ ଅଜାଣତରେ ତା' ହାତ ବୁଲିଯାଏ ପେଟ ଉପରେ । ଗୁଣୁଗୁଣୁ ହୋଇ କହେ – ହେ ମା' ! ପେଟ ଟିକିଏ ଭରି ଦିଅନ୍ତୁନି ? ଅଳସ ଲାଗନ୍ତାନି ଦେହ । ଗର୍ଭ ଯଦି ଖାଲି ରହିଲା, ତେବେ ନାରୀ ଜନମରୁ କି ଲାଭ ମିଳିଲା ?

ପଦ୍ମଫୁଲ । ଢଳ ଢଳ ପାଖୁଡ଼ା । ତା' ପାଖରେ ଲକ୍ଷ୍ମୀପାଦ । ଐଶ୍ୱର୍ଯ୍ୟର ସମସ୍ତ ସମ୍ଭାବନାର ପ୍ରତୀକ । ସୁନନ୍ଦା ଅତି ଧୀରେ ଧୀରେ ଆଙ୍କୁଥିଲା ଏଇ ପାଦଗୁଡ଼ିକୁ । ମନେହେଉଥିଲା ସେଇଗୁଡ଼ିକ ଲକ୍ଷ୍ମୀପାଦ ନୁହେଁ, ବରଂ ଗୋଟେ ଶିଶୁର କୋମଳ ପାଦ ।

Digitized by PPRACHIN, SOA

କେହି କିଛି ବୁଝିପାରିଲେ ନାହିଁ । ଦେହ ଭିତର ଘରଟି ବି ସେମିତି ରହିଲା ପରିଷ୍କାର, କୋଳାହଳଶୂନ୍ୟ । ଅଥଚ ପ୍ରତିବର୍ଷ ଗୁହାଳରେ ବନ୍ଧା ହୋଇ ରହିଥିବା ଗାଇ ଗ୍ରର୍ଭ ଧରୁଥିଲା । ଆଉ ନିର୍ଦ୍ଧାରିତ ସମୟରେ କଅଁଳା ବାଛୁରିଟିଏ ଜନ୍ମ ଦେଉଥିଲା ସୃଷ୍ଟିର ଅପାର ଆନନ୍ଦକୁ ସ୍ୱୀକାର କରି ।

ସ୍ୱୀକାର କରିବାରେ ଥାଏ ପ୍ରକୃତ ଆନନ୍ଦ । ସେଥିପାଇଁ କଅଁଳା ବାଛୁରିକୁ ଗାଇଟି ପାଖରୁ ଛାଡ଼େ ନାହିଁ । ତାକୁ ସମଗ୍ର ଶ୍ରଦ୍ଧାରେ ଆବୋରି ବସେ ଯେମିତି । କେହି ତା' ପାଖକୁ ଗଲେ, ଶିଙ୍ଗ ହଲାଇ ଜଣାଇଦିଏ ଯେ ଆତଙ୍କିତ ମୁହୂର୍ତ୍ତଟି ଅପେକ୍ଷା କରି ରହିଛି ସେଠି ।

ଦୂରରୁ ଏଇ ଦୃଶ୍ୟକୁ ଦେଖେ ସୁନନ୍ଦା । ନରମ ଘାସକୁ ଆଡ଼େଇଦେଇ ଗାଈଟି ବାଛୁରିକୁ ଜିଭରେ ଚାଟୁଥିବାବେଳେ ଗୋଟେ ବିହ୍ୱଳିତ କୋମଳ ଆଲିଙ୍ଗନରେ ସୁନନ୍ଦା ଛନ୍ଦି ହୋଇପଡ଼ିବାର ଅନୁଭବ କରେ ।

ଅନୁଭବଟି ମନ ଭିତରର । ଅଥଚ ଦେହ ଭିତରର ଅନୁଭବଟି କାହିଁ ?

ପେଟ ଉପରେ ନରମ ଚାପ ଦେଇ ସେ ଖୋଜେ ସେଇ ଅନୁଭବକୁ ଅନ୍ଧାର ଘର ଭିତରେ । ଅନ୍ଧାର ଦିଶେ ଚାରିଆଡ଼ । ପାଖରେ ସୁବ୍ରତ ଶୋଇଥିଲେ ବି ତାକୁ ଜଣାଯାଏ ସେ ଏକା । କେହି ତା' ପାଖରେ ନାହିଁ । ନା ସ୍ୱାମୀ, ନା ଘରସଂସାର । ପିଲାଝିଲାଙ୍କୁ ନେଇ ସିନା ଘରସଂସାର ।

ଖୁବ୍ ଚିନ୍ତିତ ଓ ବ୍ୟଥିତ ହୋଇ ସେ ଭାବେ । ବରଗଛ ପରି ଚଉଦିଗକୁ ସେ ଆବୋରି ବସନ୍ତା । ତା' ଚାରିପାଖରେ ବେଢ଼ି ରହିଥାନ୍ତେ ପିଲାଛୁଆ । ଗହଳଚହଳରେ ପୂରି ଉଠୁଥାନ୍ତା ଘର । ସଜଡ଼ାସଜଡ଼ି ହୋଇ ରହିଥିବା ଘର ଛିନ୍ନଛତ୍ର ହେଉଥାନ୍ତା । ବିଛଣାପତ୍ର ଖସିପଡୁଥାନ୍ତା ତଳେ । ବହିଗୁଡ଼ିକ ଖେଳେଇ ହୋଇ ପଡ଼ନ୍ତା ଏଣେତେଣେ । ଏକଡ଼ ସେକଡ଼ ହୋଇ ରହିଥାନ୍ତା ଜୋତା । ଖୋଜିଲେ ସେଥିରୁ ପଟେ ମିଳୁ ନ ଥାନ୍ତା । ଚିରା କାଗଜ ଉଡୁଥାନ୍ତା ପବନରେ । ଟେବୁଲ କ୍ଲଥ୍ ଉପରେ ଅଠା ନ ହେଲେ କାଳିର ଦାଗ ସ୍ପଷ୍ଟ ଦିଶୁଥାନ୍ତା । ସବୁ ଯେମିତି ଜଣାଯାଉଥାନ୍ତା ବିଶୃଙ୍ଖଳିତ, ଅପରିଚ୍ଛନ୍ନ ।

ବେଳେବେଳେ ଶୃଙ୍ଖଳିତ, ପରିଷ୍କାର ପରିବେଶକୁ ବିଶୃଙ୍ଖଳିତ, ଅପରିଚ୍ଛନ୍ନ ଭାବରେ ଦେଖିବାକୁ ଚାହେଁ ମନ ଯେମିତି । ସୁନନ୍ଦା ସେମିତି ଏକ ପରିବେଶ ଚାହୁଁଥିଲା । ଅନେକ ସମୟରେ ପାପୁଲିରେ ଆଖି ଓ ଗାଲ ପୋଛିବା ବେଳେ ମନକୁ ମନ ସେ କହିଉଠେ, ଏଭଳି ଦୃଶ୍ୟଟିକୁ ଦେଖିବା ପାଇଁ ତା' ଭାଗ୍ୟରେ ବୋଧେ ନାହିଁ ।

Digitized by PPRACHIN, SOA

ସୁନନ୍ଦା ଏମିତି ଜଣେ ମଣିଷ ଯେ ସେ ମିଶିପାରେ ନାହିଁ କାହା ସହିତ । ସଙ୍କୁଚିତ ହୋଇ ରହୁଥିଲା ନିଜ ଭିତରେ । ସୁବ୍ରତ ଅଫିସ୍ ଚାଲିଯିବା ପରେ ଚାକରାଣୀକୁ ବଡ଼ପାଟିରେ କାମ କରିବା ପାଇଁ କହିପାରୁ ନ ଥିଲା । କେବେ କେବେ ତା' ଘରକୁ କେହି ପଡ଼ୋଶୀ ବୁଲି ଆସିଲେ, ତାଙ୍କ ସହିତ ଜୋର୍‌ରେ ହସିବା ମଧ୍ୟ ସମ୍ଭବ ହେଉ ନ ଥିଲା ତା' ପକ୍ଷରେ । ସେ ଯେମିତି ନିଜ ଭିତରେ ଅବଶ, ଅପାରଗ ।

ଏହି ଅପାରଗପଣିଆର ଲୋପ ପାଇଁ ସୁରଭିତ ମୁହୂର୍ତ୍ତଟିଏ ନିହାତି ଆବଶ୍ୟକ ବୋଲି ମନେହେଉଥିଲେ ବି ତାହା କେବେ ଆସୁ ନ ଥିଲା । ତେଣୁ ସୁବ୍ରତ ସାଙ୍ଗରେ ସୁନନ୍ଦା ବଜାର ଗଲେ ଆତଙ୍କିତ ହେଉଥିଲା । କେଉଁଠି ଅନ୍ଧାରରେ ମୁହଁକୁ ଲୁଚାଯାଇପାରେ ତାହା ସେ ଖୋଜୁଥିଲା ଯେମିତି ।

ଅନ୍ଧାର ଭିତରେ ସବୁ ସୁନ୍ଦର ।

ମନ, ହୃଦୟ ଓ କାଠ କଣ୍ଢେଇ ।

ଧୂଳିରେ ଧୂସରିତ ହୋଇ ତଳେ ପଡ଼ିରହିଥିବା କାଠ କଣ୍ଢେଇର ମୁହଁକୁ ଲୁଗାକାନିରେ ପୋଛିଦେଲାବେଳେ ଝଲସି ଉଠୁଥିଲା ସୁନନ୍ଦାର ମୁହଁ । ତା' ଭିତରୁ କେହି ଜଣେ କହିଲା ପରି ତାକୁ ଜଣାପଡୁଥିଲା – ଜୀବନ ନ ଥିଲେ କ'ଣ ହେଲା, ହାତ ଗୋଡ଼, ଆଖି କାନ ଆଉ ପାଟି ତ ଅଛି । ତମେ କହିବ, ସେ ଶୁଣିବ । ସେ କହିବ, ତୁମେ ଶୁଣିବ । କୋଳାହଳଶୂନ୍ୟ ଘରଟି ଭିତରେ ସେ ତମର ସାଥୀଟିଏ ତ ହୋଇପାରିବ !

ଛୋଟ ପିଲାଙ୍କ ପରି ଅଝଟ କରୁଥିଲା ସୁନନ୍ଦା । ପେନ୍‌ସିଲ୍‌ରେ ଏଣେତେଣେ ଟଣା ହୋଇଥିବା ଡ୍ରଇଂଖାତାର ଚିତ୍ର ପରି ଦିଶୁଥିଲା ତା' ମୁହଁ । ଉଦାସ, ଅଭିମାନରେ ଛଳ ଛଳ ହେଉଥିଲା ଆଖି । ହୁଏତ ସୁବ୍ରତ ସେଇ କାଠ କଣ୍ଢେଇକୁ କିଣି ନ ଦେଲେ, ସେ କାନ୍ଦି ପକାଇବ, ମଥା ପିଟିଦେବ ଧୂଳିଧୂସରିତ ରାସ୍ତା ଉପରେ ।

ଏଇସବୁ ସମ୍ଭାବନାକୁ ଦୂରେଇଦେବାପାଇଁ ସୁବ୍ରତ ପକେଟ୍‌ରୁ ଟଙ୍କା ବାହାର କରୁଥିଲେ ବିଜ୍ଞ ଲୋକଙ୍କ ପରି ଏବଂ ଗୋଟେ ମସିଆ ହାତକୁ ସେଇ ଟଙ୍କା ବଢ଼ାଇଦେଲାବେଳେ ତାଙ୍କ ମୁହଁରେ ଫୁଟିଉଠୁଥିଲା ସାମାନ୍ୟ ଗାମ୍ଭୀର୍ଯ୍ୟର ଚିହ୍ନ ।

ଅବଶ୍ୟ ସୁନନ୍ଦା କାଠ କଣ୍ଢେଇକୁ ଏତେ ମୁଗ୍ଧ ଭାବରେ ଚାହିଁ ରହିଥାଏ ଯେ ଜାଣିପାରେ ନାହିଁ ସୁବ୍ରତଙ୍କର ଗାମ୍ଭୀର୍ଯ୍ୟ ଆଉ ମସିଆ ଲୋକଟିର ଲୁବ୍ଧ ଚାହାଣିକୁ ।

କାଠ କଣ୍ଢେଇକୁ ଧରି ଫେରୁଥିଲା ସୁନନ୍ଦା । ତା' ହାତରେ ନୁହେଁ, ବରଂ ତା' ମନ ଭିତରେ ଛୋଟ ଘର କରିଥିବା ଭଳି ମନେହୁଏ ସେଇଟି । ବୋଧେ ସେଥିପାଇଁ କାଠ କଣ୍ଢେଇକୁ ଛାତି ଉପରେ ଜାବୁଡ଼ି ଧରିଥାଏ ସେ, ଗୋଟେ ମାଆର ମମତ୍ୱରେ ।

Digitized by PPRACHIN, SOA

ବିସ୍ମିତ ହେଉଥିଲେ ସୁବ୍ରତ । ଥରୁଟିଏ ସୁନନ୍ଦା ମୁହଁକୁ ଚାହିଁଦେଇ, ନଜର ଫେରାଇ ନେଉଥିଲେ । ଏ ପୃଥିବୀରେ ବିମୁଗ୍ଧ ହେବାପାଇଁ ଏହାଠାରୁ ଅଧିକ ଆଉ କିଛି ଦୃଶ୍ୟ ଥାଇପାରେ ? କାଠ କଣ୍ଢେଇଟି ସୁନନ୍ଦା କୋଳରେ ରୂପାନ୍ତରିତ ହେଇଯାଉଛି ରକ୍ତମାଂସର ଶିଶୁଟିଏ ଭଳି । ଉଛୁଳି ଉଠୁଛି ଆନନ୍ଦର କେତୋଟି ରେଖା ତା' ମୁହଁରେ । ସନ୍ତୁଷ୍ଟ ହେବାର ଭାବ । ଗୋଟେ ବିହ୍ୱଳିତ ମୁହୂର୍ତ୍ତ ।

ଘରେ ପହଞ୍ଚି ସୁନନ୍ଦା କାଠ କଣ୍ଢେଇଟିକୁ ଓଠରେ ଲଗାଇ ଥାକରେ ରଖୁଥିବାବେଳେ ସୁବ୍ରତ କହୁଥିଲେ, ''ଦେଖ, କାଠ କଣ୍ଢେଇରେ ଥାକ ପୂରିଗଲାଣି । ତମେ ଏମିତି ଯଦି କିଣି ଚାଲିଥିବ, ତେବେ ସେଗୁଡ଼ିକ ପାଇଁ ଜାଗା ନିଅଣ୍ଟ ହେବ ।''

କିଛି କହିବା ପାଇଁ ଆବଶ୍ୟକ ମଣୁ ନ ଥିଲା ସୁନନ୍ଦା । ମାତ୍ର ତା'ର ସରୁ ସରୁ ଅଙ୍ଗୁଳି ଛୁଇଁଦେବାକୁ ଭୁଲୁ ନ ଥିଲା କାଠ କଣ୍ଢେଇଗୁଡ଼ିକର ମୁହଁ, ଓଠ, ପାଟି ଆଉ ଅସଜଡ଼ା କେଶ ।

ଗୋଟେ ବିସ୍ମିତ ଭାବ । ଶିହରିତ ହୋଇପଡୁଥିଲେ ସୁବ୍ରତ । କ'ଣ କରିବେ ସେ ? କୋଉଠୁ ଯୋଗାଡ଼ କରି ଆଣିବେ ସତସତିକା ପିଲା ? ଅନାଥାଶ୍ରମରୁ ନା ଡାକ୍ତରଖାନାରୁ ? ପିଲାଟିଏ ଆଣିଦେଲେ ସୁନନ୍ଦାର ଏଇ ପାଗଳପଣ ଅନ୍ତତଃ ଚାଲିଯା'ନ୍ତା । ସେ ପ୍ରକୃତିସ୍ଥ ହୁଅନ୍ତା ନିଜ ଭିତରେ ।

ହଠାତ୍ ସୁବ୍ରତ ଆଡ଼କୁ ସୁନନ୍ଦା ବୁଲିପଡ଼ି କହୁଥିଲା, ''ଏତେ ବଡ଼ ଘରେ କିଏ ଅଛି କହିଲ, ତମ ଆଉ ମୋ ଛଡ଼ା ? ବେଳେବେଳେ ମୋତେ ଭାରି ଏକୁଟିଆ ଲାଗେ, ତୁମେ ଅଫିସ୍ ଯିବାପରେ । ଜାଣିଛ, ଏଇ କଣ୍ଢେଇଗୁଡ଼ିକ ସେତେବେଳେ ମୋ ସାଥିରେ କଥା ହୁଅନ୍ତି ଆଉ ଖେଳନ୍ତି ।''

ଥମ ଥମ ହୋଇଯାଉଥିଲେ ନିଜ ଭିତରେ ସୁବ୍ରତ ।

ଅନେକ ସମୟ ଧରି ଘୋଟିଥିବା କଳାହାଣ୍ଡିଆ ମେଘ ବର୍ଷି ଯାଇଥିଲା । ତୁହାକୁ ତୁହା ବର୍ଷା ସାଙ୍ଗରେ ଚମକିଉଠୁଥିଲା ବିଜୁଳି । ତା'ପରେ ଘଡ଼ଘଡ଼ିର ଶବ୍ଦ ଥରାଇ ଦେଇଥିଲା ଚଉଦିଗ ।

ସେଦିନ ରାତିରେ ଅପ୍ରତ୍ୟାଶିତ ଭାବରେ ଫୁଲ ଲଦି ହୋଇଗଲା କଦମ୍ବ ଓ ଗଙ୍ଗଶିଉଳି ଗଛରେ । ଜହ୍ନିଲଟାରେ ଫୁଲ ଫୁଟିଲା । ଚାରିଆଡ଼ ସବୁଜିମାରେ ଭରିଗଲା । ଗୋଟେ ବିସ୍ମୟ ଭାବରେ ଶିହରିତ ହୋଇଉଠିଲା ସୁନନ୍ଦା । ରାତିରେ ସେ ସ୍ୱପ୍ନ ଦେଖିଲା, ଓଦା ମାଟିରେ ଲାଲ ଟୁକୁଟୁକୁ ସାଧବବୋହୂ ଚାଲିଛନ୍ତି । ଧାଡ଼ି ଧାଡ଼ି ହୋଇ ।

Digitized by PPRACHIN, SOA

ଏଇ ସ୍ୱପ୍ନଟିକୁ ଦେଖିବା ପରେ ସୁନନ୍ଦାର ନିଦ ଭାଙ୍ଗିଗଲା । ତା' ଆଖିରୁ ଦୁଇଧାର ଲୁହ ଝରିଆସିଲା । ବାସ୍ତବିକ ସେ ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । ସେ ଚାପି ରଖି ପାରିଲା ନାହିଁ, ନିଜ ଭିତରର ଦୁଃଖକୁ, ଯାହା - ଅନେକ ଦିନ ଧରି ରହିଆସିଛି ନିବୁଜ କୋଠରି ଭିତରେ । ପ୍ରାର୍ଥନା କରିବା ମୁଦ୍ରାରେ ବସିପଡ଼ିଲା ସୁବ୍ରତଙ୍କ ଆଗରେ । ସାରା ପୃଥିବୀର ଐଶ୍ୱର୍ଯ୍ୟକୁ ତା' କୋଳରେ ଅଜାଡ଼ି ଦେବାପାଇଁ ପ୍ରାର୍ଥନା କଲା ଯେମିତି ।

ସମ୍ଭାବନାହୀନ ମୁହୂର୍ତ୍ତଟି ପ୍ରତିଶ୍ରୁତିପୂର୍ଣ୍ଣ ହୋଇଉଠିଲା । ବେଳେବେଳେ ଗୋଟିଏ ମୁହୂର୍ତ୍ତ ଏତେ ଆପଣାର ହୋଇଯାଏ ଯେ ସୁନ୍ଦର ଦୃଶ୍ୟର ଅନୁଭବ ଦେଇଯାଏ ଆପଣାଛାଏଁ । ଦେହ ଆଉ ମନ ଭିତରେ ସେହିପରି ଦୃଶ୍ୟକୁ ଅନୁଭବିଲା ସୁନନ୍ଦା । ଯାହା ଆଦୌ ସ୍ୱାଭାବିକ ନୁହେଁ ।

ଆପାତତଃ ଗୋଟେ ନରମ ସକାଳରେ ସୁନନ୍ଦା ଆବିଷ୍କାର କଲା, ତା' ପରିଷ୍କାର, ପରିଚ୍ଛନ୍ନ ଘରଟି ଅପରିଷ୍କାର, ଅପରିଚ୍ଛନ୍ନ ହୋଇଯାଇଛି । ଝରକା ଆରପଟେ କଜଳପାତିର ନିଦୁଆ ସ୍ୱରରେ ଜାଣିପାରିଲା ଯେ ସେ ମାଆ ହେବାକୁ ଯାଉଛି । କାରଣ ତା' ଭିତରଟି ବୃଦ୍ଧି ହୋଇ ଆସୁଥାଏ ଧୀରେ ଧୀରେ । ଜରାୟୁ ଭିତରେ କେହି ହଲଚଲ ହେବାର ଅନୁଭବକୁ ଅନୁଭବି ସାରିବା ପରେ ସେ ଅଥୟ ହୋଇଉଠିଲା ।

ଏଇ ଅମୃତ ଅନୁଭବର କଥାଟିକୁ ସୁବ୍ରତକୁ କହିବା ପାଇଁ ଆବଶ୍ୟକ ହେଲା ନାହିଁ । ସେ ଜାଣିପାରିଲେ ଆପଣାଛାଏଁ । ଗୋଟେ ପ୍ରସାରିତ ଆଲିଙ୍ଗନ । ମୁଗ୍ଧ କରିଦେଲା ସୁନନ୍ଦାକୁ । ସେ ଜାଣିପାରିଲା ନାହିଁ, ଏମିତି କୋମଳ ଆଲିଙ୍ଗନଟି ଥାଇପାରେ କୋଉଠି ? ସୁବ୍ରତଙ୍କ ପାଖରେ, ତା' ପାଖରେ, ନା ଗର୍ଭରେ ଅନ୍ତରଙ୍ଗ ହୋଇସାରିଥିବା ଶିଶୁଟି ପାଖରେ । ଅବିଶ୍ୱାସର କଥା ନୁହେଁ, ବରଂ ଗୋଟେ କୋମଳ ଆଲିଙ୍ଗନ ଭିତରେ ପରସ୍ପର ଛନ୍ଦି ହୋଇଗଲେ ।

ଧୀରେ ଧୀରେ ସ୍ୱୀକାର କରିବାକୁ ହେଲା, ସୁନନ୍ଦା କାଠ କଣ୍ଢେଇ କଥା ଭୁଲିଯାଇଛି । ଥାକ ଭିତରେ ସେଗୁଡ଼ିକ ଦେହରେ ଧୂଳି ଜମୁ ନ ଥିଲେ ବି ସୁନନ୍ଦାର ଅନ୍ତରଙ୍ଗ ନିଃଶ୍ୱାସ ସେଗୁଡ଼ିକୁ ଛୁଇଁ ନ ଥିଲା । ଅବସନ୍ନ ଦିଶୁଥାଏ ମୁହଁ । ଅଥଚ କେହି ଜାଣିପାରିଲେ ନାହିଁ, ସୁନନ୍ଦା ମମତାହୀନ ହେବାର ହେତୁ କ'ଣ ଥାଇପାରେ । ନିଜ ନିଜ ଭିତରେ କଥା ହୋଇପାରିବାରେ ସକ୍ଷମ ହୋଇଥିଲେ, କେହି ଜଣେ ସେଗୁଡ଼ିକ ଭିତରୁ ସୁନନ୍ଦାକୁ ପଚାରି ବୁଝିଥାନ୍ତା ଏହାର ରହସ୍ୟ !

Digitized by PPRACHIN, SOA

ଦିନେ ରହସ୍ୟଟି ଆପେ ଆପେ ଜଣାପଡ଼ିଗଲା । ପାହାଚ ନ ଚଢ଼ିବା, ଓଜନିଆ ଜିନିଷ ନ ଉଠାଇବା, ଘର ନ ଓଳାଇବା ଇତ୍ୟାଦି କଥାକୁ ସୁନନ୍ଦା ନିୟମର ସହ ମାନି, କଅଁଳ ଶିଶୁଟିକୁ କୋଳରେ ଧରି ନର୍ସିଂହୋମ୍‌ରୁ ଫେରିଆସି ଘରେ ପାଦ ଦେବା ବେଳେ କାଠ କଣ୍ଢେଇଗୁଡ଼ିକର ମୁହଁଗୁଡ଼ିକ ଦିଶିଲା ମଳିନ । ଖାଲି ଜଳଜଳ ହୋଇ ଚାହିଁ ରହିବା ଛଡ଼ା ସେଗୁଡ଼ିକର ଆଉ କୌଣସି ଉପାୟ ନ ଥିଲା । ପଳାଇଯିବାର ରାସ୍ତା, ନା ପ୍ରତିବାଦ କରିବାର ଭାଷା । ନିଜ ଭିତରେ ନିଜେ, ସଙ୍କୁଚିତ ହୋଇଯିବାର କୌଶଳ ଖୋଜିବାରେ ଲାଗିପଡ଼ିଲେ ଯାହା ।

ସବୁକିଛି ପୂରି ଉଠିଲା ।

ଏତେ ଭଲ ପାଇବା ସୁନନ୍ଦା ଭିତରେ ଥାଇପାରେ, ଚିନ୍ତା କରି ବିସ୍ମିତ ହେଲେ ସୁବ୍ରତ । ମାଆ ହେବାର ଆନନ୍ଦରେ ଅଧୀର ହୋଇ ସେ ନାଚି ଉଠୁଥାଏ ଯେମିତି । କେଉଁ କାମକୁ ସେ ଆଗ କରିବ ? ଶିଶୁଟିକୁ ଖାଇବାକୁ ଦେବ, ତା' ମୂତ ଜୁଡୁବୁଡୁ କନାକୁ ବଦଳାଇବ, ନା କୋଳରେ ଧରି ତା' କାନ୍ଦକୁ ବନ୍ଦ୍ କରିବ । ଏକା ସାଙ୍ଗରେ ତାକୁ ସବୁ କରିବାକୁ ହେବ ଯେମିତି ।

କାନ୍ଦ ପରେ ପରେ ଓଁକାର ଧ୍ୱନି ପରି ମାଆ ଡାକକୁ ସେ ହିଁ ପ୍ରଥମେ ଶୁଣିବ । ତେଣୁ ସବୁ କିଛି କଷ୍ଟକୁ ତାକୁ ସହି ନେବାକୁ ହେବ । ରାତି ରାତି ଅନିଦ୍ରା ରହି ଶିଶୁଟିକୁ ବଡ଼ କରିବାର ଦାୟିତ୍ୱକୁ ଅତି ଆନନ୍ଦର ସହ ଗ୍ରହଣ କରିବାବେଳେ ତା' ମୁହଁରେ ଝଲସି ଉଠୁଥାଏ ମୁଠାଏ ହସ । ଅବିର ନେସି ହେଲା ପରି ଜଣାଯାଏ ତା' ଗୋରା ଗୋରା ଗାଲ ।

ଏହି ଆନନ୍ଦ ଭିତରେ ସବୁଠାରୁ ବିସ୍ମୟର କଥାଟି ହେଲା, ଥାକରେ ଅତି ଯତ୍ନରେ ଥିବା କାଠ କଣ୍ଢେଇଗୁଡ଼ିକ ଧୀରେ ଧୀରେ ତଳକୁ ଆସିଲେ । କାନ୍ଥ କୋଣରେ ମୁହଁମାଡ଼ି ଗୋଟେ ପଡ଼ିଲା ତ, ଆଉ ଗୋଟେ ମୂତରେ ଓଦା ହେଲା । ସେଇ ଆଡ଼କୁ ଲକ୍ଷ୍ୟ ଦେଲା ନାହିଁ ସୁନନ୍ଦା ।

ଶିଶୁଟି ଯେତିକି ବଡ଼ ହେଉଥାଏ, କଣ୍ଢେଇଗୁଡ଼ିକ ମୁଣ୍ଡ, ହାତ ଆଉ ଗୋଡ଼ ସେତିକି ହରାଉଥିଲେ ଯେକୌଣସି ଆଘାତରେ, ଫୋପଡ଼ାକଚଡ଼ାରେ । ସବୁ ହେଲା ବିଶୃଙ୍ଖଳିତ, ଅପରିଚ୍ଛନ୍ନ । ଏହିପରି ପରିବେଶକୁ ଅପେକ୍ଷା କରିଥିଲା ସୁନନ୍ଦା ଅନେକ ବର୍ଷଧରି ।

ବିଶୃଙ୍ଖଳିତ, ଅପରିଚ୍ଛନ୍ନ ପରିବେଶ ଭିତରେ ସୁନନ୍ଦା ପାଲଟିଗଲା ସତକୁ ସତ ଗୋଟେ ବରଗଛ । ଆଗ ପୁଅ । ତା'ପରେ ଝିଅ । ଦୁଇ ତିନୋଟି କୋଠରିର ଘର ସେମାନଙ୍କ ପାଇଁ ଯଥେଷ୍ଟ ହେଲା ନାହିଁ । ପୁଅ ପାଠ ପଢ଼ିବ ଗୋଟେ କୋଠରିରେ ।

Digitized by PPRACHIN, SOA

ଝିଅ ବି ପାଠ ପଢ଼ିବ ଆଉ ଗୋଟେ କୋଠରିରେ । ସୁବ୍ରତଙ୍କର ବି ଗୋଟେ ଅଲଗା କୋଠରି ଆବଶ୍ୟକ । ସେ ଅଫିସ୍‌ରୁ ଫେରିବା ପରେ ଚୁପ୍‌ଚାପ୍ ବସି ଗପ ଲେଖନ୍ତି । ତାଙ୍କର ଡିଷ୍ଟର୍ବ ହେବା ଉଚିତ ନୁହେଁ । ପୁଣି ରୋଷେଇଘର । ଗାଧୁଆଘର ।

ଗାଁରେ କିଛି ଜମିବାଡ଼ି ଥିଲା । ସେହି ଜମିରୁ ଅମଳ ହେଉଥିବା ଫସଲରୁ ସୁବ୍ରତ କିଛି ପାଉଥିଲେ ବାପା ବଞ୍ଚିଥିବା ବେଳେ । ସେତକ ଆଉ ତାଙ୍କୁ ମିଳୁ ନାହିଁ । କେଉଁ ବର୍ଷ ମରୁଡ଼ି ତ କେଉଁ ବର୍ଷ ବନ୍ୟା କଥା କହି ଭାଗଚାଷୀ ତାଙ୍କ ଭାଗକୁ ଅତି ଚତୁରତାର ସହ ଅପହରଣ କରିନେଉଥିଲା । ପ୍ରସ୍ତାବ ଦେଲା ସୁନନ୍ଦା, ଜମିତକ ବିକି ଦେଇ ସହରରେ ଘରଟିଏ କରିବା ପାଇଁ । ତା' ପ୍ରସ୍ତାବ ଆଦୌ ମନ୍ଦ ନ ଥିଲା ।

ଜମି ବିକି ଯାହା ଟଙ୍କା ମିଳିଲା ସେଥିରେ ଘର ଆରମ୍ଭ କଲେ ସୁବ୍ରତ । ପ୍ଲାନ ଅନୁସାରେ କୋଠରି ପରେ କୋଠରି ହେଲା । ସୁବ୍ରତଙ୍କ ପାଇଁ ଗୋଟେ ବଡ଼ କୋଠରି । ତା' ପାଖକୁ ପୁଅ ପଢ଼ିବା ପାଇଁ ବେଶ୍ ସୁନ୍ଦର ଭାବେ କୋଠରିଟିଏ ହେଲା । ତା'ଠାରୁ ଛୋଟ କୋଠରିଟି ହେଲା ଝିଅ ପାଇଁ । ଅବଶ୍ୟ ଗାଧୁଆ ଆଉ ପାଇଖାନା ସଂଲଗ୍ନ ଥିଲା ସେଥିରେ । ରୋଷେଇଘର । ତା'ପରେ ଠାକୁର ଘର । ବୋଧେ ଭୁଲିଯାଇଥିଲା ଗୋଟେ କଥା ସୁନନ୍ଦା । ପ୍ଲାନ୍ ସେଥିପାଇଁ ସାମାନ୍ୟ ଅଦଳବଦଳ କରିବାକୁ ହେଲା । ସବୁ କୋଠରି ବୁଲି ଆସିବା ପରେ ଅତି ଚିନ୍ତାରେ ସେ କହିଲା, ''ମୋ କଣ୍ଢେଇଗୁଡ଼ିକ ପାଇଁ ଘରଟିଏ କାହିଁ ?''

ସମସ୍ତେ ଚମକି ପଡ଼ିବା ସ୍ୱାଭାବିକ ଥିଲା ସୁନନ୍ଦାର ବକ୍ତବ୍ୟରେ । କେହି କ'ଣ କଣ୍ଢେଇଗୁଡ଼ିକ ପାଇଁ ସ୍ୱତନ୍ତ୍ର କୋଠରି କରେ ? ପିଲାମାନେ ବଡ଼ ହୋଇଗଲା ପରେ ଆଉ ସେଗୁଡ଼ିକର ଆବଶ୍ୟକତା କ'ଣ ଥାଏ ବୋଲି ସୁବ୍ରତ ଜାଣିପାରିଲେ ନାହିଁ । ତେଣୁ ସେ କହିଲେ, ''ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ସେଗୁଡ଼ିକ ପାଇଁ ଆମ କୋଠରିରେ ବେଶ୍ ବଡ଼ ଆଲମିରା କରିଦେବା । ଯେମିତି ବହିଗୁଡ଼ିକ କାଚ୍ଛ ଆଲମିରାରେ ସଜା ହୋଇ ରହିବ, ଠିକ୍ ସେମିତି କଣ୍ଢେଇଗୁଡ଼ିକୁ ଆମେ ଯତ୍ନର ସହ ରଖିବା ।''

ବୋଧହୁଏ ଏହି କଥାଟିକୁ ମାନି ନେବାକୁ ବାଧ୍ୟ ହେଲା ସୁନନ୍ଦା । କାରଣ ସେ ଜାଣିପାରିଲା, ଆଉ ଗୋଟିଏ ସ୍ୱତନ୍ତ୍ର କୋଠରି ପାଇଁ ବଳକା ଜାଗା ନାହିଁ । ସ୍ୱପ୍ନ ଦେଖିବା ପାଇଁ ରାତି ଯେଉଁଠି ନାହିଁ, ତା' ମନ ପାଇଁ ଜାଗା ମିଳିବ କୋଉଠି ?

ଏକଥା ସେ ଜାଣିଥିଲା । ଏବେ ନୁହେଁ । ଅନେକ ଦିନ ତଳୁ ଗୋଟେ ଆତଙ୍କିତ ମୁହୂର୍ତ୍ତ ତାକୁ କବଳିତ କରିଥିଲା । ଘର ତିଆରି ସରିଲାବେଳକୁ ପିଲା ଦୁହେଁ ବଡ଼ ହୋଇ ସାରିଥିଲେ । ନିଜ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତିଯୋଗିତା

Digitized by PPRACHIN, SOA

ଆରମ୍ଭ କରିଦେଲେଣି । ଯେଉଁଦିନ ଝିଅ ବହି ଭିତରୁ ପ୍ରେମ ଚିଠିଟିଏ ସୁନନ୍ଦା ଆବିଷ୍କାର କଲା । ସେଦିନ ତା' ମନନଈ ଭିତରକୁ ଦୁଃଖର ଗୋଟେ ଅତଡ଼ା ଖସିପଡ଼ିଲା ଯେମିତି । ସମ୍ପର୍କ ସବୁକିଛି । ସମ୍ପର୍କକୁ ନେଇ ଏଇ ସଂସାର । ଅଥଚ ଝିଅଟି ତାକୁ ବୁଝିପାରିଲା ନାହିଁ କେମିତି ? ସେ କ'ଣ କେବେ ନାହିଁ କରିଥାନ୍ତେ ଝିଅର ପସନ୍ଦକୁ ? ନା ତା'ର ପ୍ରେମକୁ ? ନଅମାସ ଦଶଦିନ ଗର୍ଭରେଧରି କେତେ ଯତ୍ନରେ ଅଲିଅଳି ଝିଅକୁ ଜନ୍ମ ଦେଇ ନ ଥିଲେ ସେ ! ଅଥଚ ସବୁ କିଛି ପଛ ହୋଇଗଲା । ଯନ୍ତ୍ରଣାଦାୟକ ଆତ୍ମସମ୍ପର୍କ । ବ୍ୟାକୁଳ ହୋଇଉଠିଲା ସେ । ମନ ପାଇଲା ଭଳି ଗଢ଼ିଥିବା ସଂସାରଟି ତାକୁ ପର କରିଦେବାର ଅଭିପ୍ରାୟ ରଖିପାରେ; ଚିନ୍ତାକରି ବ୍ୟଥିତ ହୋଇପଡ଼ିଲା । ମାତ୍ର ସୁବ୍ରତଙ୍କୁ କିଛି କହିପାରିଲା ନାହିଁ ।

ସେଦିନ ଆକାଶ ମେଘୁଆ ଦିଶୁ ନ ଥିଲା । ମାତ୍ର ଝରଝର ହୋଇ ବର୍ଷାଧାର ପରି ଲୁହଧାର ଗଡ଼ିଆସିଲା ସୁନନ୍ଦାର ଗାଲ ଉପର ଦେଇ । ହାତ ପାପୁଲି ପୋଛିପାରିଲା ନାହିଁ ସେଇ ଲୁହଧାର । ଗୋଟେ ଅବ୍ୟକ୍ତ ଯନ୍ତ୍ରଣାରେ କଷ୍ଟ ପାଇବା ଛଡ଼ା ତା' ପକ୍ଷରେ ଆଉ କୌଣସି ଉପାୟ ନ ଥିଲା ।

ଠିକ୍ ପନ୍ଦର ଦିନ ପରେ ସାରା ପରିବାରକୁ ଉଚ୍ଛନ୍ନ କରିଦେଇ ଚାଲିଗଲା ଝିଅ । ବିବ୍ରତ ଆଉ ଦୟନୀୟ ଦିଶିଲା ଘର । ସବୁ ଦିଶିଲା ଅପରିଚ୍ଛନ୍ନ । ଯେଉଁଠି ଯାହା ପଡ଼ିଥିଲା ଝିଅର ଜିନିଷପତ୍ର, ସେଇଠି ସେମିତି ପଡ଼ିରହିଲା । ସେଇ ଆଡ଼କୁ ଆଦୌ ଚାହିଁଲା ନାହିଁ ସୁନନ୍ଦା ।

ଗୋଟେ ଅଭୂତପୂର୍ବ ନୀରବତା ରାଜୁତି କଲା ଘର ଭିତରେ । ଝରକା ବାହାରେ ଆମ୍ବଗଛରୁ ଶୁଖିଲା ପତ୍ରଟିଏ ଖସିପଡ଼ିଲେ, ଚମକି ଉଠୁଥାଏ ସୁନନ୍ଦା । ଚାରିଆଡ଼କୁ ଚାହେଁ ମଳିନ ଦୃଷ୍ଟିରେ । ସବୁ ଦିଶୁଥାଏ ଅସ୍ପଷ୍ଟ ।

ସ୍ୱାଭାବିକ ହୋଇପାରୁ ନ ଥାଏ ସୁନନ୍ଦା । ଯେତେ ପ୍ରକାର ତାକୁ ସୁବ୍ରତ ବୁଝାଇଲେ ବି ସେ ନିଜକୁ କ୍ଷମା କରିପାରିଲା ନାହିଁ । ଗୋଟେ ଉଦ୍‌ବେଗ ତାକୁ କବଳିତ କରିବାର ଦୁଃଖରେ ସେ ଦିଶୁଥାଏ କାନ୍ଦ କାନ୍ଦ ।

କାନ୍ଦ କାନ୍ଦ ମୁହୂର୍ତ୍ତକୁ ଧୀରେ ଧୀରେ ଭୁଲିଆସିବା ବେଳକୁ ଦିନେ ରାତିରେ ବାଙ୍ଗାଲୋର୍‌ରୁ ପୁଅ ଫୋନ୍ କରି କହିଲା, ''ମା' ମୁଁ ଏଠି ବାହାହୋଇଯାଇଛି । ଝିଅଟି ସହ ବର୍ଷେ ହେଲା ଗୋଟେ ଫ୍ଲାଟ୍‌ରେ ରହୁଥିଲି । ମୁଁ ଜାଣେ, ତୁ ତାକୁ ନାପସନ୍ଦ କରିବୁ ନାହିଁ । ଆଉ ଏନ୍ତାକାଲିଠାରୁ ଆମେ ପନ୍ଦର ଦିନ ପାଇଁ ହନିମୁନ୍‌ରେ ସିଙ୍ଗାପୁର ଯାଉଛୁ । ସେଠୁ ଫେରି ଆଉ ଘରକୁ ଯାଇହେବ ନାହିଁ । ତୁ ବାପାଙ୍କୁ ଧରି ଏଠିକୁ ଆସ । ବୋହୂକୁ ଦେଖିକରି ଯିବୁ ।''

Digitized by PPRACHIN, SOA

ପାଗଳୀ ହୋଇଯିବ କି ସୁନନ୍ଦା ! ଦୁଇ ହାତରେ ମୁଣ୍ଡକୁ ଚାପିଧରି ବସିପଡ଼ିଲା ସେ । ପଦଟିଏ କଥା ବାହାରିଲା ନାହିଁ । ଖାଲି ଯାହା ଥରୁଥାଏ ଓଠ । ବୋଧେ ଛାତି ଭିତରେ ଅଟକିଯିବ ପବନ । ବନ୍ଦ ହୋଇଯିବ ନିଃଶ୍ୱାସ । କେବଳ ସେତିକି ନୁହେଁ, ଡାଳପତ୍ର ପ୍ରସାରୀ ଠିଆହୋଇଥିବା ସମ୍ପର୍କର ବରଗଛଟି ଉପୁଡ଼ି ପଡ଼ିବ ନିଶ୍ଚେ । ହୁଏତ ଲକ୍ଷ୍ମୀ ପାଦ ପରି କୋମଳ, ଅନ୍ତରଙ୍ଗ ଚିତା ପୋଛି ହୋଇଯିବ ଚଟାଣ ଉପରୁ ।

ଘରେ ନ ଥିଲେ ସୁବ୍ରତ । କୌଣସି ସାହିତ୍ୟ ସଭାକୁ ଯାଇଥିଲେ ସେ । ବିଳମ୍ବରେ ଘରକୁ ଫେରିଆସି ଦେଖିଲେ କବାଟ ଠିଆମେଲା । ସୁନନ୍ଦା ବସିରହିଛି ସୋଫା ଉପରେ । କୋଳରେ ରହିଛି ଶୁଖିଲା ଡାଳପରି ରିସିଭର୍ ।

ସୁନନ୍ଦା !

ନା, ଥିଲା ଉତ୍ତର । ନିଃଶ୍ୱାସ । ସବୁ ଯେମିତି ତାଙ୍କୁ ଠକି ଚାଲିଯାଇଥିବାର ଗୋଟେ ବିକଳ ଅନୁଭବ । କିଛି ନ ହେଇଥାଉ । ହଲାଇଦେଲେ ସୁନନ୍ଦାକୁ ସେ । ଗୋଟିଏ ପଟକୁ ଢଳିପଡ଼ିଲା ଜୀବନ ନ ଥିବା ଶରୀର । କ'ଣ ହେଲା ? ଏତେ ସହଜରେ ସୁନନ୍ଦା ତାଙ୍କୁ ଫାଙ୍କି ଦେଇ ଚାଲିଯିବ, ତାହା ସେ ଭାବିପାରିଲେ ନାହିଁ । ଥମ୍ ହୋଇ ତଳେ ବସିପଡ଼ିଲେ ।

ନିଜ ଗପରେ ଅସହାୟ ଚରିତ୍ରର ମୁହଁଟି କିପରି ଦିଶେ ତାହା ତାଙ୍କର ମନେ ପଡ଼ିଲା ନାହିଁ । କାରଣ ସେ ଏତେ ଅସହାୟ ହୋଇପଡ଼ିଲେ ଯେ କ'ଣ କରିବେ କିଛି ଠିକ୍ କରିପାରିଲେ ନାହିଁ । ହଠାତ୍ ଝଡ଼ ବତାସ ପରର ଥମଥମ ନୀରବତା କୋଠରି ଭିତରେ ।

କେତେ ରାତି ହେବ କେଜାଣି ?

ଚଟାଣରେ ଭରାଦେଇ ଉଠିଲେ ଜୟନ୍ତ । ଗୋଟେ ଦୀର୍ଘଶ୍ୱାସ । ସେଠାରୁ ଜଣାପଡ଼ିଲା ଯେ ସେ ଏବେ ପ୍ରସ୍ତୁତ ସମସ୍ତ ଦୁର୍ଘଟଣାକୁ ସମ୍ମୁଖୀନ ହେବାପାଇଁ । ସୁନନ୍ଦାକୁ ସଳଖି ବସାଇଦେଲେ ସୋଫା ଉପରେ । ତା'ପରେ ରିସିଭର ଉଠାଇ ଡାଏଲ୍ କଲେ ଡାକ୍ତରଙ୍କ ପାଖକୁ । ଟୋପା ଟୋପା ଝାଳ ଝଟକି ଉଠିଲା ତାଙ୍କ କପାଳରେ ।

'ସି ଇଜ୍ ଡେଡ୍ ।' ଡାକ୍ତର ଅତି ସ୍ପଷ୍ଟ ଭାବରେ କହିଲେ । କହିଲା ବେଳେ ତାଙ୍କ କଣ୍ଠରୋଧ ହେଲା ନାହିଁ । ବୋଧେ ତାଙ୍କ ପାଇଁ ଏହା ଏକ ସାଧାରଣ ଘଟଣା । ଆଦୌ ଦୁର୍ଘଟଣା ନୁହେଁ ।

Digitized by PPRACHIN, SOA

ପରବର୍ତ୍ତୀ ମୁହୂର୍ତ୍ତଟି ଅତି ଯନ୍ତ୍ରଣାଦାୟକ ଥିଲା । କିଏ ଆସି ଏବେ ପାଖରେ ଠିଆହେବ ? ପୁଅ ନା ଝିଅ ? ପୁଅ ସେତେବେଳକୁ ଚାଲିଯାଇଥିଲା ସିଙ୍ଗାପୁର । ତା' ସହିତ୍ କଥା ହୋଇପାରିଲେ ନାହିଁ ସୁବ୍ରତ । ଝିଅ ସିଧାସଳଖ ମନା କରିଦେଲା । କହିଲା, 'ବଞ୍ଚିଥିଲାବେଳେ ଯେଉଁ ମା' ମୋ ମୁହଁକୁ ଚାହିଁଲା ନାହିଁ, ତା' ମଲା ମୁହଁକୁ ଦେଖିବାକୁ ମୁଁ କାହିଁକି ଯିବି ?'

ଟଳମଳ ହେଲା ପାଦତଳର ଚଟାଣ । ଭୁଶୁଡ଼ି ପଡ଼ିବ କି ସତେ ଘର ! ଏତେ ଶ୍ରଦ୍ଧା ଆଉ ସ୍ନେହରେ ତୋଳିଥିବା ସଂପର୍କର ଘରଟି ଆଦୌ ମଜଭୁତ ନୁହେଁ, ତାହା ଆବିଷ୍କାର କଲେ ସୁବ୍ରତ । ନିଜ ହାତରେ ମୁଖାଗ୍ନି ଦେଲେ । ସବୁତକ କ୍ରିୟାକର୍ମ କଲେ । ଆଉ ପଛକୁ ଲେଉଟି ଚାହିଁଲେ ନାହିଁ । ପଛକୁ ଚାହିଁଲେ କାଳେ ଦିଶିଯିବ ପୁଅ ଆଉ ଝିଅର ମୁହଁ ।

ସୁନନ୍ଦା ଚାଲିଯିବା ପରେ ସେ ନିଃସଙ୍ଗ ହୋଇପଡ଼ିଲେ । ତାଙ୍କୁ ଜଣାପଡ଼ିଲା, ଘରେ ଚାରି କାନ୍ଥ ଭିତରେ ସେ ଏକା, କେବଳ ଏକା । ଆଉ କେହି ନାହିଁ ତାଙ୍କ ଚାରିପାଖରେ । ଅବଶ୍ୟ ହନିମୁନ୍‌ରୁ ଫେରିଆସିବା ପରେ ପୁଅ ଫୋନ୍ କଲା ତାଙ୍କ ପାଖକୁ । କହିଲା, 'ସିଙ୍ଗାପୁରରେ ଥିବାବେଳେ ମା'ର ଦେହାନ୍ତ ହେବା ଖବର ପାଇଥିଲି । କିନ୍ତୁ ସେଠୁ ଫେରିଆସିବା ପାଇଁ ଆଦୌ ଠିକ୍ ମନେ କଲି ନାହିଁ । ତୁମେ ତ ମା'ର କାମ ସବୁ କରିସାରିଥିବ । ଏବେ ଆଉ ଘରକୁ ଯିବାରେ ଆବଶ୍ୟକ ନାହିଁ ବୋଲି ଭାବୁଛି । ଆସନ୍ତା ସପ୍ତାହରେ କମ୍ପାନୀ ମୋତେ ଆମେରିକା ପଠାଉଛି । ସେଠୁ ଫେରିଲେ, ଘରକୁ ଯାଇ ଥରୁଟିଏ ବୁଲିଆସିବି ।''

ସରିଗଲା ସବୁ ସମ୍ପର୍କ । ମାଟିରେ ମିଶିଗଲା ଘରଦ୍ୱାର । ସୁବ୍ରତଙ୍କର ବିକଳ ହେବା ଛଡ଼ା ଆଉ କିଛି କରିବାର ବୋଧେ ନ ଥିଲା । ସତରେ କରିବାର କ'ଣ ଥାଏ ବୋଲି ସେ ଆଦୌ ଭାବିପାରିଲେ ନାହିଁ । ପୁଅଝିଅ ନିଜ ନିଜ ବାଟରେ ଚାଲିଗଲେ । ଆଉ ତା' ସହିତ ଚାଲିଗଲା ସୁନନ୍ଦା, ତାଙ୍କୁ ଅଧାବାଟରେ ଛାଡ଼ିଦେଇ ।

ଧୂଳି ଜମିଲା ଚାରିଆଡ଼େ । ଟେବୁଲ୍ ଚେୟାର ଏଣେତେଣେ ହୋଇ ପଡ଼ିରହିଲା । ଖବରକାଗଜ, ବହି, ପେନ୍, ପେପର୍‌ୱେଟ ନିଜ ନିଜର ସ୍ଥାନରେ ଆଉ ରହିଲେ ନାହିଁ । ବେଳେବେଳେ ଆଲମାରି ଖୋଲି କାଠ କଣ୍ଢେଇଗୁଡ଼ିକୁ ଚାହିଁ ଦେଉଥିଲେ କ୍ଲାନ୍ତ ନଜରରେ ସୁବ୍ରତ ।

କଣ୍ଢେଇଗୁଡ଼ିକ ତାଙ୍କ ସହ କଥା ହେଉ ନ ଥିଲେ ଆଦୌ । କାନ୍ଦ କାନ୍ଦ ଦିଶୁଥିଲା ସେଗୁଡ଼ିକର ମୁହଁ । ସତେଯେମିତି କାନ୍ଦୁଛନ୍ତି ସେମାନେ ବନ୍ଦ କାଚ ଆଲମାରି ଭିତରେ । ସଂସାର ତ ଗୋଟେ ବନ୍ଦ କାଚ ଆଲମାରି । କେହି କେହି ବି କାନ୍ଦନ୍ତି ଅବଶିଷ୍ଟ ଜୀବନ

Digitized by PPRACHIN, SOA

ସୁବ୍ରତଙ୍କ ପରି । ସେହି କାନ୍ଦକୁ କେହି ଦେଖିପାରନ୍ତି ନାହିଁ : ଯେତେ ପରିଷ୍କାର, ପରିଚ୍ଛନ୍ନ ମୁହଁ ଦିଶିଲେ ବି ।

ସୁବ୍ରତ ପ୍ରସ୍ତୁତ ହୋଇରହିଲେ ନିଃଶ୍ୱାସ ବନ୍ଦ ହୋଇଗଲେ ଆଉ କୌଣସି ବିପର୍ଯ୍ୟୟକୁ ନ ଦେଖି ଚାଲିଯିବା ପାଇଁ ପରିଚିତ ପୃଥିବୀରୁ । କାନ୍ଦ କାନ୍ଦ ଘରଟି ଭିତରେ କିଏ ରହିବାକୁ ଚାହେଁ ।

ବିପର୍ଯ୍ୟୟ ଘଟିଲା, ଯେଉଁଦିନ ପୁଅବୋହୂ ନାତୁଣୀ ସହ ଆସି ପହଞ୍ଚିଲେ ଘରେ । ପୁଅ ବଡ଼ ହୋଇଯାଇଥିଲା ସତକୁସତ । ଘର ଭିତରକୁ ଆସୁ ଆସୁ କହିଲା, 'ନିହାତି ଜରୁରୀ କାମରେ ଆସିବାକୁ ହେଲା ଭୁବନେଶ୍ୱର । କାଲି ସକାଳେ ଆମେ ଫ୍ଲାଇଟ୍‌ରେ ବାଙ୍ଗାଲୋର୍ ଫେରିଯିବୁ । ତା'ପରେ ବମ୍ବେ । ବମ୍ବେରେ ଦିନେ ରହି ପୁଣି ଚାଲିଯିବୁ ଆମେରିକା ।'

ରହି ରହି ସୁବ୍ରତ ପଚାରିଲେ, 'କେବେ ଆସିଥିଲୁ ଆମେରିକାରୁ ?'

ହାତ ହଲାଇ ଅବଜ୍ଞା ଭଙ୍ଗୀରେ ପୁଅ କହିଲା, 'ପନ୍ଦର ଦିନ ହେଲାଣି ।'

ଆଉ କିଛି ପଚାରିବା ପାଇଁ ଆବଶ୍ୟକ ମଣିଲେ ନାହିଁ ସୁବ୍ରତ । ହାତଯୋଡ଼ି ନମସ୍କାର ଜଣାଉଥିବା ବୋହୂ ଉପରୁ ନଜର ଫେରାଇ ଆଣି କାଚ ଆଲମାରି ଆଡ଼କୁ ଚାହିଁଲେ ସେ । କଣ୍ଢେଇଗୁଡ଼ିକ ଭିତରୁ ସୁନନ୍ଦାର ଫଟୋଟି ଅତି ସ୍ପଷ୍ଟ ରୂପେ ଦିଶିଲେ ବି ସେ ଆଦୌ ଦେଖିପାରିଲେ ନାହିଁ । କାରଣ ସେତେବେଳକୁ ଆଖିରେ ଜକେଇ ଆସିଥାଏ ଲୁହ ।

ଗୋଟେ ଶୋକାକୁଳ ପରିବେଶ ସୃଷ୍ଟି ନ କରିବା ପାଇଁ ଆତୁର ସ୍ୱରରେ ପଚାରିଲେ, 'ରାତିରେ କ'ଣ ଖାଇବ ?'

'ତୁମେ ବ୍ୟସ୍ତ ହେବାର କିଛି କାରଣ ନାହିଁ । ହୋଟେଲ୍‌ରେ ଗୋଟେ ପାର୍ଟି ଅଛି । ସେଠି ଆମେ ଖାଇନେବୁ । କିନ୍ତୁ ତୁମେ ଗୋଟେ କ୍ଷୀର ବୋତଲ ନେଇ ଆସିବ । ଆର୍ଯ୍ୟନ୍ ପିଇବ ।'

ବୋହୂ କୋଳରେ ଛୁଆଟି ଜୁଳୁଜୁଳୁ କରି ଚାହିଁଥାଏ । ଲାଲ କୋମଳ ଓଠ । ସେଥିରେ ଭଲକରି ଶବ୍ଦଟିଏ ଆକାର ନେଇ ନାହିଁ । ଟିକେ ଧରିବାକୁ ଇଚ୍ଛା ହେଉଥାଏ ସୁବ୍ରତଙ୍କର, କିନ୍ତୁ କାହିଁକି ସେଥିରୁ ସେ ନିବୃତ୍ତ ରହିଲେ ।

କିଛି ସମୟ ପରେ ପୁଅବୋହୂ ଛୁଆଟିକୁ ଧରି ବାହାରକୁ ଚାଲିଗଲେ । ସୁବ୍ରତ ବିଶ୍ୱାସ କରିପାରିଲେ ନାହିଁ ନିଜ ଆଖିକୁ । ଯେଉଁମାନେ କିଛି ସମୟ ପୂର୍ବରୁ ଘରୁ ପଦାକୁ ଗଲେ, ସେମାନେ କ'ଣ ତାଙ୍କର ପୁଅବୋହୂ ? କ'ଣ ତାଙ୍କର ପରିବାର ?

Digitized by PPRACHIN, SOA

ସବୁ ଲାଗିଲା ବିଚ୍ଛିନ୍ନ, ବିଭକ୍ତ । ମୂଳ ଚେରଟି କୋଉଠି ଛିଣ୍ଡିଯାଇଛି, ତାହା ସନ୍ଧାନ କରିବା ପାଇଁ ଆଗ୍ରହ ନ ଥିଲା ତାଙ୍କର । ମଣିଷ ସଂଯୁକ୍ତ ହେବାରେ ପାଏ ଆନନ୍ଦ । ବିଚ୍ଛିନ୍ନ ହୋଇଗଲେ ଥାଏ ଦୁଃଖ ।

ଘାରିହେଲେ ସୁବ୍ରତ ଦୁଃଖରେ, ଖାଲି ଦୁଃଖରେ । ଦୁଃଖଛଡ଼ା ଆଉ କ'ଣ ଅଛି ଯେ ତାଙ୍କ ଭାଗ୍ୟରେ ! ଝିଅ, ପୁଅବୋହୂ ଆଉ ସୁନନ୍ଦାର କଥା ଭାବୁ ଭାବୁ ହଜିଗଲେ ନିଜ ଭିତରେ ।

ରାତି ବାରଟା । ନା, ତା'ଠାରୁ ଅଧିକ ବୋଧେ । ଅଂସଯତ ପାଦ ଶବ୍ଦରେ ସେ ନିଜ ଭିତରକୁ ଫେରିଆସିଲେ । କବାଟ ଖୋଲା ଥିଲା ନିଶ୍ଚେ । ପୁଅବୋହୂ ପଶିଆସିଲେ ଓଜନିଆ ପାଦଶବ୍ଦ କରି । ସେ ଶବ୍ଦଠାରୁ ଆହୁରି ବିକଳ ବୋଧ ହେଲା ଶିଶୁର କ୍ରନ୍ଦନ ।

'ବାପା ! ତୁମେ କ୍ଷୀର ଆଣିଛ । ଆର୍ଯ୍ୟନ୍‌କୁ ଭୀଷଣ ଭୋକ ହେଲାଣି । ସେଥିପାଇଁ ଆମେ ଶୀଘ୍ର ଚାଲିଆସିଲୁ ପାର୍ଟିରୁ ।'

ପୁଅ ଏ କଥା କହିଲା ନାହିଁ, ବରଂ ନିଜ ଅଧିକାରକୁ ସାବ୍ୟସ୍ତ କରିବା ପରି ବୋଧ ହେଲା ।

ଭୋକ । ଦୁଃଖ । ସବୁ ହରାଇ ଥିବାର ଅନୁଭବ । ଏହା ଏତେ ଓଜନିଆ ଥିଲା ଯେ ସୁବ୍ରତଙ୍କ କଣ୍ଠ ରୁନ୍ଧି ହୋଇ ଆସିଲା । ସେ କ'ଣ କହିବାକୁ ଚେଷ୍ଟାକଲେ, ଅଥଚ ତାଙ୍କ କଣ୍ଠ ଭିତରୁ ଶବ୍ଦଟିଏ ବି ବାହାରି ଆସିଲା ନାହିଁ ।

ଛୁଆର କାନ୍ଦକୁ ବନ୍ଦ କରିବାର ପ୍ରୟାସରେ ଅସଫଳ ହୋଇ ବୋହୂ କହିଲା, ''ହ୍ୱାଟ୍, ଆଇ ଉଇଲ୍ ଡୁ ?''

''ବାପା ! ତୁମେ କ'ଣ ଜାଣି ନାହଁ, ଆମେରିକାରେ ବ୍ରେଷ୍ଟ ଫିଡିଙ୍ଗ୍‌କୁ ଆଦୌ ପସନ୍ଦ କରାଯାଏନା । ତୁମେ....''

ଅନୁତାପ ଓ ସମବେଦନାର ଚିହ୍ନ ଉଙ୍କିମାରିଲା ସୁବ୍ରତଙ୍କ ମୁହଁରେ । ସେ ଚାହିଁଲେ ଚାରିଆଡ଼େ । ନିରୁପାୟ ହୋଇ ପଡ଼ିଲେ । କୋଉଠି କେଜାଣି ରହିଥିବା ଅନ୍ଧାରିଆ ଆଶ୍ରୟସ୍ଥଳକୁ ଯିବାପାଇଁ ଚାହିଁଲେ ବୋଧେ ।

ଆର କୋଠରିକୁ ଯାଉ ଯାଉ ବୋହୂ କହିଲା, ''କେତେ ଇରେସ୍‌ପନସିବଲ୍ ତୁମ ଫାଦର ! ଆର୍ଯ୍ୟନ୍ ପାଇଁ କ୍ଷୀର ବଟଲ୍‌ଟିଏ ଆଣିପାରିଲେ ନାହିଁ । ଓଃ ମାଇଁ ଗଡ୍, ହ୍ୱାଟ୍ ଆଇ ଉଇଲ୍ ଡୁ ?''

ତା'ପରେ ଆଉ କିଛି ଶୁଣାଗଲା ନାହିଁ । ଗୁମ୍‌ସୁମ୍ ଭାବ । ଭୋକ କୋଉଠି ଥିଲା, ତାହାର ଠିକଣା କେହି କରିପାରିଲେ ନାହିଁ । ମାତ୍ର ରାତିସାରା ଅନିଦ୍ରା ଆଉ ଭୋକରେ ସମୟ ବିତାଇଲେ ସୁବ୍ରତ ।

Digitized by PPRACHIN, SOA

ପରଦିନ ପୁଅ ତାଙ୍କ ପାଖକୁ ବିଦାୟ ନେବାକୁ ଆସିବାବେଳେ ପଦଟିଏ କଥା ତା' ସହ ହେଲେ ନାହିଁ, ବରଂ ମୁହଁ ବୁଲାଇଦେଲେ ସୁନନ୍ଦାର ଫଟୋଆଡ଼େ । ସୁନନ୍ଦାର ଆଖିରେ କେଇବୁନ୍ଦା ଲୁହ ଜକେଇ ଆସିଥିବାର ଅନୁଭବ ତାଙ୍କ ମନ ଭିତରକୁ ଓଦା କରିଦେଲା ।

ବୋହୂ ଆସିଲା । ସେମିତି ପୂର୍ବଭଳି ହାତଟେକି ନମସ୍କାର ଜଣାଇଲା । ଅପରିଚିତ ମଣିଷ ପରି । କହିଲା, "ବାପା ! ଆପଣ ବାଙ୍ଗାଲୋର୍‌ରେ ଆସି ରୁହନ୍ତୁ । ଆମ ଫ୍ଲାଟ୍‌ରେ ଗୋଟେ ରୁମ୍ ଖାଲି ରଖିଛୁ । କେତେବେଳେ କେମିତି ଆମେରିକାରୁ ଆସିଲେ ରହିବୁ ବୋଲି । ଏ ଘର ସେଲ୍ କରି ସେଠିକୁ ଚାଲନ୍ତୁ । ଏଠି ଏଲୋନ୍ ଏମିତି...."

ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ ସୁବ୍ରତ । ସେ ବୁଝିପାରିଲେ ବୋହୂ ନୁହେଁ, ବରଂ ପୁଅହିଁ ବୋହୂ ମୁହଁରେ କଥାଟି କହିଛି । ହଠାତ୍ ନିଜ ଭିତରେ ଫାଟିପଡ଼ିଲେ ଯେମିତି । କହିଲେ, "ବାପା ବୋଲି ମହନୀୟ ଶବ୍ଦଟିକୁ ଆଉ ଉଚ୍ଚାରଣ କରନି । ବାଇଶ ବର୍ଷ ଧରି ଝିଅକୁ ପାଳିପୋଷି ବଡ଼ କଲା ପରେ ସେ ଏଇ ଶବ୍ଦର ମହତ୍ତ୍ୱକୁ ବୁଝିପାରିଲା ନାହିଁ । ଆଉ ମୋ ଆଗରେ ଠିଆହୋଇଛି ପୁଅ । ତା' କଥା କିଛି କହିବା ପାଇଁ ଆବଶ୍ୟକ ମନେ କରୁ ନାହିଁ । ସେ ମୋ ଭବିଷ୍ୟତ୍ ହୋଇ ଆଉ ନାହିଁ । ଏ ବୟସରେ ମଣିଷ ଆଶ୍ରା ଖୋଜେ । ମାତ୍ର ମୋତେ ଆଶ୍ରା ଦେବ କିଏ ? କାଲି ରାତିରେ ତୁମ କଥା ମୁଁ ଶୁଣିଛି । ତୁମର ଜାଣିବା ଉଚିତ, ମୁଁ କ୍ଷୀର ଆଣିଥିଲି । ମାତ୍ର ଗରମ କରି ରୋଷେଇଘରେ ରଖିଥିବାବେଳେ ବିଲେଇ ପଶି ସବୁ ପିଇଦେଇଛି । ଏହା ମୋ ଅପାରଗପଣିଆର କାହାଣୀ ହୋଇପାରେ । କାରଣ ଜୀବନସାରା ତୋ ଶାଶୂ ହିଁ ସବୁ କରୁଥିଲା । ମୋତେ କ୍ଷମା କରିଦେବୁ । ଏ ଘର ବିକିଦେବା କଥା କହିଲୁ । ଶୁଣ ଏଠି ରହିଛି ବୋଲି ମୁଁ ବଞ୍ଚିରହିଛି । ତୋ' ଶାଶୂର ସ୍ପର୍ଶକୁ ମୁଁ ଭୁଲିପାରୁ ନାହିଁ । ଏ ଘରର ଅଣୁପରମାଣୁରେ ତା' ସ୍ପର୍ଶ ଜୀଇଁ ରହିଛି । ମନେ ହେଉଛି, ସେ ଏବେବି ଏଇ ଘରେ ଅଛି । ଚାଲବୁଲ କରୁଛି, ଆଲମାରି ଖୋଲି କଣ୍ଢେଇଗୁଡ଼ିକ ଦେହରୁ ଧୂଳି ଝାଡ଼ିଦେଉଛି । ତେବେ ଗୋଟେ କଥା କହୁଚି, ଶୁଣ । ମୋ ଚାଲିଯିବା ପରେ କଣ୍ଢେଇଗୁଡ଼ିକର ଯତ୍ନ ନେବୁ । ତୋର ନ ହେଲେ ବି ମୋ ପୁଅର କେବେ ଭବିଷ୍ୟତ୍‌ରେ ଏଗୁଡ଼ିକ ପ୍ରୟୋଜନ ହୋଇପାରେ ।"

କଥା ଏହିଠାରେ ଅଟକିଗଲା । ଆଉ କିଛି କହିପାରିଲେ ନାହିଁ ସୁବ୍ରତ । ଧଇଁସଇଁ ହେଲା ପରି ବୋଧକଲେ । ତାଙ୍କ କଣ୍ଠସ୍ୱର କୋହରେ ଭରିଗଲା ।

Digitized by PPRACHIN, SOA

କାନ୍ଦିଲେ ସୁବ୍ରତ । ମାତ୍ର ପୁଅ ପାଖରେ ନ ଥିଲା କୌଣସି ଆଶ୍ୱାସନା । ହାତ ଘଡ଼ିକୁ ଚାହିଁ ସେ କହିଲା, ‘‘ବାପା ! ମୋର ଲେଟ୍ ହୋଇଯିବ । ତୁମେ ଯାହା ଠିକ୍ ଭାବୁଛ ତାହାହିଁ କର । କେହି ତୁମକୁ ବାଙ୍ଗାଲୋର୍ ଆସିବା ପାଇଁ ବାଧ୍ୟ କରୁ ନାହିଁ । ମୁଁ ଆସୁଛି ।’’

ଟ୍ୟାକ୍ସିରେ ଆଗରୁ ଥୁଆ ହୋଇସାରିଥିଲା ଆଟାଚି । ଅପେକ୍ଷା କରିଥିଲା ଡ୍ରାଇଭର୍ । ସାମାନ୍ୟ ବିଚଳିତ ହୋଇ ବୋହୂ ବସିଲା ଗାଡ଼ିରେ । ତାକୁ ଅନୁସରଣ କଲା ପରି ଯାଇ ପୁଅ ବସିପଡ଼ିଲା ତା’ ପାଖରେ । ହାଲୁକା ପବନ ପରି ।

ଘର ଭିତରୁ ଚାହିଁ ରହିଥିଲେ ସୁବ୍ରତ । ତାଙ୍କୁ ଲାଗୁଥିଲା ଶୋଷ । ଭୋକ । ଆଉ ପିଲାଙ୍କ ପରି କଇଁକଇଁ ହୋଇ କାନ୍ଦୁଥିଲେ ସେ । ପୁଅକୁ ଗଢ଼ିବାରେ କୋଉଠି ଭୁଲ ରହିଗଲା, ତାହା ସେ ଜାଣିପାରିଲେ ନାହିଁ ।

ସୁନନ୍ଦା ଏବେ କୋଉଠି ?

ଶୂନ୍ୟରେ । ଆକାଶରେ । ପବନରେ । ଜଳରେ । ମାଟିରେ । ଅଗ୍ନିରେ । ଗଛପତ୍ରରେ । କୋଉଠି ? କୋଉଠି ଅଛି ସୁନନ୍ଦା ? ସେ ବାସ୍ତବିକ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ଧୀରେ ଧୀରେ ତାଙ୍କ ମୁହଁ ଟାଣ ହୋଇଆସିଲା । ସମସ୍ତ ଜୀବନୀଶକ୍ତି ଚିପୁଡ଼ି ହୋଇଆସିଲା ହୃଦୟ ଭିତରକୁ । ସେଇଠି ବୋଧେ ଅଟକିଗଲା ସବୁ କିଛି । ଠିକ୍ ସେଇଠି । କାହିଁକି କେଜାଣି ତାଙ୍କ ମୁହଁଟି ଦିଶିଲା କାଚ ଆଲମାରି ଭିତରେ ଥିବା କାଠ କଣ୍ଢେଇଟି ପରି ।

ମଣିଷଟିଏ କ’ଣ ପାଲଟିଯାଏ ଗୋଟେ କାଠ କଣ୍ଢେଇ ?

ପ୍ଲେନ୍ ମାଟିରୁ ଆକାଶକୁ ଉଠିଲାବେଳେ ବୋହୂ କହିଲା, ‘‘ଦେଖ, ଦେଖ, ଗଛଗୁଡ଼ିକ କିପରି କାଠ କଣ୍ଢେଇ ପରି ଦିଶୁଛନ୍ତି । ଆଲମାରିରେ ଥିବା ତୁମ ବାପାଙ୍କର ପ୍ରିୟ କଣ୍ଢେଇଗୁଡ଼ିକ ପରି ।’’

ପୁଅର ମନେ ପଡ଼ିଲା ସୁବ୍ରତଙ୍କର କାନ୍ଦ କାନ୍ଦ ମୁହଁ, ମାତ୍ର ଜାଣିପାରିଲା ନାହିଁ ସେ କାହିଁକି କାନ୍ଦିଲେ, ବରଂ ସେ ହସି ହସି କହିଲା, ‘‘ବାପାଙ୍କର ପ୍ରିୟ ନୁହେଁ, ମା’ଆର ପ୍ରିୟ ଥିଲା ସେଇ କଣ୍ଢେଇଗୁଡ଼ିକ । କିନ୍ତୁ ବାପା ଭାରି ଇମୋସ୍‌ନାଲ୍ । ଲେଖାଲେଖି କରନ୍ତି ତ ! ତୁମେ ତାଙ୍କ କଥା କିଛି ମନରେ ଧରିବନି ।’’

ବୋହୂ ଏବେ ପୁଅ ଆଡ଼କୁ ଚାହିଁଲା ସ୍ତମ୍ଭୀଭୂତ ବିସ୍ମୟରେ । କହିଲା, ‘‘ହ୍ୱାଟ୍ !’’

Digitized by PPRACHIN, SOA



ସ୍ୱତନ୍ତ୍ର ଓ ସାବଲୀଳ ଶୈଳୀରେ ଗପ ଲେଖି ପାଠକଙ୍କୁ ନୂତନ ସ୍ୱାଦ ଦେଇପାରିବାର ସାମର୍ଥ୍ୟ ରଖନ୍ତି ଦେବବ୍ରତ ମଦନରାୟ। ତାଙ୍କ ଗପ ପଢ଼ିସାରିଲା ପରେ ପାଠକଙ୍କର ମନ ଓ ହୃଦୟ ଶୀତଳ, ପବିତ୍ର ଓ ପ୍ରଶାନ୍ତ ଆବେଗରେ ଆଚ୍ଛନ୍ନ ହୋଇଯାଏ।

ଆଲୁଅର ଛାଇ, ସୂର୍ଯ୍ୟର ଅନେକ ରଙ୍ଗ, ଦୁଃଖ ଅରଣ୍ୟ, କହ୍ନେଇର ବଂଶୀ, ଦୃଶ୍ୟ, ସ୍ୱର୍ଗାରୋହଣ, ସପ୍ତଲୋକ, ସାରାରାତି ଜହ୍ନରାତି, ଜଳପରୀ, ସହଯାତ୍ରୀ, ଅସୁନ୍ଦରୀ, ପ୍ରିୟସଖୀ ପରେ 'ଚିତ୍ରମାଟି' ହେଉଛି ତାଙ୍କର ତ୍ରୟୋଦଶ ଗଳ୍ପ ସଂକଳନ।

'ଚିତ୍ରମାଟି' ହେଉଛି ଏକ ଅନନ୍ୟ ସୃଷ୍ଟି। ଏଥିରେ ପ୍ରେମ, ବିଶ୍ୱାସ, ଜୀବନାନୁଭୂତି ଓ ମୂଲ୍ୟବୋଧର ଗଭୀର ଆତ୍ମିକ ଆଲେଖ୍ୟ ନିହିତ। ଏକଥା ସତ, ତାଙ୍କ ଗପ ଦେଖାଏ ଅସରନ୍ତି ସ୍ୱପ୍ନ, ଭରିଦିଏ ବଞ୍ଚିରହିବାର ଅଶେଷ ପ୍ରେରଣା ଓ ଦେଇପାରେ ଉଜ୍ଜ୍ୱଳ ଜହ୍ନରାତିର କୋମଳ ଉପଲବ୍ଧି।

ISBN 81-7411-658-3

9788174116581

ବିଦ୍ୟାପୁରୀ

ବାଲୁବଜାର, କଟକ ୭୫୩୦୦୨

www.vidyapuri.com

Digitized by PPRACHIN, SOA